କଟକ
ସୋମବାର, ୧୦ ଅଗଷ୍ଟ ୨୦୨୬
ପ୍ରାତଃ ସଂସ୍କରଣ

August 10, 2026 Cuttack
Vol - XXIV, Issue - 130
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995


# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ନିଯୁକ୍ତି ମେଳାରେ ନିଯୁକ୍ତିପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୮(ନି.ପ୍ର):** ମଞ୍ଚେଶ୍ୱର ରେଲ୍ୱେ ଅଡିଟୋରିୟମ୍‌ରେ ଆୟୋଜିତ ହେବ ନିଯୁକ୍ତି ମେଳା। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ନବନିଯୁକ୍ତ ପ୍ରାର୍ଥୀଙ୍କ ପାଇଁ ସୋମବାର ଏହି ନିଯୁକ୍ତି ମେଳା ହେବାକୁ ଯାଉଥିବା ସୂଚନା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଯୁକ୍ତି ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ।




## ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ କାଉଡ଼ିଆଙ୍କ ପ୍ରବଳ ଭିଡ଼

**କଟକ,୯।୮(ନି.ପ୍ର):** ଶ୍ରାବଣର ପ୍ରଥମ ସୋମବାର ପରେ ଦ୍ୱିତୀୟ ସୋମବାରରେ ଦେବ ଦେବ ମହାଦେବଙ୍କ ନିକଟରେ ପବିତ୍ର ଜଳଲାଗି ପାଇଁ ରାଜ୍ୟର ବିଭିନ୍ନ ନଦୀ ଓ ଜଳାଶୟଗୁଡ଼ିକରେ କାଉଡ଼ିଆଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କାନ୍ଧରେ କାଉଡ଼ି ଓ ହାତରେ ଜଳପାତ୍ର ଧରି ପବିତ୍ର ଜଳ ଉଠାଇ ପୁରୁଷ ଓ ମହିଳା କାଉଡ଼ିଆ ବୋଲ୍ ବମ୍ ହରହର ବମ୍ ଜପି ଜପି ସଡ଼କରେ ଚାଲିଛନ୍ତି। ଜଣେ ମହିଳା କାଉଡ଼ିଆ କହିଛନ୍ତି, ଠାକୁରଙ୍କ ନାମ ଜପି ଖାଲି ପାଦରେ ଯାତ୍ରା କଲେ ବି ଯେତେ ଦୂର ହେଉ ପଛେ ଆଦୌ କଷ୍ଟ ହୁଏନାହିଁ।

ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ କଟକର ଗଡ଼ଗଡ଼ିଆ ଘାଟରୁ ପବିତ୍ର ଜଳ ଉଠାଇଛନ୍ତି ହଜାର ହଜାର କାଉଡ଼ିଆ। ଜଳସ୍ତରକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଡାକବାଜି ଯନ୍ତ୍ରରେ କାଉଡ଼ିଆଙ୍କୁ ଓ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ବ୍ୟାରିକେଡିଂ ବ୍ୟବସ୍ଥା ହୋଇଛି। ଜଳାଧାରକୁ ଯିବାପାଇଁ କେବଳ ଅନୁମତି ମିଳିଛି କାଉଡ଼ିଆଙ୍କୁ।

## ରାଜ୍ୟ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର,୯।୮(ନି.ପ୍ର):** କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲଙ୍କ ଉପସ୍ଥିତିରେ ରାଜ୍ୟ ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ସାଧାରଣ ସମ୍ପାଦକ ବିରଞ୍ଚି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ସଙ୍ଗଠନର କାର୍ଯ୍ୟଶୈଳୀକୁ ନେଇ ଆଲୋଚନା ହୋଇଥିବା ଜଣାଯାଇଛି। ଆଗକୁ ହେବାକୁ ଯାଉଛି ପଞ୍ଚାୟତ ଓ ପୌର ନିର୍ବାଚନ। ଦଳର କୃଷକ ମୋର୍ଚ୍ଚା, ଯୁବ ମୋର୍ଚ୍ଚା, ମହିଳା ମୋର୍ଚ୍ଚା କିଭଳି ଲୋକଙ୍କ ନିକଟରେ ପହଞ୍ଚିବେ, ସରକାରୀ ଜନହିତକର ଯୋଜନାଗୁଡ଼ିକରୁ କିଭଳି ଲାଭବାନ ହେବେ, ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଛି।

## ହୀରାକୁଦର ଆଉ ୪ ଗେଟ୍ ଖୋଲିଲା

**ସମ୍ବଲପୁର,୯।୮(ନି.ପ୍ର):** ହୀରାକୁଦ ଜଳଭଣ୍ଡାରର ଆଉ ୪ଟି ଗେଟ୍ ଖୋଲିଛି। ଏବେ ବାମ ପାର୍ଶ୍ୱର ୮ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଦେଇ ୧ଲକ୍ଷ ୫୪ ହଜାରରୁ ଅଧିକ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ, ଉପରମୁଣ୍ଡରେ ବର୍ଷା, ଛତିଶଗଡ଼ ବ୍ୟାରେଜ୍‌ରୁ ଆସୁଥିବା ଜଳ ଏବଂ ତଳିଆ ଅଞ୍ଚଳରେ ନଦୀର ଜଳସ୍ତର ଆଦିକୁ ଦୃଷ୍ଟିରେ ରଖି ଗେଟ୍ ଖୋଲିବା କିମ୍ବା ବନ୍ଦ କରିବା ନେଇ ନିଷ୍ପତ୍ତି ନିଆଯାଉଛି।

## ବିଲ କାମ କରୁଥିବାବେଳେ ବଜ୍ରପାତରେ ୨ ମୃତ

**କେନ୍ଦ୍ରାପଡ଼ା/ଅନୁଗୁଳ,୯।୮(ନି.ପ୍ର):** ପାଟକୁରା ଥାନାର ଗରଦପୁର ଗ୍ରାମରେ ବଜ୍ରପାତରେ ଜଣେ ମହିଳା କୃଷି ଶ୍ରମିକଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଟିକି ମଲ୍ଲିକ (୪୭) ବୋଲି ଜଣାପଡ଼ିଛି। ବିଲରୁ ଧାନ ତଳି ଆଣୁଥିବା ସମୟରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପାଲଲହଡ଼ା ଥାନା ଅନ୍ତର୍ଗତ ନାଥପୋଷି ଗ୍ରାମରେ ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ମୃତକ ମଟାଏ ମାରାଣ୍ଡି ବୋଲି ଜଣାପଡ଼ିଛି। ବିଲରେ କାମ କରୁଥିବା ଅନ୍ୟ ତିନିଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପଲଲହଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁଃଖଦ ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଚିନ୍ତା ବଢ଼ାଇଲା ଲଗାଣ ବର୍ଷା

# ବନ୍ୟା ଛାଡ଼ିଲା, ଲୁହ ଦେଇଗଲା

**ଭୁବନେଶ୍ୱର,୯।୮(ନି.ପ୍ର):** ବର୍ଷା ଜାରି ରହିଛି। ଆଗକୁ ପୁଣି ବର୍ଷାର ଆକଳନ କରିଛି ପାଣିପାଗ ବିଭାଗ। ଅତିକମ୍‌ରେ ଆଉ ୬ ଦିନ ବର୍ଷା ହେବ। କିଛି କିଛି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ିର ମଧ ଆକଳନ କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଗୋଟିଏ ପରେ ଗୋଟିଏ ଲଘୁଚାପ। ସ୍ଥିତି ଏହିଭଳି ରହିଛି। ଗୋଟିଏ ବନ୍ୟା ଆସୁଛି, ଛାଡ଼ିଯାଉଛି, ପୁଣି ନଈ ଫୁଲୁଛି।

ହଜାର ହଜାର ହେକ୍ଟର ଜମି ଜଳମଗ୍ନ। ଧାନ ତଳି ପଚିଗଲାଣି। ଯେଉଁମାନେ ଧାନ ରୋଇଥିଲେ ବିଲରେ ଧାନଚାରା ଦେଖିବାକୁ ମିଳୁନି। ଜମିର ହିଡ଼ ବି ଦିଶୁନି। ଯୁଆଡ଼େ ଚାହିଁଲେ ଖାଲି ପାଣି ଆଉ ପାଣି। ବନ୍ୟା ଛାଡ଼ିଲା, କିନ୍ତୁ ଚାଷୀଙ୍କ ଆଖିରେ ଲୁହ ଦେଇଗଲା।

ଲଗାଣ ବର୍ଷା ବି ଚିନ୍ତା ବଢ଼ାଇଛି। ୧୨-୧୫ ଦିନ ଧରି ଘରଛାଡ଼ି ନଦୀବନ୍ଧରେ ପଲିଥିନ୍ ଟାଙ୍ଗି ଲୋକେ ଆଶ୍ରୟ ନେଇଛନ୍ତି। ଘରକୁ ଫେରିବାକୁ ଆକୁଳ ହେଉଥିଲେ





ବି ଫେରିପାରୁନାହାନ୍ତି। ଯେଉଁମାନଙ୍କ ଗାଁ ଓ ସଡ଼କରେ ବନ୍ୟା ଓ ବର୍ଷା ଜଳ ଛାଡ଼ିଗଲାଣି ସେମାନେ ଘରକୁ ଫେରି ଓଦା ଆସବାବପତ୍ର ସଜାଡୁଛନ୍ତି। ଜିନିଷପତ୍ର ଶୁଖାଇବାକୁ ଖରା ଖୋଜୁଛନ୍ତି କିନ୍ତୁ ପାଉନାହାନ୍ତି।

ବିଭିନ୍ନ ସ୍ଥାନରେ ବନ୍ଧ ଭାଙ୍ଗି ଘାଇ ହୋଇଯାଇଛି। ପାଣି ଶୁଖିଲେ ବନ୍ଧର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ପୁଣି ଭଦ୍ରକରେ କାଂଶବାଂଶ ଓ ଗମେଇ ନଦୀରେ ଜଳସ୍ତର ବଢ଼ିଛି। ଶହ ଶହ ହେକ୍ଟର ଜମି ଜଳମଗ୍ନ ହୋଇଛି। ତୃତୀୟଥର ପାଇଁ ନଦୀ ଫୁଲୁଛି। ବାଲେଶ୍ୱରରେ ବି ଜଳକା ଜଳସ୍ତର ବଢୁଛି। ବୈତରଣୀର ବନ୍ୟାପାଣିରେ କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲ୍ଲା ବେଶ୍ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ନଦୀ ନାଳଗୁଡ଼ିକରେ ଏହି ଅବସ୍ଥା। ଉପକୂଳରୁ ଉପାନ୍ତ, ସବୁଠି। (ପୃଷ୍ଠା:୫)

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ପାଟଣା ଗ୍ରାମର ୫୫ ବର୍ଷ ବୟସ୍କ ଜଣାଶୁଣା ମୃଦଙ୍ଗ ବାଦକ ମହେଶ୍ୱର ସୁତାର ଘାଇ ମୁହଁରେ ଭାସି ଯାଇଛନ୍ତି। ସେ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ତାଙ୍କ ଅସହାୟ ପତ୍ନୀ ଓ ଝିଅମାନଙ୍କ କାନ୍ଦବୋବାଳିରେ ତାଙ୍କ ଘର ଫାଟିପଡୁଛି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାର ଶିକରପଙ୍ଗା ଗ୍ରାମରେ ବନ୍ୟା ପାଣିରେ ଭାସି ଯାଇଛନ୍ତି ଜଣେ ବୃଦ୍ଧ। ତାଙ୍କ ଘରେ ବି କାନ୍ଦବୋବାଳି ପଡ଼ିଛି। ଚିତ୍ରୋତ୍ପଳା ନଦୀର ଶାଖା କୁଳାନାଳରେ ସେ ଶୌଚ ହେବାକୁ ଯାଉଥିବା ବେଳେ ଘଟିଛି ଏହି ଅଘଟଣ।

# ବାହ୍ୟ ଶକ୍ତିଠାରୁ ଦୂରେଇ ରହନ୍ତୁ ଜେନ୍-ଜି

## ଘରେ ଘରେ ତ୍ରିରଙ୍ଗା ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

### ଯୁବସମାଜକୁ ଦେଲେ ଦେଶଭକ୍ତିର ବାର୍ତ୍ତା

**ଭୁବନେଶ୍ୱର,୯।୮(ନି.ପ୍ର):** ବାହ୍ୟ ଶକ୍ତି ଓ ବିଦେଶୀ ଶକ୍ତିଠାରୁ ଜେନ୍-ଜି ଦୂରେଇ ରହିବା ଉଚିତ୍। ଦେଶଭକ୍ତି ଆମ ପାଇଁ ସର୍ବପ୍ରଥମ ହେବା ଉଚିତ୍। ଯୁବଗୋଷ୍ଠୀ ସକରାତ୍ମକ ଭାବେ ସକ୍ରିୟ ହେଲେ ଦେଶର ବିକାଶ ହେବ। 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଅଗଷ୍ଟ ୯ରୁ ୧୭ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମଧ ଜେନ୍-ଜିଙ୍କୁ ପାଞ୍ଚଟି ମୂଲ୍ୟବାନ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଜେନ୍-ଜି ବାହ୍ୟଶକ୍ତି ଓ ବିଦେଶୀ ଶକ୍ତିଠାରୁ ଦୂରେଇ ରହିବା ଉଚିତ୍। କୌଣସି ବାହ୍ୟଶକ୍ତି ଓ ବିଦେଶୀ ଶକ୍ତି ଯେଭଳି ଯୁବଶକ୍ତିକୁ ଦୁର୍ବଳ କରିପାରିବ ନାହିଁ ଏହା ଉପରେ ଗୁରୁତ୍ୱ ଗୁରୁତ୍ୱ ଦିଆଯାଉ। ଏହି ବାହ୍ୟଶକ୍ତି ଯୁବଶକ୍ତିକୁ ଭ୍ରମିତ ନକରୁ। ଆଜିର ଡିଜିଟାଲ ଯୁଗରେ ଦେଶ ବାହାର ଶକ୍ତି ଦ୍ୱାରା ଯୁବଶକ୍ତି ଭ୍ରମିତ ନହଅନ୍ତୁ। ସୋସିଆଲ ମିଡ଼ିଆର ଅପବ୍ୟବହାରରେ ପଥଭ୍ରଷ୍ଟ ନହୁଅନ୍ତୁ ଜେନ୍-ଜି। ନିଶାଦ୍ରବ୍ୟର କୁପ୍ରଭାବରେ ଦିଶାହୀନ ହୁଅନ୍ତୁ ନାହିଁ। ଦେଶଭକ୍ତି ଓ ଏକତାକୁ ହିଁ ଅଗ୍ରାଧିକାର ଦିଅନ୍ତୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଏକ ହୋଇ ରହିବା। ଏହି ଏକତା ହିଁ ବାହ୍ୟଶକ୍ତିକୁ ଜବାବ ଦେବ। ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ସନ୍ତାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୪୨ ଅଗଷ୍ଟ ୯ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନି ରଙ୍ଗର ସମାହାର ନୁହେଁ, ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ। (ପୃଷ୍ଠା:୫)

## ଧାନ ପଞ୍ଜୀକରଣରେ ଜଟିଳତା ନାହିଁ: ମନ୍ତ୍ରୀ

### ବାଧ୍ୟତାମୂଳକ ନୁହେଁ ଏଗ୍ରିଷ୍ଟାକ୍ ଆଇଡି

**ଭୁବନେଶ୍ୱର,୯।୮(ନି.ପ୍ର):** ରାଜ୍ୟରେ ଆଗାମୀ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ କିଛି ସ୍ଥାନରେ ଦ୍ୱନ୍ଦ୍ୱ ଉପୁଜିଥିଲା। ତେବେ ଧାନ କିଣା ପଞ୍ଜୀକରଣ ପ୍ରକ୍ରିୟାରେ କୌଣସି ଜଟିଳତା ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ପଷ୍ଟ କରିଛନ୍ତି। 'ଏଗ୍ରିଷ୍ଟାକ୍' ଆଇଡିକୁ ନେଇ ଚାଷୀମାନଙ୍କ ମନରେ ଥିବା ଭୟ ଓ ଆଶଙ୍କାକୁ ସେ ଦୂର କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ଧାନ ବିକ୍ରି ନିମନ୍ତେ ସୋସାଇଟିରେ ନାମ ପଞ୍ଜୀକରଣ କରିବାକୁ କୃଷି ବିଭାଗ ପକ୍ଷରୁ ଦିଆଯାଉଥିବା ଏଗ୍ରିଷ୍ଟାକ୍ ଆଇଡି ବର୍ତ୍ତମାନ ପାଇଁ ବାଧ୍ୟତାମୂଳକ ନୁହେଁ। ଯେଉଁ ଚାଷୀଙ୍କ ପାଖରେ ଏହି ଆଇଡି ନାହିଁ ସେମାନେ ମଧ୍ୟ ବିନା ବାଧାରେ ସହଜରେ ନିଜର ପଞ୍ଜୀକରଣ କରିପାରିବେ। ତେବେ ମଣ୍ଡିରେ ଧାନ ଦେବା ପାଇଁ ଟୋକନ୍ ଗ୍ରହଣ କରିବା ପୂର୍ବରୁ ଏହି ଆଇଡିର ଆବଶ୍ୟକତା ରହିବ। ଯେଉଁମାନଙ୍କର ଏଗ୍ରିଷ୍ଟାକ୍ ଆଇଡି ନାହିଁ, ସେମାନେ ପଞ୍ଜୀକରଣ ସମୟରେ ନିଜ ଜମିର ପଟ୍ଟା ବା ରେକର୍ଡ ଅଫ୍ ରାଇଟ୍ସ ଦେଇ ଅଫିସରେ ଆବେଦନ କରିପାରିବେ।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟଉ ୫୦୯୩ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିସାରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩,୧୦୮ ଜଣ ନିଜର ଏଗ୍ରିଷ୍ଟାକ୍ ଆଇଡି ଦାଖଲ କରିଛନ୍ତି। କେବଳ ପ୍ରକୃତ ଜମି ମାଲିକ ନୁହନ୍ତି, ବରଂ ଭାଗଚାଷୀ ମଧ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ସରକାରୀ ଦରରେ ଧାନ ବିକ୍ରି କରିପାରିବେ।

## ମମତା ବାନାର୍ଜୀଙ୍କ ଗାଡ଼ି ଉପରକୁ ପଥର ମାଡ଼

**କୋଲକାତା,୯।୮(ଏଜେନ୍ସି):** ପଶ୍ଚିମ ବଙ୍ଗର ଉତ୍ତର ୨୪ ପ୍ରଗଣାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀଙ୍କ ଗାଡ଼ି ଉପରକୁ ପଥର ମାଡ଼ ହୋଇଛି। ମମତାଙ୍କ କାର୍‌କେଡ୍ ଯାଉଥିବାବେଳେ ପ୍ରତିବାଦକାରୀ କରିଛନ୍ତି ଏହି ପଥର ମାଡ଼। ମମତାଙ୍କ କାର୍ କାଚ ଭାଙ୍ଗି ଯାଇଛି। କେବଳ ପଥର ନୁହେଁ ମମତାଙ୍କ କାର୍‌କେଡ୍ ଉପରକୁ ମଧ ପାଣି ବୋତଲ ଓ ଯୋତା ଫିଙ୍ଗା ଯାଇଥିବା ସୂଚନା ରହିଛି। ପ୍ରତିବାଦକାରୀ ମଧ ତାଙ୍କ ବିରୁଦ୍ଧରେ ନାରାବାଜୀ କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରୁଛି।

## ଓଡ଼ିଶା ହାଇକୋର୍ଟର ୨ ବିଚାରପତିଙ୍କ ବଦଳି ପାଇଁ ସୁପାରିସ

**କଟକ,୯।୮(ନି.ପ୍ର):** ଓଡ଼ିଶା ହାଇକୋର୍ଟର ଦୁଇଜଣ ବିଚାରପତିଙ୍କୁ ବଦଳି କରିବାକୁ ସୁପାରିସ କରିଛନ୍ତି ସୁପ୍ରିମକୋର୍ଟ କଲେଜିୟମ। ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି ଏକ ବିବୃତି ଅନୁଯାୟୀ, ଅଗଷ୍ଟ ୬ରେ ଅନୁଷ୍ଠିତ କଲେଜିୟମର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

କଲେଜିୟମ ପକ୍ଷରୁ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟ ଏବଂ ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି କରିବାକୁ ସୁପାରିସ କରାଯାଇଛି। ଜଷ୍ଟିସ ମାନସ ରଞ୍ଜନ ପାଠକ ୨୧ ଜୁଲାଇ ୨୦୨୫ରୁ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବରେ କାର୍ଯ୍ୟ କରୁଛନ୍ତି। ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ର ୧୭ ଏପ୍ରିଲ ୨୦୧୫ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ବେଞ୍ଚକୁ ଉନ୍ନୀତ ହୋଇଥିଲେ। ସେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୁତ୍ର।

## କୌନ ବନେଗା କରୋଡ଼ପତି ମଞ୍ଚରେ ମାଲକାନଗିରି ଝିଅ ଜୟନ୍ତୀ



**ମାଲକାନଗିରି,୯।୮(ନି.ପ୍ର):** ମେଗାଷ୍ଟାର୍ ଅମିତାଭ ବଚ୍ଚନଙ୍କ ପପୁଲାର୍ ଟିଭି ଶୋ' 'କୌନ୍ ବନେଗା କରୋଡ଼ପତି'ପାଇଁ ମନୋନୀତ ହୋଇ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଫ୍ଲିଟର କେବିସିର ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଶାରୁ ସେ ଏକମାତ୍ର ପ୍ରତିନିଧି। ମାଲକାନଗିରି ଜିଲ୍ଲା ସେର୍ପାଲ୍ଲୀ ଗାଁର ଏକ କୋୟା ଆଦିବାସୀ ପରିବାରରେ ଜନ୍ମ ହୋଇଥିବା ଜୟନ୍ତୀଙ୍କ ପିଲାଦିନ ଜଙ୍ଗଲ ଓ ପ୍ରକୃତି ସହ ବିତିଥିଲା। ପରିବାରର ୧୧ ଜଣ ଭାଇଭଉଣୀଙ୍କ ମଧ୍ୟରୁ ସେ ନବମ ସନ୍ତାନ। ଆର୍ଥିକ ଅଭାବ ସତ୍ତ୍ୱେ ନିଜ ଶିକ୍ଷକଙ୍କ ପ୍ରେରଣାରେ ସେ ନିଜ ଶ୍ରେଣୀରୁ ଦଶମ ପାସ୍ କରିଥିବା ନିଜ ଅଞ୍ଚଳର ପ୍ରଥମ ଆଦିବାସୀ ଝିଅ ଭାବେ ନିଜ ଦୃଢ଼ ମନୋବଳର ପରିଚୟ ଦେଇଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ଲାଭ କରିବା ସହ ସାମ୍ବାଦିକତାକୁ ନିଜର ପେସା ଭାବେ ବାଛି ନେଇଥିଲେ।

ଆଦିବାସୀ ସମ୍ପ୍ରଦାୟର ସମସ୍ୟା, ମହିଳା ସଶକ୍ତିକରଣ ଏବଂ ଉପାନ୍ତ ଅଞ୍ଚଳର ଦୁଃଖକଷ୍ଟକୁ ସାମ୍ନାକୁ ଆଣିବାରେ ତାଙ୍କର ନିରନ୍ତର ପ୍ରୟାସ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ତାଙ୍କର ଏହି ନିଃସ୍ୱାର୍ଥପର ସମାଜସେବା ଯୋଗୁ ତାଙ୍କୁ ଫୋର୍ବ୍‌ସ ଇଣ୍ଡିଆ ପରି ଅନ୍ତର୍ଜାତୀୟ ପତ୍ରିକାରେ ମଧ ସ୍ଥାନ ମିଳିଥିଲା।

କେବିସି ମଞ୍ଚରେ ପହଞ୍ଚିଥିବାକୁ ନେଇ ଜୟନ୍ତୀ କହିଛନ୍ତି, ଯଦିଓ ସେ ଶେଷ ପର୍ଯ୍ୟାୟ ଅତିକ୍ରମ କରି ହଟ୍ ସିଟ୍‌ରେ ବସିବାର ସୁଯୋଗ ପାଇପାରିଲେ ନାହିଁ, ତଥାପି ଅମିତାଭ ବଚ୍ଚନଙ୍କୁ ଭେଟିବା ଓ ଜାତୀୟସ୍ତରରେ ନିଜ ଅଞ୍ଚଳର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି। (ପୃଷ୍ଠା:୫)

## ୧୩ କୋଟିର ଗଞ୍ଜେଇ ଜବତ

**ସୋନପୁର,୯।୮(ନି.ପ୍ର):** ନିଶାମୁକ୍ତ ଓଡ଼ିଶା ଅଭିଯାନରେ ସୋନପୁର ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଏକ କଣ୍ଟେନରରୁ ୧୨.୫ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୩ କୋଟି ଟଙ୍କା ହେବ। ଏହି ଗଞ୍ଜେଇ କଣ୍ଟେନରର ଏକ ସିକ୍ରେଟ ଚ୍ୟାମ୍ବରରେ ବସ୍ତାଗୁଡ଼ିକ ଭିତରେ ୧୩୦୨ ପ୍ୟାକେଟ୍‌ରେ ରହିଥିଲା। ଗଞ୍ଜେଇ ନେଇ ଯାଉଥିବା ଦୁଇ ମାଫିଆଙ୍କ ସମେତ କଣ୍ଟେନର ଡ୍ରାଇଭର ସୁଯୋଗ ଦେଖି ଫେରାର୍ ହୋଇଯାଇଛନ୍ତି। ସେମାନଙ୍କୁ ପୋଲିସ ଖୋଜୁଛି।



ଏହି ଗଞ୍ଜେଇ ସୁବଳୟା ଥାନା ଅଞ୍ଚଳର ବିଶିପାଲିରୁ ବୀରମହାରାଜପୁରକୁ ଯାଉଥିବା ଜଣାପଡ଼ିଛି। ଗଞ୍ଜେଇ ଚାଲାଣକୁ ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ସୋନପୁର ଏସ୍‌ପି ନାରାୟଣ ନାୟକ ଏକ ସ୍ୱତନ୍ତ୍ର ଟିମ୍‌କୁ ନେଇ କଣ୍ଟେନରକୁ ଅଟକାଇଥିଲେ। କଣ୍ଟେନରର ଡାଲା ଫାଙ୍କା ଥିଲା। କିନ୍ତୁ କଣ୍ଟେନର କ୍ୟାବିନରେ ଏକ ସିକ୍ରେଟ ଚ୍ୟାମ୍ବରରେ ରହିଥିଲା ଗଞ୍ଜେଇ। ନିଜେ ଏସ୍‌ପି କ୍ୟାବିନ୍ ଉପରେ ଚଢ଼ି ସିକ୍ରେଟ ଚ୍ୟାମ୍ବରରୁ ଗଞ୍ଜେଇ ଧରିଥିଲେ। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି। ଗଞ୍ଜେଇ ଚୋରାଚାଲାଣରେ ଆଉ କେଉଁମାନେ ସମ୍ପୃକ୍ତ ସେନେଇ ଜାରି ରହିଛି ତଦନ୍ତ। ପୋଲିସ ଡିଜି ୱାଇ ବି ଖୁରାନିଆ ସୋନପୁର ପୋଲିସର ଏହି ସଫଳତା ପାଇଁ ଏସ୍‌ପି ଓ ତାଙ୍କ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି।



# ବିଶ୍ୱ ଆଦିବାସୀ ଦିବସ ସଂସ୍କୃତି, ପରମ୍ପରା ଓ ଅଧିକାରକୁ ସମ୍ମାନ ଜଣାଇବାର ଦିନ

ବିଶ୍ୱ ଆଦିବାସୀ ଦିବସ ଅଗଷ୍ଟ ୯। ସଂସ୍କୃତି, ପରମ୍ପରା ଓ ଅଧିକାରକୁ ସମ୍ମାନ ଜଣାଇବାର ଦିନ । ପ୍ରତିବର୍ଷ ଅଗଷ୍ଟ ୯ ତାରିଖରେ 'ବିଶ୍ୱ ଆଦିବାସୀ ଦିବସ' ପାଳନ କରାଯାଏ । ବିଶ୍ୱର ଆଦିବାସୀ ଓ ଜନଜାତି ସମୁଦାୟଙ୍କ ଅଧିକାର, ସଂସ୍କୃତି, ଭାଷା, ପରମ୍ପରା ଓ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ୧୯୯୪ ମସିହା ଡିସେମ୍ବରରେ ଜାତିସଂଘ ସାଧାରଣ ପରିଷଦ ଅଗଷ୍ଟ ୯କୁ ଏହି ସ୍ୱତନ୍ତ୍ର ଦିବସ ଭାବେ ଘୋଷଣା କରିଥିଲା । ୧୯୮୨ ମସିହା ଅଗଷ୍ଟ ୯ରେ ଜେନେଭାଠାରେ ଆଦିବାସୀ ଜନସଂଖ୍ୟା ସମ୍ପର୍କିତ ଜାତିସଂଘର ୱାର୍କିଂ ଗ୍ରୁପ୍ ର ପ୍ରଥମ ବୈଠକ ବସିଥିଲା । ସେହି ଐତିହାସିକ ଦିନକୁ ସ୍ମରଣ କରି ଅଗଷ୍ଟ ୯କୁ ବିଶ୍ୱ ଆଦିବାସୀ ଦିବସ ଭାବେ ପାଳନ କରାଯାଉଛି ।

ଚଳିତ ବର୍ଷର ବିଷୟବସ୍ତୁ ହେଉଛି ଆଦିବାସୀ ସମାଜରେ ପାରମ୍ପରିକ ଧାଈମାନଙ୍କ ଭୂମିକାକୁ ସମ୍ମାନ ଦେବା ସହ ଜୀବନ ଓ ସୁସ୍ଥତାର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ପିଢ଼ି ପରେ ପିଢ଼ି ପାରମ୍ପରିକ ଜ୍ଞାନକୁ ବଞ୍ଚାଇ ରଖିବା ସହ ମାତୃ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ସୁରକ୍ଷାରେ ସେମାନଙ୍କ ଅବଦାନକୁ ଏଥର ବିଶେଷ ଭାବେ ସ୍ୱୀକୃତି ଦିଆଯାଉଛି । ବିଶ୍ୱରେ କୋଟି କୋଟି ଆଦିବାସୀ ଲୋକ ପ୍ରାୟ ୫ ହଜାର ଭିନ୍ନ ସଂସ୍କୃତିର ପ୍ରତିନିଧିତ୍ୱ କରୁଛନ୍ତି । ବିଶ୍ୱର ହଜାର ହଜାର ଭାଷାକୁ ବଞ୍ଚାଇ ରଖିବା ସହ ପ୍ରକୃତି, ଜଙ୍ଗଲ, ଜୈବ ବିବିଧତା ଓ ପାରମ୍ପରିକ ଜ୍ଞାନର ସୁରକ୍ଷାରେ ମଧ୍ୟ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ । ତଥାପି ବିଶ୍ୱର ଅନେକ ସ୍ଥାନରେ ଆଦିବାସୀ ସମୁଦାୟ ଦାରିଦ୍ର୍ୟ, ଭେଦଭାବ ଓ ଅଧିକାର ସମ୍ପର୍କିତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଭାରତରେ ଏହି ଦିନକୁ 'ବିଶ୍ୱ ଆଦିବାସୀ ଦିବସ' ବା 'ବିଶ୍ୱ ଜନଜାତି ଦିବସ' ଭାବେ ପାଳନ କରାଯାଏ ।

ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୮.୬ ପ୍ରତିଶତ ଅନୁସୂଚିତ ଜନଜାତି ସମୁଦାୟର । ଦେଶର ବିଭିନ୍ନ ରାଜ୍ୟରେ ଏହି ଅବସରରେ ପାରମ୍ପରିକ ନୃତ୍ୟ-ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରା, ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ ଜନଜାତି ଅଧିକାର ଓ ବିକାଶକୁ ନେଇ ଆଲୋଚନା ଆୟୋଜିତ ହୋଇଥାଏ । ଓଡ଼ିଶା ମଧ୍ୟ ଦେଶର ପ୍ରମୁଖ ଜନଜାତି ବହୁଳ ରାଜ୍ୟ ମଧ୍ୟରୁ ଅନ୍ୟତମ । ରାଜ୍ୟର ଜନଜାତି ସମୁଦାୟଙ୍କ ସ୍ୱତନ୍ତ୍ର ଭାଷା, କଳା, ସଂସ୍କୃତି, ପର୍ବପର୍ବାଣୀ ଓ ପ୍ରକୃତିକେନ୍ଦ୍ରିକ ଜୀବନଶୈଳୀ ଓଡ଼ିଶାର ସାଂସ୍କୃତିକ ପରିଚୟକୁ ଆହୁରି ସମୃଦ୍ଧ କରିଛି ।

# ୪୦ ବର୍ଷରେ ବଧୂ ସାଜିବେ ହୁମା କ୍ୟୁରେଶୀ




ଦୀର୍ଘ ଦିନ ଧରି ହୁମା କ୍ୟୁରେଶୀ ଓ ଅଭିନେତା ରଚିତ ସିଂହଙ୍କ ସମ୍ପର୍କକୁ ନେଇ ଚାଲିଛି ଜୋରଦାର ଚର୍ଚ୍ଚା । ଯଦିଓ ଦୁହେଁ କେବେ ବି ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି କିଛି କହିନାହାନ୍ତି, ତଥାପି ବିଭିନ୍ନ ସାର୍ବଜନୀନ ସ୍ଥାନରେ ସେମାନଙ୍କୁ ଏକାଠି ଦେଖାଯିବା ପରେ ପ୍ରଶଂସକମାନେ ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ଅନୁମାନ କରୁଛନ୍ତି। କିଛି ମାସ ପୂର୍ବରୁ ଖବର ଆସିଥିଲା ଯେ, ହୁମା ଓ ରଚିତ ଚଳିତ ବର୍ଷ ଅକ୍ଟୋବର କିମ୍ବା ନଭେମ୍ବରରେ ବିବାହ କରିବାକୁ ଯୋଜନା କରୁଛନ୍ତି । ଏବେ ଏହି ବିବାହ ଚର୍ଚ୍ଚାକୁ ନେଇ ଦୁହେଁ ନିଜ ନିଜ ପ୍ରତିକ୍ରିୟା ଦେଇଛନ୍ତି। ବିବାହ ପ୍ରସଙ୍ଗରେ ଏକ ସାକ୍ଷାତକାରରେ ହୁମା କହିଛନ୍ତି, ''ଆପଣ ଓ ମୋ ମା'ଙ୍କ ପ୍ରଶ୍ନ ପ୍ରାୟ ଏକାଭଳି । ବିବାହ କେବେ ହେବ, ଏହାର ଉତ୍ତର ମୋ ପାଖରେ ନାହିଁ । ସମୟ ଆସିଲେ ବିବାହ ହେବ । ବର୍ତ୍ତମାନ ମୋ ପାଖରେ ଅନେକ କାମ ଅଛି । ଏହି ବର୍ଷଟି ମୋ ପାଇଁ ବହୁତ ବ୍ୟସ୍ତ, ତେଣୁ ମୁଁ ଏବେ କେବଳ ମୋ କାମ ଉପରେ ଧ୍ୟାନ ଦେଉଛି ।''

ତେବେ ଏହାର କିଛି ସପ୍ତାହ ପୂର୍ବରୁ ରଚିତ ସିଂହ ମଧ୍ୟ ଏହି ବିବାହ ଗୁଜବକୁ ନେଇ ପ୍ରତିକ୍ରିୟା ରଖିଥିଲେ । କହିଥିଲେ, ''ମୋ ବିବାହ କିଏ ଏବଂ କେଉଁଠି କରାଉଛି, ମୁଁ ଜାଣିନି । ଭାବୁଛି ମୋ ମା'ଙ୍କ ଫୋନ୍ ନମ୍ବର ଦେଇଦେବି, କାରଣ ସମସ୍ତେ ମତେ ଫୋନ୍ କରି ଏହି ପ୍ରଶ୍ନ ପଚାରୁଛନ୍ତି । ବର୍ତ୍ତମାନ ପାଇଁ ବିବାହ ହେଉନାହିଁ।'' ଏଭଳି ଭାବରେ ଦୁହେଁ ବିବାହ ଖବରକୁ ଖଣ୍ଡନ କରିଥିଲେ ମଧ୍ୟ, ସେମାନେ କେବେ ବିବାହ ବନ୍ଧନରେ ଆବଦ୍ଧ ହେବେ, ତାହାକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଜାରି ରହିଛି ।

କାମ କଥା କହିଲେ, ହୁମା କୁରେଶୀ ଓ ରଚିତ ସିଂହଙ୍କୁ ଶେଷ ଥର ପାଇଁ ବଡ଼ ପରଦାରେ 'ବେବି ଡୁ ଡାଏ ଡୁ' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା । ଫିଲ୍ମଟି ୩ ଜୁଲାଇ ୨୦୨୬ରେ ମୁକ୍ତିଲାଭ କରିଥିଲା । ସମାଲୋଚକ ଓ ଦର୍ଶକଙ୍କଠାରୁ ମିଶ୍ର ପ୍ରତିକ୍ରିୟା ପାଇଥିବା ଏହି ଫିଲ୍ମ ବକ୍ସ ଅଫିସରେ ବିଶେଷ ସଫଳତା ହାସଲ କରିପାରିନଥିଲା । ତଥ୍ୟ ଅନୁସାରେ, ଫିଲ୍ମଟି ଏପର୍ଯ୍ୟନ୍ତ ମୋଟ ୭.୧୦ କୋଟି ଟଙ୍କା ଆୟ କରିଛି । ଏହାଛଡ଼ା ହୁମା କୁରେଶୀ ଖୁବ୍‌ଶୀଘ୍ର 'ଟକ୍ସିକ୍' ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମରେ ଯଶ, କିଆରା ଆଡଭାନୀ ଓ ତାରା ସୁତାରିଆ ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି । ଫିଲ୍ମଟି ୨୬ ଅଗଷ୍ଟ ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି। ଇଣ୍ଟିମେଟ୍ ଓ ବୋଲ୍ଡ ସିନ୍‌କୁ ନେଇ ଏହି ଫିଲ୍ମ ପୂର୍ବରୁ ହିଁ ବିବାଦରେ ରହିଛି ।

# ବିପି ନିୟନ୍ତ୍ରଣରେ ସାହାଯ୍ୟ କରେ

**ଆଜିକାଲି ଉଚ୍ଚ ରକ୍ତଚାପ ସମସ୍ୟା ପ୍ରତ୍ୟେକ ବୟସର ଲୋକଙ୍କଠାରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଦୀର୍ଘ ସମୟ ଧରି ରକ୍ତଚାପ(ବିପି) ନିୟନ୍ତ୍ରଣରେ ନରହିଲେ ହୃଦ୍‌ଘାତ, ଷ୍ଟ୍ରୋକ୍, କିଡ୍‌ନୀ ରୋଗ ଏବଂ ଆଖି ସମ୍ବନ୍ଧୀୟ ଜଟିଳତା ବଢ଼ିବାର ଆଶଙ୍କା ଥାଏ। ତେବେ ସଠିକ୍ ଔଷଧ ସହିତ ଉପଯୁକ୍ତ ଖାଦ୍ୟପେୟ ମାଧ୍ୟମରେ ବିପିକୁ ନିୟନ୍ତ୍ରଣରେ ରଖାଯାଇପାରିବ। ବିଶେଷକରି କିଛି ନିର୍ଦ୍ଦିଷ୍ଟ ପରିବାରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫାଇବର୍ ରକ୍ତଚାପକୁ ସନ୍ତୁଳିତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।**



**ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରୁଥିବା ପ୍ରମୁଖ ପରିବା:**

**ପାଳଙ୍ଗ:** ପାଳଙ୍ଗରେ ପ୍ରଚୁର ପରିମାଣରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ନାଇଟ୍ରେଟ୍ସ ରହିଥାଏ। ଏହା ରକ୍ତବାହୀ ନଳୀକୁ ଶିଥିଳ କରିବା ସହ ଶରୀରରୁ ଅତିରିକ୍ତ ସୋଡିୟମ୍ ବାହାର କରିବାରେ ସାହାଯ୍ୟ କରେ।

**ବିଟ୍:** ବିଟ୍ ହେଉଛି ପ୍ରାକୃତିକ ନାଇଟ୍ରେଟ୍‌ସର ଏକ ଭଲ ଉତ୍ସ। ଶରୀରରେ ଏହା ନାଇଟ୍ରିକ୍ ଅକ୍ସାଇଡ୍‌ରେ ପରିଣତ ହୋଇ ରକ୍ତ ପ୍ରବାହକୁ ସୁଗମ କରିଥାଏ ଏବଂ ବିପି କମ୍ କରିବାରେ ସହାୟକ ହୁଏ।

**ମେଥି:** ମେଥି ପତ୍ରରେ ଫାଇବର, ପୋଟାସିୟମ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟସ ଭରପୂର ମାତ୍ରାରେ ଥାଏ, ଯାହା ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପ ସନ୍ତୁଳିତ ରଖେ।

**ବ୍ରୋକୋଲି:** ଏଥିରେ ଫାଇବର, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍-ସି ରହିଥାଏ, ଯାହା ରକ୍ତଚାପ ନିୟନ୍ତ୍ରଣରେ ସାହାଯ୍ୟ କରେ।

**ଲାଉ:** ଲାଉରେ ଜଳୀୟ ଅଂଶ ଅଧିକ ଏବଂ ସୋଡିୟମ୍ ପରିମାଣ ଖୁବ୍ କମ୍ ଥାଏ। ଏହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ବିପି ନିୟନ୍ତ୍ରଣ କରିବାରେ ଲାଭଦାୟକ ହୋଇଥାଏ

**ଟମାଟୋ:** ଲାଇକୋପିନ୍, ପୋଟାସିୟମ୍ ଏବଂ ଭିଟାମିନ୍-ସି ଯୁକ୍ତ ଟମାଟୋକୁ ସାଲାଡ୍, ତରକାରୀ କିମ୍ବା ସୁପ୍ ଆକାରରେ ଗ୍ରହଣ କରାଯାଇପାରିବ।

**ଗାଜର:** ଗାଜରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟସ ଏବଂ ପୋଟାସିୟମ୍ ରକ୍ତବାହୀ ନଳୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

**ବନ୍ଧାକୋବି:** ଫାଇବର୍ ଏବଂ ଭିଟାମିନ୍-କେ ଯୁକ୍ତ ବନ୍ଧାକୋବି ନିୟମିତ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ହାଇ ବିପି ଆଶଙ୍କା ହ୍ରାସ ପାଏ।

ସଜନା ଛୁଇଁ ଓ ପତ୍ର: ଏଥିରେ ଥିବା ପୋଷକ ତତ୍ତ୍ୱ ରକ୍ତ ସଞ୍ଚାଳନକୁ ସୁଧାରି ବିପି ସନ୍ତୁଳିତ ରଖିବାରେ ସାହାଯ୍ୟ କରେ।

# ବର୍ଷାଦିନେ ସଂକ୍ରମଣରୁ ରକ୍ଷା ପାଇବାର ଉପାୟ

ମୌସୁମୀ ପରିବର୍ତ୍ତନ ହେବା ସହ ଅନେକ ଲୋକ ସିଜନାଲ୍ ଫ୍ଲୁରେ ଆକ୍ରାନ୍ତ ହୁଅନ୍ତି । ଏଥିରେ ଜ୍ୱର, ଥଣ୍ଡା, କାଶ, ଗଳା ଦରଜ, ଶରୀରରେ ଯନ୍ତ୍ରଣା ଓ ଦୁର୍ବଳତା ଭଳି ସମସ୍ୟା ଦେଖାଦେଇପାରେ । ଅନେକ ଲୋକ ଏହାକୁ ପାଣିପାଗ ପରିବର୍ତ୍ତନର ପ୍ରଭାବ ଭାବି ଅଣଦେଖା କରିଦିଅନ୍ତି । କିନ୍ତୁ ଏପରି କରିବା ଅନୁଚିତ୍ । ଏହି ସମୟରେ କେବଳ ଔଷଧ ନୁହେଁ, ସଠିକ୍ ଖାଦ୍ୟପାନୀୟ ମଧ୍ୟ ଶୀଘ୍ର ସୁସ୍ଥ ହେବାରେ ସହାୟକ ହୋଇଥାଏ । ଯଦି ଆପଣ ମଧ୍ୟ ସିଜନାଲ୍ ଫ୍ଲୁରେ ପୀଡ଼ିତ, ତେବେ ନିଜ ଖାଦ୍ୟରେ କିଛି ସହଜ ଓ ସ୍ୱାସ୍ଥ୍ୟକର ଖାଦ୍ୟ ନିଶ୍ଚିତ ଭାବେ ସାମିଲ କରନ୍ତୁ ।

**ଶରୀରରେ ଜଳୀୟଅଂଶ ଅଭାବ:** ସିଜନାଲ୍ ଫ୍ଲୁ ସମୟରେ ଶରୀରରେ ପାଣିର ଅଭାବ ହୋଇପାରେ । ତେଣୁ ଦିନସାରା ଅଳ୍ପ ଅଳ୍ପ କରି ପାଣି ପିଅନ୍ତୁ । ଏହା ସହ ନଡ଼ିଆ ପାଣି, ଲେମ୍ବୁ ପାଣି, ସୁପ୍ ଓ ଗରମ ହର୍ବାଲ୍ ଡ୍ରିଙ୍କ୍ ମଧ୍ୟ ପିଇପାରିବେ ଏହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ଦୁର୍ବଳତା କମାଇବାରେ ସହାୟକ ହୋଇଥାଏ ।

**ହାଲୁକା ଓ ପୌଷ୍ଟିକ ଖାଦ୍ୟ ଖାଆନ୍ତୁ:** ଫ୍ଲୁ ହୋଇଥିବା ସମୟରେ ତେଲଭଜା ଓ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ । ଏହା ବଦଳରେ ଖେଚୁଡ଼ି, ଦଳିଆ, ମୁଗ ଡାଲି, ସାଧା ରୁଟି ଓ ସିଝା ପନିପରିବା ଖାଆନ୍ତୁ । ଏହି ଖାଦ୍ୟ ସହଜରେ ହଜମ ହେବା ସହ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇବ ।

**ଫଳ ଓ ପନିପରିବା ନିଶ୍ଚିତ ଖାଆନ୍ତୁ:** କମଳା, ମୌସମି, ପିଜୁଳି, କିୱି ଓ ଅମୃତଭଣ୍ଡା ଭଳି ଫଳରେ ଭିଟାମିନ୍ ସି ରହିଥାଏ । ଯାହା ରୋଗ ପ୍ରତିରୋଧକ କ୍ଷମତାକୁ ମଜବୁତ କରିବାରେ ସହାୟକ ହୋଇଥାଏ । ଏହା ସହ ପାଳଙ୍ଗ ଶାଗ, ଗାଜର, ଟମାଟୋ ଓ କ୍ୟାପ୍ସିକମ୍ ଭଳି ପନିପରିବା ମଧ୍ୟ ଖାଇପାରିବେ ।

**ଗରମ ସୁପ୍ ଓ କାଢ଼ା:** ଯଦି ଗଳା ଦରଜ କିମ୍ବା ନାକ ବନ୍ଦ ହୋଇଥାଏ । ତେବେ ଗରମ ପନିପରିବା ସୁପ୍ ପିଇପାରିବେ ଅଦା, ତୁଳସୀ ଓ ଗୋଲମରିଚରେ ପ୍ରସ୍ତୁତ କାଢ଼ା ମଧ୍ୟ ଆରାମ ଦେଇଥାଏ । ତେବେ ଏହାକୁ ଅତ୍ୟଧିକ ପରିମାଣରେ ପିଇବା ଅନୁଚିତ୍।

**ପ୍ରୋଟିନ୍‌ଯୁକ୍ତ ଖାଦ୍ୟ:** ଏହି ସମୟରେ ଶରୀରକୁ ଅଧିକ ଶକ୍ତିର ଆବଶ୍ୟକତା ହୋଇଥାଏ। ତେଣୁ ଡାଲି, ପନିର, ଦହି, କ୍ଷୀର, ଅଣ୍ଡା ଭଳି ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ନିଜ ଡାଏଟ ସାମିଲ କରନ୍ତୁ । ଏହା ଶରୀରକୁ ଶୀଘ୍ର ସୁସ୍ଥ ହେବାରେ ସହାୟତା କରିବ ।



# କିପରି କଟିବ ଆଜିର ଦିନ

୧୦ ଅଗଷ୍ଟ ୨୦୨୬

**ମେଷ:** ହାତ ପାଆନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**ବୃଷ:** ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହୋଇନପାରେ।

**ମିଥୁନ:** ନିଜ ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା ଦେଖାଦେବ।

**କର୍କଟ:** ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭ୍ରମଣ ଯୋଗ ରହିଛି।

**ସିଂହ:** ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେନି। ବ୍ୟବସାୟିକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା:** ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା:** କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ହ୍ରାସ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ:** ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର:** ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଦିନଟି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**କୁମ୍ଭ:** ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ। ମହିଳାମାନେ କର୍ମତତ୍ପର ହେବେ।

**ମୀନ:** ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍‌ଦେଲେ ପ୍ରାୟତଃ ଅସୁବିଧା ରହିବନି। ଅନ୍ୟ କଥାକୁ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

# ଚାରିଛକ-କାକଟପୁର ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା



ଚାରିଛକ,୯।୮(ନି.ପ୍ର): ଚାରିଛକରୁ କାକଟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଏବେ ରାଜ୍ୟ ତଥା ରାଜ୍ୟ ବାହାରର ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ହେବ ମରାମତି ଅଭାବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏବେ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡିଛି। ଲଗାଣ ବର୍ଷା ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ବର୍ଷା ଦିନେ ଏହି ଖାଲଗୁଡ଼ିକରେ ବର୍ଷାପାଣି ଜମି ରହୁଥିବାରୁ ଗାଡ଼ି ଚାଳକମାନେ ଖାଲର ଗଭୀରତା ଆକଳନ କରିପାରୁନାହାନ୍ତି। ଫଳରେ ଦୈନନ୍ଦିନ ବାଇକ୍, ଅଟୋ ଓ ବସ୍ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି। ରାତ୍ରି ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବାରୁ ଏହି ରାସ୍ତାରେ ଯାତାୟାତ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ସାଧାରଣ ଜନଜୀବନ ଓ ପର୍ଯ୍ୟଟନ ଉପରେ ପ୍ରଭାବ ପଡୁଛି।

କାକଟପୁରର ପ୍ରସିଦ୍ଧ ମା ମଙ୍ଗଳାଙ୍କ ପୀଠକୁ ପ୍ରତିଦିନ ହଜାର ହଜାର ଭକ୍ତ ଏହି ରାସ୍ତା ଦେଇ ଆସିଥାନ୍ତି। ରାସ୍ତାର ଦୁରବସ୍ଥା ଯୋଗୁଁ ଶ୍ରଦ୍ଧାଳୁମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଜରୁରୀକାଳୀନ ସମୟରେ ରୋଗୀଙ୍କୁ ନିମାପଡ଼ା କିମ୍ବା ଭୁବନେଶ୍ୱର ପୁରୀ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ସମୟମତେ ପହଞ୍ଚି ପାରୁନାହାନ୍ତି। ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଜଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ଯଦି ଆଗାମୀ ଦିନରେ ଏହି ରାସ୍ତାର ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରାନଯାଏ ତେବେ ସ୍ଥାନୀୟ ଅଞ୍ଚଳବାସୀ ମୁଖ୍ୟ ରାସ୍ତା ଅବରୋଧ ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ଖୋର୍ଦ୍ଧା ପୌରାଞ୍ଚଳରେ ସାଂସଦଙ୍କ ସମ୍ପର୍କ ଯାତ୍ରା



ଖୋର୍ଦ୍ଧା,୯।୮(ନିପ୍ର): ପୌରାଞ୍ଚଳ ଅନ୍ତର୍ଗତ ୧୬ନଂ, ୧୭ନଂ, ୧୮ନଂ ଓ ୧୯ନଂ ୱାର୍ଡରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ସମ୍ପର୍କ ଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ପର୍କ ଯାତ୍ରାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ରଶ୍ମୀ ମହାପାତ୍ର, ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ଦଳେଇ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ହୋତା, ବିଭୁ ବଳିୟାରସିଂ, ବାସନ୍ତୀ ମହାପାତ୍ର, କୁନିଲତା ସ୍ୱାଇଁ, ବିଦ୍ୟୁତକାନ୍ତିଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ବିଶେଷ କରି ୪ଟି ୱାର୍ଡର ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ସମ୍ପର୍କ ଯାତ୍ରାରେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜଗଦେବ ଗୁରୁଜଙ୍ଗ ଗ୍ରାମରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଚିଠା ରଖିଥିଲେ। ଏଥିସହ ଆଗାମୀ ଦିନରେ ଗୁରୁଜଙ୍ଗ ଗ୍ରାମରେ ମାର୍କେଟ କମ୍ପ୍ଲେକ୍ସ, ସାଇନ୍ସ ପାର୍କ, କଲ୍ୟାଣ ମଣ୍ଡପ ଭଳି ଅନେକଗୁଡ଼ିଏ ପ୍ରୋଜେକ୍ଟ ଗୁରୁଜଙ୍ଗରେ ହେବାକୁ ଯାଉଛି ବୋଲି କହିଥିଲେ। ବିଶେଷ କରି ମଶାଣୀର ଉନ୍ନତି କରଣ ପାଇଁ ୫୦ ଲକ୍ଷ ଟଙ୍କାର ମଞ୍ଜୁର କରାଯାଇଥିବା ଓ ଯୁବ କ୍ରୀଡାବିତ ପାଇଁ ଉଦ୍ଦିଷ୍ଟ ଖେଳ ପଡିଆକୁ ଏକ ଉନ୍ନତ ମାନର ଷ୍ଟାଡିୟମ ଭାବେ ନିର୍ମାଣ କରିବା କଥା କହିଥିଲେ। ଏହି ଅବସରରେ କିଛି ବରିଷ୍ଠ ନାଗରିକ ଓ ମହିଳାମାନେ ଏହି ୪ଟି ୱାର୍ଡର ବିଭିନ୍ନ ସାମୁହିକ ସମସ୍ୟା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନିକଟରେ ରଖିଥିଲେ। ଶ୍ରୀମତୀ ଷଡ଼ଙ୍ଗୀ ସାଧାରଣ ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ଖୁବଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ବ୍ରହ୍ମକମଳ ଫୁଲରେ ସୁସଜ୍ଜିତ ପ୍ରଭୁ ଶ୍ରୀ ନୀଳମାଧବ



କଣ୍ଟିଲୋ ,୯।୮(ନି.ପ୍ର): ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ନୀଳମାଧବଜୀଉଙ୍କୁ ଶନିବାର ପ୍ରାତଃ ସମୟରେ ୨ ଟି ବ୍ରହ୍ମକମଳ ଫୁଲ ଲାଗି କରାଯାଇ ଥିବା ମନ୍ଦିରର ପୂଜକମାନଙ୍କ ଠାରୁ ପ୍ରକାଶ। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବଡବାଣପୁର ପଞ୍ଚାୟତ ଅଧିନ ଘଣାଶାଳିଆ ଗ୍ରାମ ନିକଟସ୍ଥ ଢିପିସାହିର ପବିତ୍ର କୁମାର ସାହୁଙ୍କ ଛାତ ଉପରେ ଥିବା ଫୁଲ କୁଣ୍ଡରେ ଫୁଟିଥିବା ବ୍ରହ୍ମକମଳ ଫୁଲକୁ ଶ୍ରୀ ଜୀଉଙ୍କ ଲାଗି ନିମନ୍ତେ ମନ୍ଦିରର ପୂଜକଙ୍କୁ ଦେଇଥିବା ଜଣାପଡ଼ିଛି। ପବିତ୍ର ଫୁଟିଥିବା ୨ ଟି ଫୁଲ ସହ ଭୋଗ ପ୍ରଦାନ କରିଥିବା ଜଣାପଡିଛି।

## କଣ୍ଟେନରରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଚିଲିକା,୯।୮(ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ପୋଲିସ ନାଚୁଣୀ ଜାତୀୟ ରାଜପଥ କଉଡ଼ିଖଣୀ ଛକ ନିକଟରୁ ଏକ କଣ୍ଟେନର ଟ୍ରକରୁ ୯କେଜି ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ନାଚୁଣୀ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନାଚୁଣୀ ପୋଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ କଣ୍ଟେନର ଟ୍ରକ ଦ୍ରୁତ ଗତିରେ ପଳାଉଥିବା ବେଳେ ନାଚୁଣୀ ପୋଲିସ କଣ୍ଟେନର ଟ୍ରକକୁ ଅଟକାଇଥିଲେ। ଗଂଜେଇ ବାସ୍ନା ଆସୁଥିବାରୁ କଣ୍ଟେନର ଟ୍ରକର କ୍ୟାବିନ ତନଖି କରିବା ପରେ କଣ୍ଟେନର ଟ୍ରକ କ୍ୟାବିନରୁ ଏକ ଜରି ଅଖାରୁ ୯କେଜି ୨୫୦ଗ୍ରାମ ଗଞ୍ଜେଇ, ଏକ ମୋବାଇଲ ଜବତ କରିବା ସହ ଉତ୍ତର ପ୍ରଦେଶରେ ଆଜମ ଗଡ଼ ଜିଲ୍ଲାର ଖୁରସୁ ଗ୍ରାମର ସାଧୁ ରାଜବରଙ୍କ ପୁତ୍ର କାୱାଲଧର ରାଜବରଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ନାଚୁଣୀ ପୋଲିସ ୩୨୧ରେ ଏକ ମାମଲା ରୁଜୁ କରି ଯୁବକ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ନାଚୁଣୀ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ର କହିଛନ୍ତି।

## ୧୪୬୦ ଲିଟର ମଦ ଜବତ, ୨ ଗିରଫ



ବୋଲଗଡ଼,୯।୮(ନିପ୍ର): ବୋଲଗଡ଼ ଥାନା ବାଂକୋଇ ଦୁର୍ଗା ମଣ୍ଡପ ନିକଟରୁ ଜିଲ୍ଲା ଅବକାରୀ ସ୍କାର୍ଡ ୧୪୬୦ଲିଟର ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜସୁନାଖଳାର ହାଇବତ ହୁସେନ ଖାନ (୪୦) ଓ ବାଂକୋଇ ଗ୍ରାମର ସୁଶାନ୍ତ କୁମାର ପ୍ରଧାନ (୨୨)ବର୍ଷ। ଅବକାରୀ ବିଭାଗ କେଶ ନଂ ୧୭୯/୨୬ରେ ମାମଲା ରୁଜୁ ହୋଇଛି। ଜବତ ମଦ ମଧ୍ୟରେ ୧୬୬ ଲିଟର ବିଦେଶୀ ୫୫ଲିଟର ବିୟର ଓ ୧୨୪୦ଲିଟର ଦେଶୀ ରହିଛି। ଖୋର୍ଦ୍ଧା ଜିଲ୍ଲା ଅବକାରୀ ଉପନିରୀକ୍ଷକ ସୁଜିତ ନାଗ ସହ ଉପନିରୀକ୍ଷକ ସଞ୍ଜୟ ରାଉତ, ଶ୍ରୀଧର ପଲେଇ, କନେଷ୍ଟବଳ ଟିଟୁ ସାହୁ, ପ୍ରଣବ ବେହେରା, ଅଶେଷ ପ୍ରଧାନ, ବିକାଶ ରାଉତ ଓ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ଚଢ଼ାଉରେ ସହଯୋଗ କରିଥିଲେ।

## ଗୋପବନ୍ଧୁ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କ୍ରାନ୍ତି ଦିବସ

ଚାରିଛକ,୯।୮(ନି.ପ୍ର): ରବିବାର ଚାରିଛକସ୍ଥିତ ଗୋପବନ୍ଧୁ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କ୍ରାନ୍ତି ଦିବସ ଭାବେ ପାଳିତ ହୋଇଯାଇଛି। ସକାଳୁ ସଂଘର ସମସ୍ତ ସଭ୍ୟ ଏକତ୍ରିତ ହୋଇ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ପରେ ସଂଘର ସଭାପତି ବ୍ରହ୍ମାନନ୍ଦ ସେନାପତି ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ସଭାପତି ଶ୍ରୀ ସେନାପତିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଅଜୟ କୁମାର ସାହୁ, ସମ୍ପାଦକ ରାଜେଶ କୁମାର ସାହୁ, ସହସମ୍ପାଦକ ବିଜୟ କୁମାର ସେନାପତି, କୋଷାଧ୍ୟକ୍ଷ ପର୍ଶୁରାମ ସାହୁ, ମାଧବ ମହାପାତ୍ର, ବିଜୟ ସେନାପତି, ମନୋଜ ସାହୁ, ଅରୁଣ ସାହୁ, ଦିଲ୍ଲୀପ ସାହୁ, ପ୍ରମୋଦ ସାହୁ, ମଦନ ମୋହନ ସେନାପତି, ବସନ୍ତ ସାହୁ, ନରେନ୍ଦ୍ର ସାହୁ ଓ କାହ୍ନା ସାହୁଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ କ୍ରାନ୍ତି ଦିବସ ସଂପର୍କରେ ଆଲୋଚନା କରିଥବଲେ। ଶେଷରେ ମାଧବ ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ କରାଯାଇଥିଲା।

## ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହ କାର୍ଯ୍ୟକ୍ଷମ ହେବ କେବେ?

ବୋଲଗଡ଼,୯।୮(ନିପ୍ର): ବୋଲଗଡ ବ୍ଲକ ପିଚୁକୁଳି ସ୍ୱାସ୍ଥ୍ୟ କେନ୍ଦ୍ରର ନବନିର୍ମିତ କୋଠା କେବେ କାର୍ଯ୍ୟକ୍ଷମ ହେବ? ଏନେଇ ଜନସାଧାରଣରେ ପ୍ରଶ୍ନ ଉଠିଛି। ଦୀର୍ଘଦିନ ଧରି କୋଠା ନିର୍ମାଣ ସରିଥିଲେ ମଧ୍ୟ ଏଯାବତ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇପାରିନାହିଁ। ସମ୍ପୃକ୍ତ ଠିକାଦାର ବିଲ ପାଇନଥିବାରୁ ହସ୍ତାନ୍ତର କରିନଥିବା ପ୍ରକାଶ କରିଛନ୍ତି। ଫଳରେ ସ୍ଥାନୀୟ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ୭୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ଏବେ ଭୁତକୋଠି ପାଲଟିବ। କୋଠା ଚାରି ପାର୍ଶ୍ୱରେ ଅନାବନା ଗଛ ଲତା ପୂର୍ଣ୍ଣ ହୋଇଗଲାଣି। ୧୯୮୮ମସିହାରେ ନିର୍ମିତ ପୁରୁଣା ଆଜବେଷ୍ଟସ ଘରେ ପାଣି ଗଳୁଛି। ଗୋଟିଏ ବଖରାରେ ସବୁ କାର୍ଯ୍ୟ କରାଯାଉଛି। ଦୀର୍ଘ ୩୮ବର୍ଷ ପରେ ନୂତନ କୋଠା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଠିକାଦାର ପ୍ରଶାସନ ଛକାପଞ୍ଝାରେ ଜନସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଆକସ୍ମିକ ଦୁର୍ଘଟଣା ହେଲେ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇପାରୁନାହିଁ। ତୁରନ୍ତ ନୂତନ କୋଠା କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଦାବି

କଣ୍ଟିଲୋ,୯।୮(ନି.ପ୍ର) ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଅଧିକାଂଶ ଜନସାଧାରଣ ମୁଖ୍ୟତଃ କୃଷି ଉପରେ ନିର୍ଭରକରି ଚଳିଥାନ୍ତି। ବର୍ଷର ବିଭିନ୍ନ ସମୟରେ ଏଠି ପନିପରିବା ଚାଷ ଉତ୍ପାଦନ ହୋଇଥାଏ। କଣ୍ଟିଲୋ ଓ ଏହାର ଆଖପାଖ ବଡ଼ବାଣପୁର, କୁମୁଣ୍ଡି, ଧନଚାଙ୍ଗଡ଼ା, ସିଧାମୂଳା ଅଞ୍ଚଳରେ ଜିଆଇ ଟ୍ୟାଗ ମାନ୍ୟତା ପ୍ରାପ୍ତ କଣ୍ଟେଇମୁଣ୍ଡି ବାଇଗଣ ସମେତ, କାକୁଡି, ଜହ୍ନି, ସାରୁ, ଘଣାଶାଳିଆର ମିଠା ମକା, କରବର, ଲଣ୍ଡାବର ଆଦି ସ୍ଥାନରେ କୋବି ଚାଷ କରାଯାଉଥିବା ବେଳେ ଗୋପୀନାଥପୁରର ଭେଣ୍ଡି, ବୋଦସା ମକା, କଖାରୁ, ସିଙ୍ଘାପଡ଼ା ଓ ଗୁଣ୍ଡୁଣିର ଶାରୁ ଆଦି ପନିପରିବା ଚାଷର ସ୍ୱତନ୍ତ୍ରତା ରହିଛି। ସମ୍ପୃକ୍ତ ଅଞ୍ଚଳରେ ବହୁଳ ଭାବେ ପନିପରିବା ଉତ୍ପାଦନ ହୋଇଥାଏ। ଏହି ପନିପରିବାଗୁଡିକ ବଜାରରେ ହଠାତ ଉପଲବ୍ଧ ହୋଇ କିଛି ଦିନ ପରେ ଆଉ ମିଳିନଥାଏ। ଅଧିକ ଉତ୍ପାଦନ ସମୟରେ ପନିପରିବା ସରଂକ୍ଷଣ ପାଇଁ ଅଞ୍ଚଳରେ କୌଣସି ସୁବିଧା ନଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ ଦାମରେ ବାହାରୁ ଆସୁଥିବା ବ୍ୟବସାୟୀମାନଙ୍କୁ ଶାଗ ମାଛ ଦରରେ ବିକ୍ରି କରିଥାନ୍ତି। ଫଳରେ ଚାଷୀ କରିଥିବା ଫସଲର ଉପଯୁକ୍ତ ମୂଲ୍ୟ ପାଇନଥାଏ ଓ ଅଭାବୀ ବିକ୍ରିର ଶିକାର ହୋଇଥାଏ। ଏ ସମସ୍ତ ଅଞ୍ଚଳର ଚାଷୀମାନଙ୍କ ଜୀବନ ଜୀବିକାକୁ ଆଖିଆଗରେ ରଖି ଖଣ୍ଡପଡା ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ବହୁଦିନ ଧରି ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆବଶ୍ୟକତା ଦୃଷ୍ଟିରୁ କଣ୍ଟିଲୋ ଅବା ଖଣ୍ଡପଡାଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଗଲେ ଏ ସମସ୍ତ ଅଞ୍ଚଳର ଚାଷୀ ମାନେ ଉପକୃତ ହେବା ସହ ପନିପରିବାର ଉପଯୁକ୍ତ ମୂଲ୍ୟ ପାଇଁ ଲାଭବାନ ହୋଇପାରନ୍ତେ। ତୁରନ୍ତ ସରକାର ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ଫସଲ ବୀମା ସଚେତନତା କର୍ମଶାଳା

ବୋଲଗଡ଼,୯।୮(ନିପ୍ର): ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ଗିରିଗିରିଆ ଗ୍ରାମର ମା'ଡାହାଳିଆଣୀଙ୍କ ପୀଠରେ କୃଷି ବିଭାଗ ପକ୍ଷରୁଫସଲ ବୀମା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷକ ସାଥି ବିଶ୍ୱରଂଜନ ଛୁଆଳସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ା, ସମ୍ମାନିତ ଅତିଥି କୃଷି ଅଧିଦର୍ଶକ ଈଶାନ ଚନ୍ଦ୍ର ନାୟକ ଓ ମଳୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏବେ ଖରିଫ ଋତୁ ଆରମ୍ଭ ହେଉଛି। ଏଣୁ ଫସଲର ବୀମା କରାଇନେବା ଜରୁରୀ। ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲା ତେବେ ଚାଷୀକୁ କ୍ଷତି ଭରଣା କରିବାକୁ ଏହି ବୀମା ସହାୟତା କରିବ। ଏଥି ସହ ସରକାରଙ୍କ ଅନୁମୋଦିତ ନାନୋ ସାରକୁ ଅଧିକ ମାତ୍ରାରେ ବ୍ୟବହାର କରିବା। ଯଦ୍ୱାରା ଜମିର ଉର୍ବରତା ନଷ୍ଟ ହେବ ନାହିଁ। ଖରିଫ ପରବର୍ତ୍ତୀ ଚାଷ ଅଧିକ ଉନ୍ନତ ହୋଇପାରିବ। ଏଥିସହ ସାରକୁ ସଠିକ ସମୟରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ମାତ୍ର ୧ଟଙ୍କାରେ ଜନସେବା କେନ୍ଦ୍ର ବା ବ୍ୟାଙ୍କରେ କରିପାରିବେ। କୃଷି ପଞ୍ଜିକରଣ ତୁରନ୍ତ କରାଇନେଲେ ସମସ୍ତ ସରକାରୀ ସହାୟତା ମିଳିପାରିବ ବୋଲି ପ୍ରକାଶ କରିଥିଲେ।

## ଘରେ ଓ ଦୋକାନରେ ପଶିଲା ବର୍ଷାପାଣି



ଗଣିଆ,୯।୮(ସମିସ): କିଶୋର ପ୍ରସାଦ ଗ୍ରାମରେ ପ୍ରବଳ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁଁ ରାସ୍ତା ଘାଟ ଜଳାର୍ଣ୍ଣବ ପାଲଟି ଯାଇଛି। ଗଣିଆ ବ୍ଲକର କିଶୋର ପ୍ରସାଦ ଗ୍ରାମରେ ବର୍ଷା ଯୋଗୁଁ ଘରେ ଏବଂ ଦୋକାନରେ ପାଣି ପଶି ଅନେକ କ୍ଷତି ଘଟିଛି। ହରିଜନ ସାହିରେ ଲୋକଙ୍କ ଘର ଭିତରେ ପାଣି ପଶିଥିବା ଲୋକେ ଅଭିଯୋଗ କରିଛନ୍ତି। କିଶୋର ପ୍ରସାଦ ଜାରରେ ଥିବା ଜଳଖିଆ ଦୋକାନ ପରିସରରେ ପାଣି ପଶିବା ଫଳରେ ଖାଦ୍ୟ ପଦାର୍ଥ ନଷ୍ଟ ହୋଇଯାଇଛି। ଗ୍ରାମ ଗୁଡିକରେ ଥିବା ଡ୍ରେନ ଗୁଡିକ ପୋତି ହୋଇଯିବା କାରଣରୁ ଡ୍ରେନ ପାଣି ରାସ୍ତାରେ ଭାସୁଛି। ଯାହା ଫଳରେ ରାସ୍ତା ଘାଟରେ ଅଳିଆ ଆବର୍ଜନା ଗଦା ହୋଇ ପୂର୍ତ୍ତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଗ୍ରାମ ଗୁଡିକରେ ଗାଁ କଲ୍ୟାଣ ସମିତି ସ୍ଥାଣୁ ପାଲଟିଥିବା ଅଭିଯୋଗ ହୋଇଛି। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଡ୍ରେନ ଗୁଡିକ ସଫା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଶିକ୍ଷକ ବିଭୂତି ଭୂଷଣ ଜେନା ଓ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ଖୋର୍ଦ୍ଧା,୯।୮(ନିପ୍ର): ରବିବାର ଖୋର୍ଦ୍ଧା ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥଙ୍କ ଆୟୋଜନରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭୁତି ଭୂଷଣ ଜେନା ଓ ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଦୋନ୍ନତି ପାଇ ତଥା ଶିକ୍ଷକ ବିଭୂତି ଭୂଷଣ ଜେନା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁରୁଜଙ୍ଗର ପ୍ରଧାନଶିକ୍ଷକ ଦାୟିତ୍ୱ ନେଇଥିବାବେଳେ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ଗଞ୍ଜାମ ଜିଲ୍ଲା ଲୋକମାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ଉଭୟ ଖୋର୍ଦ୍ଧା ବାଳିକା ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ ଦେଉଥିବାବେଳେ ତାଙ୍କର ପଢା ଶୈଳୀ ପିଲାଙ୍କୁ ବେଶ ଆକୃଷ୍ଟ କରିଥିଲା ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ରଥ କହିଥିଲେ। ଉଭୟ ଶିକ୍ଷକ ଥିଲେ ଦକ୍ଷ ସୁସଂଗଠକ, ମିଷ୍ଟଭାଷି, ସ୍ନେହୀ, କର୍ତ୍ତବ୍ୟନିଷ୍ଠ ଓ ଛାତ୍ର ବତ୍ସଳ। ତାଙ୍କର ବିଦ୍ୟାଳୟରେ ରହଣି ଭିତରେ ବିଦ୍ୟାଳୟ ଓ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା କମିଟି ସଭ୍ୟମାନେ ମତ ପ୍ରକାଶ କରିଥିଲେ। ଏହି ଅବସରେ ଉଭୟ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପ ଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହାସିନା ବେଗମ, ଉପସଭାପତି ରୋଜାଲିନ ସେଠି,ଶିକ୍ଷୟିତ୍ରୀ ତୃପ୍ତିରାଣୀ ଜେନା, ତପସ୍ୱିନୀ ଦେହୁରୀ, ପ୍ରଞ୍ଜା ମହାନ୍ତି, ସ୍ନିଗ୍ଧା ପଟ୍ଟନାୟକ, ରଞ୍ଜିତା ନିଶଙ୍କ, ସସ୍ମିତା ଜେନା, ଦିପ୍ତିମୟୀ ଦାସ,ଶିକ୍ଷକ ଅନିଲ କୁମାର ସାହୁ, ଦଶମ ଶ୍ରେଣୀ ଛାତ୍ରୀ ସୁପ୍ରିୟା ବେହେରା, ଆଦ୍ୟାଶା ମିଶ୍ର, ସୋନାଲିସା ସାହୁ ଲକ୍ଷ୍ମୀପ୍ରିୟା ପରିଡା ପ୍ରମୁଖ ଉଭୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସ୍ମୃତି ଗୁଣଗାନ କରିଥିଲେ।

## ଲିଟିଲ ଷ୍ଟାର ଗ୍ରୁପର ପାଠ ମଉଜ କାର୍ଯ୍ୟକ୍ରମ



ନିମାପଡ଼ା,୯।୮(ନି.ପ୍ର): ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଟିଲଷ୍ଟାର ଗ୍ରୁପ୍ ପକ୍ଷରୁ ପାଠ ମଉଜ କାର୍ଯ୍ୟକ୍ରମ। ଆମରି ସ୍ୱପ୍ନ ହିଁ ଆମ ଭବିଷ୍ୟତ ଗଢ଼େ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମେ ଆମର ଜୀବନରେ ବଡ ହେବାକୁ ହେଲେ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ଆମ ମାନଙ୍କ ସ୍ୱପ୍ନକୁ ବଡ କରି ସୁଦୂର ପ୍ରସାରି କରିବାକୁ ହେବ। ଆମର ସ୍ୱପ୍ନ ହିଁ ଆମର ଭବିଷ୍ୟତ ଗଢେ ବୋଲି ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପର ୨୨ତମ ପାଠ ମଉଜ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ ଏହା ମତ ପ୍ରକାଶ ପାଇଛି। ରବିବାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଏହି ଏନ୍ଏସି ଅନ୍ତର୍ଗତ ପାଟପୁରସ୍ଥିତ ବାବା କପିଳେଶ୍ୱରଙ୍କ ପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଶିକ୍ଷାବିତ ଡ଼.ପ୍ରଣବ ସ୍ୱାଇଁ, ଡ.ରବିନ୍ଦ୍ର ନାଥ ପାଢ଼ୀ, ପ୍ରଫେସର ପ୍ରକାଶ ଖଟୋଇ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବସନ୍ତ ସ୍ୱାଇଁ, କ୍ରୀଡାବିତ ନିର୍ମଳ ମିଶ୍ର, ଶିକ୍ଷୟିତ୍ରୀ ସୌଭାଗିନୀ ମିଶ୍ର, ସଂଯୁକ୍ତା ମହାନ୍ତି, ଗୌରୀ ପ୍ରିୟା ନନ୍ଦ, କବି କାଳିକିଙ୍କର, ଭି ଗାର୍ଡର ମାନବ ସମ୍ବଳ ଅଧିକାରୀ ସଞ୍ଜୟ ବେହେରା ପ୍ରମୁଖ ଯୋଗ ଦେଇ ସମ୍ବର୍ଦ୍ଧନା ପାଇଥିବା ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରତିଟି ପିଲାମାନେ ନିଜ ଅଭିଭାଷଣରେ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ବିଷୟରେ କହିଥିଲେ।

## ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାନାନ୍ତର ନକରିବା ପାଇଁ ସ୍ମାରକପତ୍ର



ନୟାଗଡ,୯।୮(ନି.ପ୍ର): ନୟାଗଡ ଜିଲ୍ଲା ସଦର ମହକୁମାରେ ଡାକ ବିଭାଗର ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଗତ ୬ବର୍ଷ ହେଲା କାର୍ଯ୍ୟ କରୁଥିବାବେଳେ ଉକ୍ତ କାର୍ଯ୍ୟାଳୟ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ରହିଛି। କିନ୍ତୁ ମୁଖ୍ୟ ଡାକପାଳ ନୟାଗଡ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ରଖିବାପାଇଁ ମସୁଧା ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶନ ସହ ନୂଆଦିଲ୍ଲୀ ବିଭାଗୀୟ କେନ୍ଦ୍ର ସଚିବଙ୍କ ପାଖକୁ ଏକ ସ୍ମାରକପତ୍ର ନୟାଗଡ ଡାକ ଅଧିକ୍ଷକଙ୍କ ଜରିଆରେ ପ୍ରଦାନ କରାଯାଇଛି। ସ୍ମାରକପତ୍ର ଦେବା ସମୟରେ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ, ସାମ୍ବାଦିକ ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଲୋକନାଥ ମିଶ୍ର, ବିଭୂତି ପଟ୍ଟନାୟକ, ବିକ୍ରମ ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ଗୋକୁଳ କୁମାର ଷଡଙ୍ଗୀ, ପୁରୁଷୋତ୍ତମ ମହାପାତ୍ର, ରଂଜନ ନାୟକ, ପ୍ରମୋଦ ନନ୍ଦ, ସୁଧାକର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ସ୍ମାରକପତ୍ର ଦିଆଯିବା ସହିତ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ଅଧୀନରେ ନୟାଗଡ ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରହିବା ପାଇଁ ଦାବି କରିଥିଲେ। ବ୍ରହ୍ମପୁର ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ନୟାଗଡ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରହିଲେ ଜିଲ୍ଲାବାସୀ, ଡାକ କର୍ମଚାରୀ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଯାତାୟାତ କରିବାରେ ବହୁ ଅନ୍ତରାୟ ସୃଷ୍ଟି ହେବ। ଯଦି କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର କରାଯାଏ ତାହାହେଲେ ଜିଲ୍ଲାର ଲକ୍ଷାଧିକ ଜନସାଧାରଣ ତଥା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହି ସ୍ମାରକପତ୍ର ମାଧମରେ ଯେଉଁଭଳି ଭାବରେ ନୟାଗଡ ଜିଲ୍ଲା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ରହିଥିଲା ସେହିପରି ଭାବରେ ରଖିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ପିଏମ୍ ଶ୍ରୀ ଜବହାର ନବୋଦୟ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ଖୋର୍ଦ୍ଧା,୯।୮(ନିପ୍ର): ପିଏମ୍ ଶ୍ରୀ ଜବହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧାଠାରେ ୫୩ତମ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଶନିବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜବାହର ନବୋଦୟ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଭରା ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲା। ଏହି ପ୍ରଦର୍ଶନୀରେ କଟକ କ୍ଲଷ୍ଟରର ୧୫ଟି ଜେଏନ୍‌ଭିରୁ ମୋଟ ୯୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଜ୍ଞାନ, ଗଣିତ ଓ ପରିବେଶ ସମ୍ବନ୍ଧୀୟ ନବୀନ ମଡେଲ ଓ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଆୟୋଜନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସୃଜନଶୀଳତା ଏବଂ ସମସ୍ୟା ସମାଧାନ କୌଶଳର ବିକାଶ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରର ସହକାରୀ ଆୟୁକ୍ତ ଏନ୍. ସି. କର ଉଦ୍‌ଘାଟନ କରିଥିଲାବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରୟାସକୁ ପ୍ରଶଂସା କରି ବୈଜ୍ଞାନିକ ଉଦ୍ଭାବନ ଓ ସ୍ଥାୟୀ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧକ୍ଷ ଏନ୍. ସି. ଚକ୍ରଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

ସମକାଳୀନ ବୈଜ୍ଞାନିକ ଓ ପରିବେଶ ସମସ୍ୟା ଉପରେ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରା ପ୍ରକାଶ ପାଇଁ ଏକ ସେମିନାର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ପ୍ରଦର୍ଶିତ ମଡେଲ ଓ ସେମିନାର ଉପସ୍ଥାପନାଗୁଡ଼ିକୁ ପି.ଏନ୍. କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏଡିଇଓ ବୌଦ୍ଧ ସହ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଏସ୍. କେ. ସାହୁ, ପିଜିଟି ପଦାର୍ଥ ବିଜ୍ଞାନ ଓ ଏଚ୍. ଏସ୍. ବେହେରା, ପିଜିଟି ରସାୟନ ବିଜ୍ଞାନ ସମନ୍ୱୟକ ଭାବେ ଦାୟିତ୍ୱ ପାଳନ କରିଥିବାବେଳେ ସାମଗ୍ରିକ ସମନ୍ୱୟ ଜେ. ଏସ୍. ମହାଳିକ, ପିଜିଟି ଇଂରାଜୀ ସୁଚାରୁ ଭାବେ ସମ୍ପାଦନ କରିଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

କୋଣାର୍କ,୯।୮(ନି.ପ୍ର): ଆସନ୍ତା ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋଣାର୍କରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟକୁ ନେଇ ପ୍ରସ୍ତୁତି ଜୋରଦାର ହୋଇଛି। କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ସହଯୋଗରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଉଛି। ରିଙ୍ଗ୍ ରୋଡ଼ସ୍ଥିତ କୋଣାର୍କ ଏନ୍ଏସିର କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୧୫ ତାରିଖ ଅପରାହ୍ନ ୩ଟାରୁ ଏହି ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ଓ ଜନମଙ୍ଗଳ ଯୁବ ସଂଗଠନର ମିଳିତ ଉଦ୍ୟମରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ଚାରିଟି ପ୍ରମୁଖ ଭଲିବଲ ଦଳ ଅଂଶଗ୍ରହଣ କରିବେ। ବାଲେଶ୍ୱର କ୍ଲବ, ପୁରୀ କ୍ଲବ, ରେନବୋ ଭୁବନେଶ୍ୱର ଓ ଚନ୍ଦ୍ରଭାଗା କ୍ଲବ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍‌ଗୁଡ଼ିକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହେବାକୁ ଥିବା ଦଳକୁ ଟ୍ରଫି ସହ ଆକର୍ଷଣୀୟ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଉପବିଜେତା ଦଳକୁ ମଧ୍ୟ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯିବ। ଏଥିସହ ପ୍ରତିଯୋଗିତାରେ ଉତ୍କୃଷ୍ଟ ଓ ପ୍ରତିଭାବାନ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବ।

# ଜିଲ୍ଲାସ୍ତରୀୟ ସାମ୍ବାଦିକଙ୍କ ବନ୍ଧୁମିଳନ




ନୟାଗଡ,୯।୮(ନି.ପ୍ର): ନୟାଗଡ଼ ଜିଲ୍ଲାର ଆଠ ଗୋଟି ବ୍ଲକରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ନୟାଗଡ଼ ସହର ସ୍ଥିତ ନୀଳମାଧବ ହୋଟେଲ ପରିସରରେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଦେବୀ ପ୍ରସାଦ ମିଶ୍ର ଆୟୋଜନ କରିଥିବାବେଳେ ଯୋଗଦେଇଥିବା ସମସ୍ତ ସାମ୍ବାଦିକମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶାନ୍ତି ଶେଖର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ସାଧାରଣ ଆଲୋଚନା କାର୍ଯ୍ୟକ୍ରମରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସମସ୍ୟା, ବୀମା ଯୋଜନା ଓ ସର୍ବୋପରି ସାମ୍ବାଦିକ ଏକତା ସଂପର୍କରେ ବରିଷ୍ଠ ସାମ୍ବାଦିକମାନେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟରେ ସାମ୍ବାଦିକମାନଙ୍କୁ ନେଇ ବହୁ ସଂଖ୍ୟକ ସଂଘ ଗଢ଼ିଉଠିଥିବା ବେଳେ ସାମ୍ବାଦିକ ମାନଙ୍କର ସମସ୍ୟା ପ୍ରତି ସରକାର ଉଦାସୀନ ରହିବା ଯୋଗୁଁ ଏହି କାର୍ଯ୍ୟକ୍ରମରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ଭାଳୁଥିବା ସମୟରେ ଅନ୍ୟ ରାଜ୍ୟଗୁଡ଼ିକରେ ପେନସନ ଲାଗୁ କରାଯାଇଥିବା ବେଳେ ଓଡ଼ିଶାରେ ଏହା ବିଳମ୍ବ କରାଯାଇଥିବା ଯୋଗୁଁ ସାମ୍ବାଦିକମାନଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ରାଜ୍ୟର ସମସ୍ତ ସଂଘ ପକ୍ଷରୁ ପେନସନ, ସୁରକ୍ଷା ଓ ସ୍ୱୀକୃତି ପ୍ରଦାନ ପାଇଁ ବହୁବାର ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରି ସମୟ ଗଡ଼ାଇ ଚାଲିଥିବା ଯୋଗୁଁ ଏହି କାର୍ଯ୍ୟକ୍ରମରେ ଉଦବେଗ ପ୍ରକାଶ ପାଇଥିଲା। ସମସ୍ତେ ଏକାଠି ହେବାର ସମୟ ଆସିଥିବା ଓ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ପ୍ରସ୍ତାବ ରଖାଯାଇଥିଲା।

**ଅନୁଚିହ୍ନ**

ଜ୍ଞାନ ଭଲ ଦିନର ଆଭୂଷଣ, ବିପତ୍ତିର ସହାୟତା, ଏବଂ ବୁଢ଼ା ଅବସ୍ଥାର ଧନ ଅଟେ ।

## ସମ୍ପାଦକୀୟ

# ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଦେଶ ଗସ୍ତ ଫଳରେ ଗତ ପାଞ୍ଚ ବର୍ଷରେ ଦେଶରେ ବିପୁଳ ନିବେଶ ହୋଇଛି । ଏପ୍ରିଲ ୨୦୨୧ରୁ ଡିସେମ୍ବର ୨୦୨୫ ମଧ୍ୟରେ ହୋଇଛି ୩୮୧.୮ ବିଲିୟନ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ । ମୋଦୀଙ୍କ ଏହି ବିଦେଶ ଯାତ୍ରା ସମୟରେ ଜୁଲାଇ ୨୦୨୧ରୁ ୩୩୬ ରାଜିନାମା ସ୍ୱାକ୍ଷରିତ ହୋଇଛି । ବିଦେଶ ଯାତ୍ରାରେ ହେଉଥିବା ବାର୍ଷିକ ଖର୍ଚ୍ଚ ୨୦୨୧ରୁ ବଢ଼ିଯାଇଛି ପାଞ୍ଚ ଗୁଣ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାକୁ ଦିଆଯାଇଛି ଏହି ସୂଚନା। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ରାଜ୍ୟସଭାକୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବିଦେଶ ଯାତ୍ରାରେ ଚଳିତବର୍ଷ ଏଯାବତ୍ ୭୪.୫୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ୨୦୨୧ରୁ ତାଙ୍କର ବିଦେଶ ଯାତ୍ରାରେ ମୋଟ୍ ଖର୍ଚ୍ଚ ହୋଇଛି ୫୫୦ କୋଟିରୁ ଅଧିକ । ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାକୁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଉପଲବ୍ଧ ତଥ୍ୟ ଅନୁଯାୟୀ ଗତ ମେ ମାସରେ ପ୍ରଧାନମନ୍ତ୍ରୀଙ୍କର ପାଞ୍ଚଟି ରାଷ୍ଟ୍ର ଗସ୍ତ ମଧ୍ୟରୁ ସବୁଠାରୁ ଅଧିକ ଖର୍ଚ୍ଚ ହୋଇଛି ନରୱେ ଗସ୍ତରେ, ୧୭. ୪୬ କୋଟି ଟଙ୍କା । ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତରେ ୨୦୨୫ରେ ୧୮୦ କୋଟି, ୨୦୨୪ରେ ୧୦୯ କୋଟି, ୨୦୨୩ରେ ୯୩ କୋଟି, ୨୦୨୨ରେ ୫୫ କୋଟି, ୨୦୨୧ରେ ୩୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

**ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଦେଶ ଗସ୍ତ ଫଳରେ ଗତ ପାଞ୍ଚ ବର୍ଷରେ ଦେଶକୁ ଆସିଛି ବିପୁଳ ବିଦେଶୀ ନିବେଶ, ୩୮୧ ବିଲିୟନ ଡଲାରରୁ ଅଧିକ ।**



# ମାତ୍ର ୧୧ ମହିଳା ବିଧାୟକ

ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ ହୋଇ ଆଇନରେ ପରିଣତ ହେବା ଉପରେ ସମସ୍ତଙ୍କ ନଜର ରହିଛି । ଏହି ବିଲ୍ ଉପରେ ବିରୋଧୀଙ୍କ ସହମତି ଯେ ମିଳିପାରିବ ଏହା ମଧ୍ୟ ଆଶା କରାଯାଉନାହିଁ। କୁହାଯାଉଛି ଯେ, ଏଥର ସଂସଦର ଏକ ବିଶେଷ ଅଧିବେଶନରେ ଆଗତ ହୋଇପାରେ ଏହି ବିଲ୍ ସହ ଡିଲିମିଟେସନ ବିଲ୍ । ମହିଳା ସଂରକ୍ଷଣ ବିଲ୍ ଆଇନରେ ପରିଣତ ହେଲେ ସଂସଦରେ ଓ ରାଜ୍ୟଗୁଡ଼ିକର ବିଧାନସଭାରେ ମହିଳା ସଦସ୍ୟଙ୍କ ସଂଖ୍ୟା ବଢ଼ିବ । ଓଡ଼ିଶାରେ ମଧ୍ୟ ବିଧାନସଭାରେ ବଢ଼ିବ ମହିଳା ସଦସ୍ୟଙ୍କ ସଂଖ୍ୟା। ୨୦୧୯ ନିର୍ବାଚନରେ ରାଜ୍ୟ ବିଧାନସଭାକୁ ୧୩ ଜଣ ମହିଳା ବିଧାୟକ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ୧୧ ମହିଳା ବିଧାୟକ ନିର୍ବାଚିତ ହୋଇଛନ୍ତି । ବିଜେପିରୁ ପାଞ୍ଚଜଣ ସୁରମା ପାଢ଼ୀ (ରଣପୁର), ପ୍ରଭାତୀ ପରିଡ଼ା (ନିମାପଡ଼ା), ସୀମାରାଣୀ ନାୟକ (ହିନ୍ଦୋଳ), ଉପାସନା ମହାପାତ୍ର (ବ୍ରହ୍ମଗିରି), ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି) ନିର୍ବାଚିତ ହୋଇଥିବାବେଳେ ବିଜେଡ଼ିରୁ ମଧ୍ୟ ପାଞ୍ଚଜଣ ପ୍ରମିଳା ମଲ୍ଲିକ (ବିଞ୍ଝାରପୁର), ବର୍ଷା ସିଂହ ବରିହା (ପଦମପୁର), ସୁବାସିନୀ ଜେନା (ବସ୍ତା), ମନୋରମା ମହାନ୍ତି (ନର୍ଲା), ସୁଜାତା ସାହୁ (ଯାଜପୁର) ନିର୍ବାଚିତ ହୋଇଛନ୍ତି । କଂଗ୍ରେସରୁ ନିର୍ବାଚିତ ହୋଇଛନ୍ତି ଏକମାତ୍ର ମହିଳା ସୋଫିଆ ଫିରଦୌସ (କଟକ)। ୩୯ ବର୍ଷ ପରେ ଗଞ୍ଜାମ ଜିଲ୍ଲାରୁ ଜଣେ ବି ମହିଳା ବିଧାୟକ ନିର୍ବାଚିତ ହୋଇନାହାନ୍ତି । ୧୯୮୫ରୁ ୨୦୧୪ ଯାଏ ନିର୍ବାଚରେ ଗଞ୍ଜାମ ଜିଲ୍ଲାରୁ କେହି ନା କେହି ମହିଳା ବିଧାୟକ ନିର୍ବାଚିତ ହେଉଥିଲେ । ୧୯୮୫ରେ ଜଣେ, ୧୯୯୦ରେ ତିନିଜଣ, ୧୯୯୫ରେ ଦୁଇଜଣ, ୨୦୦୦ରେ ତିନିଜଣ ମହିଳା ବିଧାୟକ ନିର୍ବାଚିତ ହୋଇଥିଲେ ଗଞ୍ଜାମ ଜିଲ୍ଲାରୁ । ଏହାପରେ ଏହି ଜିଲ୍ଲାରୁ ୨୦୦୪ରେ ଦୁଇଜଣ, ୨୦୦୯ରେ ଦୁଇଜଣ ଏବଂ ୨୦୧୪ରେ ତିନିଜଣ ମହିଳା ବିଧାୟକ ନିର୍ବାଚିତ ହୋଇଥିଲେ । ୨୦୨୪ ବିଧାନସଭା ନିର୍ବାଚନରେ ଗଞ୍ଜାମ ଜିଲ୍ଲାରେ ଲଢ଼ିଥିଲେ ୧୬ ମିହିଳା ପ୍ରାର୍ଥୀ। ଗଞ୍ଜାମ ଜିଲ୍ଲାରେ ରହିଛି ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀ। ଅନ୍ୟ କୌଣସି ଜିଲ୍ଲାରେ ଏତେ ସଂଖ୍ୟାରେ ବିଧାନସଭା ନିର୍ବାଚନମଣ୍ଡଳୀ ନାହିଁ ।



# କଷ୍ଟଦାୟକ ଘଟଣାରୁ ଶିଖିବା

**ଅମୃତ ଫଳ**

ଗୋଟିଏ ଚାଷୀ ଥିଲା। ଚାଷୀଟି ଗୋଟିଏ ଗଧ ରଖିଥିଲା। ପ୍ରତିଦିନ ଗଧ ପିଠିରେ ସେ ପାଣି, ଶସ୍ୟ, ଜାଳେଣି କାଠ, ଜମିରେ କାମ କରିବା ପାଇଁ କୋଡ଼ି ଓ କୋଦାଳ ଆଦି ବୁହେ। ଗାଁର ପ୍ରତିଟି ଗଳିକନ୍ଦି ଗଧଟି ଜାଣିଥିଲା। ଚାଷୀଟି ଗଧଟିକୁ ତା' କାମରେ ତତ୍ପରତା ପାଇଁ ଖୁବ୍ ଭଲ ପାଉଥିଲା। ସମୟକ୍ରମେ ଗଧଟିର ବୟସ ହେଲା। ଚାଷୀଟି ଜାଣିଥିଲା ଗଧଟି ଆଉ ଆଗଭଳି କାମକୁ ପାରିବ ନାହିଁ। ତଥାପି ଅସମୟରେ ତା'ର ଖୁବ୍ କାମରେ ଆସିଥିବାରୁ ତା' ପ୍ରତି ସେ କୃତଜ୍ଞ ଥିଲା। ଦିନେ ଚାଷୀର ଜମିରେ ଥିବା ପତିତ ଓ ଭଙ୍ଗା କୂଅରେ ଗଧଟି ପଡ଼ିଗଲା। ସନ୍ଧ୍ୟା ସମୟ ଥିଲା। ଚାଷୀଟି ବହୁ ଚେଷ୍ଟା କରି ମଧ୍ୟ ଗଧଟି ଉପରକୁ ଆସିପାରିଲା ନାହିଁ । ଲୋକଟି ପଡ଼ୋଶୀ ଲୋକଙ୍କୁ ଡାକିଲା। ପଡ଼ୋଶୀମାନେ ମଧ୍ୟ ବହୁ ସମୟ ଚେଷ୍ଟା କରି ହାରମାନିଲେ। କିନ୍ତୁ ଗଧଟି କେବଳ ବିକଳ ହୋଇ ରଡ଼ି କରୁଥିଲା। ଏଥର ଚାଷୀଟି ନିଜର ଇଚ୍ଛା ଜଣାଇଲା। ଗଧଟି ତ ବୁଢ଼ା ହୋଇଯାଇଛି। ଆମେ ଏତେ ଚେଷ୍ଟା କରି ମଧ୍ୟ ତାକୁ ଉଦ୍ଧାର କରିପାରୁନାହାଁନ୍ତି। ତେଣୁ ଚାଲ ମାଟି ପକାଇ କୂଅଟିକୁ ଭରିଦେବା ଯାହା ଫଳରେ ଗଧଟି ତା' ଭିତରେ ପୋତି ହୋଇ ମରିଯିବ। ଯଦିଓ ଏଥିରେ ସମସ୍ତେ ଏକମତ ନଥିଲେ କିନ୍ତୁ ଅନ୍ୟ ଉପାୟ କିଛି ନଥିଲା। ସମସ୍ତେ ଏଥର ମାଟି ଖୋଳି ଝୁଡ଼ିରେ କୂଅ ଭିତରେ ପକାଇବା ଆରମ୍ଭ କଲେ। କିଛି ସମୟ ପର୍ଯ୍ୟନ୍ତ ଗଧର ରଡ଼ି ଶୁଣାଗଲା ନାହିଁ। ପରେ ଦେଖାଗଲା ଗଧଟି କୂଅର ଉପର ମୁହଁରେ ଆସି ଛିଡ଼ା ହୋଇଛି। ବହୁ ଆଶ୍ଚର୍ଯ୍ୟର ସହ ଗଧଟିକୁ ସମସ୍ତେ ରକ୍ଷା କଲେ। କୂଅରେ ମାଟି ପକାଇବା ସମୟରେ ଗଧଟି ପ୍ରତିଥର ମାଟି ଉପରେ ଆସି ଠିଆ ହେଉଥିଲା। ଏହିପରି ସାହାସ, ବଞ୍ଚିବାର ଆଶା, ଶେଷ ପର୍ଯ୍ୟନ୍ତ ନହାରିବାର ପଣ ନେଇ ଗଧଟି ଯେଉଁ ସାହାସ ଦେଖାଇଲା ଏବଂ କୂଅ ବାହାରକୁ ଆସିଲା ତାହା ହିଁ ପ୍ରତିକୂଳ ପରିସ୍ଥିତିରେ ଶିଖିବାର ବିଷୟ।

# ସଡ଼କ ସୁରକ୍ଷା ଓ ଆଇନଗତ ଶୃଙ୍ଖଳା : ବୀମା ବିନା ଇନ୍ଧନ ନାହିଁ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମକୋର୍ଟଙ୍କ ଦ୍ୱାରା ଯାନବାହନ ବୀମା ଏବଂ ଇନ୍ଧନ (ପେଟ୍ରୋଲ ଓ ଡିଜେଲ) ଦିଆଯାଇଥିବା ଯୁଗାନ୍ତକାରୀ ରାୟ ଓଡ଼ିଶା ଭଳି ଦ୍ରୁତ ବିକାଶଶୀଳ ରାଜ୍ୟରେ ସଡ଼କ ସୁରକ୍ଷା, ଟ୍ରାଫିକ୍ ଶୃଙ୍ଖଳା ଏବଂ ଆଇନ ପ୍ରୟୋଗ କ୍ଷେତ୍ରରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିବାକୁ ଯାଉଛି। ଯାହା ଦେଶର ପରିବହନ ଇତିହାସରେ ଏକ ମାଇଲଖୁଣ୍ଟ ସଦୃଶ। ସଂପ୍ରତି କୋଟି କୋଟି ଯାନବାହନ ଚାଲୁଥିବା ବେଳେ ସେଥିମଧ୍ୟରୁ ଏକ ବଡ଼ ଅଂଶ ଗାଡ଼ି ବିନା ବୀମାରେ ବେଆଇନ ଭାବରେ ଯାତାୟାତ କରୁଛନ୍ତି। ଫଳରେ କୌଣସି ଦୁର୍ଘଟଣା ଘଟିଲେ ପୀଡ଼ିତ ବ୍ୟକ୍ତି କିମ୍ବା ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବାରେ ଅନେକ ଜଟିଳତା, ବିଳମ୍ବ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଗମ୍ଭୀର ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସୁପ୍ରିମକୋର୍ଟ ଏକ ପାଇଲଟ୍ ପ୍ରୋଜେକ୍ଟ ମାଧ୍ୟମରେ ପେଟ୍ରୋଲ ପମ୍ପଗୁଡ଼ିକରେ ବୈଧ ତୃତୀୟ ପକ୍ଷ ବୀମା ନ ଥିବା ଗାଡ଼ିଗୁଡ଼ିକୁ ଇନ୍ଧନ କ୍ରୟ କରିବାରୁ ବଞ୍ଚିତ କରିବା ପାଇଁ କଡ଼ା ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଭୁବନେଶ୍ୱରଠାରୁ ଆରମ୍ଭ କରି କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଏବଂ ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଲେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାରକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ। ଏହି ବ୍ୟବସ୍ଥାର ବିଭିନ୍ନ ସକାରାତ୍ମକ ଦିଗକୁ ଗଭୀର ଭାବେ ବିଚାର କଲେ, ଏହାଦ୍ୱାରା ରାସ୍ତାରେ ଚାଲୁଥିବା ପ୍ରତ୍ୟେକ ଛୋଟବଡ଼ ଗାଡ଼ି ବୀମା ଅଧୀନକୁ ଆସିବେ, ଯାହା ଭବିଷ୍ୟତରେ କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଦୁର୍ଘଟଣା ସମୟରେ ପୀଡ଼ିତମାନଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବାରେ ସାହାଯ୍ୟ କରିବ।

ଓଡ଼ିଶାର ରାଜପଥରେ ପ୍ରତିଦିନ ଅସାବଧାନତା ଏବଂ ଆଇନ ଅମାନ୍ୟ ଯୋଗୁଁ ଅନେକ ନିରୀହ ଜୀବନ ଚାଲିଯାଉଛି। ଅନେକ୍ ଗାଡ଼ିର ବୀମା ନ ଥିବାରୁ ପୀଡ଼ିତ ଗରିବ ପରିବାରଗୁଡ଼ିକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। କିନ୍ତୁ ପେଟ୍ରୋଲ ପମ୍ପରେ ଇନ୍ଧନ ନେବା ସମୟରେ ବୀମା କାଗଜପତ୍ରର ଡିଜିଟାଲ୍ ଯାଞ୍ଚ ହେଲେ କୌଣସି ବି ବେଆଇନ ଗାଡ଼ି ରାସ୍ତାରେ ଗଡ଼ିବାକୁ ସାହସ କରିବ ନାହିଁ। ଅନ୍ୟପକ୍ଷରେ ଏହି ବ୍ୟବସ୍ଥାର କିଛି ନକାରାତ୍ମକ ଦିଗ ମଧ୍ୟ ରହିଛି, ଯେପରିକି ଓଡ଼ିଶାର ପଛୁଆ ଏବଂ ଆଦିବାସୀ ବହୁଳ ଜିଲ୍ଲା ଯଥା- ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ମୟୂରଭଞ୍ଜ ଏବଂ କଳାହାଣ୍ଡିର ଗ୍ରାମାଞ୍ଚଳରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଇଣ୍ଟରନେଟ୍ ସଂଯୋଗର ଅଭାବ, ସ୍ୱୟଂକ୍ରିୟ ଡିଜିଟାଲ୍ ଯାଞ୍ଚ ବ୍ୟବସ୍ଥା କିମ୍ବା ଏଏନ୍‌ପିଆର କ୍ୟାମେରା ବ୍ୟବସ୍ଥା ନ ଥିବାରୁ ଏହାକୁ ତୁରନ୍ତ ସମସ୍ତ ସ୍ଥାନରେ କାର୍ଯ୍ୟକାରୀ କରିବା ଏକ ବଡ଼ ପ୍ରଶାସନିକ ଓ ବୈଷୟିକ ଆହ୍ୱାନ ହୋଇପାରେ।

ଏହାବ୍ୟତୀତ ଜରୁରୀକାଳୀନ ପରିସ୍ଥିତିରେ ଜଣେ କୃଷକ କିମ୍ବା ସାଧାରଣ ନାଗରିକଙ୍କ ଗାଡ଼ିର ବୀମା ଅନ୍‌ଲାଇନ୍ ସିଷ୍ଟମରେ ଅପଡେଟ୍ ହେବାରେ ସାମାନ୍ୟ ଯାନ୍ତ୍ରିକ ବିଳମ୍ବ ହୁଏ, ତେବେ ସେମାନେ ଇନ୍ଧନ ପାଇବାରୁ ବଞ୍ଚିତ ହୋଇ ଅସମ୍ଭବ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାହା ପ୍ରଶାସନ ଦ୍ୱାରା ବିଚାରକୁ ନିଆଯିବା ଉଚିତ୍। ତଥାପି ସମସ୍ତ ବ୍ୟବସ୍ଥା, ଆଇନଗତ ଜଟିଳତା ଏବଂ ନୀତିଗତ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ହେଉଛନ୍ତି ଗଣତନ୍ତ୍ରର ସର୍ବୋଚ୍ଚ ତଥା ଚରମ ନ୍ୟାୟିକ ପ୍ରାଧିକରଣ। ଯାହାଙ୍କ ରାୟ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୧ ଅନୁଯାୟୀ ସମଗ୍ର ଦେଶରେ ପ୍ରଶାସନ ପାଇଁ ସମ୍ପୂର୍ଣ୍ଣ ଭାବରେ ବାଧ୍ୟତାମୂଳକ । ସମ୍ବିଧାନର ମୁଖ୍ୟ ରକ୍ଷକ ଏବଂ ଦେଶର ନାଗରିକମାନଙ୍କ ମୌଳିକ ଅଧିକାର ତଥା ନିରାପତ୍ତାର ପ୍ରହରୀ ଭାବରେ ସୁପ୍ରିମକୋର୍ଟ ସର୍ବଦା ଜନହିତକର, ଦୂରଦୃଷ୍ଟିସମ୍ପନ୍ନ ଏବଂ ସମାଜ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଆସିଛନ୍ତି। ଓଡ଼ିଶାର ରାଜରାସ୍ତାରେ ପ୍ରତିଦିନ ଘଟୁଥିବା ଦୁର୍ଘଟଣା ଓ ଆଇନ ଅମାନ୍ୟକୁ ରୋକିବା ତଥା ସମ୍ବିଧାନର ମୌଳିକ ଆତ୍ମାକୁ ବଜାୟ ରଖିବା ଦିଗରେ ସୁପ୍ରିମକୋର୍ଟଙ୍କ ଏହି କଠୋର ପଦକ୍ଷେପ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ । ଯାହା ଆଗାମୀ ଦିନରେ ଓଡ଼ିଶାର ସଡ଼କ ପରିବହନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ, ସୁରକ୍ଷିତ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରି ଗଢ଼ିତୋଳିବାରେ ସମ୍ପୂର୍ଣ୍ଣ ସହାୟକ ହେବ।

ଯାନବାହନ ବୀମା ଏବଂ ଇନ୍ଧନ ପ୍ରଦାନକୁ ପରସ୍ପର ସହିତ ସଂଯୁକ୍ତ କରିବା ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ କାହିଁକି ଅତ୍ୟନ୍ତ ଜରୁରୀ ଏବଂ ସମୟୋପଯୋଗୀ ତାହାକୁ ନିମ୍ନଲିଖିତ କାରଣଗୁଡ଼ିକ ମାଧ୍ୟମରେ ସ୍ପଷ୍ଟ ଭାବରେ ବୁଝାଯାଇପାରିବ। ସରକାରୀ ତଥା ସଂସଦୀୟ ସ୍ଥାୟୀ କମିଟିର ରିପୋର୍ଟ ଅନୁଯାୟୀ, ଦେଶର ରାଜରାସ୍ତାରେ ଚାଲୁଥିବା ମୋଟ ଯାନବାହନର ପ୍ରାୟ ୫୬ ପ୍ରତିଶତ ଗାଡ଼ି କୌଣସି ବି ବୀମା ବିନା ବେଆଇନ ଭାବରେ ଗଡୁଛନ୍ତି। ଯାହା ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଏକ ବଡ଼ ବିପଦ। ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ତୃତୀୟ ପକ୍ଷ ବୀମା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ବହୁ ଲୋକ ଏହାକୁ ଏଡ଼ାଇ ଯାଆନ୍ତି ଏବଂ ଯେତେବେଳେ ଏଭଳି ବୀମାବିହୀନ ଗାଡ଼ିଦ୍ୱାରା ଦୁର୍ଘଟଣା ଘଟେ, ସେତେବେଳେ ପୀଡ଼ିତ ବ୍ୟକ୍ତି କିମ୍ବା ମୃତକଙ୍କ ପରିବାରକୁ କୌଣସି କ୍ଷତିପୂରଣ ମିଳେ ନାହିଁ। ସେମାନଙ୍କୁ ବର୍ଷ ବର୍ଷ ଧରି କୋର୍ଟ କଚେରିର ଦ୍ୱାରସ୍ଥ ହେବାକୁ ପଡ଼େ। କେବଳ ଟ୍ରାଫିକ୍ ପୋଲିସର ଚେକିଂ କିମ୍ବା ଜରିମାନା ଆଦେଶ ଦ୍ୱାରା ଲୋକଙ୍କ ମଧ୍ୟରେ ଆଇନର ଭୟ ସୃଷ୍ଟି ହୋଇପାରୁ ନାହିଁ। ତେଣୁ ଦୈନନ୍ଦିନ ଜୀବନର ସବୁଠାରୁ ଜରୁରୀ ଆବଶ୍ୟକତା ଅର୍ଥାତ୍ ପେଟ୍ରୋଲ ପମ୍ପରେ ଇନ୍ଧନ କ୍ରୟ ସମୟରେ ବୀମା ଯାଞ୍ଚ ହେଲେ ଏହା ଏକ ଦୃଢ଼ ଓ ସ୍ଥାୟୀ ମାଧ୍ୟମ ପାଲଟିବ।

ସମ୍ବିଧାନର ମୌଳିକ ଆତ୍ମା ଏବଂ ନାଗରିକଙ୍କ ଜୀବନର ନିରାପତ୍ତାକୁ ସୁରକ୍ଷା ଦେବା ପାଇଁ ସୁପ୍ରିମକୋର୍ଟ ଏହି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି, ଫଳରେ କେହିବି ବ୍ୟକ୍ତି ଆଇନକୁ ଅମାନ୍ୟ କରି ରାସ୍ତାରେ ନିରୀହ ଜୀବନ ସହିତ ଖେଳିବାକୁ ସାହସ କରିବେ ନାହିଁ। ଯଦ୍ୱାରା ରାସ୍ତାଘାଟ ଅଧିକ ଶୃଙ୍ଖଳିତ ଓ ସୁରକ୍ଷିତ ହୋଇପାରିବ।

ପୂର୍ବରୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହୋଇଥିବା ହେଲମେଟ୍ ନାହିଁ, ପେଟ୍ରୋଲ ନାହିଁ ନିୟମଟି କେବଳ କାଗଜପତ୍ର କିମ୍ବା ନାମକୁମାତ୍ର ଘୋଷଣାରେ ସୀମିତ ରହିଯାଇଥିଲା। କଡ଼ାକଡ଼ି କାର୍ଯ୍ୟକାରୀତା ନ ହେବାରୁ ଏହା ଏକପ୍ରକାର ପ୍ରହସନରେ ପରିଣତ ହୋଇଥିଲା, କିନ୍ତୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ ବୀମା ନାହିଁ, ଇନ୍ଧନ ନାହିଁ ବ୍ୟବସ୍ଥାକୁ ସେହିପରି ଅବହେଳା କରିବା ସମ୍ଭବ ହେବ ନାହିଁ। ବରଂ ଏହାର କଡ଼ା କାର୍ଯ୍ୟକାରୀତା ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ କଠୋର ହେବାକୁ ପଡ଼ିବ। ପେଟ୍ରୋଲ ପମ୍ପଗୁଡ଼ିକରେ କେବଳ ମୌଖିକ ନିର୍ଦ୍ଦେଶ କିମ୍ବା ମନଇଚ୍ଛା ଚେକିଂ ବଦଳରେ ସ୍ୱୟଂକ୍ରିୟ ଡିଜିଟାଲ୍ ନମ୍ବର ପ୍ଲେଟ୍ ରିଡର୍ କ୍ୟାମେରା ଏବଂ କେନ୍ଦ୍ରୀୟ ବୀମା ତଥ୍ୟ ଆଧାର ସହିତ ସଂଯୁକ୍ତ ସଫ୍ଟୱେର ବ୍ୟବସ୍ଥା ଲାଗୁ କରାଗଲେ ଯାଇ ଏହା ପ୍ରକୃତ ମାଟିରେ କାମ କରିବ। ଯଦି ରାଜ୍ୟ ସରକାର ଏବଂ ପରିବହନ ବିଭାଗ ଏହି ନିୟମକୁ କେବଳ ବିଜ୍ଞପ୍ତିରେ ସୀମିତ ନ ରଖି, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ପେଟ୍ରୋଲ ପମ୍ପରେ ଡିଜିଟାଲ୍ ଯାଞ୍ଚକୁ ବାଧ୍ୟତାମୂଳକ କରନ୍ତି ଏବଂ ନିୟମ ଲଙ୍ଘନ କରୁଥିବା ପମ୍ପ କିମ୍ବା ଗାଡ଼ି ମାଲିକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ଏହା ସଫଳ ଅଭିଯାନ ହୋଇପାରିବ। ସୁପ୍ରିମକୋର୍ଟଙ୍କ ଏହି ଆଦେଶକୁ କାର୍ଯ୍ୟକାରୀ କରିବା କୌଣସି ଇଚ୍ଛାଧୀନ ବିଷୟ ନୁହେଁ। ଜୀବନ ରକ୍ଷା ଓ ଆଇନର ଶାସନକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା। ଯାହାକୁ କୌଣସି ପରିସ୍ଥିତିରେ ମଧ୍ୟ ଶିଥିଳ କରାଯିବା ଉଚିତ୍ ନୁହେଁ ।

ମୋ: ୯୪୩୭୯୯୪୩୭୯

# ଓଡ଼ିଶା ସ୍କିଲ୍ସ : ଉତ୍କର୍ଷର ଏକ ଅନନ୍ୟ ଯାତ୍ରା

**ଡି ସି ସ୍ୱାଇଁ**

ପ୍ରାୟତଃ ଦକ୍ଷତାର ଅଲିମ୍ପିକ୍ସ ଭାବେ ପରିଚିତ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତା ଦକ୍ଷତା କ୍ଷେତ୍ରରେ ସର୍ବୋଚ୍ଚ ସ୍ତରର ଉତ୍କର୍ଷତାକୁ ପ୍ରତିପାଦିତ କରେ। ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯୁବପିଢ଼ି, ଶିଳ୍ପସଂସ୍ଥା ଏବଂ ଶିକ୍ଷାବିତମାନଙ୍କୁ ଏକତ୍ରିତ କରିଥାଏ, ଯାହା ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ପସନ୍ଦର ଦକ୍ଷତାରେ ପ୍ରତିଦ୍ୱନ୍ଦ୍ୱିତା କରିବା, ଶିଖିବା ଏବଂ ଶ୍ରେଷ୍ଠତା ପ୍ରତିପାଦନ କରିବାର ସୁଯୋଗ ଦେଇଥାଏ। ଏହି ପ୍ରତିଯୋଗିତା ଏକ ବହୁସ୍ତରୀୟ ପଦ୍ଧତି ଅନୁସରଣ କରେ ଏବଂ ଜିଲ୍ଲା ସ୍ତରରୁ ଆରମ୍ଭ ହୋଇ ରାଜ୍ୟ ଓ ଜାତୀୟ ସ୍ତର ପର୍ଯ୍ୟନ୍ତ ଆଗକୁ ବଢ଼ିଥାଏ। ଶୀର୍ଷ ପ୍ରଦର୍ଶନକାରୀମାନେ ଅନ୍ତର୍ଜାତୀୟ ମଞ୍ଚରେ ଦେଶର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଆନ୍ତି।

ଓଡ଼ିଶା ଦକ୍ଷତା (ସ୍କିଲ) ପ୍ରତିଯୋଗିତା ହେଉଛି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ଆଭିମୁଖ୍ୟ। ଏହା ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ପାଇଁ ୨୦୧୮ ମସିହାରେ ଆରମ୍ଭ କରାଯାଇଥିଲା। ସେ ସମୟରୁ ଏହା ଏକ ଦ୍ୱିବାର୍ଷିକ କାର୍ଯ୍ୟକ୍ରମରେ ପରିଣତ ହୋଇଛି।ଦକ୍ଷତା ପ୍ରତିଯୋଗିତାରେ ଭାରତର ଅଗ୍ରଣୀ ରାଜ୍ୟଗୁଡ଼ିକ ମଧ୍ୟରୁ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବରେ ଉଭା ହୋଇଛି ଏବଂ 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' (୨୦୨୫-୨୬) ସମୟରେ ପଦକ ତାଲିକାରେ କ୍ରମାଗତ ଭାବେ ଶୀର୍ଷ ସ୍ଥାନ ବଜାୟ ରଖିଛି। ସୁବ୍ୟବସ୍ଥିତ ଢାଞ୍ଚାରେ ପ୍ରତିଭା ଚିହ୍ନଟ, ସୁସଂଗଠିତ ପ୍ରଶିକ୍ଷଣ ଏବଂ ଦୃଢ଼ ଆନୁଷ୍ଠାନିକ ସହଯୋଗ ମାଧ୍ୟମରେ ରାଜ୍ୟ କ୍ରମାଗତ ଭାବେ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିବା ସହିତ ୱାର୍ଲ୍ଡ ସ୍କିଲ୍ସରେ ଭାରତର ପ୍ରତିନିଧିତ୍ୱ କରିଥିବା ପଦକ ବିଜେତାମାନଙ୍କୁ ସୃଷ୍ଟି କରିଛି। ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତା ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ରାଜ୍ୟର ସର୍ବୋତ୍ତମ ପ୍ରତିଭାମାନଙ୍କୁ ଚିହ୍ନଟ ଓ ପ୍ରସ୍ତୁତ କରିବା ପାଇଁ ଏକ ସୁସଂଗଠିତ, ଯୋଗ୍ୟତାଭିତ୍ତିକ ପଦ୍ଧତି ଅନୁସରଣ କରେ। ଏହି ଯାତ୍ରା ପଞ୍ଜୀକରଣ ଏବଂ ଜିଲ୍ଲାସ୍ତରୀୟ ସ୍କ୍ରିନିଂରୁ ଆରମ୍ଭ ହୁଏ, ଯେଉଁଠାରେ ଆଶାୟୀ ପ୍ରତିଯୋଗୀମାନଙ୍କୁ ତାତ୍ତ୍ୱିକ ଓ ବ୍ୟବହାରିକ ମୂଲ୍ୟାଙ୍କନ ମାଧ୍ୟମରେ ଯାଞ୍ଚ କରାଯାଏ। ମନୋନୀତ ପ୍ରାର୍ଥୀମାନେ ଜୋନ୍‌ସ୍ତରୀୟ ପ୍ରତିଯୋଗିତାକୁ ଯାଆନ୍ତି, ଏହା ପରେ ଓଡ଼ିଶା ରାଜ୍ୟ ସ୍କିଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୁଏ। ଯେଉଁଠାରେ ରାଜ୍ୟର ପ୍ରତିନିଧିତ୍ୱ କରିବା ପାଇଁ ସର୍ବୋତ୍ତମ ପ୍ରଦର୍ଶନକାରୀମାନଙ୍କୁ ଚୟନ କରାଯାଏ। ଦକ୍ଷତା ବର୍ଗ ଅନୁଯାୟୀ ରାଜ୍ୟ ବିଜେତାମାନେ 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତାକୁ ଯିବା ପୂର୍ବରୁ ଆଞ୍ଚଳିକ ସ୍କିଲ୍ସ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ଜାତୀୟ ପଦକ ବିଜେତାମାନେ ଦ୍ୱାରା ସଠିକ ମାର୍ଗଦର୍ଶନ, ଉନ୍ନତ ପ୍ରଶିକ୍ଷଣ ଏବଂ ଚୟନ ଶିବିର ଦେଇ ଗତି କରନ୍ତି, ଯେଉଁଥିରୁ ପ୍ରତିଷ୍ଠିତ ୱାର୍ଲ୍ଡସ୍କିଲ୍ସ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରିବା ପାଇଁ ଟିମ୍ ଇଣ୍ଡିଆର ଶ୍ରେଷ୍ଠ ସଦସ୍ୟମାନଙ୍କୁ ଚୟନ କରାଯାଏ। ଏହି ପ୍ରଗତିଶୀଳ ଚୟନ ପ୍ରକ୍ରିୟା ସୁନିଶ୍ଚିତ କରେ ଯେ ବିଶ୍ୱ ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ପ୍ରତିଯୋଗୀମାନଙ୍କୁ କ୍ରମାଗତ ଭାବେ ମୂଲ୍ୟାଙ୍କନ, ପ୍ରଶିକ୍ଷଣ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ମନୋନିତ ହୋଇଥାନ୍ତି।

ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କେବଳ ଏକ ପଦକଠାରୁ ଅଧିକ କିଛି ପ୍ରଦାନ କରିଥାଏ। ପ୍ରତିଯୋଗୀମାନେ ପାଆନ୍ତି: ଓଡ଼ିଶା ଓ ଭାରତର ପ୍ରତିନିଧିତ୍ୱ କରିବାର ସୁଯୋଗ, ଅନ୍ତର୍ଜାତୀୟ ପ୍ରତିଯୋଗିତା ମାନଦଣ୍ଡର ଅଭିଜ୍ଞତା, ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ମାର୍ଗଦର୍ଶନ, ଉନ୍ନତ ବ୍ୟବହାରିକ ପ୍ରଶିକ୍ଷଣ, ଅଗ୍ରଣୀ ଶିଳ୍ପସଂସ୍ଥାଗୁଡ଼ିକ ସହିତ ନେଟୱର୍କିଂ, ବର୍ଦ୍ଧିତ ନିଯୁକ୍ତି ଯୋଗ୍ୟତା ଏବଂ କ୍ୟାରିୟର ସୁଯୋଗ, ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ସରକାର ଏବଂ ଏନ୍‌ଏସ୍‌ଡିସି ପକ୍ଷରୁ ନଗଦ ପୁରସ୍କାର ଓ ସ୍ୱୀକୃତି ମିଳିଥାଏ।

ଇଣ୍ଡିଆ ସ୍କିଲ୍ସରେ ଓଡ଼ିଶାରୁ ୩,୯୦୦ ପଞ୍ଜୀକରଣ ହୋଇଥିଲା, ଯେଉଁଥିରେ ଓଡ଼ିଶା ସ୍କିଲ୍ସର ୬୪ ଜଣ ବିଜେତା ୪୮ଟି ଦକ୍ଷତାରେ ଭାଗ ନେଇଥିଲେ। ଓଡ଼ିଶା ୫୨ଟି ପଦକ ଜିତି ଇଣ୍ଡିଆ ସ୍କିଲ୍ସର ପଦକ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ଜାତୀୟ ପ୍ରତିନିଧି ଦଳରେ ୨୫% ଯୋଗଦାନ ଦେଇ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୱେଲ୍ଡିଂ, ପ୍ଲମ୍ବିଂ, ହିଟିଂ ଏବଂ ରୋବୋ ସିଷ୍ଟମ୍ ଇଣ୍ଟିଗ୍ରେସନରେ ଉଲ୍ଲେଖନୀୟ ଭାବେ ମହିଳାଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ୱାର୍ଲ୍ଡସ୍କିଲ୍ସ ଲିଅନରେ ଓଡ଼ିଶା 'ହେଲ୍‌ଥ ଆଣ୍ଡ ସୋସିଆଲ କେୟାର' ଏବଂ 'ଅକ୍ଷୟ ଶକ୍ତି' ବର୍ଗରେ ପଦାର୍ପଣ କରିଥିଲା। ଓଡ଼ିଶା ପାଇଁ ଅମରେଶ କୁମାର ସାହୁ 'ଅକ୍ଷୟ ଶକ୍ତି'ରେ ବ୍ରୋଞ୍ଜ ପଦକ ଏବଂ ଗେଡେଲା ଅଖିଲ 'ୱାଟର ଟେକ୍ନୋଲୋଜି'ରେ 'ମେଡାଲିଅନ ଫର ଏକ୍ସଲେନ୍ସ' ହାସଲ କରିଥିଲେ।

ଓଡ଼ିଶା ସ୍କିଲ୍ସ ୨୦୨୬-୨୭ ଏବଂ ପରବର୍ତ୍ତୀ ସମୟରେ ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇସାରିଛି। ୬୩ଟି ଦକ୍ଷତା ବର୍ଗ ପାଇଁ ପଞ୍ଜୀକରଣ ଖୋଲା ଅଛି, ଯେଉଁଠାରେ ଆଗ୍ରହୀ ପ୍ରାର୍ଥୀମାନେ ଏସ୍‌ଆଇଡିଏଚ୍ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଏହି ପୋର୍ଟାଲ ଏନ୍‌ଏସ୍‌ଡିସି ଦ୍ୱାରା ପରିଚାଳିତ ଏବଂ ଇଣ୍ଡିଆ ସ୍କିଲ୍ସ ପାଇଁ କେନ୍ଦ୍ର ସ୍ତରରେ ପଞ୍ଜୀକରଣ କରାଯାଏ। ଏହି ପରିପ୍ରେକ୍ଷୀରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ ସ୍କିଲ୍ଡ-ଇନ୍-ଓଡ଼ିଶାର କୃତୀ ପ୍ରତିଯୋଗୀମାନଙ୍କର ବିକାଶ ନିମିତ୍ତ ଓଡ଼ିଶା ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ।

# କଲ୍ୟାଣ ଗଙ୍ଗାର ସନ୍ଥ ତନୁ ବାବା

**ଅକ୍ଷୟ କୁମାର ରାଉତ**

ସମୟର ବୈଚିତ୍ର୍ୟରେ ମୁହୁର୍ମୁହୁଃ ପରିବର୍ତ୍ତନ। ବିଶ୍ୱ ନିୟନ୍ତାଙ୍କର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ଉଡା, ବୁଡା, ଚଳ, ନିଶ୍ଚଳ, ସମସ୍ତେ କାଳର କରାଳ ଗତିରେ ଧାବମାନ। ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହମଣ୍ଡଳ, ନଦନଦୀ, ସାଗର ଓ ପାହାଡ ପର୍ବତ । ଏସବୁ ମଧ୍ୟରେ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଅବଦାନ ମନୁଷ୍ୟ। ଅନିତ୍ୟ, ଅସାର ସଂସାର ସାଗରକୁ ପାରିକରିବା ପାଇଁ ସଦ୍‌ଗୁରୁ ହିଁ ବାଟ ଦେଖାଇଥାନ୍ତି । ସେହି ସଦ୍‌ଗୁରୁଙ୍କ କୃପାରୁ ସମସ୍ତେ ଦୁଇ ପାଦ ଆଗେଇ ଥାଉ। ତାଙ୍କ ଦୟାରୁ ବ୍ରହ୍ମ ଓ ଈଶ୍ୱରଙ୍କ ସତାର ଅନୁଭବ ହୋଇଥାଏ । ସଦ୍‌ଗୁରୁଙ୍କ ଦୟାରୁ ସସାଗର ଧରା ଶୃଙ୍ଖଳିତ । ସେ ଦୂର ଦିଗ୍‌ବଳୟ ଆରପାରିର ଚନ୍ଦ୍ରମା। ତାଙ୍କ ଜ୍ୟୋତ୍ସ୍ନାରେ ଆଲୋକିତ, ଉଲ୍ଲସିତ ଧରା।

ସାଧୁସନ୍ଥ ମହାନ ସିଦ୍ଧ ସାଧକ ତନୁ ବାବା କୁଜଙ୍ଗର ତାଳଦଣ୍ଡା କାଳିଆପାଟ ଗ୍ରାମର ପିତା ନିଳମଣି ବେହେରା, ମାତା ଭାରତୀ ବେହେରାଙ୍କ କୋଳ ମଣ୍ଡନ କରି ଦୀପାବଳି ଅମାବାସ୍ୟା (୧୯୮୧) ସୋମବାର ଦିନ ଜନ୍ମ ନିଅନ୍ତି । ସେ ଥିଲେ ବଡ଼ ପୁଅ, ତାଙ୍କ ତଳେ ଦୁଇ ଭାଇ ଓ ଗୋଟିଏ ଭଉଣୀ। ଜନ୍ମର ଅଳ୍ପଦିନ ପରେ ମା'ଙ୍କୁ ହରାଇ ବହୁ କଷ୍ଟରେ ବଢ଼ିଥିଲେ। ତାଙ୍କର ସାଧନା ଆହାର, ବିହାର ବ୍ୟକ୍ତିଗତ ଉନ୍ନତି ପାଇଁ ନ ଥିଲା । ସେ ପିଲା ବେଳୁ ନାମ ସଂକୀର୍ତ୍ତନ କରୁଥିଲେ। ତାଙ୍କର ପରୋପକାର ଏକ ମାନବୀୟ ମହତ୍ୱ ଗୁଣ ।

ତାଙ୍କ ପାଖରେ ଧନୀ ନିର୍ଦ୍ଧନ, ଉଚ୍ଚ ନୀଚର ବୈଷମ୍ୟ ନ ଥିଲା । ସେ ସାଧନା ବଳରେ ବୃକ୍ଷ ହୋଇ ଫଳ ଦେବା, ମେଘ ହୋଇ ଶସ୍ୟ ଦେବା ଜାଣିଥିଲେ। ଛୋଟ ବେଳରୁ ନାମ ବ୍ରହ୍ମକୁ ଜପ କରି ବାଲି ରଥରୁ ନଡିଆ ଗୋଟମା ରଥ । ତା'ପରେ ବଡ ବଡ଼ ତିନୋଟି ରଥରେ ପ୍ରଭୁ ଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଖି ରଥଯାତ୍ରା ହରିହର କ୍ଷେତ୍ରରେ ଆରମ୍ଭ କରିଥିଲେ । ସାଧନା ପୀଠ ହରିହର କ୍ଷେତ୍ରରେ ଅନ୍ନ ପ୍ରସାଦ ବହୁ ଲୋକଙ୍କୁ ଖୁଆଉଥିଲେ । ମା' ଅନ୍ନପୂର୍ଣ୍ଣାଙ୍କ ଦୟାରୁ କେବେ ଅନ୍ନପ୍ରସାଦ ଅଭାବ ରହୁ ନ ଥିଲା ।

ପିଲା ଦିନେ ସେ ଘର ଛାଡି କେଉଁ ଆଡେ କିଛି ଦିନ ପାଇଁ ଚାଲିଯାଇଥିଲେ। ପ୍ରାୟ ୧୫ ବର୍ଷ ବୟସରେ ହରିହର କ୍ଷେତ୍ରକୁ ଫେରି ନାମ ସଂକୀର୍ତ୍ତନ ଓ ମା'ଙ୍କ ସାଧନାରେ ବ୍ୟସ୍ତ ରହିଲେ। ଦିନକୁଦିନ ତାଙ୍କର ଭାବ ଭକ୍ତି ଈଶ୍ୱର ପ୍ରେମ ଓ ଚମତ୍କାରିତାର କାହାଣୀ ଚାରିଆଡେ ପ୍ରଚାର ହେଲା । ତାଙ୍କ କ୍ଷେତ୍ରରେ ବହୁ ଲୋକ ବିଭିନ୍ନ ଆଶା ଓ ଭରସା ନେଇ ଆସନ୍ତି । ଲୋକଙ୍କ ଉପକାର କରିବା ଓ ବିଭିନ୍ନ ରୋଗ, ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ତାଙ୍କର କାର୍ଯ୍ୟ ଥିଲା। ଶାସ୍ତ୍ର, ପୁରାଣ, ଗୀତା ଓ ଭାଗବତ ଉପରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ। ସେ ପିଲାବେଳେ ପାଠ ପଢିବା ସମୟରେ ବିଦ୍ୟାଳରେ ଚମତ୍କାରିତା ଦେଖାଉ ଥିଲେ। ତୁଳସୀ ଦୁଇ ପତ୍ରରୁ ବାସେ, ତାଙ୍କ ଗୁଣ ଶୈଶବରୁ ପରିଲକ୍ଷିତ ହୋଇଥିଲା। ସାଧନା ଓ ମହତ ଗୁଣ ତାଙ୍କୁ ସିଦ୍ଧ ସାଧୁର ମର୍ଯ୍ୟାଦା ଦେଇଥିଲା।

ତନୁ ବାବା ଉଦୟ ବଟରେ କିଛି ବର୍ଷ ରହିଲା ବେଳେ ଧର୍ମ ଗୁରୁ ଭାବେ ଭଗବାନ ଦାସଙ୍କୁ ବରଣ କରିଥିଲେ । ପରେ ସେ ଉଦୟ ବଟର ମହାନ ସନ୍ଥ ସ୍ୱାଧୀନତା ସଂଗ୍ରାମୀ ରାଜୀବ ଲୋଚନ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନାମ କୀର୍ତ୍ତନରେ ମଗ୍ନ ହେଲେ। ଗୁରୁ ଭଗବାନ ଦାସ ତାଙ୍କର ନାମ ଭାବଗ୍ରାହୀ ଦାସ (ତନୁ ବାବା) ରୂପେ ନାମକରଣ କରିଥିଲେ । ଭଗବାନ ଦାସଙ୍କ ଠାରୁ ମା'ଅନ୍ନପୂର୍ଣ୍ଣାଙ୍କ ସାଧନା ଶିକ୍ଷାକରି ଚମତ୍କାରିତା ଦେଖାଇ ଥିଲେ ।

ଗୋଟିଏ ଦିନ ଯଜ୍ଞରେ ବହୁ ଲୋକ ସମାଗମ ହୋଇଥିଲା। ହଠାତ୍ ମେଘ ପବନ ବହିଲା। ବାବା ପ୍ରକୃତି ଦେବୀଙ୍କ ନାମରେ ଯଜ୍ଞ କୁଣ୍ଡରେ ତିନି ଆହୁତି ଦେବାରୁ ତାଙ୍କ ମଠ ବା ହରିହର କ୍ଷେତ୍ର ବାହାରେ ମେଘ ପବନ ହେଲା, କିନ୍ତୁ ଯଜ୍ଞ ସ୍ଥାନରେ ବର୍ଷା ହେଲା ନାହିଁ। ଆଉ ଦିନେ ୨୦୦ ଶିଷ୍ୟଙ୍କ ଗହଣରେ ବାବା ଉଦୟବଟ ବାହାରିଲେ। ତନୁ ବାବା କହିଲେ- ତୁମ୍ଭେମାନେ ନିଜ ନିଜ ଗାଡ଼ିରେ ଉଦୟବଟ ଧାମକୁ ଯାଅ, ମୁଁ ତୁମମାନଙ୍କ ପୂର୍ବରୁ ପହଁଚିବି। ସତକୁସତ ବାବା ସମସ୍ତଙ୍କ ଆଗରେ ପହଞ୍ଚିଥିଲେ । ଏକ ବର୍ଷା ଦିନ ସଂଧ୍ୟାରେ ବାବାଙ୍କ ସହିତ ପ୍ରାୟ ୩୦ ଜଣ ଶିଷ୍ୟ ଥାଅନ୍ତି । ଏହି ସମୟରେ ଏକ ଶ୍ୱେତ ନାଗ ଆସି ବାବା ଓ ଶିଷ୍ୟଙ୍କ ମଝିରେ ଉପସ୍ଥିତ ହେଲା । ବାବା ସର୍ପକୁ ନମସ୍କାର କରି ଆଜ୍ଞା ଦେଲେ ହେ ସର୍ପରାଜ, ତୁମ୍ଭ ବାଟରେ ତୁମ୍ଭେ ଚାଲିଯାଅ । ହଠାତ୍ ସର୍ପ ସେଠାରୁ ଉଭାନ ହୋଇଗଲା ।

ଏଭଳି ଜଣେ ସିଦ୍ଧ ସାଧୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କରି ବିଭିନ୍ନ ମନ୍ଦିରକୁ ଦେଉଥିଲେ । ତାଙ୍କର ହରିହର କ୍ଷେତ୍ରରେ ଶ୍ରୀବଳଦେବ, ସୁଭଦ୍ରା ମା' ଓ ସୁଦର୍ଶନଙ୍କୁ ନିର୍ମାଣ କଲା ପରେ, ଜଗନ୍ନାଥଙ୍କୁ ନିର୍ମାଣ ନ କରି ତାଙ୍କ ଦାରୁଙ୍କୁ ରଖି ଦେଇ ଯାଇଛନ୍ତି । ସେ କହିଛନ୍ତି ସେ ପୁନର୍ବାର ଆସିବେ । ଏହି ପରୋପକାରୀ ସାଧୁଙ୍କର ୪୨ ବର୍ଷ ବୟସରେ ଶ୍ରାବଣ ଅମାବାସ୍ୟା ସୋମବାର (୨୦୨୩)ରେ ସାଧନାମୟ ଜୀବନର ଅବସାନ ଘଟିଲା। ଆଶ୍ଚର୍ଯ୍ୟକଥା ତାଙ୍କର ଜନ୍ମ ଓ ପରଲୋକ ଗମନ ଅମାବାସ୍ୟା ଓ ସୋମବାର ଥିଲା । ସେ ସ୍ୱର୍ଗରେ ଥାଇ ମଧ୍ୟ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥିବେ । ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ ।

ମୋ: ୯୯୩୭୬୯୧୪୭୫

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅସୁରକ୍ଷିତ କୋଠାରେ ଚାଲିଛି ପାଠପଢ଼ା

ବ୍ରହ୍ମପୁର,୯।୮(ନି.ପ୍ର): ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରମୁଖ ଉଚ୍ଚଶିକ୍ଷା ଅନୁଷ୍ଠାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ଅବସ୍ଥାକୁ ଚିନ୍ତା ବଢ଼ିଛି । ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅଭାବ ଶିକ୍ଷାଦାନରେ ପ୍ରଭାବ ପକାଉଥିବା ବେଳେ ଛାତ୍ରଛାତ୍ରୀ ପଢୁଥିବା କୋଠାର ସ୍ଥିତି ଚିନ୍ତାର ବିଷୟ ପାଲଟିଛି । ବିଶ୍ୱବିଦ୍ୟାଳୟରେ ଯୁକ୍ତ ତିନି କଳା, ବିଜ୍ଞାନ ଓ ବାଣିଜ୍ୟ ସମେତ ମୋଟ ୧୮ଟି ସ୍ନାତକୋତର ବିଭାଗ ରହିଥିବା ବେଳେ ବିଭିନ୍ନ ପାଠ୍ୟକ୍ରମରେ ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । କିନ୍ତୁ ପ୍ରତିଦିନ ଯେଉଁ ମୁଖ୍ୟ କୋଠାରେ ହଜାର ହଜାର ଛାତ୍ରଛାତ୍ରୀ ପାଠପଢ଼ା ପଢୁଛନ୍ତି ସେହି କୋଠା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ଉଠିଛି । ଶିକ୍ଷାନୁଷ୍ଠାନ ପରିସରରେ ଥିବା ମୁଖ୍ୟ କୋଠାର ଚତୁଃପାର୍ଶ୍ୱରେ ଥିବା ଅନେକ ପିଲର ଦୁର୍ବଳ ହୋଇପଡ଼ିଥିବା ସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏପରି ସ୍ଥିତିରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଦୁର୍ବଳ ଭିତ୍ତିଭୂମି ମଧ୍ୟରେ ଛାତ୍ରଛାତ୍ରୀ ପାଠପଢ଼ା କରୁଥିବାରୁ ସେମାନଙ୍କ ସୁରକ୍ଷା ନେଇ ଅଭିଭାବକଙ୍କ ମଧ୍ୟ ଚିନ୍ତା ବଢ଼ିଛି । ଉକ୍ତ କୋଠାରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ ସମେତ ବହୁ ବିଭାଗ ରହିଛି । ନିୟମିତ କୋଠାକୁ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ତାହା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ତେଣୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷାର ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟର ମୁଖ୍ୟ କୋଠା ତୁରନ୍ତ ବୈଷୟିକ ଯାଞ୍ଚ କରାଯିବା ସହ ଆବଶ୍ୟକ ମରାମତି କାର୍ଯ୍ୟ ଓ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରଛାତ୍ରୀ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରୁ ଦାବି ଉଠିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ, ପୂର୍ତ୍ତ ବିଭାଗର ଅଧିକାରୀ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ଶିକ୍ଷକଙ୍କ ଦୁଃଖ, ୨୨ ବର୍ଷ ଶିକ୍ଷାଦାନ ପରେ ମିଳୁଛି ୩ ହଜାର ପେନସନ




ଭଞ୍ଜନଗର,୯।୮(ନି.ପ୍ର): ଦୀର୍ଘ ୨୨ ବର୍ଷ ଧରି ଶିକ୍ଷାଦାନ କରିବା ପରେ ଅବସର ଗ୍ରହଣ କରିଥିବା ଏଡ୍‌ସିଏସ୍ ଶିକ୍ଷକଙ୍କୁ ମିଳୁଛି ମାତ୍ର ୩ ହଜାରରୁ ଅଧିକ ଟଙ୍କାର ପେନସନ। ଅବସର ପରେ ଶିକ୍ଷକମାନଙ୍କ ଆର୍ଥିକ ସୁରକ୍ଷାକୁ ନେଇ ଏଭଳି ଉଦ୍‌ବେଗ ପ୍ରକାଶ କରିଛି ଏଡ୍‌ସିଏସ୍ ଶିକ୍ଷକ ସଂଘ । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ରବିବାର ଏଡ୍‌ସିଏସ୍ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ଲକ ସଭାପତି ଜଗଦିଶ ନାଇକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଶିକ୍ଷକମାନେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଆଲୋଚନାରେ ଶିକ୍ଷକମାନେ କହିଥିଲେ ଯେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଶିକ୍ଷକମାନେ ଅଧିକ ଅବହେଳିତ ଅବସ୍ଥାରେ ଅଛନ୍ତି। ଅନ୍ୟ ରାଜ୍ୟରେ ଶିକ୍ଷକମାନଙ୍କୁ ୪୨୦୦ ଟଙ୍କା ଗ୍ରେଡ୍ ପେ' ମିଳୁଥିବା ବେଳେ ଓଡ଼ିଶାରେ ୨୨୦୦ ଟଙ୍କା ଦିଆଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ଏଡ୍‌ସିଏସ୍ ଅଧୀନରେ ଥିବା ଶିକ୍ଷକମାନେ ଅବସର ପରେ ପୂର୍ଣ୍ଣ ପେନସନ ପାଉନଥିବା ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାକିରି ସମୟରେ ଦରମାରୁ କଟାଯାଇ ସଞ୍ଚିତ ହେଉଥିବା ୪୦ ପ୍ରତିଶତ ଅର୍ଥ ଉପରେ ମିଳୁଥିବା ସୁଧ ଆଧାରରେ ପେନସନ ଭଳି ଅର୍ଥ ମିଳୁଥିବାରୁ ଅବସର ପରେ ଶିକ୍ଷକମାନେ ଆର୍ଥିକ ସଙ୍କଟରେ ପଡୁଥିବା ସେମାନେ କହିଥିଲେ। ଦୀର୍ଘ ବର୍ଷ ଚାକିରି କରିବା ପରେ ଅବସର ନେଇ ହଠାତ୍ ରୋଜଗାରର ଅବସର ଶୂନ୍ୟ ହୋଇଯିବା ଚିନ୍ତାଜନକ ବୋଲି ଶିକ୍ଷକମାନେ ମତ ଦେଇଥିଲେ। ତେଣୁ ରାଜ୍ୟ ସରକାର ଏଡ୍‌ସିଏସ୍ ଅଧୀନରେ ଥିବା ଶିକ୍ଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁରୁଣା ପେନସନ ଯୋଜନା ଲାଗୁ କରିବା ସହ ଶିକ୍ଷକମାନଙ୍କୁ ଉପଯୁକ୍ତ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକ ସୁଶାନ୍ତ କୁମାର ସାମନ୍ତରା, ଶିକ୍ଷୟିତ୍ରୀ ସୁଷମା ରାୟଗୁରୁ, ସବିତା ପତି, ଲୁଲୁ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେମାନେ ପେନସନ ବାବଦକୁ ୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପାଇବେ ବୋଲି ଜଣାପଡ଼ିଛି। ଉତ୍ସବରେ ଭଞ୍ଜନଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂର୍ଯ୍ୟ ନାୟକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ରଥ, ଅବସରପ୍ରାପ୍ତ ଶିକ୍ଷକ ସରୋଜକାନ୍ତ ଶତପଥୀ, ଶିକ୍ଷକ ନେତା ସିଦ୍ଧାର୍ଥ ଶତପଥୀ ଓ ସଞ୍ଜୟ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ମଞ୍ଜରୀ ବେହେରା ସଭା ସଂଯୋଜନା କରିଥିବାବେଳେ ଜଣେ ଶିକ୍ଷକ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମନୋଜ ବେହେରା, ଆଶାଲତା ବେହେରା, ଶିଶିର କାନ୍ତ ପତି, ଶିବାଶିଷ ବେହେରା, ଭକ୍ତବନ୍ଧୁ ବିଷୋୟୀ, କାଳୀ ଚରଣ ସେଠୀ, ଅବିନାଶ ପଣ୍ଡା, ଗଙ୍ଗାଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ସାମାନ୍ୟ କଥାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ, ୮ ଆହତ

ବ୍ରହ୍ମପୁର,୯।୮(ନି.ପ୍ର): ଓମିଟି ଖେଳରୁ ମହାଭାରତ ଭଳି ସାମାନ୍ୟ କଥାକୁ କେନ୍ଦ୍ର କରି ଟାଉନ୍ ଥାନା ଅଞ୍ଚଳରେ ରବିବାର ଗୋଟିଏ ପରିବାରକୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରିଛନ୍ତି । ମୋତି ହୋଟେଲ୍ ସମ୍ମୁଖରେ ଥିବା ସନ୍ତୋଷ ବିଶ୍ୱାଳଙ୍କ ଘରେ ପଶି ୨୦ ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆତଙ୍କ ଖେଳାଇଥିଲେ । ଦୁର୍ବୃତ୍ତମାନେ ତାଙ୍କ ପରିବାରର ବୁଢ଼ା ଠାରୁ ଛୁଆ ପର୍ଯ୍ୟନ୍ତ କାହାରିକୁ ଛାଡ଼ିନାହାନ୍ତି । ଏହି ଆକ୍ରମଣରେ ସନ୍ତୋଷଙ୍କ ପରିବାରର ୮ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି । ସୂଚନାନୁଯାୟୀ ସନ୍ତୋଷଙ୍କ ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କିଛି ସଦସ୍ୟ ତାଙ୍କ ଘରକୁ ଆସିଥିଲେ । ପରିବାରର ଜଣେ ବ୍ୟକ୍ତି ପୂର୍ବାହ୍ନରେ ନିକଟସ୍ଥ ବିଜିପୁର ଶୌଚାଳୟକୁ ଶୌଚ କରିବାକୁ ଯାଇଥିଲେ । ସେଠାରେ କିଛି ଯୁବକ ଶୀଘ୍ର ଶୌଚ ସାରିବାକୁ ନେଇ ତାଙ୍କ ସହିତ ପାଟିତୁଣ୍ଡ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ପରେ ସମ୍ପୃକ୍ତ ବ୍ୟକ୍ତି ଘରକୁ ଫେରିଥିବା ପରେ ବିଜିପୁର ଅଞ୍ଚଳର ୨୦ ରୁ ଊର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ସନ୍ତୋଷଙ୍କ ଘର ଭିତରକୁ ଧସେଇ ପଶିଥିଲେ । ଖଣ୍ଡା, ଲୁହାରଡ଼ ସହ ଇଟାପଥର ମାଡ଼ କରିଥିଲେ । ସଂଘବଦ୍ଧ ଆକ୍ରମଣରେ ସନ୍ତୋଷଙ୍କ ପରିବାରର ୮ଜଣ ପୁରୁଷ ଓ ମହିଳା ଆହତ ହୋଇଥିଲେ । ଦୁର୍ବୃତ୍ତମାନେ ଛୋଟପିଲାଙ୍କୁ ମଧ୍ୟ ଛାଡ଼ି ନଥିଲେ। ଆକ୍ରମଣରେ ନମିତା ଜେନା ଓ ସାଣ୍ଡ ବେହେରାଙ୍କ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କ ମୁଣ୍ଡରେ ୧୨ ରୁ ଊର୍ଦ୍ଧ୍ୱ ଷ୍ଟିଚ୍ ପଡ଼ିଛି । ଆକ୍ରମଣର ଶିକାର ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଜରିଆରେ ପୋଲିସ ତଦନ୍ତ କରୁଛି । କିଛି ଦୁର୍ବୃତ୍ତଙ୍କୁ ପୋଲିସ ତଦନ୍ତ କରୁଛି । କିଛି ଦୁର୍ବୃର୍ତ୍ତଙ୍କୁ ପୋଲିସ କାବୁ କରି ପଚରାଉଚରା କରୁଛି ।

## ସହିଦ୍ ରବି ମହାପାତ୍ରଙ୍କ ପୁଣ୍ୟତିଥି ପାଳିତ

ବ୍ରହ୍ମପୁର,୯।୮(ନି.ପ୍ର): ସ୍ଥାନୀୟ ଅନ୍ନପୂର୍ଣ୍ଣା ମାର୍କେଟ୍ ନିକଟରେ ପୂର୍ବତନ ଛାତ୍ର ନେତା ତଥା ଛାତ୍ର କଂଗ୍ରେସର ଯୁବ ନେତା ସହିଦ୍ ରବି ମହାପାତ୍ରଙ୍କ ୫୨ ତମ ପୁଣ୍ୟ ତିଥି ଅବସରରେ ବ୍ରହ୍ମପୁର ଅନ୍ନପୂର୍ଣ୍ଣା ମାର୍କେଟ୍ ଛକସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ । ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ଜେନା, ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ବୃନ୍ଦାବନ ଖଟେଇ, ବିଶ୍ୱନାଥ ମହାରଣା, ଯୋଗୀ ବେହେରା, ତ୍ରିପତି ପାତ୍ର, ସମବାୟ ବିତ୍ କୈଳାଶ ରଣା, ନିରଞ୍ଜନ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତଥିଲେ । ଏହି ଅବସରରେ ଶ୍ରୀ ସାହାଣୀ କହିଥିଲେ ଯେ, ସହିଦ୍ ରବି ମହାପାତ୍ର ଜଣେ ନିର୍ଭିକ, ସାହାସୀ, ବନ୍ଧୁବତ୍ସଳ, ସମାଜସେବୀ, ଛାତ୍ର ନେତା ଥିଲେ । ଉପସ୍ଥିତ ବ୍ୟକ୍ତିଗଣ ସହିଦ୍ ରବି ମହାପାତ୍ର ଅମର ରହେ ସ୍ଲୋଗାନ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ କର୍ମଶାଳା

ବ୍ରହ୍ମପୁର,୯।୮(ନି.ପ୍ର): ସ୍ଥାନୀୟ କୁଇନ୍ ଅଫ୍ ଦି ମିଶନ ଉଚ୍ଚ ବିଦ୍ୟାଳୟରେ ୩୨ତମ ଗଞ୍ଜାମ ଜିଲ୍ଲାସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ କର୍ମଶାଳା ୨୦୨୬ ଆୟୋଜିତ ହୋଇଯାଇଛି । ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ ନିରନ୍ତରତା ସକାଶେ ବିଜ୍ଞାନ ଓ ନବସୃଜନ ଆଧାରିତ ଏହି କର୍ମଶାଳାରେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ପ୍ରଭାତୀ କୁମାରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଗଞ୍ଜାମ ଜିଲ୍ଲା ପିଲାଙ୍କ ବିଜ୍ଞାନ କଂଗ୍ରେସର ସଂଯୋଜକ ଗୋକୁଳକୃଷ୍ଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତିଲତା ଦାସ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଇକୋ କ୍ଲବ୍ ସଂଯୋଜକ ଡ଼ଃ ଶଙ୍କର ନାରାୟଣ ବେଜ୍, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ମଣି ରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ପାଢ଼ୀ ଓ ଜଗଦଳପୁର ଉନ୍ନତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ଉପସ୍ଥିତଥିଲେ । ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୬୬ ଜଣ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରକଳ୍ପ ପ୍ରସ୍ତୁତି ପାଇଁ କିପରି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବେ ତାହା ବୁଝାଇ ଦିଆଯାଇଥିଲା । ପ୍ରକାଶଥାଉକି, ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । କାର୍ଯ୍ୟକ୍ରମରେ ସଂଯୋଜକ ଗୋପାଳକୃଷ୍ଣ ପଣ୍ଡା ଓ ଡ଼ଃ ଶଙ୍କର ନାରାୟଣ ବେଜ୍ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରକଳ୍ପ ପ୍ରସ୍ତୁତି ସମ୍ବନ୍ଧରେ ବ୍ୟାପକ ଧାରଣା ଦେଇଥିଲେ । ବିଜ୍ଞାନ କାର୍ଯ୍ୟକ୍ରମରେ ନିରନ୍ତରତ ଆଣିବାପାଇଁ ଅନେକ ଯୁବକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା । ଏହି ସଂକ୍ରାନ୍ତୀୟ ପିଲାଙ୍କ ପ୍ରକଳ୍ପ ସବୁ ଅକ୍ଟୋବର ମାସରେ ଉପସ୍ଥାପିତ ହେବାର କାର୍ଯ୍ୟକ୍ରମ ରହିଛି । ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି, ଜଳ, ଖାଦ୍ୟ, କୃଷି ଓ ସ୍ୱାସ୍ଥ୍ୟ, ଭାରତୀୟ ଜ୍ଞାନ କୌଶଳର ପ୍ରୟୋଗକୁ ଆଧାର କରି ଶିଶୁ ବିଜ୍ଞାନୀମାନେ ଏହି ପ୍ରକଳ୍ପ ପ୍ରସ୍ତୁତ କରିବେ । ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁଜ ନାୟକଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ନିର୍ଦ୍ଧାରିତ ଦରରେ ସାର ବିକ୍ରୟ ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ



ଛତ୍ରପୁର,୯।୮(ନି.ପ୍ର): ଚାଷୀମାନଙ୍କୁ ନିର୍ଦ୍ଧାରୀତ ଦରରେ ଏବଂ ଉଚିତ ମୂଲ୍ୟରେ ସାର ଯୋଗାଇ ଦେବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରୀ ହୋଇଛି । ଏହାକୁ ସୁନିଶ୍ଚିତ କରିବା ସହ ସାର ବିକ୍ରୟରେ ସ୍ୱଚ୍ଛତା ଓ ନିୟମିତତା ବଜାୟ ରଖିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହା ସହିତ ବିଭିନ୍ନ ପ୍ରକାର ସାରର ନିର୍ଦ୍ଧାରୀତ ମୂଲ୍ୟ ସମ୍ପର୍କରେ ସୂଚନା ମଧ୍ୟ ପ୍ରକାଶ କରାଯାଇଛି। ଚାଷୀମାନେ ସାର କିଣିବା ସମୟରେ ନିର୍ଦ୍ଧାରୀତ ମୂଲ୍ୟ ଯାଞ୍ଚ କରିବା ସହ ବିକ୍ରେତାମାନେ ବିକ୍ରୟ ରସିଦ ଗ୍ରାହକଙ୍କୁ (ଚାଷୀ) ପ୍ରଦାନ କରିବା ନିହାତି ଜରୁରୀ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପ୍ରକାଶିତ ତାଲିକା ଅନୁଯାୟୀ, ୟୁରିଆ ସାରର ନିର୍ଦ୍ଧାରୀତ ମୂଲ୍ୟ ପ୍ରତି ବସ୍ତା ୨୬୬ ଟଙ୍କା ୫୦ ପଇସା ରହିଛି । ଡିଏପି ସାରର ମୂଲ୍ୟ ୧,୩୫୦ ଟଙ୍କା ଏବଂ ଏମ୍‌ଓପି ସାରର ପୁରୁଣା ଦର ଓ ନୂତନ ଦର / ମୂଲ୍ୟ ଯଥାକ୍ରମେ ୧,୯୭୫ ଟଙ୍କା ଓ ୨,୨୦୦ ଟଙ୍କା ରହିଛି।

ସେହିପରି ୨୦-୨୦-୦-୧୩ (ଏନ୍ପିକେ) ସାରର ଇଫକୋ ମୂଲ୍ୟ ୧,୪୫୦ ଟଙ୍କା ଏବଂ ପିପିଏଲ୍ ମୂଲ୍ୟ ୨,୧୦୦ ଟଙ୍କା ରହିଛି ଛ ୧୬-୧୬-୧୬ (ଏନ୍ପିକେ) ସାରର ମୂଲ୍ୟ ୨,୦୫୦ ଟଙ୍କା ରହିଥିବା ବେଳେ ଏସ୍‌ଏସ୍‌ପି (ଦାନାଦାର)ର ମୂଲ୍ୟ ୮୦୦ ଟଙ୍କା ଏବଂ ଏସ୍‌ଏସ୍‌ପି (ଗୁଣ୍ଡ)ର ମୂଲ୍ୟ ୭୭୫ ଟଙ୍କା ରହିଛି । ଏହା ବ୍ୟତୀତ ଆମୋନିୟମ୍ ସଲ୍ଫେଟ୍ର ପିପିଏଲ୍ ମୂଲ୍ୟ ୧,୪୦୦ ଟଙ୍କା ଏବଂ ଏଚ୍‌ୟୁଆର୍‌ଏଲ୍ ମୂଲ୍ୟ ୧,୬୫୦ ଟଙ୍କା ରହିଛି। ୨୮-୨୮-୦ (ଏନ୍ପିକେ) ସାରର ଇଫକୋ ନିର୍ଦ୍ଧାରୀତ ମୂଲ୍ୟ ପ୍ରତି ବସ୍ତା ୧,୭୫୦ ଟଙ୍କା ରହିଛି । ତାଲିକାରେ ଉଲ୍ଲେଖିତ ଏହି ମୂଲ୍ୟଗୁଡ଼ିକ ୮ ଅଗଷ୍ଟ ୨୦୨୫ ଠାରୁ ପ୍ରଚଳିତ ଥିବା ସୂଚନା ଦିଆଯାଇଛି। ଚାଷୀମାନେ ସାର କ୍ରୟ ସମୟରେ ନିର୍ଦ୍ଧାରୀତ ମୂଲ୍ୟଠାରୁ ଅଧିକ ଅର୍ଥ ପ୍ରଦାନ ନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । କୌଣସି ବିକ୍ରେତା ନିର୍ଦ୍ଧାରୀତ ମୂଲ୍ୟଠାରୁ ଅଧିକ ଦାମରେ ସାର ବିକ୍ରୟ କରୁଥିଲେ, ସାର ଯୋଗାଣରେ ଅନିୟମିତତା କରୁଥିଲେ କିମ୍ବା ସାର କ୍ରୟ ସମୟରେ ଚାଷୀଙ୍କୁ କୌଣସି ପ୍ରକାର ଅସୁବିଧାରେ ପକାଉଥିଲେ, ତେବେ ଚାଷୀମାନେ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଜଣାଇପାରିବେ।

ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ହେଲ୍ପଲାଇନ୍ ନମ୍ବର ୦୬୮୦-୨୨୩୩୨୬୨ ଜାରି କରାଯାଇଛି। ଏହି ନମ୍ବରରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅଭିଯୋଗ ଜଣାଇପାରିବେ। ସେହିପରି ୨୪ ଘଣ୍ଟିଆ ଅଭିଯୋଗ ପାଇଁ ହ୍ୱାଟ୍ସଆପ୍ ନମ୍ବର ୭୬୮୯୦୩୨୬୨୦ରେ ଅଭିଯୋଗ ଜଣାଇବାକୁ ଚାଷୀମାନଙ୍କୁ କୁହାଯାଇଛି। ସାର ବିକ୍ରୟ ସମୟରେ ବ୍ୟବସାୟୀମାନେ ଆଇଏଫ୍‌ଏମ୍‌ଏସ୍ ବିଲ୍ ମାଧ୍ୟମରେ ନିର୍ଦ୍ଧାରିତ ଦରରେ ସାର ବିକ୍ରୟ କରିବାକୁ ନିର୍ଦ୍ଦେଶ ରହିଛି। ଚାଷୀମାନେ ସାର କ୍ରୟ ସମୟରେ ନିର୍ଦ୍ଧାରିତ ଦର ଯାଞ୍ଚ କରିବା ସହ ବିକ୍ରୟ ରସିଦ ନେବାକୁ ଏବଂ କୌଣସି ପ୍ରକାର ଅନିୟମିତତା ନଜରକୁ ଆସିଲେ ତୁରନ୍ତ ଅଭିଯୋଗ ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଚାଷୀଙ୍କ ହିତ ସୁରକ୍ଷା, ସାରର କଳାବଜାରୀ ଓ ବେଆଇନ ମୂଲ୍ୟବୃଦ୍ଧି ରୋକିବା ଏବଂ ଚାଷୀମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ସାର ଉପଲବ୍ଧ କରାଇବା ପାଇଁ ଜିଲ୍ଲା ପ୍ରଶାସନର ନିରୀକ୍ଷଣ ଓ ଆବଶ୍ୟକ ପଦକ୍ଷେପ ଜାରି ରହିବ ବୋଲି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।




**ଛତ୍ରପୁର,୯।୮(ନି.ପ୍ର): ବ୍ରିଟିଶ୍ ଶାସନ ଅମଳର ବହୁ ପୁରାତନ କଲେକ୍ଟ୍ରେଟ୍ କୋଠା ଭଙ୍ଗା ଆରମ୍ଭ ହୋଇଛି । ଏଠାରେ ନୂତନ ଭାବେ ବୃହତମ ଗଞ୍ଜାମ ଜିଲ୍ଲା ପ୍ରାଶାସନିକ କାର୍ଯ୍ୟାଳୟ ସ୍ଥାପନ କରାଯିବା ପାଇଁ ଏବେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି।**

## ଅବକାରୀ ବିଭାଗ ଭାଙ୍ଗିଲା ଦେଶୀ ମଦ ଭାଟି

ପାରଳାଖେମୁଣ୍ଡି,୯।୮(ନି.ପ୍ର): ଗଜପତି ଜିଲ୍ଲା ଅବକାରୀ ଅବକାରୀ ଟିମ ଦ୍ୱାରା ଘଞ୍ଚ ଜଙ୍ଗଲ ମଧ୍ୟରେ ଚୋରା ବେଆଇନ ଭାବରେ ଚାଲୁଥିବା ଦେଶୀମଦ ପ୍ରସ୍ତୁତ ଭାଟି ଭାଙ୍ଗି ନଷ୍ଟ କରାଯାଇଛି.।ଏଥିସହ ଦେଶୀ ମଦ ତିଆରି ପାଇଁ ବେଆଇନ ଭାବେ ଗଛିତ ଥିବା ୩୫୦୦ ଲିଟର ପୋଚକୁ ଜବତ କରି ନଷ୍ଟ କରିବା ସହ ୮୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ସୂଚନା ମିଳିଛି। ଗଜପତି ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲ୍ଲାରେ ବେଆଇନ ମଦ କାରବାର ବିରୁଦ୍ଧରେ ଚଢଉ ଜାରି ରହିଛି। ସେହିପରୀ ବାଇକ୍ ଯୋଗେ ଦେଶୀ ମଦ ଚୋରାଚାଲାଣ ହେଉଥିବା ବେଳେ ଜବତ କରାଯାଇ ମଦ ଚୋରାଚାଲାଣକାରୀ ନେଉିଡିଗୁଡା ଗ୍ରାମର କିରଣ ଶବରଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍‌ଆଇ ବାଲାଜୀ ରାଓ ସୂଚନା ଦେଇଛନ୍ତି।

## ସର୍ପ ଦଂଶନରେ କଲେଜ ଛାତ୍ରୀଙ୍କ ମୃତ୍ୟୁ: ଆଉ ଜଣେ ଛାତ୍ର ଆହତ

ବୁଗୁଡା,୯।୮(ନି.ପ୍ର): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ସର୍ପ ଦଂଶନରେ ବାଲିପଦର କଲେଜର ୩ କଳାରେ ଅଧ୍ୟୟନରତ ଛାତ୍ରୀ ନନ୍ଦିନୀ ପ୍ରଧାନ (୧୯) ମୃତ୍ୟୁବରଣ କରିଛନ୍ତି। ରବିବାର ନନ୍ଦିନୀ କାଠଗଦାରୁ କାଠ ବାହାର କରୁଥିବାବେଳେ ଏକ ବିଷଧର ସାପ ତାଙ୍କର ଡାହାଣ ହାତକୁ ଦଂଶନ କରିଥିଲା ଏବଂ ସେ ଅଚେତ ହୋଇ ପଡିଥିଲେ। ସନ୍ଧ୍ୟା ବେଳେ ବିଲକାମ ସାରି ତାଙ୍କ ମାଆ ଘରକୁ ଫେରି ଏକାକୀ ଥିବା ଝିଅକୁ ଅଚେତ ଅବସ୍ଥାରେ ଦେଖିଥିଲେ। ନନ୍ଦିନୀଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମେଡିକାଲରେ ପୋଲିସ ପହଞ୍ଚି ଶବକୁ ଜବତ କରି କେସ୍ ନଂ ୩୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

ସେହିପରି ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମରେ ଜନୈକ ଛାତ୍ର ସାପ କାମୁଡ଼ାରେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତ ଛାତ୍ର ଜଣକ ହେଲେ ମାଣିତରା ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ରାଜା ବେହେରା ।

## ପୌରପରିଷଦର ପାଚେରିକୁ ସଂଯୁକ୍ତ ନର୍ଦ୍ଦମା ପୋତି ହୋଇ ଯିବାରୁ ଦୁର୍ଗନ୍ଧ ପାଣିରେ ସୃଷ୍ଟି ହେଉଛି ଅସ୍ୱାସ୍ଥ୍ୟକର ପରିସ୍ଥିତି



ପାରଳାଖେମୁଣ୍ଡି,୯।୮ (ନି.ପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦର ପାଚେରିକୁ ସଂଯୁକ୍ତ ହୋଇ ରହିଥିବା ନର୍ଦ୍ଦମା ପୋତି ହୋଇ ଯିବାରୁ ପାଣି ଜମି ରହିଛି। ନର୍ଦ୍ଦମା ପାଖରେ ପ୍ରୋଟେକ୍ସନ ବେରିକେଟ ଥିବା ସ୍ଥଳରେ ଦୈନନ୍ଦିନ ସଫାସୁତୁରା ନହେବା ଯୋଗୁଁ ରାସ୍ତା କଡ଼ରେ ନର୍ଦ୍ଦମା ପୋଚା ପାଣି ଜମି ରହିବା ଯୋଗୁଁ ସେଠାରେ ଦୂର୍ଗନ୍ଧ ହୋଇ ମଶା ମାଛି ରହି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି । ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଠାରୁ ଆରମ୍ଭ କରି ସାନିଟାରୀ ବିଷୟରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ମଞ୍ଜୁରୀ ହେଉଥିବା ବେଳେ ଏହି କାର୍ଯ୍ୟକ୍ରମ କରିବା ପାଇଁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏଠାରେ ଯଦି ସାନିଟାରୀ କାର୍ଯ୍ୟ ଠିକ୍ କାର୍ଯ୍ୟ କରିଥିଲେ ତେବେ ପୌରାଞ୍ଚଳ କାର୍ଯ୍ୟାଳୟ ପାଖରେ କଣ ପାଇଁ ଏ ଅବସ୍ଥା ବୋଲି ସାଧାରଣରେ ଆଲୋଚନା ହେଉଛି। ଶ୍ରାବଣରେ ନର୍ଦ୍ଦମା, ରାସ୍ତାର ପୋତା ସଢ଼ା ପାଣି ଜମି ରହିବା ଯୋଗୁଁ, ମଶା ମାଛି ଡିମ୍ବ ଦେଲେ ସେଥିରେ ଏଡିସ୍ ମଶା ଜନ୍ମ ଗ୍ରହଣ କରିଥାନ୍ତି। ତେଣୁ ପୌରପରିଷଦ ସ୍ୱାସ୍ଥ୍ୟ ବିଭାଗ ତଥା ସାନିଟେରି ପକ୍ଷରୁ ଦାୟିତ୍ୱର ସହିତ କାର୍ଯ୍ୟ ନକଲେ ଆଗାମୀ ଦିନରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବର୍ତ୍ତମାନ ପୌରପରିଷଦ କାର୍ଯ୍ୟ ତଦାରଖ ପାଇଁ ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି।

## ଢେପାଗୁଡାରେ ଭୂସ୍ଖଳନ



ଭଞ୍ଜନଗର,୯।୮(ନି.ପ୍ର): ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କନ୍ଧମାଳ ଜିଲାର ରାଇକିଆ ବ୍ଲକ ଅନ୍ତର୍ଗତ ଢେପାଗୁଡ଼ା ଗ୍ରାମରେ ଭୂସ୍ଖଳନ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ଗ୍ରାମରେ ହଠାତ୍ ମାଟି ଦବିଯାଇ ୧୦ ଫୁଟରୁ ଊର୍ଦ୍ଧ୍ୱ ଗଭୀର ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଘଟଣା ପରେ ଶନିବାର ପ୍ରଶାସନିକ ଅଧିକାରୀମାନେ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁସାରେ, ଶୁକ୍ରବାର ଗ୍ରାମର କିଛି ଶିଶୁ ଦାଣ୍ଡରେ ଖେଳୁଥିଲେ। ହଠାତ୍ ସେମାନଙ୍କ ଆଖି ଆଗରେ ଏକ ସ୍ଥାନର ମାଟି ଧିରେ ଧିରେ ତଳକୁ ଦବିବାକୁ ଲାଗିଥିଲା। କିଛି ସମୟ ମଧ୍ୟରେ ସେଠାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଯାଇଥିଲା। ଏଭଳି ଅପ୍ରତ୍ୟାଶିତ ଘଟଣା ଦେଖି ଶିଶୁମାନେ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଘଟଣାସ୍ଥଳରେ କିଛି ଦିନ ପୂର୍ବରୁ ଏକ ଛୋଟ ଗର୍ତ୍ତ ହୋଇଥିଲା। ତାହା ଧିରେ ଧିରେ ବଡ଼ ହେଉଥିବା ବେଳେ ଶୁକ୍ରବାର ହଠାତ୍ ମାଟି ଦବିଯାଇ ଗର୍ତ୍ତର ଆକାର ବଢ଼ିଯାଇଥିଲା। ଗ୍ରାମବାସୀଙ୍କ ସୂଚନା ଅନୁସାରେ, ପୂର୍ବରୁ ଏହି ସ୍ଥାନରେ ଏକ ନାଳ ଥିଲା। ପରବର୍ତ୍ତୀ ସମୟରେ ନାଳଟି ପୋତି ହୋଇଯାଇ ଥିଲା। ବର୍ତ୍ତମାନ ଲଗାଣ ବର୍ଷା ଯୋଗୁ ମାଟି ତଳେ ପାଣିର ପ୍ରବାହ କିମ୍ବା ମାଟି ଦୁର୍ବଳ ହୋଇଥିବା କାରଣରୁ ଏଭଳି ଘଟଣା ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ। କିଛି ବର୍ଷ ପୂର୍ବେ ମଧ୍ୟ ଢେପାଗୁଡ଼ା ଗ୍ରାମରେ ଏଭଳି ମାଟି ଦବିବା ଘଟଣା ଘଟିଥିଲା। ସେତେବେଳେ ବୈଜ୍ଞାନିକମାନେ ଗ୍ରାମକୁ ଆସି ମାଟିର ନମୁନା ପରୀକ୍ଷା କରି ଫେରିଥିଲେ। ମାତ୍ର ସେହି ପରୀକ୍ଷାର ରିପୋର୍ଟ କ'ଣ ଆସିଥିଲା ଏବଂ ଏହାର କାରଣ କ'ଣ ଥିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପୁଣିଥରେ ଏଭଳି ଘଟଣା ଘଟିବା ପରେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ବିଶେଷକରି ଗ୍ରାମରେ ଶିଶୁଙ୍କ ଯାତାୟାତ ଓ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଭୂସ୍ଖଳନର ପ୍ରକୃତ କାରଣ ଜାଣିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ମାଟିର ବୈଜ୍ଞାନିକ ପରୀକ୍ଷା କରାଯିବା ସହ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଉପକାରାଗାରରେ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ, ଅନ୍ତେବାସୀଙ୍କ ଶପଥପାଠ




ଆସିକା,୯।୮(ନି.ପ୍ର): ନିଶାମୁକ୍ତ ସମାଜ ଗଠନର ମହତ୍ତ୍ୱ ପୂର୍ଣ୍ଣ ସଂକଳ୍ପକୁ ନେଇ ଆସିକା ଉପ-କାରାଗାର ପରିସରରେ ଏକ ପ୍ରେରଣାଦାୟକ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଖଗେଶ୍ୱର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକତା, ରାଜଯୋଗ ଓ ନିଶାମୁକ୍ତିର ସନ୍ଦେଶ ଅନ୍ତେବାସୀମାନଙ୍କ ମଧ୍ୟରେ ପହଞ୍ଚାଯାଇଥିଲା।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଆସିକା ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ତେବାସୀମାନଙ୍କୁ ଜୀବନ ପରିବର୍ତ୍ତନର ଏକ ନୂତନ ଦିଗ ଦେଖାଇ କହିଥିଲେ ଯେ, ନିଶାରୁ ମୁକ୍ତି କେବଳ ଏକ ଅଭ୍ୟାସକୁ ଛାଡ଼ିବା ନୁହେଁ ଏହା ନିଜ ଚିନ୍ତା, ଚେତନା ଓ ଜୀବନଶୈଳୀର ଏକ ସକାରାତ୍ମକ ପରିବର୍ତ୍ତନ। ସହଜ ରାଜଯୋଗ ଅଭ୍ୟାସ ମାଧ୍ୟମରେ ମନକୁ ଶାନ୍ତ, ସ୍ଥିର ଓ ଶକ୍ତିଶାଳୀ କରି ଶାରୀରିକ ଓ ମାନସିକ ସୁସ୍ଥତା ଲାଭ କରାଯାଇପାରିବ। ସେ ଅନ୍ତେବାସୀଙ୍କୁ ନିଜ ଜୀବନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରି ପରିବାର ଓ ସମାଜର ଉତ୍ତରୋତ୍ତର ଉନ୍ନତିରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ। ଅଭିଯାନର ଏକ ପ୍ରମୁଖ ଅଂଶ ଭାବେ ସମସ୍ତ ଅନ୍ତେବାସୀଙ୍କୁ ବ୍ୟସନମୁକ୍ତ ଜୀବନ ଆପଣେଇବା ପାଇଁ ଶପଥପାଠ କରାଯାଇଥିଲା। ନିଶାମୁକ୍ତିର ଏହି ସଂକଳ୍ପ ମାଧ୍ୟମରେ ନିଜ ଜୀବନକୁ ନୂଆ ଭାବରେ ଗଢ଼ିବା ଏବଂ ପରିବାର ପ୍ରତି ନିଜର ଦାୟିତ୍ୱବୋଧକୁ ସୁଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା। ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଖଗେଶ୍ୱର ସିଂ ତାଙ୍କ ବକ୍ତବ୍ୟରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଥିଲେ ଯେ, କାରାଗାରରେ ଅନ୍ତେବାସୀଙ୍କ ଜୀବନଶୈଳୀରେ ସୁଧାର ଆଣିବା ସହିତ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ସକାରାତ୍ମକ ଚିନ୍ତନର ବିକାଶରେ ଏହି କାର୍ଯ୍ୟକ୍ରମଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ। ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା ଅନ୍ତେବାସୀଙ୍କୁ ରାଜଯୋଗ ଅଭ୍ୟାସ ଦ୍ୱାରା ଆତ୍ମିକ ଚେତନାକୁ ଜାଗ୍ରତ କଲେ ମନରେ ଆତ୍ମବଳ ଓ ସକାରାତ୍ମକ ଚିନ୍ତନ ବୃଦ୍ଧି ପାଇବା ସହ ବ୍ୟସନରୁ ମୁକ୍ତ ହୋଇ ଏକ ସୁସ୍ଥ ଓ ସୁନ୍ଦର ଜୀବନ ଆପଣେଇବା ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ବ୍ରହ୍ମାକୁମାରୀ ସୁଜ୍ଞାନୀ ଅନ୍ତେବାସୀମାନଙ୍କୁ ସହଜ ରାଜଯୋଗର ପ୍ରାୟୋଗିକ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ସତ୍ୟ ପ୍ରିୟ ପରିଚାଳନା କରିଥଲେ।

## ଜୟ ମଙ୍ଗଳ କେନାଲରେ ଜଳ ଯୋଗାଣ ପରେ ଚାଷୀ ଖୁସି



ହିଞ୍ଜିଳିକାଟୁ,୯।୮(ନି.ପ୍ର): ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ବର୍ଷାର ପରିମାଣରେ ଅନିଶ୍ଚିତତା ଦେଖାଦେଇଛି। କେଉଁଠି ବର୍ଷାର ପ୍ରଭାବ ଅଧିକ ଦେଖା ଦେଇଛି ତ ଆଉ କେଉଁଠି ବି କମିଛି। ତଥାପି ପରିସ୍ଥିତିକୁ ଲକ୍ଷ୍ୟ ରଖି ହିଞ୍ଜିଳି ଜଳସେଚନ ଉପବିଭାଜନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଜୟ ମଙ୍ଗଳ ମୁଖ୍ୟକେନାଳ ହିଞ୍ଜିଳିକାଟୁ ସ୍ଥିତ ଜୟ ମଙ୍ଗଳ ଆନିକଟ ଠାରୁ ଆରମ୍ଭ ହୋଇଛି। ବର୍ଷା ଅଭାବରୁ ଆନିକଟ ଉପର ଭାଗରେ ଜଳ ସଂରକ୍ଷଣ ସମ୍ଭବ ହୋଇ ପାରି ନଥିଲା। ଯାହା ଫଳରେ ଗତ ଜୁଲାଇ ୨୫ ତାରିଖରୁ ଗେଟ ଖୋଲିବା ସତ୍ତ୍ୱେ ଜଳ ଯୋଗାଣ ସମ୍ଭବପର ହୋଇ ନ ଥିଲା। ଚାଷୀଭାଇ ମାନଙ୍କ ସମସ୍ୟାକୁ ଦୂର କରିବା ପାଇଁ ଘୋଡାହାଡ ଜଳ ଭଣ୍ଡାରରୁ କିଛି ପରିମାଣର ଜଳ ଯୋଗାଣ ପାଇଁ ଘୋଡାହାଡ଼ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରା ଯାଇଥିଲା, କିନ୍ତୁ ଜଳ ଭଣ୍ଡାରରେ ୯୦ ପ୍ରତିଶତ ଜଳ ସଂରକ୍ଷଣ ଥିବା ସତ୍ତ୍ୱେ ଘୋଡ଼ାହାଡ ପାଣି ପଞ୍ଚାୟତ ଶୀର୍ଷ କମିଟିର ବିରୋଧ ଯୋଗୁଁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ପରେ ଚିକିଟି ଜଳ ସେଚନ ଅଧୀକ୍ଷଣ ଯନ୍ତ୍ରୀ ଇଂ ସୁବ୍ରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜକମରାପଲ୍ଲୀ ଅନ୍ତଃସ୍ରୋତ ସଂରକ୍ଷଣ ପ୍ରକଳ୍ପରୁ ଅଗଷ୍ଟ ୨ ତାରିଖରେ ଯଥା ସମ୍ଭବ ଜଳ ଯୋଗାଣ କରା ଯାଇଥିଲା।ଏହା ମଧ୍ୟ ଜୟ ମଙ୍ଗଳ କେନାଲର ଆବଶ୍ୟକତାକୁ ପୂରଣ କରି ପାରି ନ ଥିଲା। ଏହା ପରେ ଅଗଷ୍ଟ ୩ ତାରିଖରେ ହିଞ୍ଜିଳି ଜଳସେଚନ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଜୟ ମଙ୍ଗଳ ଆନିକଟରେ ଜଳସ୍ତର କିଛି ପରିମାଣରେ ବୃଦ୍ଧି ପାଇଥିଲା ଏବଂ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ଫଳରେ ହିଞ୍ଜିଳିକାଟୁ ବ୍ଲକର ସମସ୍ତ ସେଚାଞ୍ଚଳକୁ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ସୂଚାରୁ ରୂପେ ହୋଇଥିଲା। ଗତ ୪ ତାରିଖରେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜୟ ମଙ୍ଗଳ ଆନିକଟର ଜଳସ୍ତର ଆନିକଟର ଉପର ଭାଗକୁ ସ୍ପର୍ଶ କରିଥିଲା। ଗତ ୫ ତାରିଖରେ ଜୟ ମଙ୍ଗଳ ମୁଖ୍ୟ କେନାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ କରା ଯାଇଥିଲା। ଜୟ ମଙ୍ଗଳ ମୁଖ୍ୟ କେନାଲଏବଂ ଏହାର ଶାଖା କେନାଲ ଗୁଡ଼ିକର ସମ୍ପୂର୍ଣ୍ଣ ରକ୍ଷଣା ବେକ୍ଷଣ କରାଯାଇ ଥିବାରୁ ଗତ ୫ ତାରିଖରେ ଗୋଟିଏ ଦିନରେ ତଳ ମୁଣ୍ଡକୁ ଜଳ ଯୋଗାଇ ଦିଆ ଯାଇଥିଲା। ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଣ ଯୋଗୁଁ ହିଞ୍ଜିଳି, ପୁରୁଷୋତ୍ତମପୁର ଏବଂ ଛତ୍ରପୁର ବ୍ଲକ ଅଞ୍ଚଳରେ ଚାଷୀଙ୍କ ରୁଆ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ଏବଂ ଚାଷୀ ଭାଇଙ୍କ ମୁହଁରେ ହସ ଫୁଟିଛି।

## କ୍ରିକେଟ୍ ସଂଘର ନୂତନ କର୍ମକର୍ତ୍ତା

ବ୍ରହ୍ମପୁର,୯।୮(ନି.ପ୍ର): ଗଞ୍ଜାମ ଜିଲ୍ଲା କ୍ରିକେଟ୍ ସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଷ୍ଟେସନ୍ ରୋଡ୍‌ସ୍ଥିତ ସର୍କିଟ୍ ହାଉସ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରିତ ଅତିଥି ରୂପେ ବିଧାୟକ କେ. ଅନୀଲ୍ କୁମାର ଯୋଗ ଦେଇ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ କେ. କାମେଶ୍ୱର ରାଓ ଯୋଗଦେଇଥିଲେ । ସଂଘର ପୂର୍ବତନ ସଭାପତି ଅଶୋକ କୁମାର ସାହୁ ଅନୁପସ୍ଥିତ ଥିବାରୁ ସଂଘର ବରିଷ୍ଠ ସଦସ୍ୟ ଦେବଦତ୍ତ ସିଂଦେଓ ଆଜିର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ସଂଘର ନିର୍ବାଚନ ଅଧିକାରୀ ଡ଼ା. ସତ୍ୟବ୍ରତ ପାତ୍ର ନିର୍ବାଚନ ସମ୍ପର୍କରେ ବିବରଣୀ ପାଠ କରିଥିଲେ । ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଲକ୍ଷ୍ମୀ ପ୍ରସାଦ ବେହେରା ମନୋନୀତ ହୋଇଥିବା ବେଳେ ଉପସଭାପତି ଦୁର୍ଗା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ତାରିଣୀ ଚରଣ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଦେବାନନ୍ଦ ବିଶ୍ୱାସ ଓ ସ୍ୱପ୍ନାରାଣୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ମନୋଜ କୁମାର ଦଣ୍ଡପାଟ, କାର୍ଯ୍ୟକାରୀ ସଦସ୍ୟ ଭାବେ ତ୍ରିଲୋଚନ ପାଣିଗ୍ରାହୀ ମନୋନୀତ ହୋଇଛନ୍ତି ।

## କାଉଡ଼ିଆଙ୍କ ପାଦ ସେବା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଧାମନଗର,୯।୮(ନି.ପ୍ର): ଶ୍ରାବଣ ମାସର ଶେଷ ସୋମବାର ପାଇଁ ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ଧାମରେ ଜଳାଭିଷେକ ନିମନ୍ତେ ଆଜି ହଜାର ହଜାର ବୋଲବମ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ଏହି ଅବସରରେ କୋଠାର ଛକରେ ବୋଲବମ ଯାତ୍ରାରେ ଆସୁଥିବା କାଉଡ଼ିଆଙ୍କର ପାଦ ସେବା କରିଛନ୍ତି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞା ରବିବାର ଅପରାହ୍ନରେ ମନ୍ତ୍ରୀ ଶ୍ରୀ ସୂରଜ ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥର କୋଠାର ଛକରେ ସହଯୋଗୀଙ୍କ ସହ ମିଶି ବହୁସଂଖ୍ୟକ କାଉଡ଼ିଆଙ୍କର ସେବା କରିଥିଲେ। ପଥ କଷ୍ଟ ଲାଘବ ପାଇଁ ଉଷୁମ ପାଣିରେ ବିଶେଷ କରି କୁନି କାଉଡ଼ିଆ ମାନଙ୍କ ପାଦ ଧୋଇ ଦେବା ସହ ଉପଶମକାରୀ ମଲମ ଆଦି ଲଗାଇ ସେମାନଙ୍କ ସେବା କରିଥିଲେ। ଏଥି ସହିତ ଅନେକ ବୋଲବମ ଯାତ୍ରୀଙ୍କୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିଲା।। ବରିଷ୍ଠ ବିଜେପି ନେତା ଅଶୋକ ପୁହାଣ, ଚତୁର୍ଭୁଜ ନାୟକ, ବିଦ୍ୟାଧର ରାଉତ, ବୁଦ୍ଧଦେବ ଜେନା, ମନୋଜ ଦାସ, ରାମଚନ୍ଦ୍ର ମିଶ୍ର, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଜେନା, ଅନ୍ତର୍ଯ୍ୟାମୀ ପତି, ଗୟାଧର ନାୟକ, ରଂଜନ ମହାନ୍ତି, ହିମାଦ୍ରୀ ନନ୍ଦନ ଦାସ, ପିଣ୍ଟୁ ମହାଳିକ ପ୍ରମୁଖ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ।

## ଡୋବାବିଲ-ପାଟଣା ଘାଇ ପରିଦର୍ଶନ କଲେ ଜିଲ୍ଲାପାଳ ଓ ବିଜେପି ନେତା



ଦଶରଥପୁର,୯।୮(ନି.ପ୍ର): ବୈତରଣୀ ଓ କାଣୀ ନଦୀରେ ତୃତୀୟ ବନ୍ୟା ଆସିବା ଫଳରେ ଜଳସ୍ତର ବୃଦ୍ଧି ପାଇ ଦଶରଥପୁର ବ୍ଲକ ତରପଦା ପଞ୍ଚାୟତସ୍ଥ ଡୋଭାବିଲ-ପାଟଣା ଘାଇ ଖୋଲିଯାଇଛି। ଘାଇ ମରାମତି କାର୍ଯ୍ୟ ହେଉଥିବାବେଳେ କାଣୀ ନଦୀରେ ପାଣି ଆସି ପୁଣି ଘାଇ ଚାଲିବା ଫଳରେ କଷ୍ଟା, ମଲ୍ଲୀକାପୁର, ତରପଦା ପଞ୍ଚାୟତ ବାସୀଙ୍କ ଦୁଃଖ ଦୁର୍ଦ୍ଦଶା ବଢିଯାଇଛି । ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ, ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁ, ଦଶରଥପୁର ବ୍ଲକ ସହକାରୀ ଯନ୍ତ୍ରୀ ରାସବିହାରୀ ଜେନା ପ୍ରମୁଖ ଘାଇ ଅବସ୍ଥା ଦେଖିବା ସହିତ ପାଣି ଘେରରେ ଥିବା ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଦଶରଥପୁର ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରବିବାର ସଖାଳେ ପାଟଣା ଗ୍ରାମର ମହେଶ୍ୱର ସୁତାର ଶୌଚ ହେବା ପାଇଁ ଯାଇ ଘାଇ ନିକଟରେ ବୁଡି ନିଖୋଜ ଅଛନ୍ତି । ଏଥିପାଇଁ ଜିଲ୍ଲାପାଳ ଦୁଃଖ ପ୍ରକାଶ କରିଛନ୍ତି । ସେହିପରି ଯାଜପୁର ବିଧାୟିକା ମଧ୍ୟ ମହେଶ୍ୱରଙ୍କ ନିଖୋଜ ଖବର ପାଇ ତାଙ୍କ ବାସଭବନକୁ ଯାଇ ସମବେଦନା ଜଣାଇଛନ୍ତି ।

ସେହିପରି କାଣୀ ନଦୀରେ ପାଣି ଆସି ଘାଇ ଚାଲିବା ଫଳରେ ଲୋକ ମାନେ ନଦୀ ବନ୍ଧ, ଉଚ୍ଚା ସ୍ଥାନକୁ ଯାଇଥିବାବେଳେ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ପାଇଁ ଯାଜପୁର ଜିଲ୍ଲା ପୂର୍ବତନ ବିଜେପି ନେତା ଗୌତମ ରାୟ ଅପରାହ୍ନରେ ଆସିଥିଲେ । ଘାଇ ଅବସ୍ଥା ଦେଖିବା ସହିତ ପାଣି ଘେରରେ ଥିବା ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ବ୍ୟବସ୍ଥା କରିବା ପାଇଁ କର୍ମୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାଟଣା ଗ୍ରାମର ଘାଇରେ ବୁଡି ନିଖୋଜ ମହେଶ୍ୱରଙ୍କ ବାସଭବନକୁ ଯାଇ ଶ୍ରୀ ରାୟ ସମବେଦନା ଜଣାଇଛନ୍ତି। ଗୌତମଙ୍କ ସହିତ ବରିଷ୍ଠ ବିଜେପି ନେତା ସୁବାଷ ମହାନ୍ତି, ଦଶରଥପୁର ବ୍ଲକ ପ୍ରାକ୍ତନ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ଦଶରଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, କଷ୍ଟା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ନାୟକ, ଯୁବନେତା ବାପି ମହାନ୍ତି, ପ୍ରିୟବ୍ରତ ମହାନ୍ତି ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ବାଲିଆପାଳ,୯।୮(ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ରାଜାରାଣୀ ଛକରେ ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ଯୁବ ସଂଗଠନ ଭାବେ ପରିଚିତ ଯୁବ କଂଗ୍ରେସ ପକ୍ଷରୁ ରବିବାର ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କେନ୍ଦ୍ରୀୟ କାର୍ଯ୍ୟାଳୟ ତଥା ବିଭିନ୍ନ ରାଜ୍ୟ ମୁଖ୍ୟାଳୟରେ ସଂଗଠନର ପତାକା ଉତ୍ତୋଳନ କରାଯାଇଥିବା ବେଳେ ବାଲିଆପାଳ ରେ ମଧ୍ୟ ପାଳନ କରାଯାଇଛି । ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତିର୍ଥ କୁମାର ନାଗଙ୍କ ଆହ୍ୱାନରେ ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାଷ ନାୟକଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକ ରୁ ବହୁ ଯୁବ କଂଗ୍ରେସ ନେତା ଆସି ପ୍ରତିଷ୍ଠା



ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦେଶର ଯୁବବର୍ଗ କେବଳ ଭବିଷ୍ୟତ ନୁହଁନ୍ତି, ବରଂ ବର୍ତ୍ତମାନର ମଜଭୁତ ଶକ୍ତି। ବେରୋଜଗାର, ଦରବୃଦ୍ଧି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ହେଉଥିବା ଆକ୍ରମଣ ବିରୋଧରେ ଯୁବ ସମାଜର ସ୍ୱରକୁ ଆହୁରି ଜୋରଦାର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଂଗ୍ରେସର ବରିଷ୍ଠ ନେତା ବିଜନ ନାୟକ, ନରହରି ଜେନା, ବ୍ଲକ କଂଗ୍ରେସ ସଭାପତି ମୂରଲୀ ମୋହନ ସାହୁ, ଜଗନ୍ନାଥ ବିଶ୍ୱାଳ, ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସରୋଜ ପିଳା ଓ ଅନ୍ୟାନ୍ୟ ନେତାମାନେ ସମସ୍ତ ଯୁବ କର୍ମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମାଜ ସେବା ଓ ନେତୃତ୍ୱ ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି। ଶେଷରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି।

## ବୈତରଣୀ ନଦୀରେ ପୁଣି ବନ୍ୟାଜଳ ବୃଦ୍ଧି

# ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ଜିଲ୍ଲାପାଳ



ଯାଜପୁର,୯।୮(ନି.ପ୍ର): ଲଗାଣ ବର୍ଷା ଓ ବୈତରଣୀ- କାଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳ ପୁନଶ୍ଚ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବୈତରଣୀ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେତୁ ଆଜି (୦୯.୦୮.୨୦୨୬) ଅପରାହ୍ନ ୪ଟା ସୁଦ୍ଧା ଦଶରଥପୁର ନିକଟରେ ନଦୀର ଜଳସ୍ତର ବିପଦ ସଙ୍କେତ (୯.୫୨ ମିଟର) ଟପି ୧୦.୬୦ ମିଟରରେ ପ୍ରବାହିତ ହେଉଛି। ଏହି ସଙ୍କଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରବିବାର ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସମଗ୍ର ସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ବିଶେଷ କରି ଡୋଭାବିଲ, ଖସାଲପୁର, କସପା ଓ ମଲ୍ଲିକାପୁର ପ୍ରଭୃତି ସଂବେଦନଶୀଳ ଓ ବନ୍ୟା ପ୍ଲାବିତ ଅଞ୍ଚଳ ବୁଲି ଦେଖିବା ସହ ଅହିୟାସ ଠାରେ ଘାଇ ମରାମତି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାଜଳ ହ୍ରାସ ପାଇବା କ୍ଷଣି ଘାଇ ମରାମତି କାର୍ଯ୍ୟକୁ ଦ୍ରୁତ, ସୁଦୃଢ଼ ଓ ଗୁଣାତ୍ମକ ମାନରେ ସମ୍ପନ୍ନ କରାଯିବ। ଏହାସହ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାର ନିକଟରେ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ, ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଓ ପଲିଥିନ୍ ପହଞ୍ଚାଇବା ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁଯାୟୀ, ଜିଲ୍ଲାର ୨ଟି ବ୍ଲକ୍ (ଦଶରଥପୁର ଓ ବଡ଼ଚଣା)ର ୪ଟି ଗ୍ରାମପଞ୍ଚାୟତ ଓ ୧୦ଟି ଗ୍ରାମର ମୋଟ ୧୩,୪୨୨ ଜଣ ଜନସାଧାରଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ୧୦ଟି ମାଗଣା ରୋଷେଇ / ରିଲିଫ୍ କେନ୍ଦ୍ର ଖୋଲାଯାଇ ୪,୯୬୪ ଜଣ (୩,୮୯୮ ବୟସ୍କ ଏବଂ ୧,୦୬୬ ଶିଶୁ)ଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରଭାବିତଙ୍କ ପାଇଁ ୦.୫୦ କ୍ୱିଣ୍ଟାଲ ଛୁଡ଼ା ଓ ୦.୧୦ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଥିବା ବେଳେ ତୁରନ୍ତ ଉଦ୍ଧାର ପାଇଁ ଦଶରଥପୁରରେ ୧ଟି ଓଡ୍ରାଫ୍ ଟିମ୍ ମୂତୟନ୍ ହୋଇଛନ୍ତି। ବନ୍ୟାରେ କୌଣସି ଜୀବନହାନି ହୋଇନଥିବା ସ୍ପଷ୍ଟ କରାଯାଇଛି। ଏହି ଗସ୍ତ ସମୟରେ ଦଶରଥପୁର ବିଡ଼ିଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିବା ସହ ତୀକ୍ଷ୍ଣ ନଜର ରଖିଛି।

## ପ୍ରେସ କ୍ଲବ ପକ୍ଷରୁ ବନ୍ୟା ପୀଡ଼ିତଙ୍କୁ ସ୍ୱାସ୍ଥ୍ୟ ସେବା

ଧାମନଗର,୯।୮(ନି.ପ୍ର): ଧାମନଗର ପ୍ରେସ କ୍ଲବ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ସର୍ବ ପୁରାତନ ସାମ୍ବାଦିକ ସଂଘ। ଅଧିକାଂଶ ସମୟରେ ଏହି ସଂଘ ଜନାଭିମୁଖୀ କାର୍ଯ୍ୟକ୍ରମ କରି ଶୁଭେଚ୍ଛା ଓ ସଦିଚ୍ଛା ସାଉଁଟି ଥାଏ। ଏହି ପରିପ୍ରେକ୍ଷୀରେ ଧାମନଗର ପ୍ରେସ କ୍ଲବ ପକ୍ଷରୁ ବ୍ଲକ ଅନ୍ତର୍ଗତ ରଇପୁର ପଞ୍ଚାୟତ କଣ୍ଟିକା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ହୋଇଥିଲା। ରବିବାର ପୂର୍ବାହ୍ନରେ ସ୍ଥାନୀୟ ସରପଞ୍ଚ ଜଗଦାନନ୍ଦ ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ଲିଭର କ୍ଲିନିକର ମୁଖ୍ୟ ବିଶିଷ୍ଟ ପେଟରୋଗ ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଆଖପାଖ ଅଞ୍ଚଳର ତିନି ଶହରୁ ଊର୍ଦ୍ଧ୍ୱ ବନ୍ୟା ପୀଡ଼ିତମାନଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଅବଶ୍ୟକ ଔଷଧ ପ୍ରଦାନ କରାଯାଇ ଥିଲା। ଲଗାତାର ୫ ଦିନ ଜଳବନ୍ଦୀ ରହିବା ପରେ ଏବେ ବନ୍ୟା ଛାଡ଼ି ଥିଲେ ମଧ୍ୟ ବିଭିନ୍ନ ଜଳବାହିତ ରୋଗ ଓ ପେଟ ରୋଗ ସମସ୍ୟାର ନିରାକରଣ ଦିଗରେ ଏହି ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଅଞ୍ଚଳ ରୋଗୀଙ୍କ ପାଇଁ ବରଦାନ ପାଲଟିଥିଲା। ଏହି ଶିବିରରେ ଡାକ୍ତର ଜେନାଙ୍କ ଧର୍ମପତ୍ନୀ ପ୍ରମିଳା ଜେନା, ଫାର୍ମାସିଷ୍ଟ ଲୋପାମୁଦ୍ରା ଧଳ, ମୋନାଲିସା ନାୟକ, ପର୍ଶୁରାମ ଦାସ, ଜ୍ୟୋତିରଞ୍ଜନ ଦାସ, ରାଜେଶ କୁମାର ବେହେରା ଓ ରୁଦ୍ର ନାରାୟଣ ପୋଥାଳ ପ୍ରମୁଖ ସହଯୋଗ କରିଥିଲେ। ଧାମନଗର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ଜେନା, ସଧାରଣ ସମ୍ପାଦକ ସରୋଜ ସେଠୀ, ପୂର୍ବତନ ସଭାପତି ବୈକୁଣ୍ଠନାଥ ସାହୁ, ବରିଷ୍ଠ ସଭ୍ୟ ସୁଧାକର ଦାଶ, ଅଭିମନ୍ୟୁ ମଲ୍ଲିକ, ରମେଶ ବେହେରା, ସୁଦୀପ୍ତ ଖଟୁଆ, ସନ୍ତୋଷ ମହାପାତ୍ର, ତାପସ ରଞ୍ଜନ ସାହୁ, ଗୌରାଙ୍ଗ ଦାଶ, ସଞ୍ଜୀବ ମହାନ୍ତି, ବିଶ୍ୱଜିତ ପଲାଇ ଓ ଜଗନ୍ନାଥ ବେହେରା ପ୍ରମୁଖ ଶିବିର ପରିଚାଳନରେ ସହଯୋଗ କରିଥିଲେ। ଏହି କାର୍ଯକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ରାଉତ, ଏସଏମସି ସଭାପତି ଗଜେନ୍ଦ୍ର ଖଟୁଆ, ଦୁଃଶାସନ ରାଉତ, ବଟକୃଷ୍ଣ ରାଉତ ବିରେନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ନବଜୀବନ ଫାଉଣ୍ଡେସନର ରାଜ୍ୟ ପ୍ରମୁଖ ମାନସ ରଞ୍ଜନ ସାହୁ ପ୍ରମୁଖ ପହଞ୍ଚି ପ୍ରେସ କ୍ଲବର ଏଭଳି ଜନୋପକାର କାର୍ଯ୍ୟକ୍ରମ ପାଇଁ ଶୁଭେଚ୍ଛା ସହ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ପ୍ରଶଂଶା କରିଥିଲେ।



## ଜଗନ୍ନାଥ ଏକ୍ସପ୍ରେସରୁ ୩ ମୋବାଇଲ ଲୁଟେରା ଗିରଫ

ଜଳେଶ୍ୱର,୯।୮(ନି.ପ୍ର): ଜଳେଶ୍ୱର ଷ୍ଟେସନରେ ଗତ ଶନିବାର ଅପ୍ ପୁରୀ - ହାଓ୍ୱଡା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ (୧୮୪୧୦) ଟ୍ରେନରୁ ଜଳେଶ୍ୱର ଆର.ପି.ଏଫ୍ ୩ ଜଣ ମୋବାଇଲ୍ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି। ଲୁଟେରା ୩ ଜଣ ହେଲେ ଭୁବନେଶ୍ୱର ଅଞ୍ଚଳର ବରଗଡ଼ ଥାନା ଅନ୍ତର୍ଗତ ମାନସ କୁମାର ସାହୁ ଓରଫ ସୁଦର୍ଶନ (୨୯) ଓ ରାଜୀବ ନାୟକ(୨୮) ଏବଂ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମୁନା ସାହୁ(୪୦) ବୋଲି ପୋଲିସ୍ ସୂତ୍ରରୁ ଜଣା ପଡିଛି। ସେହି ଟ୍ରେନରେ ଆସୁଥିବା ଜଣେ ଯାତ୍ରୀ ରଞ୍ଜିତ୍ ଗିରିଙ୍କ ସୂଚନା ଅନୁଯାୟୀ ତାଙ୍କର ଏକ ୧୮,୦୦୦ ଟଙ୍କା ମୂଲ୍ୟର ଭିଭୋ ମୋବାଇଲ୍ ଚୋରି ଅଭିଯୋଗରେ ସେ ମୁନା ସାହୁଙ୍କୁ ଧରି ଜଳେଶ୍ୱର ଷ୍ଟେସନରେ ଆର.ପି.ଏଫ୍ ହେଡ କନେଷ୍ଟବଳ ପି.ଏନ୍.ସିଂ ଓ ଏନ୍. କେ. ସିଂ, କନେଷ୍ଟବଳ ବି. ବୈଦ୍ୟଙ୍କ ନିକଟରେ ଜମା ଦେଇଥିଲେ।ମୁନାର ସୂଚନା ଅନୁଯାୟୀ ସେମାନଙ୍କ ସହିତ ଭୁବନେଶ୍ୱର ଷ୍ଟେସନରୁ ଅନ୍ୟ ୨ ଜଣ ସହଯୋଗୀ ମଧ ଏହି ମୋବାଇଲ ଚୋରି ଅଭିଯୋଗରେ ସଂପୃକ୍ତ ଅଛନ୍ତି। ଏହି ୨ ଜଣ ଲୁଟେରା ଜଳେଶ୍ୱର ଷ୍ଟେସନ୍ ୨ ନମ୍ବର ପ୍ଲାଟଫର୍ମରେ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ବେଳେ ତାଙ୍କୁ ଅଟକ ରଖିବା ପରେ ସେମାନେ ସମସ୍ତ ବିଷୟ ସ୍ୱୀକାର କରିଥିଲେ। ଖବର ପାଇ ରୁପ୍ସା ଆର.ପି.ଏଫ୍ ଥାନାର ସବ୍ ଇନ୍ସପେକ୍ଟର ଗୋପାଳ କୃଷ୍ଣ ଓ ଖଡଗପୁର ଟିମ୍ ହେଡ କନେଷ୍ଟବଳ ପୁରୁଷୋତ୍ତମ ରଣା ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନେ ଜଳେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ୩ ଜଣ ଲୁଟେରାଙ୍କୁ ଗିରଫ କରି ଚୋରୀ ହୋଇଥିବା ମୋବାଇଲକୁ ଜବତ କରିବା ସହିତ ସେମାନଙ୍କୁ ରୁପ୍ସା ଥାନାକୁ ନେଇଯାଇଥିଲେ। ପରେ ଗିରଫ ହୋଇଥବା ୩ ଜଣ ଲୁଟେରାଙ୍କୁ ବାଲେଶ୍ୱର ଜି.ଆର.ପି ଥାନାକୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଠା ଯିବା ପରେ ୧୩୦/୨୬ ମୂଳେ ଏକ ମାମଲା ରୁଜୁ ହୋଇଛି। ଏହି ଗିରଫଦାରୀକୁ ଭାରତୀୟ ରେଳବାଇର ଯାତ୍ରୀ ସୁରକ୍ଷା ଯୋଜନା ଅନ୍ତର୍ଗତ ବୋଲି ରୁପ୍ସା ଥାନା ପକ୍ଷରୁ ଜଣା ପଡିଛି।

## ବନ୍ୟା ଜଳ ହେଲା କାଳ: ବୁଡିଗଲେ ଯୁବକ



କେନ୍ଦ୍ରାପଡ଼ା,୯।୮(ନି.ପ୍ର): ବନ୍ୟା ଜଳ ହେଲା କାଳଛ ପ୍ରବଳ ବର୍ଷାରେ ଭାରସ୍ୟାମ ହରେଇ ବନ୍ୟା ଜଳରେ ବୁଡିଗଲେ ଯୁବକ। ଆଳି ଥାନା ଅନ୍ତର୍ଗତ ନିଆଳ ପଞ୍ଚାୟତ ଅଧୀନ ଛୋଟନାଥପୁର ଶାସନ ଗାଁର ସୌଭାଗ୍ୟ ଷଡ଼ଙ୍ଗୀ(୪୯) ନାମକ ଜଣେ ଯୁବକ ଏକ ଜରୁରୀ କାମରେ ବାଇକ ଯୋଗେ ଭୂଇଁପୁର ବଜାରକୁ ଯାଇଥିଲେ । ବଜାରରୁ କାର୍ଯ୍ୟସାରି ଘରକୁ ଫେରୁଥିବା ସମୟରେ ପ୍ରବଳ ବର୍ଷା ଯୋଗୁଁ ଆଳି-ଭୂଇଁପୁର ରାସ୍ତାର ତାରିଣୀ ଛକର ଅନତୀ ଦୂରରେ ଥିବା ଏକ ବାଙ୍କ ରେ ଭାରସ୍ୟାମ ହରେଇ ବନ୍ୟା ଜଳ ପ୍ରବାହିତ ହେଉଥିବା ଏକ ଖାଲରେ ଖସିପଡ଼ିଥିଲେ। ଖାଲରେ ପଡିଯିବା ଯୋଗୁଁ ଗାଡି ସହ ଉକ୍ତ ଖାଲରେ ବୁଡ଼ିଯାଇଥିଲେ । ପାଣିରେ ବୁଡ଼ି ଯାଇଥିବା ଦେଖି ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀଙ୍କର ମିଳିତ ସହଯୋଗରେ ତାଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡିବାପରେ ସ୍ଥାନୀୟ ଅଞ୍ଚଳ ସହ ସମଗ୍ର ଆଳିରେ ଶୋକର ଛାୟା ଖେଳିଯାଇଛି। ସୌଭାଗ୍ୟ ବୃତ୍ତି ରେ ଜଣେ ଡ୍ରାଇଭର ହୋଇଥିବାରୁ ମେଡିକାଲରେ ଶତାଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପରିବାର ପକ୍ଷରୁ ଏତଲା ପରେ ଆଳି ଥାନା ପକ୍ଷରୁ ସୌଭାଗ୍ୟଙ୍କ ମୃତ ଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।

## ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସିପିଏମ୍ ପ୍ରତିନିଧି ଦଳ

ଜଳେଶ୍ୱର,୯।୮(ନି.ପ୍ର): ଜଳେଶ୍ୱର ବ୍ଲକର ବର୍ତ୍ତନା ପଞ୍ଚାୟତ ଅନ୍ତର୍ଗତ ଖରିଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ବିଜୟ ମହାନ୍ତିଙ୍କ ନୂତନ ଗୃହ ପ୍ରବେଶରେ ଆୟୋଜିତ ଭୋଜି ଖାଇ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପ୍ରାଥମିକ ଅବସ୍ଥାରେ ୬୫ଜଣ ଜିକେ ଭଟ୍ଟର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ଆକ୍ରାନ୍ତ ରୋଗୀ ବୁହା ଚାଲିଛି। ଏହି ସଂଖ୍ୟା କେତେରେ ପହଞ୍ଚିବ ତାହା ଆକଳନ କରିବା ମୁସ୍କିଲ ହୋଇପଡିଛି। ଏଥିରୁ ପନ୍ଦର ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉଦ୍‌ବେଗର ବିଷୟ ଏହି ରୋଗୀ ମାନଙ୍କ ଭିତରେ କୋଡ଼ିଏରୁ ଅଧିକ ପିଲା ଯେଉଁମାନଙ୍କର ବୟସ ଦଶ ବାର ବର୍ଷଛଅବଶ୍ୟ ଜଳେଶ୍ୱର ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ଘଟଣାର ଗମ୍ଭୀରତାକୁ ଅନୁଭ କରି ଅନ୍ୟ ଡାକ୍ତରଖାନାର ଡାକ୍ତରଙ୍କ ସାହାଯ୍ୟ ନେଇଛନ୍ତି। ଏକ ଚିକିତ୍ସକ ଦଳ ଉକ୍ତ ଗ୍ରାମକୁ ଯାଇ ପ୍ରାଥମିକ ଚିକିତ୍ସା କରିଛନ୍ତି। ହାତୀଗଡ ଡାକ୍ତରଖାନାର ମେଡିକାଲ୍ ଅଫିସର୍ ଡାକ୍ତର ଭୀଷ୍ମ ଚରଣ ପରିଡ଼ା ଏବଂ ଜଳେଶ୍ୱର ହସ୍ପିଟାଲ ସୁପରିନଟେନଡେଣ୍ଟ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କ ସମେତ ଅନ୍ୟ ଡାକ୍ତର ଓ ନର୍ସମାନେ ରୋଗୀଙ୍କ ଚିକିତ୍ସା କରୁଥିବା ବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଏକ ପ୍ରତିନିଧି ଦଳ ଡାକ୍ତରଙ୍କ ସହିତ ଆଲୋଚନା କରିବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। ଏହି ପ୍ରତିନିଧି ଦଳରେ ଥିବା ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଇନ୍ଦ୍ରଜିତ ପାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ରୋଗୀମାନେ ଯେମିତି ସମସ୍ତ ପ୍ରକାର ଉନ୍ନତ ଚିକିତ୍ସା ପାଇବେ ସେ ଦିଗରେ ଉଚିତ ପଦକ୍ଷେପ ନେବାକୁ ଡାକ୍ତରମାନଙ୍କୁ ଅନୁରୋଧ କରିଛନ୍ତି।

## ଅନ୍ତର୍ଜାତୀୟ ଆଦିବାସୀ ଦିବସ ପାଳିତ

ଦାନଗଦି/କଳିଙ୍ଗନଗର, ୯।୮(ନି.ପ୍ର): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଆଦିବାସୀ ମିଳିତ ମଞ୍ଚ, ସୁକିନ୍ଦା, କଳିଙ୍ଗନଗରର ମିଳିତ ଆନୁକୂଲ୍ୟରେ ରବିବାର କଳିଙ୍ଗନଗର ନିକଟସ୍ଥ ଜାମପୋସି ନଡ଼ିଆଭଙ୍ଗା ଫୁଟବଲ୍ ପଡ଼ିଆଠାରେ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ବିଶେଷ ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଦଶମା ଜାରିକା, ଟାଟା ଷ୍ଟିଲ୍ କଳିଙ୍ଗନଗର ଓ୍ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା, ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ଚିଫ୍, ରବି ମାରିକ୍ ଏବଂ ନଡ଼ିଆଭଙ୍ଗା ସରପଞ୍ଚ ରଶ୍ମିତା ସାହୁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । କଳିଙ୍ଗନଗର ଏବଂ ଏହାର ଆଖପାଖ ଆଦିବାସୀ ଗ୍ରାମଗୁଡ଼ିକର ଆଦିବାସୀ ଧାତ୍ରୀମାନଙ୍କୁ ମାତୃତ୍ୱ ଓ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସେମାନଙ୍କ ଅମୂଲ୍ୟ ଯୋଗଦାନ ଏବଂ ପାରମ୍ପରିକ ଚିକିତ୍ସା ପଦ୍ଧତିର ସଂରକ୍ଷଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ




ଆଦିବାସୀ ଧାତ୍ରୀମାନଙ୍କୁ ସମ୍ମାନ: ଜୀବନ ଓ ସୁସ୍ଥତାର ସୁରକ୍ଷା ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନଜାତିଙ୍କ ପରିଚୟ, ସଂସ୍କୃତି, ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟର ଉତ୍ସବ ପାଳନ ପାଇଁ ପ୍ରାୟ ୧୫୦୦ ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଓ ଜନସାଧାରଣ ଏକତ୍ରିତ ହୋଇଥିଲେ । ଏହି ସମାରୋହରେ ଭୁବନେଶ୍ୱରର ଅବସରପ୍ରାପ୍ତ ଡିଆଇଜି ସ୍ୟାମ ସୁନ୍ଦର ହାଁସଦା, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ ପ୍ରେସିଡେଣ୍ଟ, ଅପରେସନ୍ସ, ଉତ୍ତମ ସିଂ, ଯାଜପୁର ବିଶେଷ ଉନ୍ନୟନ ପରିଷଦ (ଏସଡ଼ିସି)ର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ, ସମ୍ପ୍ରଦାୟର ପାରମ୍ପରିକ ଜ୍ଞାନ, ସଂସ୍କୃତି, ଭାଷା ଓ ସ୍ୱାଭିମାନର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ପିଢ଼ି ପାଇଁ ନିଜର ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖିବାରେ କମ୍ୟୁନିଟିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହ ପୂର୍ବରୁ ଆଦିବାସୀ ଅଞ୍ଚଳ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚଳଚ୍ଚିତ୍ର ପ୍ରଦର୍ଶନ, କୁଇଜ୍, ପ୍ରବନ୍ଧ ଲିଖନ ଏବଂ ପୋଷ୍ଟର ତିଆରି ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ଆଦିବାସୀ ଭାଷା କେନ୍ଦ୍ରର ଛାତ୍ରଛାତ୍ରୀ ଓ ଜନଜାତି ଯୁବକଯୁବତୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଆଦିବାସୀ ମିର୍ଗିଚାରାର ଆଦିବାସୀ ୟୁଥ୍ କ୍ଲବ୍ ପକ୍ଷରୁ ବାଲ୍ୟବିବାହ ଏବଂ ଅନ୍ଧବିଶ୍ୱାସ ବିରୋଧରେ ଏକ ସାମାଜିକ ନାଟକ ପରିବେଷଣ କରାଯାଇଥିଲା, ଯାହାକୁ ଅତିଥି ଓ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ଏଥିସହ ପାରମ୍ପରିକ ଆଦିବାସୀ ଖାଦ୍ୟ, ପୋଷାକ ଏବଂ ବାଦ୍ୟଯନ୍ତ୍ରର ପ୍ରଦର୍ଶନୀ ସହ ସଂସ୍କୃତି ଓ ଭାଷାର ସୁରକ୍ଷା ପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶେଷରେ ଆଦିବାସୀ ଜ୍ଞାନ, ସଂସ୍କୃତି, ଭାଷା ଓ ପରିଚୟର ସୁରକ୍ଷା କରି ଏହି ସଜୀବ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ପାଇଁ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ।

## କେସିସିଏଲ୍‌ର ସ୍ୱତନ୍ତ୍ର ସମବାୟ ସମାରୋହ

# ବିକଶିତ ଭାରତ ଲକ୍ଷ୍ୟକୁ ସମବାୟ ପୂରଣ କରିବ




କେନ୍ଦ୍ରାପଡ଼ା,୯।୮(ନି.ପ୍ର): କେନ୍ଦ୍ରାପଡା କୋ ଅପରେଟିଭ ସୋସାଇଟି ଲିମିଟେଡ (କେସିସିଏଲ)ର ୨୬ତମ ବର୍ଷ ଅବସରରେ ସହର ନିକଟ ଉଦୟନଗରସ୍ଥିତ ସଂସ୍କୃତି ଭବନ ଠାରେ ସ୍ୱତନ୍ତ୍ର ସମବାୟ ସମାରୋହ ଶନିବାର ଆୟୋଜନ ହୋଇଛି । ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ର ସରକାରଙ୍କ ବିକଷିତ ଭାରତ ଓ ରାଜ୍ୟ ସରକାରଙ୍କ ବିକଷିତ ଓଡିଶାର ଲକ୍ଷ୍ୟକୁ ସମବାୟ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଅତିଥିମାନେ ମତ ପ୍ରଦାନ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ମୁଖ୍ୟ ବକ୍ତା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଯୁକ୍ମ ସଚିବ ଡ. କମଳାକାନ୍ତ ତ୍ରିପାଠୀ, ବିଶିଷ୍ଟ ଅତିଥି ରାଜ୍ୟ ବାର କାଉନସିଲ ସଦସ୍ୟ ଦିନେଶ ରାୟ, ସମ୍ମାନୀତ ବକ୍ତା ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ, ଉପସଭାପତି ସାବିନା ପରଓ୍ୱିନ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଜଷ୍ଟିସ ମହାପାତ୍ର କହିଥିଲେଯେ ସହଯୋଗିତା ମାନବ ଇତିହାସ ସହିତ ଜଡିତା ଅଧୁନିକତା ଆଳରେ ସମ୍ପର୍କର ସେତୁ ଭାଙ୍ଗି ଯାଇଥିଲା । ମାତ୍ର ସମବାୟ ମାଧ୍ୟମରେ ଏହାର ପୁର୍ନଜନ୍ମ ହୋଇଛି । ଅମୁଲ ସଂସ୍ଥାର ଅପରେସନ ଫ୍ଲଡ ଆମକୁ ସମବାୟରେ ସମୃଦ୍ଧିର ପଥ ଦେଖାଉଛି । ୧୯୦୪ ମସିହାରୁ ଆସିଥିବା ସମବାୟ ଆଇନରେ ବହୁ ପରିବର୍ତ୍ତନ ହୋଇଛି । ଏହା ଏବେ ମୌଳିକ ଅଧିକାରରେ ପରିଣତ ହୋଇଛି । ପ୍ରେରଣା, ବିଶ୍ୱନୀୟତା ଓ ଔଦଗୀତା ଏହି ସମବାୟ ଆନ୍ଦୋଳନକୁ ଅଗ୍ରଗତି ଦେବ। ଫଳରେ ବିକଷିତ ଭାରତର ଅର୍ଥନୀତି ସୁଦୃଢ଼ ହୋଇପାରିବ । ମୁଖ୍ୟବକ୍ତା ଡ. ତ୍ରିପାଠୀ କହିଥିଲେଯେ ଭାରତୀୟ ଓ ଓଡିଶାର ସଂସ୍କୃତିରେ ନିଜ ସହ ସମାଜର ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି । ପଶୁପକ୍ଷୀମାନେ ମଧ୍ୟ ଗୋଟିଏ ବଣ ମଧ୍ୟରେ ଥିଲେ ମଧ୍ୟ ପ୍ରତିଯୋଗିତା ନକରି ସହଭାଗିତାକୁ ଗୁରୁତ୍ୱ ଦେଇଥାନ୍ତି । ଗ୍ରାମ୍ୟ ଅଭିବୃଦ୍ଧିରେ ସମାଜର ଅଭିବୃଦ୍ଧି ପାଇଁ ସମବାୟ ଆନ୍ଦୋଳନକୁ ଅଧକ ପ୍ରୋତ୍ସାହନ ଦେଇ ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଆହ୍ୱାନ ଦେଇ ଆସିଛନ୍ତି । ତେବେ ସମବାୟ ଆନ୍ଦୋଳନ ପାଇଁ ସାମୁହିକ ପ୍ରୟାସ ଜରୁରୀ । ବିଭିନ୍ନ ସମୟରେ ସମବାୟ ସମିତି ବିଫଳତାର ଶୀକାର ହେଉଛି । ଏଠାରେ ସମିତି ଓ ସଦସ୍ୟଙ୍କ ମଧ୍ୟରେ ସ୍ୱଚ୍ଛ ବାତାବରଣ, ଦାୟିତ୍ୱ ପରାୟଣତା, ସାମୁହିକ ଉଦ୍ୟମ, ଆଧୁନିକ ପ୍ରଣାଳୀ ବା ଡିଜିଟାଲରେ କାରବାର ଓ ବିଶ୍ୱାସର ଅଭାବ ଦେଖାଦେଉଛି । ଏହି ସମସ୍ୟାର ସମାଧାନ ହୋଇପାରିଲେ ସମବାୟ ଆନ୍ଦୋଳନ ସଫଳ ହୋଇ ୨୦୪୭ ମସିହା ସୁଦ୍ଧା ଭାରତ ଦେଶ ବିକାଶର ଶୀର୍ଷରେ ରହିବ । ଏହି ଜିଲାରେ ଫିସେରୀ, ଡାଏରୀ, ହର୍ଟିକଲଚର, ହ୍ୟାଣ୍ଡ୍ଲୁମ, ହ୍ୟାଣ୍ଡିକ୍ରାଫ୍ଟ ଓ ଟୁରିଜିମକୁ ସମବାୟ ଆନ୍ଦୋଳନରେ ସାମିଲ ଜରୁରୀ ହୋଇଛି । ବିଶିଷ୍ଟ ଅତିଥି ରାୟ କହିଥିଲେଯେ ଛୋଟ ଭୁଲଟିଏ ଆଗାମୀ ଦିନରେ ବଡ ଓ ଭଲ ସମ୍ପର୍କକୁ ନଷ୍ଟ କରିଥାଏ । ତେବେ କେସିସିଏଲର ପରିଚାଳନାଗତ ତୃଟି ନଥିବାରୁ ଗତ ୨୬ ବର୍ଷ ଧରି ସୁଚାରୁ ଚାଲିଆସିଛି । ସମ୍ମାନୀତ ବକ୍ତା ଅତିରିକ୍ତ ନିବନ୍ଧକ ସାହୁ କହିଥିଲେଯେ ସମବାୟ ଆନ୍ଦୋଳନରେ ସଦସ୍ୟଙ୍କ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ସାହୁ କହିଥିଲେଯେ ସମବାୟକୁ ସୁଚାରୁ ରୂପେ ପରିଚାଳନା କରିପାରିଲେ ଦେଶର ଅର୍ଥନୀତି ବଦଳିବ । ବ୍ୟକ୍ତିବିଶେଷରୁ ପରିବାର, ଗ୍ରାମ, ରାଜ୍ୟ ଓ ଦେଶ ସୁଅର୍ଥନୀତି ପାଇଁ ସକ୍ଷମ ହୋଇପାରିବ । ସମବାୟ ସମିତିକୁ କୃଷି ବ୍ୟତିତ ଅନ୍ୟ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ଆଇନ ହେବା ଜରୁରୀ ହୋଇ ପଡିଛି । କେସିସିଏଲ ଏହି ଆଭିମୁଖ୍ୟ ରଖି ସମିତିର ପରିଚାଳନା କରୁଛି । ଇତିମଧ୍ୟରେ ଅବିଭକ୍ତ କଟକ ଜିଲାରେ ୧୩ଟି ଶାଖା ଖୋଲାଯାଇ ୧ ଲକ୍ଷ ୪୭ ହଜାର ସଦସ୍ୟ ସାମିଲ କରାଯାଇ ପାରିଛି । ବିଭିନ୍ନ ଯୋଜନାରେ ଅସହାୟ ବ୍ୟକ୍ତି, ପରିବାର, ସଂଗଠନକୁ ସହଯୋଗ ଦିଆ ଯାଉଥିବା ବେଳେ ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଅନୁଯାୟୀ ସାହାଯ୍ୟ କରାଯାଉଛି । ଜଗତସିଂହପୁର ଜିଲାର ସଫଳ ଚାଷୀ ସୌରଭ ପଟ୍ଟନାୟକ, ଯାଜପୁର ଜିଲା ବଡଚଣା ବ୍ଲକର ଆଦର୍ଶ କୃଷି ସମବାୟ ସମିତି, ଖବରଦାତା ମଳୟରଞ୍ଜନ ମହାନ୍ତି, ସମବାୟବିତ ମମତା ପଣ୍ଡା, ଡା. ଉମେଶ ଚନ୍ଦ୍ର ରାୟ, ସମବାୟବିତ ନୃସିଂହ ଚରଣ ମହାନ୍ତି, ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତା ସ୍ୱପ୍ନା ସିଂହଙ୍କୁ କେସିସିଏଲ ପକ୍ଷରୁ ସଫଳ ଉଦ୍ୟମୀ ଭାବେ ସମ୍ବର୍ଦ୍ଧିତ କରାଯାଇ ଥିଲା । ସମ୍ପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଅତିରିକ୍ତ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସମିତିର ନିର୍ଦ୍ଦେଶାକ, କର୍ମଚାରୀ, ଏଜେଂଟ ଓ ସଦସ୍ୟମାନେ ବହୁଳ ଭାବେ ଯୋଗ ଦେଇଥିଲେ ।

# ୧୦ଦଫା ଦାବିରେ ଛଦେଶ ବିକାଶ ପରିଷଦର ଧାରଣା




ଢେଙ୍କାନାଳ,୯।୯(ନି.ପ୍ର): ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ଛକ ନିକଟରେ ଛଦେଶ ବିକାଶ ପରିଷଦ' ତରଫରୁ ୧୦ଦଫା ଦାବିନେଇ ଅହୋରାତ୍ର ଧାରଣା ଦିଆ ଯାଇଛି। ଭାପୁର ଫାଣ୍ଡିକୁ ଥାନାରେ ପରିଣତ କରିବା, ସାପୁଆ ନଦୀର ପୁର୍ନଉଦ୍ଧାର କରିବା , ଦମକେଳ କେନ୍ଦ୍ର ସ୍ଥାପନ କରିବା, ଭାପୁର ଠାରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିବା ଭଳି ୧୦ଦଫା ଦାବିନେଇ ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ଅହୋରାତ୍ର ଧାରଣା ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିକାଶ ପରିଷଦର ଆବାହକ ଇଂ ଶୁଭପ୍ରସଦା ପଣ୍ଡା କହିଛନ୍ତି। ସୂଚନା ଥାଉକି ଛଦେଶ ଅଞ୍ଚଳଟି ସଦର ବ୍ଲକର ୮ଟି ପଞ୍ଚାୟତ ଓ ଓଡାପଡା ବ୍ଲକର ୪ଟି ପଞ୍ଚାୟତକୁନେଇ ଗଠିତ। ପୂର୍ବରୁ ସମାନ ଦାବିକୁ ନେଇ ପ୍ରଶାସନ ଅଧିକାରୀଙ୍କ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗତ ଫେବୃଆରୀ ମାସ ୧୮ ତାରିଖରେ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ଛଦେଶ ବନ୍ଦ ପାଳନ କରାଯାଇଥିଲା। ଦାବି ପୁରଣ ପାଇଁ ପ୍ରଶାସନ ଅଧିକାରୀଙ୍କ ଠାରୁ ପ୍ରତିଶୃତି ମିଳିଥିଲେ ମଧ ଇତି ମଧରେ ୬-ମାସ ବିତି ଯାଇଥିଲେ ସୁଧା କୌଣସି ଗୋଟିଏ ହେଲେ ଦାବି ପୁରଣ ହୋଇପାରିଲା ନାହିଁ। ଏଣୁ ଦାବି ପୁରଣ ନହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବା ସହିତ ଆବଶ୍ୟକ ପଡିଲେ ଆମରଣ ଅନଶନ କରାଯିବ ବୋଲି ପରିଷଦ ତରଫରୁ ସୁଚନା ଦିଆଯାଇଛି। ଏହି ଆନ୍ଦୋଳନରେ ଛାୟାକାନ୍ତ ବେହେରା, ସିତାଂଶୁ ମହାପାତ୍ର, ଅଜୟ ପଟ୍ଟନାୟକ, ଗଗନ ବିହାରି ପଣ୍ଡା , ପଞ୍ଚାନନ ସାହୁ, ସୁର୍ଯ୍ୟ ପୃଷ୍ଟି , ସୁବାଶ ଖଟୁଆ, ହରିହର ପଣ୍ଡା, ପ୍ରତାପ ସାହୁ, ପିଣ୍ଟୁ ସ୍ୱାଇଁ , ଅଭୟ କୁମାର ସାହୁ ପ୍ରମୁଖ ଧାରଣା ସ୍ଥଳରେ ଉପସ୍ଥିତ ରହିଥିଲେ।

# ଦୁଷ୍କର୍ମ ପୀଡିତାଙ୍କୁ ଭେଟିଲା ପିସିସି ଟିମ



ନିଶ୍ଚିନ୍ତକୋଇଲି, ୯।୮(ନି.ପ୍ର): ପିସିସି ସଭାପତୀଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ହୋଇଥିବା ତଥ୍ୟ ଅନୁସନ୍ଧାନକାରୀ ଦଳ ମାହାଙ୍ଗା ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଘଟିଥିବା ନାବାଳୀକା ଦୁଷ୍କର୍ମ ପୀଡିତାଙ୍କ ପରିବାରକୁ ଭେଟିବା ସହ ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ନ୍ୟାୟ ଦାବି କରିଛନ୍ତି । ଗତ ୩୦ ତାରିଖରେ ମାହାଙ୍ଗା ଭଦ୍ରେଶ୍ୱର ଥାନା ଉମର ପଞ୍ଚାୟତ ଅଞ୍ଚଳର ଜଣେ ୪ ବର୍ଷର ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତୀଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡିତାଙ୍କ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣା ସମ୍ବନ୍ଧରେ ସାଲେପୁର ଏସ୍‌ଡିପିଓ ବିରଂଚି ନାରାୟଣ ପତିଙ୍କୁ ଭେଟି ପୋଲିସ ତଦନ୍ତ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ପିଡିତାଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ । ପରେ ଓସ୍ତପୁର ଗ୍ରାମ ଯାଇ ପିଡିତାଙ୍କ ପରିବାରବର୍ଗଙ୍କ ନିକଟରେ ଉପସ୍ଥିତ ହୋଇ ଆଶ୍ୱାସନା ଦେଇଥିଲେ । ଏହା ଉପରାନ୍ତେ ଜିଲ୍ଲା କଂଗ୍ରେସ୍ ସଭାପତି ପ୍ରଦିପ୍ତ ଦାସଙ୍କ ସଂଯୋଜନାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ସୁକରପଡା ପୁର୍ତବିଭାଗ ଡାକବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ଓ ନାବାଳିକା ଦୁଷ୍କର୍ମ ଅପରାଧ ଧିରେ ଧିରେ ବୃଦ୍ଧିପାଉଥିବାରୁ କଂଗ୍ରେସ୍ ପ୍ରତିନିଧି ଦଳ କ୍ଷୋଭପ୍ରକାଶ କରିବା ସହ ଅପରାଧିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଏହି ତଥ୍ୟ ଅନୁସନ୍ଧାନକାରୀ ଦଳରେ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତୀ ମିଶ୍ର, ପିସିସି ମୁଖପାତ୍ର ମନିଷା ଦାସ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ପିସିସି ମୁଖପାତ୍ର ଦେବାଶିଷ ଭୂୟାଁ, ବ୍ଲକ କଂଗ୍ରେସ୍ ସଭାପତି ନାରାୟଣ ଦ୍ୱିବେଦୀ, ଯୁବନେତା ସୈକତ୍ ଅଲ୍ଲୀ, ସୁକାନ୍ତ ନନ୍ଦ, ମାହାଙ୍ଗା ଯୁବକଂଗ୍ରେସ୍ ସଭାପତି ସେକ୍ ସଦାମ୍, ଜିଲ୍ଲା ସମ୍ପାଦକ ବାନାମ୍ବର ଚାନ୍ଦ, ରାଜା ଭୂୟାଁ, ଅନନ୍ତ ନାୟକ ଓ ସେକ୍ ମଞ୍ଜୁର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସେକ୍ସ ରାକେଟ ଠାବ, ୬ ଗିରଫ

କୁଜଙ୍ଗ,୯।୮(ନି.ପ୍ର): ଦିନ ଦ୍ୱିପହରରେ ଚାଲିଥିଲା ଦେହ ବ୍ୟବସାୟ, କୁଜଙ୍ଗ, ପାରାଦ୍ୱୀପ, ଜଗତସିଂହପୁର, ତିର୍ତ୍ତୋଲ ଓ କେନ୍ଦ୍ରାପଡ଼ାରୁ ଆସୁଥିଲେ ଗ୍ରାହକ । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଏହି ବ୍ୟବସାୟ ଚାଲୁଥିଲେ ମଧ୍ୟ ଟେର୍ ପାଉନଥିଲା ପୋଲିସ । ତେବେ କୌଣସି ସୂତ୍ରରୁ ସୂଚନା ପାଇବା ପରେ ତିର୍ତ୍ତୋଲ ପୋଲିସ ରାହାମା ବଜାର ନିକଟ ଏକ ଭଡ଼ା ଘରେ ଚଢ଼ାଉ କରି ଘର ମାଲିକ ସମେତ ଘଟଣାର ରାଣୀ ମହୁମାଛି ସମେତ ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ଥିବା ବେଳେ ଘର ମାଲିକଙ୍କୁ ମିଶାଇ ଦୁଇଜଣ ପୁରୁଷ ରହିଛନ୍ତି। ସେମାନଙ୍କ ନିକଟରୁ ବହୁ ଆପତ୍ତିଜନକ ସାମଗ୍ରୀ ସମେତ ଶକ୍ତି ବର୍ଦ୍ଧକ ବଟିକା ଏବଂ ନଗଦ ୩୨୦୦ ଟଙ୍କା, ୭ ଟି ମୋବାଇଲ ମଧ୍ୟ ଜବତ କରାଯାଇଛି । ତିର୍ତ୍ତୋଲ ଆଇଆଇସି ବଂଶୀଧର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଡାଉ ସାମିଲ ହୋଇଥିବା ବେଳେ କୁଜଙ୍ଗ ଅତିରିକ୍ତ ତହସିଲଦାର ପାୟେଲ ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ସମସ୍ତ ଚଢ଼ାଉ ଏବଂ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏଥିରେ ସହଯୋଗ କରିଥିବା ତିର୍ତ୍ତୋଲ ଏସଡିପିଓ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ପୁତ୍ର ସନ୍ତାନ ଜନ୍ମ ଦେଲା ଅବିବାହିତ ଝିଅ

ନିଆଳି, ୯।୮(ନି.ପ୍ର): ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସମାଜରେ ଲୋକଲଜ୍ୟା ଭୟରେ ଝିଅଟି ଗର୍ଭବତୀ ଥାଇ ମଧ୍ୟ କୌଣସି ସ୍ୱାସ୍ଥ୍ୟକେନ୍ଦରେ ପ୍ରାଥମିକ ଚିକିତ୍ସା କରିନଥିଲା । ମାତ୍ର ୭ ମାସରେ ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିବା ବେଳେ ମା ଓ ପୁତ୍ର ଗୁରୁତର ଥିବାରୁ ସଙ୍ଗେ ସଙ୍ଗେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି । ଝିଅଟି ସାଙ୍ଗରେ ଜଣେ ପୁଅ ଥିଲେ ମଧ୍ୟ ଉଭୟ ପରିଚୟ ଲୁଚାଇବାରୁ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ତ୍ତୃପକ୍ଷ ପୋଲିସକୁ ଡକାଇଥିଲେ। ଏହି ଘଟଣା ସାରା ନିଆଳିରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ନିଆଳି ଥାନା ପୋଲିସ ଏହି ଘଟଣାର ତଦନ୍ତ ଚଳାଇଛି

## ବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ନିଆଳି, ୯।୮(ନି.ପ୍ର): ଯୌତୁକ ପାଇଁ ବଧୂ ହତ୍ୟା କରାଯାଇଥିବା ଅଭିଯୋଗରେ ସ୍ୱାମୀକୁ ଅଟକ ରଖିଛି ପୁଲିସ । ଘଟଣାରୁ ପ୍ରକାଶ ଯେ, ନିଆଳି ଥାନା ଅଧିନସ୍ଥ ନିଆଳି ପୂର୍ବଖଣ୍ଡ ଗ୍ରାମର ରବି ଦାସଙ୍କ ପୁଅ ରୋମିଓ କୁମାର ଦାସ (୩୫)୨୦୧୭ ମସିହା ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ବନମାଳୀପୁର ଗ୍ରାମର ଶ୍ୟାମ ସୁନ୍ଦର ନାଥଙ୍କ ଝିଅ କାଦମ୍ବିନୀ ଦାସ (୩୨)ଙ୍କୁ ବିବାହ କରିଥିଲେ। ବିଭିନ୍ନ ସମୟରେ ସ୍ୱାମୀ କାଦମ୍ବିନୀଙ୍କୁ ବାପଘରୁ ଟଙ୍କା ଆଣିବା ପାଇଁ ମାରପିଟ କରୁଥିଲେ। ରବିବାର ଦିନ କାଦମ୍ବିନୀଙ୍କୁ ମାରି ଫ୍ୟାନରେ ଟାଙ୍ଗୀ ଦେଇଥିବା ବାପା ଶ୍ୟାମସୁନ୍ଦର ନାଥ ନିଆଳି ଥାନାରେ ଅଭିଯୋଗ କରିଛନ୍ତି । ନିଆଳି ଥାନା ପୋଲିସ ୬୨୦/୨୬ରେ ହତ୍ୟା ମାମଲା ରୁଜୁ କରି ସ୍ୱାମୀ ରୋମେଇ କୁମାର ଦାସଙ୍କୁ ଅଟକ ରଖିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ତଦନ୍ତ କରାଯିବ ବୋଲି ନିଆଳି ଥାନା ଆଇଆଇସି ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

## ଶେଖ ଲତିଫ ଉଦୀନର ଜାମିନ ସ୍ଥଗିତ

ଜଗତସିଂହପୁର, ୮।୮(ନି ପ୍ର ): ଜଗତସିଂହପୁର ତିର୍ତ୍ତୋଲ ଥାନା ଅଧିନ ରସୁଲପୁର ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ଶେଖ ଲତିଫ ଉଦୀନର ଜାମିନ ଆବେଦନ ଗତକାଲି ହାଇକୋର୍ଟରେ ସ୍ଥଗିତ ରହିଛି । ମାନ୍ୟବର ବିଚାରପତି ଜି. ଶତପଥୀ ଜାମିନ ଆବେଦନ ସଂଖ୍ୟା ୫୯୬୩/୨୦୨୬କୁ ବିଚାରକରି ୨୪ ଅଗଷ୍ଟ ୨୦୨୬କୁ ସ୍ଥଗିତ ରଖିଛନ୍ତି । ମାନ୍ୟବର ଅଦାଲତ ୨୪ ଅଗଷ୍ଟରେ ଶେଖ ଲତିଫ ଉଦୀନର ସମସ୍ତ କେସର କପି, ଜଜମେଣ୍ଟ ସହିତ ସମସ୍ତ କାଗଜପତ୍ର ପଇଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ପ୍ରକାଶ ଥାଉକି ଶେଖ ଲତିଫ ଉଦୀନ ନାମରେ ତିର୍ତ୍ତୋଲ ଥାନା କେଶ ନଂ ୩୧୦/୧୯, ୩୮୭/୨୦, ୩୮୦/୨୪, ୬୨୨/୨୫, ୨୪୮/୨୬ ବିଚାରଧୀନ ରହିଛି । ଏପରିକି କେଶ ନଂ ୧୧୬/୧୬ ତାକୁ ୩ ବର୍ଷ କାରାଦଣ୍ଡ ଓ ଜରିମାନା ହୋଇଥିଲେ ମଧ୍ୟ ସେ ବାରମ୍ବାର ଅପରାଧ ଘଟାଉଛନ୍ତି । ଶେଖ ଲତିଫ ଉଦୀନର ଜାମିନ ଆବେଦନ ପୂର୍ବରୁ ଜେ.ଏମ.ଏଫ.ସି ରଘୁନାଥପୁର, ତିର୍ତ୍ତୋଲରେ ନାକଚ ହୋଇଥିଲା ଓ ଜଗତସିଂହପୁର ସି.ଜେ.ଏମଙ୍କ କୋର୍ଟରେ ମଧ୍ୟ ଖାରଜ ହୋଇଛି । ଏଭଳି ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ ଥିବା ସମସ୍ତ କେଶର ବିଚାର କରାଯାଇ ଦୃଷ୍ଟାନ୍ତ ମୂଳକ ଦଣ୍ଡାଦେଶ ପାଇଁ ଦାବି ହୋଇଛି ।

## ବଜ୍ରାଘାତରେ ଜଣେ ମୃତ, ୪ ଆହତ

ପାଲଲହଡା, ୯।୮ (ନି.ପ୍ର): ପାଲଲହଡା ବ୍ଲକ ସହରଗୁରୁଜାଙ୍ଗ ନାଥପଶି ଗାଁରେ ବଜ୍ରାଘାତରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଚାରିଜଣ ଆହତହୋଇଛନ୍ତି । ରବିବାର ଦିନ ସକାଳ ୮ ଟା ସମୟରେ ଜମିରେ କାମ କରୁଥିବା ସମୟରେ ମାଟାଏ ବାରିଜ ନାମକ(୪୫) ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ, ୪ ଜଣ ଗୁରୁତର ଆହତ ହୋଇ ପାଲଲହଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତ ମାଟାଏବାରିଜଙ୍କ ଘର ଈଶ୍ୱର ନଗର ପଂଚାୟତର କ୍ଷେତ୍ରବାସୀପୁର। ସେ ନିଜ ଶଶୁର ଘର ସହରଗୁରୁଜାଙ୍ଗ ନିକଟସ୍ଥ ନାଥପଶିକୁ ଯାଇ ବିଲ କାମ କରୁଥିଲେ । ସେହିପରି କିଛି ଦୂରରେ ଥିବା ସେଇ ଗ୍ରାମର ନିରୁପମା ବେହେରା, ଶାନ୍ତି ଲତା ପୂର୍ତ୍ତି ଏଂ ତାଙ୍କ ୧୦ ବର୍ଷର ଝିଅ ସିରିଆ ପୂର୍ତ୍ତି ଗୁରୁତର ଆହତ ହୋଇଥିଲେ । ସେହି ଭଳି ଚଷାଗୁରୁଜାଙ୍ଗ ସୁସବ ଗ୍ରାମର ରାଇମନି କାର୍ଜି ଜମିରେ କାମକରୁଥିବା ବେଳେ ବଜ୍ରା ଘାତରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଖବର ପାଇ ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୃତ ବ୍ୟକ୍ତିଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଗୁରୁତର ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଆହତ ବ୍ୟକ୍ତି ମାନଙ୍କୁ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ

ଆଠମଲ୍ଲିକ, ୯।୮(ନି.ପ୍ର): ସମ୍ମିଳିତ ଆଦିବାସୀ ସମାଜ ଅନୁଗୋଳ ଜିଲ୍ଲା ଆନୁକୁଲ୍ୟରେ ବିଶ୍ୱ ଆଦିବାସୀ ଦିବସ ୨୦୨୬ କିଶୋରନଗର ବ୍ଲକ ଅନ୍ତର୍ଗତ ଧଉରାପାଲି କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଅଛି। ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସଭାପତି ମାଗୁଣି ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ପ୍ୟାରୀମୋହନ ନାୟକଙ୍କ ସହିତ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ମୁଖ୍ୟ ବକ୍ତା ବିରଞ୍ଚି ନାୟକ, ବକ୍ତା ପ୍ରମୋଦ କୁମାର ପ୍ରଧାନ, ସଦାଶିବ ନାୟକ, ଭୈରବ ଦେହୁରୀ, ମହାଦେବ ଭୋଇ, ସୁଜାତା ନାୟକ, ବସନ୍ତ କୁମାର ପଧାନଙ୍କ ସହ ଅନୁଗୋଳ ଜିଲ୍ଲାରେ ବସବାସ କରୁଥିବା ଗୋଣ୍ଡ, କିସାନ, କନ୍ଧ, ଖଇରା, ମେହେର, ଭୂୟାଁ, ଶବର ସାନ୍ତାଳି, ହୋ ସମାଜର ମୁଖ୍ୟ କର୍ମକର୍ତ୍ତା ଗଣ ସାମିଲ୍ ହୋଇଥିଲେ । ମୁଖ୍ୟତଃ ସମାଜରୁ ଲୋପ ପାଇ ଯାଉଥିବା ଭାଷା, ସଂସ୍କୃତି ସାହିତ୍ୟ, ବେଶପୋଷାକ ନୃତ୍ୟ ଗୀତ, ପରମ୍ପରା, ପ୍ରକୃତି ପୂଜା ପଦ୍ଧତି, ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସାମାଜିକ ସଂସ୍କାର ଆଦି ବ୍ୟବସ୍ଥାକୁ ସାମାଜିକ ସ୍ତରରେ ପ୍ରଚଳିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ

ଢେଙ୍କାନାଳ,୯।୯(ନି.ପ୍ର): ଢେଙ୍କାନାଳ ସହରର ଗାନ୍ଧୀ ପାର୍କରେ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ୮୪ତମ ଅଗଷ୍ଟ କ୍ରାନ୍ତି ଦିବସ ସଂଗଠନ ସଭାପତି ପ୍ରଫେସର ଡା. ତୁଷାର କାନ୍ତି ନାୟକଙ୍କ ସଭାପତିତ୍ୱରେ ଏବଂ ଉପସଭାପତି ରୁଦ୍ର ପ୍ରକାଶ ଶରଣଙ୍କର ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଅଛି । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏହି ଐତିହାସିକ ଦିବସ 'ଭାରତଛାଡ



ଆନ୍ଦୋଳନ' ନାମରେ ପ୍ରସିଦ୍ଧି ଲାଭ କରିଛି, ଏଥିରେ ସାମିଲ ହୋଇଥିବା ନେତୃବୃନ୍ଦ, ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଶହୀଦ ହୋଇଥିବା ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ସଭାରେ ଆନ୍ଦୋଳନର ପୃଷ୍ଠଭୂମି, ଦୀର୍ଘ ୩ବର୍ଷ ଧରି ଆନ୍ଦୋଳନର ଘଟଣାବଳୀ ଏବଂ ଏହାର ଫଳସ୍ୱରୂପ ସ୍ୱାଧିନତା ହାସଲ କରିବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା ସମ୍ପର୍କରେ ସଭାପତି ଡା. ନାୟକ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସମ୍ପାଦକ ସରୋଜ ଶତପଥି , ଢେଙ୍କାନାଳ ବାର୍ ଆସୋସିଏସନ୍ ସଭାପତି ଆଡଭୋକେଟ୍ ଗୋପାଳ ପାତ୍ର ଏବଂ ସଦସ୍ୟ ନିର୍ମଳ ମିଶ୍ର , ସୁରେଶ ପାଣିଗ୍ରାହୀ, ଦୈନିକ ସମାଜ ପ୍ରତିନିଧି ପ୍ରଶାନ୍ତ ଶତପଥି, ଓଡ଼ିଶା ଦୁର୍ନୀତି ନିବାରଣ ମଂଚ ଉପ-ସଭାପତି ଅଜୟ ମିଶ୍ର, ୧୨ନମ୍ବର ୱାର୍ଡ କାଉନସିଲର ଶୁଭଲକ୍ଷ୍ମୀ ସାହୁ, ସଚେତନ ନାଗରିକ ମଂଚ ସଭାପତି ଭରତ ଦାସ୍ ପ୍ରମୁଖ ଆଲୋଚନା କରିଥିଲେ । ସାହିତ୍ୟ ଏକାଡେମୀର ପୂର୍ବତନ ସଂପାଦକ ବାହାଦୂର ପାଟ୍ଟସାହାଣୀ, ଯୁଧିଷ୍ଠିର ସାହୁ, ପ୍ରେମାନନ୍ଦ ଶତପଥୀ ପ୍ରମୁଖ ସଭାରେ ଅଂଶ ଗ୍ରହଣ କରିଥିଲେ। ରୁଦ୍ର ପ୍ରକାଶ ଶରଣ ଧନ୍ୟବାଦ ଅର୍ପଣ କରିଥିଲେ ।

## କେଜିରୁ ପିଜି ମାଗଣା: ଚିନ୍ତାରେ ବ୍ଲକ ଗ୍ରାଣ୍ଟ କଲେଜ କର୍ତ୍ତୃପକ୍ଷ

ତାଳଚେର, ୯।୮(ନି.ପ୍ର): ରାଜ୍ୟ ସରକାର କେଜିରୁ ପିଜି ପର୍ଯ୍ୟନ୍ତ ଫିଛାଡ଼ ଘୋଷଣା କରିଛନ୍ତି । ଏବେ ବ୍ଲକ ଗ୍ରାଣ୍ଟ କଲେଜ ଗୁଡ଼ିକରେ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି । ଦରମା ପାଇବା ଅନିଶ୍ଚିତା ଯୋଗୁଁ ଅନେକ ଚୁକ୍ତିଭିତିକ ଅଧ୍ୟାପକ, ଅଧ୍ୟାପିକା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଯାହାକୁ ନେଇ କଲେଜ ପରିଚାଳନା କର୍ତ୍ତୃକ୍ଷ ବା କମିଟି ଏବେ ଚିନ୍ତାରେ ପଡ଼ିଗଲେଣି । ବିଭିନ୍ନ କଲେଜ କର୍ତ୍ତୃପକ୍ଷ ନାମ ଲେଖାଇବା ସମୟରେ କେବଳ ଆଡ଼ମିଶନ ଫି ଛାଡ଼ କରି ଅନ୍ୟାନ୍ୟ ଫି ସଂଗ୍ରହ କରି ଛାତ୍ରଛାତ୍ରୀଙ୍କୁ ରସିଦ ଦେଉଥିଲେ । ମାତ୍ର ଏହା ପ୍ରଚାର ହେବାପରେ ସରକାର ବିଜ୍ଞପ୍ତି ପ୍ରକାଶ କରିବାରୁ ସମ୍ପୂର୍ଣ୍ଣ ଫି ଛାଡ଼ କରାଯାଇଥିଲା । ପ୍ରାୟ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିନା ଫିରେ ଛାତ୍ରଛାତ୍ରୀଙ୍କ ଆଡ଼ମିଶନ କରାଯାଇଛି । ପ୍ରାୟ ୬୬୨ ଏବଂ ୪୮୮ବର୍ଗ ମହାବିଦ୍ୟାଳୟରେ ଏହାର ପ୍ରଭାବ ଦେଖାଯାଇଛି । କଲେଜ ଗୁଡ଼ିକରେ ବିଜୁଳି ବିଲ୍, ଇଂଟରନେଟ୍ ବିଲ, ପ୍ରଶାସିନକ ଖର୍ଚ୍ଚ, ଚୁକ୍ତି ଭିତିକ ଅଧ୍ୟାପକଙ୍କ ଦରମା ଓ ଆନୁସାଙ୍ଗିକ ଖର୍ଚ୍ଚ ଦେବାକୁ ନେଇ ସମସ୍ୟା ଉପୁଜିଛି । ସରକାର ଯେଉଁ ୧୦% ଅନୁଦାନ ଦେବେ ବୋଲି ଘୋଷଣା କରିଛନ୍ତି ତାହା କେବେ ଦେବେ ତାହା ସ୍ପଷ୍ଟତା ମିଳିନାହିଁ । ସରକାରୀ ଅନୁଦାନ ଦେବାରେ ଯେଉଁ ବିଳମ୍ବ ହୁଏ ସମସ୍ତଙ୍କର ଅଳ୍ପେ ବହୁତେ ଅନୁଭବ ରହିଛି । ଯେଉଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନିଯୁକ୍ତିକୁ ନେଇ ବିଜ୍ଞାପନ ପ୍ରକାଶ ପାଉଛି ସେଥିରେ ଆଶାୟୀଙ୍କ ସଂଖ୍ୟା କମ ରହୁଥିବା ଲକ୍ଷ୍ୟ କରାଯାଉଛି । ସରକାର କେଜିରୁ ପିଜି ମାଗଣା ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ । ଯେଉଁ ମହାବିଦ୍ୟାଳୟ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ଆଡ଼ମିଶନ ଓ ରିଆଡ଼ମିଶନରେ ଚାଲେ ବିଶେଷଭାବେ ସେମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହାକୁ ନେଇ କଲେଜ ପରିଚାଳନା କର୍ତ୍ତୃକ୍ଷ ଅନୁଷ୍ଠାନକୁ କିଭଳି ଚଳାଇବେ ସେ ଦିଗରେ ସରକାର ଚିନ୍ତା କରିବା ଉଚିତ ବୋଲି କହିଛନ୍ତି ।

## କୁମ୍ଭେଶ୍ୱରୀ ମନ୍ଦିରରେ ଆଣ୍ଠୁଏ ପାଣି

ତାଳଚେର,୯।୮(ନି.ପ୍ର): ତାଳଚେର ପୌରପରିଷଦ ଅନ୍ତର୍ଗତ ସାପ୍ତାହିକ ଶନିବାର ହାଟ ରାସ୍ତା କଡ଼ରେ ଦୀର୍ଘବର୍ଷ ହେବ ପୂଜା ପାଇ ଆସୁଥିବା ମା'କୁମ୍ଭେଶ୍ୱରୀ ମନ୍ଦିରରେ ଅସାରାଏ ବର୍ଷାରେ ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଥିବା ଦେଖାଯାଇଛି । ଏହି ମନ୍ଦିରକୁ ପ୍ରତିଦିନ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଯାଉଥିବାରୁ ମନ୍ଦିରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଥିବା ଦେଖି ଦୁଃଖ ପ୍ରକାଶ କରିବା ସହ ତାଳଚେର ଅଞ୍ଚଳରେ ଯଦି ଏପରି ଅବସ୍ଥା ଉପୁଜେ ତେବେ ଗ୍ରାମାଚଂଳର ଦଶା କ'ଣ ହେଉଥିବ ତାହା ଏଥିରୁ ଜଣାପଡ଼େ । ଏହାର ପୂଜକ ମା'ଙ୍କ ନିକଟକୁ ଯାଇ ନପାରି ବାହେରେ ଧୂପଦୀପ ନୈବେଦ୍ୟ ଦେଇ ପୂଜାପାଠ କରୁଛନ୍ତି । ମନ୍ଦିର ମଧ୍ୟରୁ ଜଳନିଷ୍କାସନ ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ମନ୍ଦିରରୁ ଏହା ସମ୍ଭବ ହେଉ ନାହିଁ ବୋଲି ସେ ଏହା ପ୍ରକାଶ କରିଛନ୍ତି । ତେବେ ପୂର୍ବ ରାଜ୍ୟ ସରକାର ଓଡ଼ିଶାରେ ରହିଥିବା କୋଣଅନୁକୋଣରେ ଥିବା ମନ୍ଦିର ଗୁଡ଼ିକ ଉନ୍ନତିନେଇ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ବର୍ତମାନ ରାଜ୍ୟ ସରକାର ତାଳଚେର ଅଞ୍ଚଳରେ ଅବହେଳିତ ହୋଇ ପଡ଼ି ରହିଥିବା ତାଳଚେର ଅଧିଷ୍ଠାତ୍ରୀ ଦେବୀ ହିଙ୍ଗୁଳା ମନ୍ଦିର ଠାରୁ ଆରମ୍ଭ କରି ଜଗନ୍ନାଥମନ୍ଦିର, ପଶ୍ଚିମେଶ୍ୱର, ତାଳଚେର ଅଧିଷ୍ଠାତ୍ରୀ ଦେବୀ ତାଳେଶ୍ୱରୀ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ଗୁଡ଼ିକର ପୁନରୁଉଦ୍ଧାର କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

## ମହିଳା ମହାବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷରୋପଣ

ତାଳଚେର, ୯।୮(ନି.ପ୍ର): ଜୀବଜଗତ ପାଇଁ ପ୍ରକୃତିର ଦାନ ଅତୁଳନୀୟ ସେଥିମଧ୍ୟରୁ ବୃକ୍ଷରାଜି ସମସ୍ତଙ୍କର ପ୍ରାଣକର୍ତାଭାବେ ବିଶେଷ କରି ମନୁଷ୍ୟ ଓ ପଶୁ ସମାଜ ଯାହା ବିଧିବ୍ୟବସ୍ଥା ସ୍ଥାପିତ ହୋଇଛି ତାର ମୂଳମନ୍ତ୍ର ହେଉଛି ବୃକ୍ଷ । ବୃକ୍ଷ ପାଇଁ ଜୀବଜଗତ ଔଷଧ, ଜଳ, ଫଳ ଖାଦ୍ୟଶସ୍ୟ, ରୌଦ୍ରତାପରୁ ରକ୍ଷା ସର୍ବପରି ଅମ୍ଳଜାନର ଆବଶ୍ୟକତା ରହିଛି ତାହା ବୃକ୍ଷ ହିଁ ଦେଇପାରିବ। ଏହାକୁ ନଜରରେ ରଖି ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଔଷଧୀୟ ବୃକ୍ଷରୋପଣ ସହିତ 'ଗଛ ଲଗାଇବା କାହାପାଇଁ' ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଯୋଗଦେଇ କଲେଜ ପରିସରରେ ଔଷଧ ବୃକ୍ଷ ରୋପଣ ବିଷୟରେ ପ୍ରକାଶ କରିବା ସହିତ ଉପସ୍ଥିତ ଥିବା ସମସ୍ତଙ୍କୁ ସାଧୁବାଦ୍ ଜଣାଇଥିଲେ । ବିଶେଷ ଅତିଥି ଖଣି ଉପ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ ଦଳାଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ରୋପଣ କରାଯାଇଥିବା ବୃକ୍ଷର ଯତ୍ନନେଇ ବଂଚାଇ ରଖିଲେ ଆଗାମୀ ଦିନରେ ଛାତ୍ରୀମାନଙ୍କ ପାଇଁ ବହୁ ଉପକାର ହେବ ବୋଲି କହିଥିଲେ । ଅନ୍ୟତମ ଅତିଥି ଏନଟିପିସି ତାଳଚେର ଥର୍ମାଲ ମାନବସମ୍ବଳ ଉପମହାପ୍ରବନ୍ଧକ ସଞ୍ଜିତ ସେନାପତି ଯୋଗ ଦେଇଥିଲେ । ଶିଳ୍ପାଚଂଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଭୀମସେନ୍ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଂଚାସିନ ଅତିଥି ତାଳଚେର ବନପାଳ ସିଦ୍ଧାର୍ଥ ଅନୁରାଗ ପରିଡ଼ା, ଅଧ୍ୟାପକ ସତ୍ୟନାରାୟଣ ପରିଡ଼ା, ଥର୍ମାଲର ଜନସମ୍ପର୍କ ଅଧିକାରୀ ବିଷ୍ଣୁ ଚନ୍ଦ୍ର ସାହୁ, ଶିଳ୍ପାଚଂଳ ମହିଳା ଅଧ୍ୟାପିକା ସାଗରୀକା ମଲ୍ଲୀକ, କଲେଜର ଅଧ୍ୟକ୍ଷା ଶିବାନୀ ମହାପାତ୍ର, ସମ୍ପାଦକ ଧିରମୋହନ ରାଏ, ଦେବାଶିଷ ପରିଡ଼ା ଓ ବହୁ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ଥିଲେ ।

## ପ୍ରଫୁଲ୍ଲ ପାଠାଗାରରେ କ୍ରାନ୍ତି ଦିବସ ପାଳିତ



ଜଗତସିଂହପୁର, ୯।୮(ନି.ପ୍ର ): ଭାରତୀୟ ସ୍ୱାଧୀନତା ସଂଗ୍ରାମର ସ୍ମାରକ ଅଗଷ୍ଟ କ୍ରାନ୍ତି ଦିବସ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏଥିରେ ବରିଷ୍ଠ ଆଇନଜୀବି ତଥା ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖା ସଭାପତି ଶିବ ପ୍ରସାଦ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରାନ୍ତି ଦିବସର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନ ତଥା ଭାରତ ଛାଡ଼ ଆନ୍ଦୋଳନ ସମ୍ପର୍କରେ ସବିଶେଷ ଆଲୋକପାତ କରି ଏକତା,କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଜୟ କୁମାର ପତି, ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ ଯୋଗଦେଇ ସତତ ଜାଗୃତି ସ୍ୱାଧୀନତାର ରକ୍ଷା କବଚ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ ଯୁକ୍ତ ୨ ଆର୍ଟସ କାଉନସିଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ( ୯୦% ) ରଖିଥିବା ସ୍ଥାନୀୟ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ନିହାରିକା ମୁଦୁଲିଙ୍କୁ ନଟବର ପ୍ରଧାନ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ
## ବେଧଡକରେ ବାଲି ଚାଲାଣ କରୁଛନ୍ତି ମାଫିଆ

କଣ୍ଟାପଡା, ୯।୮(ନି.ପ୍ର): କଣ୍ଟାପଡା ତହସିଲ ଅଧୀନ ଝାରପଡା ଓ ପୋସ୍ତଳ ପଞ୍ଚାୟତର ସୀମାକୁ ଲାଗିରହିଥିବା ଦେବିନଦୀ ଅଣ୍ଡେଇ ସହିଠାରେ ରାତି ୧୦ଟା ପରେ ହାଇୱାରେ ବାଲି ଚୋରା ଚାଲାଣ ହେଉଛି । ନଦୀରୁ ଏକାଧିକ ଟ୍ରାକ୍ଟର ସହାୟତାରେ ବାଲି ଉଠାଇ ଠୁଳ କରାଯାଇ ହାଇୱା ସହାୟତାରେ ବାହାରକୁ ବିକ୍ରି କରାଯାଉଛି । ଏହି ବାଲି ଚୋରା ଚାଲାଣ କରୁଥିବା ଲୋକଙ୍କୁ ଖୁଲମ ଖୁଲା ସହଯୋଗ ସ୍ଥାନୀୟ ପୋଲିସର କିଛି କର୍ମଚାରୀ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଖଣି ବିଭାଗ ଚୋରା ବାଲିଘାଟ ଉପରେ ସଠିକ ସମୟରେ କାର୍ଯ୍ୟାନୁଷ୍ଠାନ ନେଇପାରୁ



ନଥିବା ବେଳେ ପୋଲିସ ହିଁ ଭରସା । କିନ୍ତୁ ବାଡ଼ ହୋଇ କ୍ଷେତ ଖାଇଲା ଭଳି ପୋଲିସ ଓ ବାଲି ମାଫିଆଙ୍କ ସହଭାଗିତାରେ ବାଲି ଚୋରା ଚାଲାଣ ହେଉଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ କେହି ନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାଲି ମାଫିଆ ମାନେ ଏକ ନିର୍ଦ୍ଦିଷ୍ଟ ଦଳ ଓ ପ୍ରଭାଶାଳୀ ଲୋକ ହୋଇଥିବାରୁ ସାଧାରଣ ଲୋକମାନେ ଭୟରେ ମୁହଁ ଖୋଲୁନାହାନ୍ତି । ଏଥିପ୍ରତି ଜିଲ୍ଲା ଖଣି ବିଭାଗ ଓ ଗ୍ରାମାଞ୍ଚଳ ଏସପି ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## ସ୍ଥାପତ୍ୟ ଓ ସାଂସ୍କୃତିକ
## ପରମ୍ପରାର ସାକ୍ଷୀ ପଶ୍ଚିମେଶ୍ୱର ମନ୍ଦିର



ଅସ୍ତରଙ୍ଗ,୯।୮(ନି.ପ୍ର):ଓଡିଶା ଦେବାଦେବୀଙ୍କ କିମ୍ବଦନ୍ତୀ, ପ୍ରାଚୀନ ମନ୍ଦିର ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ସାରା ଭାରତରେ ପ୍ରସିଦ୍ଧ। ମନ୍ଦିର ସ୍ଥାପତ୍ୟ ଶୈଳୀରେ ଓଡିଶାର ପାରମ୍ପରିକ କଳାର ପ୍ରଭାବ ସ୍ପଷ୍ଟ ଭାବେ ବାରି ହୋଇପଡେ। ଏହି ପବିତ୍ର ପରମ୍ପରାର ଜୀବନ୍ତ ସାକ୍ଷୀ ହୋଇ ରହିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ ଦକ୍ଷିଣପନ୍ତାଳରେ ଥିବା ସର୍ବ ପୁରାତନ ଶୈବ ପୀଠ ବାବା ପଶ୍ଚିମେଶ୍ୱର ମନ୍ଦିର।ପ୍ରାଚୀନ ମନ୍ଦିର କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ଐତିହାସିକ ସ୍ଥାପତ୍ୟ ଓ ସାଂସ୍କୃତିକ ପରମ୍ପରାର ଜୀବନ୍ତ ସାକ୍ଷୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାବା ପଶ୍ଚିମେଶ୍ୱର ମନ୍ଦିର ମଧ୍ୟ ସେହି ପରମ୍ପରାର ଉଜ୍ଜ୍ୱଳ ଉଦାହରଣ।ମନ୍ଦିର ମୁଖଶାଳା ପଶ୍ଚିମଦିଗକୁ ରହିଥିବାରୁ ଏହାର ନାମ ପଶ୍ଚିମେଶ୍ୱର ରଖାଯାଇଥିବା କୁହାଯାଏ।

ଏହି ମନ୍ଦିର ପଛରେ ରହିଛି ଏକ ସୁନ୍ଦର କିମ୍ବଦନ୍ତୀ। ସ୍ଥାନୀୟ ବୃଦ୍ଧମାନଙ୍କ କହିବା ଅନୁସାରେ, ବହୁ ବର୍ଷ ତଳେ ଏହି ସ୍ଥାନରେ ମହାଦେବ ସ୍ୱୟଂ ପ୍ରକଟ ହୋଇଥିଲେ। ସେବେଠାରୁ ବାବାଙ୍କ ପ୍ରତି ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି । ଯେ କୌଣସି ରୋଗ କିମ୍ବା ଜଟିଳ ସମସ୍ୟା ଆସିଲେ ମହାଦେବଙ୍କୁ ନିଷ୍ଠାର ସହ ଡାକିଲେ ସବୁ ଦୁଃଖ ଦୂର ହୋଇଯାଏ। ମନ୍ଦିର ଭିତରେ ଘଣ୍ଟାଏ ବସିଗଲେ ବାବା ପଶ୍ଚିମେଶ୍ୱର ଭକ୍ତଙ୍କ ଦୁଃଖ ହରଣ କରନ୍ତି ବୋଲି ଲୋକଙ୍କ ମନରେ ଦୃଢ ଆସ୍ଥା ରହିଛି। ବର୍ଷ ସାରା ଭକ୍ତଙ୍କ ଭିଡ ଲାଗି ରହୁଥିବା ଏହି ପୀଠ ଶ୍ରାବଣ ମାସରେ ବିଶେଷ ଭାବେ ଚଳଚଞ୍ଚଳ ହୋଇଉଠେ। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶ୍ରାବଣ ମାସରେ କାଉଡିଆଙ୍କ ଭିଡ ଦେଖାଯାଏ। ପ୍ରତି ସୋମବାର ଶତାଧିକ ଭକ୍ତ ଏଠାକୁ ଆସି ବାବାଙ୍କୁ ଜଳ ଅର୍ପଣ କରିଥାନ୍ତି।ମହାଶିବରାତ୍ରି, ବଡ଼ ଓଷା ସମେତ ଅନ୍ୟାନ୍ୟ ପର୍ବପର୍ବାଣିରେ ମଧ୍ୟ ଏଠାରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯାଏ। ମହାଶିବରାତ୍ରିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ ଭକ୍ତ ବାବାଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି। ପଶ୍ଚିମେଶ୍ୱରଙ୍କ ଠାରେ ଦୀପ ଜାଳି ମାନସିକ କରିବାର ପରମ୍ପରା ରହିଛି।ଭକ୍ତମାନେ ନିଜର ମାନସିକ ପୂରଣ ପାଇଁ ବାବାଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରନ୍ତି।

### ଅବ୍ୟବସ୍ଥା ଘେରରେ ଘଷିପୁରା ବସଷ୍ଟାଣ୍ଡ, ଦୁର୍ଗନ୍ଧରେ ନାକ ଫାଟୁଛି

# ଉପରେ ଛାତ, ଭିତରେ ପାଣି: ଯାତ୍ରୀ ହନ୍ତସନ୍ତ

ଆନନ୍ଦପୁର,୯।୮(ନି.ପ୍ର): ଘଷିପୁରା ବସଷ୍ଟାଣ୍ଡ ବିଭିନ୍ନ ସମସ୍ୟା ରେ ଛନ୍ଦି ହୋଇଥିବା ବେଳେ ସମସ୍ୟା ଏହାର ପିଛା ଛାଡୁନାହିଁ। ଏହିଭଳି ଘଟଣା ଦେଖିବାକୁ ମିଳୁଛି ଘଷିପୁରା ବସ୍ ଷ୍ଟାଣ୍ଡରେ । ସରକାର ଲୋକଙ୍କ ଗମନା ଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚକରି ନୂଆକରି ବସ୍ ଷ୍ଟାଣ୍ଡ ନିର୍ମାଣ କରିଛନ୍ତି । ଏହି ଯୋଜନାରେ ଯାତ୍ରୀ ମାନଙ୍କ ପାଇଁ ଶୌଚାଳୟ, ପ୍ରତିଷ୍ୟାଳୟ, ଏଥି ସହିତ ଏହିସବୁର ସୁରକ୍ଷା ଓ ଯତ୍ନ ନେବାପାଇଁ ସୁରକ୍ଷା କର୍ମୀ ଓ ସଫେଇ କର୍ମଚାରୀ ନିଯୁକ୍ତି କରି ମାସିକ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁ ଏହା ଦିନକୁଦିନ ଯାତ୍ରୀ ମାନଙ୍କ ନିମନ୍ତେ ଅସୁରକ୍ଷିତ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ଅନେକ ସମୟରେ ଶୌଚାଳୟରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ମୋବାଇଲ ଖେଳକୁ ନେଇ ସଧାରଣରେ ଆଲୋଚନାର ବିଷୟ ପଲଟିଛି । ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଯାତ୍ରୀ ମାନେ ଅନେକ ହନ୍ତସନ୍ତ ହେଉଛନ୍ତି । ବସଷ୍ଟାଣ୍ଡରେ ଥିବା ଶୌଚାଳୟର ଟାଙ୍କି ଆବଶ୍ୟକତା ଠାରୁ ଅଗଭୀର ଖନନ ହୋଇଥିବା ବେଳେ ବାରମ୍ବାର ପୂର୍ଣ୍ଣ ହେଉଛି । ଏଥି ସହିତ ମଇଳା ପାଣି ନିଷ୍କାସନ ପାଇଁ ଲାଗିଥିବା ପାଇପଟି ଘଷିପୁରା ବସଷ୍ଟାଣ୍ଡ ନିକଟରେ ଥିବା ହରିଜନ ବସ୍ତିଆଡ଼କୁ ଖୋଲା ଛଡ଼ା ଯାଇଥବାରୁ ଉକ୍ତ ବସ୍ତିର ଲୋକମାନେ ଦୁର୍ଗନ୍ଧ ବାହାରୁଥିବା କାରଣରୁ ସେହି ପାଇପ୍‌କୁ ବନ୍ଦ କରିଦେଇଛନ୍ତି । ଫଳରେ ମଇଳା ପାଣି ନିଷ୍କାସନ ନହୋଇବାରୁ ଦୁର୍ଗନ୍ଧ ବାହାରୁଛି । ଯାତ୍ରୀମାନେ ବାଧ୍ୟ ହୋଇବସ ଷ୍ଟାଣ୍ଡ ଭିତରେ ନବସି ବାହାରେ ବସିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ବସଷ୍ଟାଣ୍ଡ ବାହାରେ ମଲମଲ ଦେଖାଯାଉଥିବା ବେଳେ ପାଇଖାନା ଟାଙ୍କି ଫୁଲ ହୋଇ ଦୁର୍ଗନ୍ଧରେ ଯାତ୍ରୀ ମାନେ କଲବଲ ହେଉଥିବା ଦେଖିବାକୁ ମିଳିଛି । ଦେଢ଼ ବର୍ଷ ତଳେ ବସଷ୍ଟାଣ୍ଡ ଉଦଘାଟନ ହୋଇଥିଲା । ଏଠାରେ ସ୍ୱଚ୍ଛ ଭାରତ ଅଭିଯାନ ଫେଲ, ଶୈଚାଳୟର ଟାଙ୍କି ପୁରି ଗଲା ପରେ ମଧ୍ୟ ଏହାକୁ ସଫେଇ କରାଯାଉନି, ଫଳରେ ମଇଳା ପାଣି ବାହାରକୁ ବାହାରି ନପାରି ପୋକ ଶାଶୁ ବାଲୁ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଏହାର ସ୍ଥାୟୀ ସମାଧାନ ପାଇଁ ଘସିପୁର ବସଷ୍ଟାଣ୍ଡର, ପ୍ରଭାତ ପଣ୍ଡା, ସନାତନ ଦାଶ, ଅନନ୍ତ ଚରଣ ସାହୁ, ବାବାଜୀ ସାହୁ, କ୍ଷେତ୍ର ମୋହନ ରଣା, ଦିପକ କୁମାର ସାହୁ, ସୁମନ୍ତ ମହାପାତ୍ର, ରମେଶ ପଲେଇ, ମିଠୁ ସେଠୀ, ଟୁଟୁ ଜେନା ପ୍ରମୁଖ ବ୍ୟବସାୟୀ ମାନେ ଦାବୀ ଜଣାଇଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟରତ ୧୦ ସୁରକ୍ଷା କର୍ମୀ, ଓ ୧୦ ସଫେଇ କର୍ମଚାରୀ ମାନେ କାମ କରି ମଧ୍ୟ ଦରମା ନମିଳିବା ପରେ ମଧ୍ୟ ନିଜର କର୍ତବ୍ୟ ଓ ଦାୟିତ୍ୱ ତୁଲାଇ ବସଷ୍ଟାଣ୍ଡକୁ ସୁରକ୍ଷା ଯୋଗଇବା, ପରିଷ୍କାର ରଖିବା, ଉଦ୍ୟାନରେ ପାଣିହେବା ପ୍ରମୁଖ କାର୍ଯ୍ୟ ତୁଲାଇବା ନିମନ୍ତେ ଓ.ଏସ.ଆର.ଟି.ସି ପକ୍ଷରୁ ଟେକ୍ନୋ ସିକ୍ୟୁରିଟି ସଂସ୍ଥାକୁ ଟେଣ୍ଡର ଦିଆ ଯାଇଥିବା ବେଳେ ଠିକ୍ ଭାବରେ ସଫେଇ ଉପକରଣ ଓ ଫିନାଇଲ ଯୋଗାଉ ନଥିବାରୁ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି । ଏସବୁ ଅବ୍ୟବସ୍ଥା ସଂପର୍କରେ ଜିଲ୍ଲା ପରିବହନ ପରିଚାଳକ ଗୌରହରି ଜେନାଙ୍କୁ ପଚରାଯିବାରୁ ସେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି । ଦେଖିବାକୁ ବାକି ରହିଲା ସମସ୍ୟାରେ ଉବୁଟୁବୁ ହେଉଥିବା ଘଷିପୁରା ବସଷ୍ଟାଣ୍ଡ କେବେ ସୁଧୁରୁଛି ।

### ପାଣି ଘେରରେ ପଞ୍ଚୁଗୋଛିଆ ଗାଁର ଗୋବର ଗାଡ଼ିଆ ସାହି

# ଜଳ ନିଷ୍କାସନ ଅଭାବରୁ ଯାତାୟାତରେ ସମସ୍ୟା

ହାଟଡିହି,୯।୮(ନି.ପ୍ର): ବର୍ଷା ହେଲେ ପାଣି ଘେରରେ ରହୁଛି ପଞ୍ଚୁଗୋଛିଆ ଗାଁର ଗୋବର ଗାଡ଼ିଆ ସାହି। ବର୍ଷାଜଳ ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥା ନଥିବାରୁ ରାସ୍ତା ଉପରେ ପାଣି ଜମି ରହୁଛି। ଫଳରେ ସାହିବାସୀଙ୍କ ଦୈନନ୍ଦିନ ଯାତାୟାତ ଏବେ ଦୁର୍ବିସହ ହୋଇପଡ଼ିଛି। ଏହି ରାସ୍ତା ଦେଇ ଲୋକ ନିୟମିତ ଯାତାୟାତ କରୁଥିବା ବେଳେ ବର୍ଷା ସମୟରେ ରାସ୍ତାରେ ପାଣି ଜମି ରହିବା ଯୋଗୁଁ ସମସ୍ତଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସ୍କୁଲ ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା କୁନି କୁନି ପିଲାମାନେ ଏହି ରାସ୍ତାରେ ଯାତାୟାତ କରିବା



ବେଳେ ଅସୁବିଧା ଭୋଗୁଛନ୍ତି। ସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ପାଣି ଜମିଯାଉଛି। ନୂତନ ରାସ୍ତା ନିର୍ମାଣ ବେଳେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନକରିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଦୀର୍ଘ ସମୟ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ସହିତ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରାଗଲେ ସାହିବାସୀଙ୍କ ଦୁର୍ଦ୍ଦଶା ଦୂର ହୋଇପାରିବ ବୋଲି ଗ୍ରାମର ସରସ୍ୱତୀ ଜେନା, ବୁଲା ଜେନା, ପ୍ରମିଳା ଜେନା, ଜୟନ୍ତୀ ଜେନା, ଉମାକାନ୍ତ ଜେନା, ତରଣି ଜେନା, ମଦନ ଜେନା, ସୁଦାମ ଜେନା, ବାବୁ ଜେନା, ସୁଶାନ୍ତ ଜେନା, ଅନିତା ଜେନା, ଶଶିକାନ୍ତ ଜେନା, ସୁଲୋଚନା ଜେନା, ଜାନକୀ ଜେନା, ରଙ୍ଗବତୀ ଜେନା, ଭାନୁମତୀ ଜେନା, ଆନନ୍ଦ ଜେନା ଓ ପ୍ରତୀମା ଜେନା ପ୍ରମୁଖ କହିଛନ୍ତି। ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ଉପଯୁକ୍ତ ବ୍ୟବସ୍ଥା ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଅନୁଦାନରେ ବିକଶିତ ହେବ ନେଲୁଙ୍ଗ ଶିବ ମନ୍ଦିର



କେନ୍ଦୁଝର,୯।୮ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମରେ ଥିବା ଶ୍ରୀ ଶ୍ରୀ ବିଶେଶ୍ୱର ଶିବ ମନ୍ଦିର ପରିସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଓ ସମାବେଶ ଅନୁଷ୍ଠିତ ହୋଇଛି। ପାହାଡ଼ ତଳେ ଅବସ୍ଥିତ ଏହି ମନ୍ଦିର ପ୍ରତି ଆଖପାଖର ପ୍ରାୟ ୧୨ରୁ ୧୪ଟି ଗ୍ରାମର ଲୋକଙ୍କ ଆସ୍ଥା ରହିଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଅଂଚଳବାସୀ ଯୋଗ ଦେଇଥିଲେ। ମନ୍ଦିରର ବିକାଶ ଓ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଅନୁଦାନ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟୟ ହେବ। ଏହି ଅବସରରେ ଶ୍ରୀ ଶ୍ରୀ ବିଶେଶ୍ୱର ଶିବ ମନ୍ଦିର କମିଟିର ସଭାପତି ଚତୁର୍ଭୁଜ ହୋତା, ଉପଦେଷ୍ଟା ତଥା କେନ୍ଦୁଝରର ସୁନାମଧନ୍ୟ ସମାଜସେବୀ କ୍ରିଷ୍ଣା କୁମାର, ଶିକ୍ଷାବିତ ବସନ୍ତ କୁମାର ବାରୀ, ପୂର୍ବତନ ପଞ୍ଚାୟତ ଏବଂ କେନ୍ଦୁଝର ଏସ୍‌ଡିସି ଅଧ୍ୟକ୍ଷା ମମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିବ ମନ୍ଦିର ପାର୍ଶ୍ୱରେ ମା' ତାରିଣୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଓ ହନୁମାନ ମନ୍ଦିର ରହିଛି। ଏହି ଧାର୍ମିକ ପରିସର ଅଞ୍ଚଳବାସୀଙ୍କ ଧାର୍ମିକ ଓ ସାଂସ୍କୃତିକ ଆସ୍ଥାର ପ୍ରମୁଖ କେନ୍ଦ୍ର ପାଲଟିଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଆଗାମୀ ଦିନରେ ମନ୍ଦିର ପରିସରରେ କଲ୍ୟାଣ ମଣ୍ଡପ ଓ ଭଜନ ଗୃହ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଏହା ନିର୍ମାଣ ହେଲେ ୧୨ରୁ ୧୪ଟି ଗ୍ରାମର ଲୋକେ ବିଭିନ୍ନ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ଅବସରରେ ମନ୍ଦିର କମିଟିର ସଭାପତି ଚତୁର୍ଭୁଜ ହୋତାଙ୍କ ମା'ଙ୍କ ୧୦୬ତମ ଶ୍ରାଦ୍ଧ ଅବସରରେ ମନ୍ଦିର ପରିସରରେ ଶ୍ରାଦ୍ଧ କାର୍ଯ୍ୟକ୍ରମ ଆୟୋଜନ ସହ ବହୁ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହାକୁ ନେଇ ମନ୍ଦିର ପରିସରରେ ଭକ୍ତ ଓ ଅଂଚଳବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା।

## ବିଇଓ କାର୍ଯ୍ୟାଳୟ ବିପଦସଙ୍କୁଳ, ଛାତରୁ ଗଳୁଛି ପାଣି



ହାଟଡିହି,୯।୮(ନି.ପ୍ର): ବର୍ଷବର୍ଷ ଧରି ମରାମତି ଅଭାବରୁ ବିପଦସଂକୁଳ ଅବସ୍ଥାରେ ରହିଛି ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ। ଲଗାଣ ବର୍ଷା ହେଲେ କାର୍ଯ୍ୟାଳୟର ବିଭିନ୍ନ କୋଠରୀର ଛାତରୁ ପାଣି ଗଳୁଥିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ପାଠ୍ୟପୁସ୍ତକ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବର୍ଷା ପାଣିରେ ସଭାଗୃହରେ ଛାତ୍ରଛାତ୍ରୀଙ୍କ ପାଇଁ ରଖାଯାଇଥିବା ପାଠ୍ୟପୁସ୍ତକ ଓଦା ହୋଇଯାଉଛି। ସେହିପରି ବିଇଓ ଓ ଏବିଇଓଙ୍କ କାର୍ଯ୍ୟାଳୟରେ ମଧ୍ୟ ପାଣି ଗଳିବା ଯୋଗୁଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ସରକାରୀ କାଗଜପତ୍ର ଓଦା ହୋଇଯାଉଛି। ଅଧିକ କ୍ଷତିରୁ କାଗଜପତ୍ରକୁ ସୁରକ୍ଷା ଦେବା ପାଇଁ ସେଗୁଡ଼ିକ ଉପରେ ତରପାଲ ଘୋଡ଼ାଇ ରଖାଯାଇଛି। ସୂଚନା ଅନୁଯାୟୀ, ଏହି କୋଠାଟି ୧୯୯୮ ମସିହାରେ ଡିପିଇପି କାର୍ଯ୍ୟାଳୟ ଭାବେ ନିର୍ମାଣ କରାଯାଇଥିଲା। ପରବର୍ତ୍ତି ସମୟରେ ଡିପିଇପି ପରେ ସର୍ବଶିକ୍ଷା ଅଭିଯାନ ଏବଂ ବର୍ତ୍ତମାନ ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟାଳୟ ଭାବେ ଏଠାରେ କାର୍ଯ୍ୟ ଚାଲୁଛି। ତେବେ ଦୀର୍ଘ ବର୍ଷ ଧରି କୋଠାର ଆବଶ୍ୟକୀୟ ମରାମତି ହୋଇନଥିବାରୁ ଏହାର ବିଭିନ୍ନ ଅଂଶ ଜରାଜୀର୍ଣ୍ଣ ହୋଇପଡ଼ିଛି। ବର୍ଷା ସମୟରେ ଛାତରୁ ପାଣି ଗଳିବା ଏବେ ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। କେବଳ ସରକାରୀ କାଗଜପତ୍ର ନୁହେଁ, କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ଏହି ପରିସ୍ଥିତି ଚିନ୍ତାର କାରଣ ହୋଇଛି। ଛାତର ବିଭିନ୍ନ ସ୍ଥାନରୁ ପାଣି ଗଳୁଥିବାରୁ କାର୍ଯ୍ୟାଳୟରେ ସ୍ୱାଭାବିକ ଭାବେ ସରକାରୀ କାର୍ଯ୍ୟ ସଂପାଦନ କରିବାରେ ବାଧା ଉପୁଜୁଛି। ଏହାସହ ଭବିଷ୍ୟତରେ କୌଣସି ଅଘଟଣ ଘଟିବାର ଆଶଙ୍କା ମଧ୍ୟ ରହିଛି। କାର୍ଯ୍ୟାଳୟ ପକ୍ଷରୁ ଗୃହର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ପାଇଁ ରାଜନୈତିକ ନେତା, ଉଚ୍ଚ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ ଓ ଅନୁରୋଧ ସତ୍ତ୍ୱେ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବାରୁ ଶିକ୍ଷକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଡିଏମଏଫ ପାଣ୍ଠିରୁ ସ୍ୱାସ୍ଥ୍ୟ ବିଭାଗ, ଅଙ୍ଗନବାଡ଼ି ସମେତ ବିଭିନ୍ନ ବିଭାଗର ଗୃହ ନିର୍ମାଣ ଓ ଉନ୍ନତିକରଣ କରାଯାଉଥିବା ବେଳେ ଶିକ୍ଷା ବିଭାଗର ଏହି ପୁରୁଣା କାର୍ଯ୍ୟାଳୟର ମରାମତି କିମ୍ବା ନୂତନ କୋଠା ନିର୍ମାଣ କାହିଁକି ହେଉନାହିଁ ବୋଲି ପ୍ରଶ୍ନ ଉଠିଛି। ତେଣୁ ଶିକ୍ଷା ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କୋଠାର ସ୍ଥିତି ଯାଞ୍ଚ କରିବା ସହ ଆବଶ୍ୟକ ମରାମତି କରିବା କିମ୍ବା ଏକ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବର୍ଷେ ନପୂରୁଣୁ ଧୋଇଗଲା ଫେବର ରାସ୍ତା

ଚମ୍ପୁଆ,୯।୮(ନି.ପ୍ର): ଉନ୍ନୟନ ନାଁରେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା, ହେଲେ ନିର୍ମାଣର ମାନ ଓ ଯୋଜନାରେ ଦୂରଦୃଷ୍ଟି ନଥିବାରୁ ବର୍ଷକ ନପୂରୁଣୁ ରାସ୍ତାର ଅବସ୍ଥା ଶୋଚନୀୟ। ଚମ୍ପୁଆ ଏନ୍‌ଏସି ଅଧୀନ ୪ ନମ୍ବର ୱାର୍ଡରେ ନିର୍ମିତ ଫେବର ରାସ୍ତାର ଏଭଳି ଦୟନୀୟ ଚିତ୍ର ସାମ୍ନାକୁ ଆସିଛି। ଲଗାଣ ବର୍ଷା ଯୋଗୁଁ ରାସ୍ତା ତଳ ଦେଇ ପାଣି ଚାଲିଯିବାରୁ ଫେବର ଖସିଯାଇ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ରାସ୍ତାରେ ଯାତାୟାତ କରିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତା ମଝିରେ ବଡ଼ ଗର୍ତ୍ତ ହୋଇଥିବାରୁ ସ୍ଥାନୀୟ ଲୋକେ ବାଲି ବସ୍ତା ପକାଇ ଅସ୍ଥାୟୀ ଭାବେ ଯାତାୟାତ କରୁଛନ୍ତି। ସ୍ଥାନୀୟ ୱାର୍ଡବାସୀଙ୍କ ଅଭିଯୋଗ, ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା ପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଇନଥିଲା। ଫଳରେ ବର୍ଷା ପାଣି ରାସ୍ତା ତଳ ଦେଇ ପ୍ରବାହିତ ହୋଇ ରାସ୍ତାକୁ ଧୋଇ ଦେଇଛି। ଅଧିକାରୀ ଓ ଠିକାଦାରଙ୍କ



ଦୂରଦୃଷ୍ଟି ଅଭାବରୁ ଏଭଳି କାମ ହେଉଥିବାରୁ ସରକାରୀ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଲୋକଙ୍କୁ ତାହାର ସୁଫଳ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଏନେଇ ଏନ୍‌ଏସି ଯନ୍ତ୍ରୀ ଅଭିଳାଷ ମାଡ୍ରୁଆଳ କହିଛନ୍ତି ଯେ, ତୁରନ୍ତ ହୋମ୍‌ପାଇପ୍ ପକାଇ ରାସ୍ତାକୁ ଠିକ୍ କରାଯିବ। ପରବର୍ତ୍ତି ସମୟରେ ସ୍ଥାୟୀ ଭାବେ କଲଭର୍ଟ ନିର୍ମାଣ କରାଯିବ। ତେବେ ପ୍ରଶ୍ନ ଉଠୁଛି ରାସ୍ତା ନିର୍ମାଣ ପୂର୍ବରୁ ଜଳ ନିଷ୍କାସନ ପାଇଁ କଲଭର୍ଟ କିମ୍ବା ପାଇପ୍ ବ୍ୟବସ୍ଥା କାହିଁକି କରାଗଲା ନାହିଁ? ଏବେ ରାସ୍ତା ଭାଙ୍ଗିଯିବା ପରେ ପୁଣି ସରକାରୀ ଅର୍ଥରେ ମରାମତି କରାଯିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ୱାର୍ଡବାସୀ ପ୍ରଶ୍ନ ଉଠାଇଛନ୍ତି।

## ସହରରେ ପଶିଲେ ହାତୀପଲ, ଲୋକେ ଆତଙ୍କିତ

ଚମ୍ପୁଆ,୯।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ସହରରେ ଶନିବାର ରାତିରେ ୧୮ଟିକିଆ ହାତୀପଲ ପଶିଯିବାରୁ ସହରବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବୈତରଣୀ ନଦୀରେ ଜଳସ୍ତର ଅଧିକ ଥିବାରୁ ହାତୀପଲ ନଦୀ ପାର ହୋଇ ପାରିନଥିଲେ। ଫଳରେ ସେମାନେ ରାତିସାରା ଚମ୍ପୁଆ ସହର ଭିତରେ ବିଭିନ୍ନ ସ୍ଥାନରେ ବୁଲିବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିଲେ। ହାତୀପଲ ସହରରେ ଥିବା ଖବର ପାଇ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରିଥିଲେ। ହାତୀମାନଙ୍କ ଗତିବିଧି ଉପରେ ନଜର ରଖିବା ସହ ସ୍ଥାନୀୟ ଲୋକଙ୍କୁ ଘରୁ ବାହାରକୁ ନ ଆସିବା ଓ ହାତୀଙ୍କ ନିକଟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ବନ ବିଭାଗ ସଜାଗ ଥିଲେ ମଧ୍ୟ ସହର ମଧ୍ୟରେ ରାତିସାରା ହାତୀପଲର ଉପସ୍ଥିତି ଧନଜୀବନ ହାନିର ଆଶଙ୍କାକୁ ବଢ଼ାଇ ଦେଇଥିଲା। ହାତୀପଲକୁ ସୁରକ୍ଷିତ ଭାବେ ଜଙ୍ଗଲମୁହାଁ କରାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

### କରଞ୍ଜିଆରେ ଟ୍ରାଫିକ୍ ୟୁନିଟ୍ ପାଇଁ ପ୍ରସ୍ତୁତି ଜୋରଦାର

# ୪୫ ପୋଲିସ କର୍ମଚାରୀଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ



କରଞ୍ଜିଆ,୯।୮(ନି.ପ୍ର): କରଞ୍ଜିଆ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ଆଗାମୀ ଦିନରେ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି କ୍ରମରେ କରଞ୍ଜିଆ ଥାନା ପରିସରରେ ଟ୍ରାଫିକ୍ ଡ୍ୟୁଟିରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ନେଇ ଦୁଇଦିନିଆ ସ୍ୱତନ୍ତ୍ର ଟ୍ରାଫିକ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟ୍ରାଫିକ୍ ପରିଚାଳନା, ରାସ୍ତା ସୁରକ୍ଷା, ଯାନବାହନ ନିୟନ୍ତ୍ରଣ, ଟ୍ରାଫିକ୍ ନିୟମ ପାଳନ ଏବଂ ଟ୍ରାଫିକ୍ ଡ୍ୟୁଟି ସଂପର୍କିତ ବିଭିନ୍ନ ଦିଗ ଉପରେ କର୍ମଚାରୀମାନଙ୍କୁ ତାଲିମ ଦେବା ପାଇଁ ୟୁପିଡି ଭୁବନେଶ୍ୱରରୁ ଦୁଇଜଣ ବିଶେଷ ପ୍ରଶିକ୍ଷକ ରଞ୍ଜନ କୁମାର ବେହେରା ଓ ରତିରଞ୍ଜନ ଦଳାଇ କରଞ୍ଜିଆରେ ପହଁଚି ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ପ୍ରଶିକ୍ଷଣରେ କରଞ୍ଜିଆ, ଯଶିପୁର ଓ ଠାକୁରମୁଣ୍ଡା ଅଂଚଳରୁ ଅଧିକାରୀଙ୍କ ସମେତ ଓଆର, ଓଏପିଏଫ୍ ଓ ଏଚ୍‌ଜି କର୍ମଚାରୀଙ୍କୁ ମିଶାଇ ମୋଟ ୪୫ ଜଣ ଅଂଶଗ୍ରହଣ କରୁଛନ୍ତି। ଏଥିସହ ରରୁଆଁ ଓ ମହୁଲଡିହା ଅଂଚଳର କର୍ମଚାରୀମାନେ ମଧ୍ୟ ଏହି ପ୍ରଶିକ୍ଷଣରେ ସାମିଲ ହୋଇଛନ୍ତି। ପ୍ରଶିକ୍ଷଣର ଦ୍ୱିତୀୟ ଦିନରେ କର୍ମଚାରୀମାନଙ୍କୁ ଫିଲ୍ଡ ଟ୍ରେନିଂ ଦିଆଯିବା ସହ ହେଲମେଟ ସଚେତନତା ରାଲି ଆୟୋଜନ କରାଯାଇଛି। ଫିଲ୍ଡ ଟ୍ରେନିଂରେ ରାସ୍ତାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ନିରାପଦ ଯାତାୟାତ ସଂପର୍କରେ ପ୍ରାୟୋଗିକ ତାଲିମ ଦିଆଯାଇଛି। ଏହାସହ ନୂତନ ଟ୍ରାଫିକ୍ ୟୁନିଟ୍‌ର କର୍ମଚାରୀମାନେ ହେଲମେଟ ସଚେତନତା ରାଲି ମାଧ୍ୟମରେ ଦୁଇଚକିଆ ଯାନ ଚାଳକମାନଙ୍କୁ ହେଲମେଟ ପିନ୍ଧିବା, ଟ୍ରାଫିକ୍ ନିୟମ ପାଳନ କରିବା ଓ ସଡ଼କ ସୁରକ୍ଷା ପ୍ରତି ସଚେତନ ରହିବା ପାଇଁ ଆହ୍ୱାନ କରିଛନ୍ତି। ସୂଚନା ଅନୁସାରେ, ଆସନ୍ତା ୧୧ ତାରିଖ ଅପରାହ୍ନ ୪ଟାରୁ କରଞ୍ଜିଆ ଟ୍ରାଫିକ୍ ପୋଲିସ୍ ୟୁନିଟ୍ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ ହେବ। ଏହା ଦ୍ୱାରା କରଞ୍ଜିଆ ସହରରେ ବଢ଼ୁଥିବା ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବା ସହ ଟ୍ରାଫିକ୍ ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ଏବଂ ସଡ଼କ ସୁରକ୍ଷାକୁ ଅଧିକ ମଜବୁତ କରିବାରେ ସହାୟତା ମିଳିବ ବୋଲି ଆଶା କରାଯାଉଛି। ଟ୍ରାଫିକ୍ ୟୁନିଟ୍ କାର୍ଯ୍ୟକ୍ଷମ ହେବା ସହିତ ନେତାଜୀ ଛକର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରିବାକୁ ସଂପୃକ୍ତ ବିଭାଗଗୁଡ଼ିକୁ ଅନୁରୋଧ କରାଯାଇଛି। ନୂତନ ଟ୍ରାଫିକ୍ ୟୁନିଟ୍ ସହ ନିୟମିତ ଟ୍ରାଫିକ୍ ପରିଚାଳନା, ଫିଲ୍ଡ ଡ୍ୟୁଟି ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିଲେ କରଞ୍ଜିଆ ସହରର ଯାତାୟାତ ବ୍ୟବସ୍ଥା ଅଧିକ ସୁସଂଗଠିତ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

## ମା'ତାରିଣୀ ଫୁଟବଲ୍: ଏମଟି କ୍ଲବ ଚାମ୍ପିଅନ



ରାମଚନ୍ଦ୍ରପୁର,୯।୮(ନି.ପ୍ର): ବିଶ୍ୱ ଆଦିବାସୀ ଦିବସ ଅବସରରେ ଘସିପୁରା ବ୍ଲକ ଗଁପୁର ପଂଚାୟତ ମା'ତାରିଣୀ ଆଦିବାସୀ କ୍ଲବ, ମୁକ୍ତାଝର ପକ୍ଷରୁ ଆୟୋଜିତ ୧୭ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ମୋଟ ୧୬ଟି ଟିମ୍ ଏଥିରେ ଭାଗ ନେଇଥିଲେ। । ଫାଇନାଲ ମ୍ୟାଚ ଏମଟି କ୍ଲବ କୋଲଥପଦା ବନାମ ଡେଞ୍ଜରଏଫସି ଗୋବରଘାଟି ମଧରେ ଅନୁଷ୍ଠିତ ହୋଇଥିଲା।ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇ ନପାରିନଥିବାରୁ ପେନାଲଟିଂ ସୁଟ ଆଉଟର ସହାୟତା ନିଆଯାଇଥିଲା। କୋଲଥପଦା ଟିମ୍ ୩-୨ ଗୋଲରେ ଡେଞ୍ଜର ଏଫସିକୁ ହରାଇ ଚମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ଅଧକ୍ଷ ସୌମ୍ୟରଞ୍ଜନ ପଟନାୟକ, ସମ୍ମାନୀତ ଅତିଥି ଭାବେ ପୂର୍ବର୍ତନ ସରପଞ୍ଚ ରଶ୍ମିରଞ୍ଜନ ଦାସ, ସମାଜସେବୀ ରତିକାନ୍ତ ବରାଳ, ମନ୍ମଥ କୁମାର ରାଉତ, ସଦାଶିବ ନାୟକ, ଟିକନ ମାଝୀ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରବଳ ବର୍ଷା ତଥା ପ୍ରତିକୂଳ ପାଗ ସତ୍ତ୍ୱେ ଖେଳାଳୀମାନେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପ୍ରୟାସ ଜାରି ରଖିଥିଲେ। ଆଦିବାସୀ ଇଲାକାରେଏହିଭଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରିଥିବାରୁ ଆୟୋଜକଙ୍କୁ ଅତିଥିମାନେ ଖୁବ ପ୍ରଶଂସା କରିଥିଲେ। ମ୍ୟାଚ ପରିଚାଳନାରେ ରେଫରୀ ଭାବେ ମାଝିଆ ମୁର୍ମୁ, ରାମରାଏ ବେସ୍ରା, ସୁରେନ୍ଦ୍ର ମାରାଣ୍ଡି ସେହିପରି ଧାରାବିରଣୀରେ ରଜତ ତିରିଆ, ସନାତନ ଚାତାର ଏବଂ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମା'ତାରିଣୀ ଆଦିବାସୀ କ୍ଲବ ସଭପତି ରାହାସ ବିରୁଆ, ସଂପାଦକ ଯୋଗେନ୍ଦ୍ର ପୂର୍ତ୍ତୀଙ୍କ ସମେତ କ୍ଲବ ସଦସ୍ୟ ମାଣିକ ସିଙ୍କୁ, ଜଗନ ପୂର୍ତ୍ତୀ, ବୁଲବୁଲ ବିରୁଆ, ଜିତୁ ଚାତାର, ସୁନିଲ କୁଇଙ୍କେଲ, ବାପୁନ ବିରୁଆ, ଗଣେଷ ବାରି, ଲିଟୁ କୁଇଙ୍କେଲ, ଗଣେଷ ବିରୁଆ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଶାଳ ସାପ ଉଦ୍ଧାର

ରାଇରଙ୍ଗପୁର /ବିଜାତଳା ୯।୮(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅଞ୍ଚଳର କଲୋନୀ ସାହିରେ ତପନ ମହାକୁଡ଼ଙ୍କ ଘରର କୁକୁଡ଼ା ଘରୁ ପ୍ରାୟ ୧୫ କିଲୋ ଓଜନର ଏକ ବିଶାଳ ସାପ ଉଦ୍ଧାର କରାଯାଇଛି।ସୂଚନା ଅନୁସାରେ, ତପନ ମହାକୁଡ଼ଙ୍କ କୁକୁଡ଼ା ଘର ସଫା କରୁଥିବା ସମୟରେ ହଠାତ୍ ସାପଟିକୁ



ଦେଖିଥିଲେ। ବିଶାଳ ସାପକୁ ଦେଖି ଘର ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରେ ଘଟଣା ସମ୍ପର୍କରେ ସ୍ଥାନୀୟ ସାପ ଧରାଳିଙ୍କୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ସାପ ଧରାଳି ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସାପଟିର ଓଜନ ପ୍ରାୟ ୧୫ କିଲୋଗ୍ରାମ ଥିବା ଜଣାପଡ଼ିଛି।

## ପାଟଣା ଅଞ୍ଚଳରେ ୨୬ ହାତୀ, ବ୍ୟାପକ ଫସଲ ନଷ୍ଟ



ପାଟଣା,୯।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଜାରି ରହିଥିବା ବେଳେ ଗତ ରାତିରେ ପାଟଣା ସେକ୍ସନ ଅନ୍ତର୍ଗତ ମଲ୍ଲିପୋଷି ବିଟ୍‌ର ଏରେଣ୍ଡେଇ ଗ୍ରାମ ନିକଟ ବୈତରଣୀ ନଦୀକୂଳରେ ଥିବା ଝାଡ଼ୀକୁନ୍ଦର ଜଙ୍ଗଲରେ ୧୯ଟିକିଆ ହାତୀପଲ ମଧ୍ୟରୁ ଏକ ମାଈ ହାତୀ ଏକ ଶାବକକୁ ଜନ୍ମ ଦେଇଛି। ଫଳରେ ଏହି ହାତୀପଲରେ ହାତୀ ସଂଖ୍ୟା ୧୯ରୁ ବୃଦ୍ଧି ପାଇ ୨୦ରେ ପହଁଚିଛି। ଏହି ନୂଆ ହାତୀ ଶାବକର ଜନ୍ମକୁ ନେଇ ଅଂଚଳରେ ଉତ୍ସୁକତା ପ୍ରକାଶ ପାଇଛି। ବନ ବିଭାଗ ପକ୍ଷରୁ ହାତୀପଲର ଗତିବିଧି ଉପରେ ନଜର ରଖାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ପାଟଣା ବାଇପାସ୍ ରୋଡ଼ ସାଇଟ୍ ନିକଟରେ ଆଉ ଏକ ୬ଟିକିଆ ହାତୀପଲ ରହିଛି। ଏହି ଦୁଇ ହାତୀପଲକୁ ମିଶାଇ ପାଟଣା ଅଞ୍ଚଳରେ ବର୍ତ୍ତମାନ ସମୁଦାୟ ୨୬ଟି ହାତୀ ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ଏଥିରେ ୪ଟି ଦନ୍ତା ହାତୀ, ୧୦ଟି ମାଈ ହାତୀ ଓ ୧୨ଟି ହାତୀ ଶାବକ ଥିବା ସୂଚନା ମିଳିଛି। ହାତୀପଲ ବିଭିନ୍ନ ସ୍ଥାନରେ ଚାଷଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବିଶେଷକରି ବୈତାଳୁ ଚାଷ, ମକା ଓ ବିଭିନ୍ନ ପନିପରିବା ଚାଷ ହାତୀଙ୍କ ଦ୍ୱାରା ନଷ୍ଟ ହୋଇଛି। ଏଥିଯୋଗୁଁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେହିପରି ଗୋଟିଏ ଦନ୍ତା ହାତୀ ଖିରେଇଟାଙ୍ଗିରି-ବେଲଦା ସଂରକ୍ଷିତ ଜଙ୍ଗଲ ନିକଟରେ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ୨୦ଟିକିଆ ହାତୀପଲ ବର୍ତ୍ତମାନ ପାଟଣା-ମଙ୍ଗଳପୁର ସୀମାନ୍ତ ବୈତରଣୀ ନଦୀକୂଳ ଅଂଚଳରେ ରହିଥିବା ସୂଚନା ମିଳିଛି। ହାତୀପଲ ଜନବସତି ଓ ଚାଷଜମି ନିକଟରେ ରହୁଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଛି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଚାଷୀଙ୍କ ଫସଲ ଓ ଜନଜୀବନର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଟ୍ରେନ ଧକ୍କାରେ ଛିଣ୍ଡିଗଲା ହାତ, ଗୋଡ

ଘଟଗାଁ,୯।୮(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଉକଶଚାବେଡା ଗ୍ରାମର ସନ୍ତୋଷ କୁମାର ମୁଣ୍ଡା(୩୫)ଆଜି ବସନ୍ତପୁର ନିକଟ ରେଳ ଧାରଣାରେ ନିଶାସକ୍ତ ଅବସ୍ଥାରେ ଶୋଇ ରହିଥିବା ବେଳେ ବଡ଼ବିଲ-ପୁରୀ ଯାତ୍ରୀବାହିଁ ରେଳ ଧକ୍କାରେ ତାଙ୍କର ଗୋଟିଏ ହାତ ଓ ଗୋଟିଏ ଗୋଡ଼ ଛିଣ୍ଡି ଯାଇଛି। ଘଟଣା ସ୍ଥଳରୁ ତାଙ୍କୁ କେନ୍ଦୁଝର ଡାକ୍ତର ଖାନା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ପରେ କିଛି ସମୟ ଯାତ୍ରୀବାହିଁ ରେଳ ଲାଇନରେ ଛିଡା ହୋଇ ରହିଥିଲା ।

# ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ



ରାଇରଙ୍ଗପୁର,୯।୮(ନି.ପ୍ର): ରାଇରଙ୍ଗପୁରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତ ୭ତାରିଖ ଠାରୁ ୩ ଦିନ ଧରି ଚାଲିଆସୁଥିବା ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା-୨୦୨୬ ରବିବାର ଉତ୍ସାହ ଓ ଉଦ୍ଦୀପନାର ସହ ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ ଯୋଗ ଦେଇଥବା ବେଳେ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ସାଂସଦ ନବ ଚରଣ ମାଝୀ, ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ, ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର କୁମାର ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ କ୍ରୀଡା ଜଗତର ସୁନାମ ଧନ୍ୟ କ୍ରୀଡ଼ାବିତ ତଥା ଅଲମ୍ପିଆଡ଼ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ଧାବିକା ଦୁତି ଚାନ୍ଦ ଯୋଗ ଦେଇଥିଲେ। ସେହିପରି ବିଭିନ୍ନ ବିଭାଗର ଅଧିକାରୀ, ଆଥଲେଟିକ୍ସ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ୍, ପ୍ରଶିକ୍ଷକ, ଅଭିଭାବକ ଓ ବହୁ ସଂଖ୍ୟକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରେକର୍ଡ ସୃଷ୍ଟି କରିଥିବା କ୍ରୀଡ଼ାବିତଙ୍କୁ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ସେମାନଙ୍କ ମଧରେ ବାଳକ -୧୮ ଜାଭଲିନ ଥ୍ରୋରେ ବାଲେଶ୍ୱରର ସତ୍ୟରଞ୍ଜନ ନାୟକ ବାଳକ -୨୦ ଜାଭଲିନଥ୍ରୋରେ କଟକର ଶୁଭମ ଦାସ, ବାଳିକା -୧୬ ଲଙ୍ଗଜମ୍ପରେ ଯାଜପୁରର ସମୀକ୍ଷା ସ୍ୱାଇଁ, ବାଳିକା -୧୮ ଜାଭଲିନରେ ଯାଜପୁରର ଆଲୋକିକା ସ୍ୱାଇଁ, ଅଜୟ ସ୍ୱାଇଁ, ବାଳକ -୨୦ ଲମ୍ଫ ଡିଆଁରେ ସୁନ୍ଦରଗଡ଼ର ମହେନ୍ଦ୍ର ହାଁସଦା, ବାଳକ -୧୪ ଟ୍ରାଇଥଲନ -ଅରେ ନବରଙ୍ଗପୁରର ପ୍ରତାପ ମାଝୀ, ବାଳିକା -୧୪ ଟ୍ରାଇଥଲନ-ଇ-ରେ ରାଉରକେଲା ଷ୍ଟିଲପ୍ଲାଣ୍ଟର ବୈଭି ଏସ, ବାଳକ -୧୪ ଟ୍ରାଇଥଲନଇରେ କେନ୍ଦୁଝରର ଶ୍ରୀଲାଲ ସିଙ୍କୁ, ବାଳିକା -୧୮, ୩୦୦୦ ମିଟର ୱାକରେ ଝାରସୁଗୁଡାର ଚଞ୍ଚଳ କୁମାରୀ, ବାଳିକା -୧୮, ୧୦୦୦ ମିଟର ଦୌଡ଼ରେ ଭଦ୍ରକର ଶୁନ୍ୟସକ୍ତା ବାରିକ, ବାଳିକା -୧୮, ୧୦୦ ମିଟର ହାର୍ଡଲସ ରେ ଯାଜପୁରର ଦିପ୍ତୀମୟୀ ଦାସ, ବାଳକ -୧୬, ୬୦ ମିଟର ଦୌଡ଼ରେ କେନ୍ଦ୍ରାପଡ଼ାର ଶ୍ରେୟାଶ ମହାନ୍ତି, ବାଳିକା -୧୬, ୬୦ମିଟର ଦୌଡ଼ରେ ଯାଜପୁରର ସମୀକ୍ଷା ସ୍ୱାରଣିକା, ବାଳକ -୨୦ ସଟପୁଟ ରେ କଟକର ଓଁକାର ପ୍ରସାଦ ନନ୍ଦ ବାଳକ -୧୮ ହେପଥଲାନରେ ମୟୁରଭଞ୍ଜର ବନମାଳୀ ସିଂ, ବାଳକ -୧୮ ଉଚ୍ଚ ଡିଆଁରେ ଜଗତସିଂହପୁରର ସ୍ୱାଧୀନ ବେହେରା ଏବଂ ଗ୍ରୁପ ଚମ୍ପିୟାନ ଭାବେ ଯାଜପୁରର ବାଳିକା ଓ ବାଳକ -୧୪,ବାଳିକା -୧୬, କେନ୍ଦୁଝରର ବାଳକ -୧୬, ଯାଜପୁରର ବାଳିକା -୧୮, କୋରାପୁଟର ବାଳକ -୧୮, କିଟସର ବାଳିକା -୨୦, କଟକର ବାଳକ -୨୦ ଓ ସାମଗ୍ରୀକ ଭାବେ କଟକ ଚମ୍ପିୟାନ ହୋଇଥିବା ବେଳେ ଯାଜପୁର ରନର୍ସଅପ ହୋଇଛି। ଉଦଯାପନୀ ଅବସରରେ ମୁଖ୍ୟ ଅତିଥି କ୍ରୀଡ଼ାବତଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, କ୍ରୀଡ଼ା କେବଳ ଶାରିରିକ ଦକ୍ଷତାର ବିକାଶ କରେ ନାହିଁ, ବରଂ ଶୃଙ୍ଖଳା, ଏକାଗ୍ରତା, ଧୈର୍ଯ୍ୟ, ନେତୃତ୍ୱ ଓ ଦଳଗତ ମନୋଭାବର ବିକାଶରେ ମଧ ଗୁରୁତ୍ୱପୂର୍ଣ୍ଣ।ଅନ୍ୟାନ୍ୟ ଅତିଥି ବୃନ୍ଦ ଏହିପରି ରାଜ୍ୟସ୍ତରୀୟ ପ୍ରତିଯୋଗିତା କନିଷ୍ଠ କ୍ରୀଡ଼ାବିତଙ୍କ ମଧରେ ନୂତନ ଉତ୍ସାହ ସୃଷ୍ଟି କରିବା ସହ ଭବିଷ୍ୟତରେ ରାଜ୍ୟ ଓ ଦେଶ ପାଇଁ ଉତ୍କୃଷ୍ଟ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବ ବୋଲି ସେ ଆଶା ପୋଷଣ କରିଥିଲେ। ପ୍ରତିଯୋଗିତାକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, କ୍ରୀଡ଼ା ବିଭାଗ, ଓଡ଼ିଶା ଆଥଲେଟିକ୍ସ ସଂଘ, ବିଚାରକମଣ୍ଡଳୀ, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ସମସ୍ତ ସହଯୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଘରେ ଘରେ ତ୍ରିରଙ୍ଗା ଅଭିଯାନ, ବିଜେପି ପକ୍ଷରୁ ବାଇକ ରାଲି

# ଯୋଗ ଦେଲେ ସାଂସଦ ଓ ବିଧାୟକ



ଢେଙ୍କିକୋଟ,୯।୮(ନି.ପ୍ର): ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ରବିବାର ଠାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ପାଳିତ ହେଉଛି । ଢେଙ୍କିକୋଟ ମଣ୍ଡଳ ବିଜେପି ପକ୍ଷରୁ ଆଡ଼ମ୍ବର ସହକାରେ ଢେଙ୍କିକୋଟ ହାଇସ୍କୁଲ ପଡ଼ିଆ ଠାରୁ ବାଇକ ରାଲି ଶୋଭାଯାତ୍ରା ବାହାରି ଢେଙ୍କିକୋଟ ବଜାର ଦେଇ କପାସପଡ଼ା, ମୁଦ୍ରାବେଡ଼ା, ରାମଚନ୍ଦ୍ରପୁର, ଭୋଳବେଡ଼ା, କଟରାବେଡ଼ା, ଖଣ୍ଟଘର ଦେଇ ଢେଙ୍କିକୋଟ ଜନଜାତି ହାଟ ପଡ଼ିଆ ଠାରେ ଶେଷ ହୋଇଥିଲା। ମଣ୍ଡଳ ବିଜେପି ସଭାପତି ରଞ୍ଜିତ ନାୟକଙ୍କ ନେତୃତ୍ୱରେ ଭାରତ ମାତାଙ୍କ ସ୍ଲୋଗାନ, ଦେଶାତ୍ମବୋଧକ ଗୀତରେ ରାଲି ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି ଶୋଭାଯାତ୍ରାରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ଅଖିଳ ପାତ୍ର, ପୂର୍ବତନ ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ଜିଲ୍ଲା ସାଧାରଣ ସଂପାଦିକା ଯଶସ୍ୱୀନି ବଳ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଜୟଦେବ ଗିରି, ଘଟଗାଁ ମଣ୍ଡଳ ପ୍ରଭାରୀ ଇନ୍ଦ୍ରମଣି ମହାନ୍ତ, ସର୍ବଶ୍ରୀ ସୌମ୍ୟ ପ୍ରକାଶ ମଣ୍ଡଳ, ରାମଚନ୍ଦ୍ର ସାହୁ, ତ୍ରିଲୋଚନ ରାଉତ, କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ହର ଘର ତ୍ରିରଙ୍ଗା ଅଭିଯାନରେ ୪ ହଜାର ସାମିଲ, ଝଲସିଲା ସମ୍ବଲପୁର



ସମ୍ବଲପୁର,୯।୮(ନିପ୍ର): ହାତରେ ତ୍ରିରଙ୍ଗା, ମନରେ ଉତ୍ସାହ ଓ ପାଟିରେ ଗୁଞ୍ଜରିତ ହେଉଥିଲା 'ଭାରତ ମାତା କି ଜୟ', 'ଜୟ ଜଗନ୍ନାଥ' ଓ 'ଜୟ ମା' ସମଲେଶ୍ୱରୀ' ଧ୍ୱନି ରବିବାର ଦେଶପ୍ରେମର ରଙ୍ଗରେ ରଙ୍ଗିନ ହୋଇଥିଲା ସମ୍ବଲପୁର ସହର। 'ହର ଘର ତ୍ରିରଙ୍ଗା' ଅଭିଯାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିଶାଳ ତ୍ରିରଙ୍ଗା ଯାତ୍ରାରେ ୪ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଯୋଗଦାନ ଏକ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଥିଲା। ରିଜର୍ଭ ପୁଲିସ ପଡ଼ିଆରୁ ଆରମ୍ଭ ହୋଇଥିବା ତ୍ରିରଙ୍ଗା ଯାତ୍ରା ଜେଲ୍ ଛକ ପର୍ଯ୍ୟନ୍ତ ହୋଇଥିଲା। ଲୋକେ ଜାତୀୟ ପତାକା ଧରି ଏଥିରେ ସାମିଲ ହୋଇଥିଲେ। ତ୍ରିରଙ୍ଗାରେ ସଜେଇ ହୋଇଥିଲା ରାସ୍ତା। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଏବଂ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ନାଉରୀ ନାୟକ, ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍ପି ମୁକେଶ ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀ, ଡିଏଫ୍‌ଓଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ନାୟକ କହିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ 'ହର ଘର ତ୍ରିରଙ୍ଗା' ଅଭିଯାନ ଅଗଷ୍ଟ ୯ରୁ ୧୭ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁରବାସୀ ଉତ୍ସାହର ସହ ସାମିଲ ହୋଇ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ସାଂସଦ ଶ୍ରୀ ପ୍ରଧାନ ଉଦ୍‌ବୋଧନ ଦେଇ ଦେଶର ସୁରକ୍ଷା ପାଇଁ ନିୟୋଜିତ ବୀର ଯବାନଙ୍କୁ ସମ୍ମାନ ଜଣାଇଥିଲେ। ସେମାନଙ୍କ ପ୍ରତି ସମ୍ମାନ ସ୍ୱରୂପ ତ୍ରିରଙ୍ଗା ଯାତ୍ରାରେ ଜାତୀୟ ପତାକା ଧରି ଗର୍ବର ସହ ପଦଯାତ୍ରା କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଲାଇଭ୍ ପେଣ୍ଟିଂ, ରଙ୍ଗୋଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସହରବାସୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସନ୍ଦେହରେ ଫକୀର ରଣା ହତ୍ୟାକାଣ୍ଡ



କଳାହାଣ୍ଡି,୯।୮(ନିପ୍ର): ଶାନ୍ତ ଓ ଭାଇଚାରାର ଜରିଲା କଳାହାଣ୍ଡିରେ ହିଂସା ଓ ରକ୍ତପାତ ବଢ଼ିବାରେ ଲାଗିଛି। ନିକଟରେ ମଦନପୁର ରାମପୁର ବ୍ଲକ ତମ କର୍ଲାଖୁଣ୍ଟା ସରପଞ୍ଚ ସ୍ମିତା ରଣାଙ୍କ ସ୍ୱାମୀ ଫକୀର ରଣା ହତ୍ୟାକାଣ୍ଡ ଏହାର ଉଦାହରଣ ବୋଲି ଆଲୋଚନା ହେଉଛି। ଏ ପର୍ଯ୍ୟନ୍ତ ହତ୍ୟାକାଣ୍ଡ କାରଣ ଜଣାପଡ଼ିନାହିଁ। ପୋଲିସ ତଦନ୍ତ ଚଳାଇଥିଲେ ବି ଏହା ଉପରୁ ପର୍ଦ୍ଦା ଉଠାଇ ପାରିନି। ଅନେକ ଏହାକୁ ରାଜନୈତିକ ଶତ୍ରୁତାର ପରିଣାମ ବୋଲି କହୁଛନ୍ତି। ଆଉ କେତେକ ହତ୍ୟାକାଣ୍ଡ ପଛରେ ପାରିବାରିକ ଶତ୍ରୁତା କିମ୍ବା ଅସାଧୁ ବ୍ୟବସାୟୀଙ୍କ ହାତ ଥିବା ସନ୍ଦେହ କରୁଛନ୍ତି। ତେବେ କ୍ରାଇମ ବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ ଦ୍ୱାରା ପ୍ରକୃତ ସତ ଜଣାପଡ଼ିବ ବୋଲି ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଅଟୋରେ ଗଞ୍ଜେଇ ଚାଲାଣ



ରେଙ୍ଗାଲି, ୯/୮ ସନ୍ଦୀପ ଶର୍ମା ରାତିର ଅନ୍ଧାର ରେ ଅଟୋରେ ଚାଲିଥିଲା ଗଞ୍ଜେଇ ଚାଲାଣ। ହେଲେ ଆବକାରୀ ବିଭାଗର ତୀକ୍ଷ୍ଣ ନଜରରୁ ବର୍ତ୍ତି ପାରିଲେ ନି ଚାଲାଣକାରୀ। ରେଙ୍ଗାଲି ଆବକାରୀ ଥାନା ପକ୍ଷରୁ ଏସ୍‌ଏଚ୍‌୧୦ ଝୁରିପଡ଼ା ଛକ ନିକଟରେ ଚଢ଼ାଉ କରାଯାଇ ୧୫ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ବଜାଜ ମ୍ୟାକ୍ସିମା ଅଟୋ ରିକ୍ସା ଜବତ ହେବା ସହ ଦୁଇ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତ ୭ ତାରିଖ ରାତି ପ୍ରାୟ ୧ଟା ୪୫ରୁ ୧ଟା ୫୫ ମଧ୍ୟରେ ରେଙ୍ଗାଲି ଥାନା ଅନ୍ତର୍ଗତ ଏସ୍‌ଏଚ୍‌୧୦ ଝୁରିପଡ଼ା ଛକ ନିକଟ ରେ ଆବକାରୀ ବିଭାଗର ଏକ ଟିମ ଚଢ଼ାଉ କରିଥିଲା। ଏହି ସମୟ ରେ କଳାରଙ୍ଗର ବଜାଜ ମ୍ୟାକ୍ସିମା ଅଟୋ ରିକ୍ସା (ଓଡି୧୫ଡବ୍ଲ୍ୟୁ ୬୮୭୩)ରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଆବକାରୀ କର୍ମଚାରୀ ମାନେ ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ଏକ ଧଳା ଜରି ବସ୍ତାରୁ ୧୫ କିଲୋ ୨୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ପରେ ଗଞ୍ଜେଇ ସହ ଅଟୋକୁ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତ ମାନେ ହେଲେ ବିହାର ଭୋଜପୁର ଜିଲ୍ଲା ଉଦଓନ୍ତ ନଗର ଥାନା ଅନ୍ତର୍ଗତ ଦର୍ଶନ ଛାପରା ଗ୍ରାମର ମଧୁଲାଲ ସିଂ (୫୦) ଏବଂ ସମ୍ବଲପୁର ଖେତରାଜପୁର ଥାନା ଅନ୍ତର୍ଗତ ବଡ଼ବଜାର ପଡେଲ କଲୋନୀର ବିକାଶ ଘୋଷ (୫୧)। ଏନେଇ ରେଙ୍ଗାଲି ଆବକାରୀ ଥାନାରେ ପିର୍ଥ୍ୟ ନମ୍ବର ୧୩୦/୨୦୨୬/୨୭ରେ ମାମଲା ରୁଜୁ ହୋଇଛି। ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)() ଅନୁଯାୟୀ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।


## ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍

କାର୍ଯ୍ୟାଳୟ ନଂ. ୫ ଓ ୬, ୧୧ ମହଲା, ଇ ୱିଙ୍ଗ୍, ଟାଇମସ୍ ସ୍କୋୟାର, ଅନ୍ଧେରୀ-କୁର୍ଲା ରୋଡ୍, ମାରୋଲ୍, ଅନ୍ଧେରୀ (ଇ), ମୁମ୍ବାଇ-୪୦୦୦୫୯.
TEL- 18001234427 / +91 22 69609000/100 Email : collections@mhfcindia.com

SVATANTRA Micro Housing Finance Corporation Ltd.

ପରିଶିଷ୍ଟ ୪ (ରୁଲ ୮ (୧) ଦେଖନ୍ତୁ)

### ଦଖଲ ବିଜ୍ଞପ୍ତି

ଯେହେତୁ, ନିମ୍ନସ୍ୱାକ୍ଷରକାରୀ ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍ (ଏସଏମ୍ଏଚ୍ଏଫସି) ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ ପାଠ କରାଯାଇ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ନିମ୍ନଲିଖିତ ତାରିଖରେ ଦାବି ନୋଟିସ ଜାରି କରିଥିଲେ ଯେଉଁଥିରେ ଟେବୁଲରେ ଉଲ୍ଲେଖ ଥିବା ଋଣଗ୍ରହୀତାମାନଙ୍କୁ ନୋଟିସ୍‌ରେ ଉଲ୍ଲେଖ ଥିବା ରାଶି ଏହାଉପରେ ହୋଇଥିବା ସୁଧ ଓ ଖର୍ଚ୍ଚ ସହ ନୋଟିସ୍ ତାରିଖରୁ/ଉପରୋକ୍ତ ନୋଟିସ୍ ପାଇବା ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।
ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟର/ମର୍ଟଗେଜର ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ସୂଚନା ଦିଆଯାଉଛି ଯେ, ଉପରୋକ୍ତ ରୁଲ୍ସର, ରୁଲ ୮ ପାଠ କରାଯାଇ ଉକ୍ତ ଆଇନର ଧାରା ୧୩ (୪) ଅନୁଯାୟୀ ତାଙ୍କ (ମହିଳା/ପୁରୁଷ) ଉପରେ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟର/ମର୍ଟଗେଜର ଏବଂ ସର୍ବସାଧାରଣଙ୍କୁ ସାଧାରଣ ଭାବେ ସତର୍କ କରିଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତି ଉପରେ କୌଣସି କାରବାର କରିବେ ନାହିଁ। ଯଦି ଏପରି କରନ୍ତି ତେବେ ସେମାନଙ୍କୁ ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ (ଏସଏମ୍ଏଚ୍ଏଫସି) କୁ ନିମ୍ନଲିଖିତ ରାଶି ଏବଂ ଏହା ଉପରେ ଭବିଷ୍ୟତ ସୁଧ ଓ ବ୍ୟୟ ସଂପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ଦେବାକୁ ପଡ଼ିବ।

| ଋଣଗ୍ରହୀତା/ଗ୍ୟାରେଣ୍ଟର ମାନଙ୍କ ନାମ | ଦାବି ବିଜ୍ଞପ୍ତି ତାରିଖ / ଦଖଲ ତାରିଖ | ବକେୟା ଦେୟ ରାଶି | ସମ୍ପତ୍ତିର ବିବରଣୀ |
|---|---|---|---|
| ଶ୍ରୀମତୀ ଦମୟନ୍ତୀ ବେହେରା<br>ଶ୍ରୀମତୀ କମଳା ବେହେରା<br>ଶ୍ରୀ ନାରାୟଣ ବେହେରା | 14-05-2026<br>08-08-2026 | ଟ. ୧,୫୦,୮୧୯/- (ଏକ ଲକ୍ଷ ପଚାଶ ହଜାର ଆଠ ଶହ ଉଣେଇଶ ଟଙ୍କା କେବଳ) | ପ୍ଲଟ ନଂ. ୩୨ (ସାର୍ଟିଫିକେଟ୍ ନଂ. ୧୫୮୧), ୱାର୍ଡ ନଂ. ୫, ସ୍ଥାନ: ବାଲୁଖଣ୍ଡ, ତହସିଲ ନଂ.-ପୁରୀ ସଦର-୧୦୮, ଥାନା-ପୁରୀ ସହର, ପୁରୀ, ଓଡ଼ିଶା, ୭୫୨୦୦୨. |
| ଶ୍ରୀମତୀ ସୁକାନ୍ତି ନାୟକ<br>ଶ୍ରୀ ସୁଜିତ୍ ନାୟକ | 14-05-2026<br>04-08-2026 | ଟ. ୧,୪୬,୯୦୮/- (ଏକ ଲକ୍ଷ ଛୟାଳିଶି ହଜାର ନଅ ଶହ ଆଠ ଟଙ୍କା କେବଳ) | ପ୍ଲଟ ନଂ. ୧୬୭୬,୧୬୭୭ (ସାର୍ଟିଫିକେଟ୍ ନଂ. ୫୫୨), ୱାର୍ଡ ନଂ. ୧୦, ସ୍ଥାନ: ବଡ଼ ଷାଠିଏ ବାଟିଆ, ତହସିଲ-ଢେଙ୍କାନାଳ ସଦର-୦୩, ଢେଙ୍କାନାଳ, ଓଡ଼ିଶା, ୭୫୯୦୦୧. |
| ଶ୍ରୀମତୀ ସୁକାନ୍ତି ରାଉଳ<br>ଶ୍ରୀ ଦୀପକ ରାଉଳ | 11-03-2026<br>08-08-2026 | ଟ. ୨,୦୮,୭୦୯/- (ଦୁଇ ଲକ୍ଷ ଆଠ ହଜାର ସାତ ଶହ ନଅ ଟଙ୍କା କେବଳ) | ପ୍ଲଟ ନଂ. ୧୩୦୧, ସାର୍ଟିଫିକେଟ୍ ନଂ. ୯୦, ଲେଜର ସିରିଏଲ୍ ନଂ. ୩୫୯, ୱାର୍ଡ ନଂ. ୨୩, ସ୍ଥାନ: କୋରିଆନ୍, ଥାନା-ଢେଙ୍କାନାଳ ସଦର, ଢେଙ୍କାନାଳ, ଓଡ଼ିଶା-୭୫୯୦୧୩. |
| ଶ୍ରୀ ବିଚି ମହମ୍ମଦ<br>ଶ୍ରୀମତୀ ବସିରାନ୍ ବିବି | 14-05-2026<br>04-08-2026 | ଟ. ୧,୫୯,୪୨୫/- (ଏକ ଲକ୍ଷ ଅଣଷଠି ହଜାର ଚାରି ଶହ ପଚିଶି ଟଙ୍କା କେବଳ) | ପ୍ଲଟ ନଂ. ୯୪/୫୭୬୭, ଲେଜର ସିରିଏଲ୍ ନଂ. ୫୩୯, ୱାର୍ଡ ନଂ. ୯, ସାର୍ଟିଫିକେଟ୍ ନଂ. ୪୪୫, ସ୍ଥାନ: ବନମାଳି ପ୍ରସାଦ, ତହସିଲ-ଢେଙ୍କାନାଳ ସଦର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୧. |
| ଶ୍ରୀ ବିକାଶ ନାୟକ<br>ଶ୍ରୀମତୀ ପିଙ୍କି ନାୟକ | 14-05-2026<br>04-08-2026 | ଟ. ୨,୦୧,୬୩୮/- (ଦୁଇ ଲକ୍ଷ ଏକ ହଜାର ଛଅ ଶହ ଅଡ଼ତିରିଶି ଟଙ୍କା କେବଳ) | ଖାତା ନଂ. ୩୭୧୪, ପ୍ଲଟ ନଂ. ୩୨୪, ୱାର୍ଡ ନଂ. ୨୨, ଏର୍. ନଂ. ୨୯, ସ୍ଥାନ: ଢେଙ୍କାନାଳ ଟାଉନ୍, ତହସିଲ ଓ ନଂ.-ଢେଙ୍କାନାଳ ସଦର,୧, ଢେଙ୍କାନାଳ, ଓଡ଼ିଶା-୭୫୯୦୧୩. |
| ଶ୍ରୀ ତୀର୍ଥ ନାୟକ<br>ଶ୍ରୀ କୁନା ନାୟକ<br>ଶ୍ରୀମତୀ ତିଳ ନାୟକ | 14-05-2026<br>05-08-2026 | ଟ. ୨,୯୦,୩୩୭/- (ଦୁଇ ଲକ୍ଷ ନବେ ହଜାର ତିନି ଶହ ସଇଁତିରିଶି ଟଙ୍କା କେବଳ) | ଲେଜର ସିରିଏଲ୍ ନଂ. ୬୫୪, ପ୍ଲଟ ନଂ. ୧୧୨୧, ୱାର୍ଡ ନଂ. ୧୧, ସ୍ଥାନ: ଖଲାରି, ତହସିଲ-ଅନୁଗୁଳ, ଅନୁଗୁଳ, ଓଡ଼ିଶା-୭୫୯୧୩୪. |
| ଶ୍ରୀ ବାବୁଲି ନାୟକ<br>ଶ୍ରୀମତୀ ମୀରା ନାୟକ | 14-05-2026<br>05-08-2026 | ଟ. ୨,୫୩,୫୭୦/- (ଦୁଇ ଲକ୍ଷ ତେପନ ହଜାର ପାଞ୍ଚ ଶହ ସତୁରୀ ଟଙ୍କା କେବଳ) | ଲେଜର ସିରିଏଲ୍ ନଂ. ୬୫୪, ପ୍ଲଟ ନଂ. ୧୧୨୧, ୱାର୍ଡ ନଂ. ୧୧, ଡିଭିଏନ୍-୦୩୨, ସ୍ଥାନ: ଅନୁଗୁଳ ସହର, ତହସିଲ ଓ ନଂ. ଅନୁଗୁଳ ୬୪, ଅନୁଗୁଳ, ଓଡ଼ିଶା-୭୫୯୧୨୨. |
| ଶ୍ରୀମତୀ ସୁଭଦ୍ରା ପ୍ରଧାନ<br>ଶ୍ରୀ ଭିକାରୀ ପ୍ରଧାନ | 14-05-2026<br>05-08-2026 | ଟ. ୩,୧୪,୧୮୯/- (ତିନି ଲକ୍ଷ ଚଉଦ ହଜାର ଏକ ଶହ ଅଣାନବେ ଟଙ୍କା କେବଳ) | ଖତିୟାନ ସିରିଏଲ୍ ନଂ. ୨/୧, ପ୍ଲଟ ନଂ. ୨୮, ୱାର୍ଡ ନଂ. ୦୩, ହେମସୁରପଡା, ସ୍ଥାନ-ନଖରା ସାହି, ଅନୁଗୁଳ ସହର, ତହସିଲ-ଅନୁଗୁଳ, ଓଡ଼ିଶା-୭୫୯୧୨୨. |
| ଶ୍ରୀମତୀ କବିତା ବିଧାର<br>ଶ୍ରୀ ଜଗମୋହନ ବିଧାର | 14-05-2026<br>08-08-2026 | ଟ. ୭,୩୨,୭୬୭/- (ସାତ ଲକ୍ଷ ବତିଶି ହଜାର ସାତ ଶହ ସତଷଠି ଟଙ୍କା କେବଳ) | ସର୍ଭେ ନଂ. ୧୮୮/୧୬୭, ଖାତା ନଂ. ୧୮୮/୧୬୭, ପ୍ଲଟ ନଂ. ୩୪୧/୬୫୩, ସ୍ଥାନ-ଡିହପାଞ୍ଚଗୋଛିଆ, ଗ୍ରାମ ପଞ୍ଚାୟତ-କୁସୁପୁର,ପୁରୀ, ଓଡ଼ିଶା-୭୫୨୦୧୧. |

ତାରିଖ : ୧୦/୦୮/୨୦୨୬
ସ୍ଥାନ : ଓଡ଼ିଶା
(ଶାରିକ୍ ସୌଦାଗର)-କ୍ଷମତାପ୍ରାପ୍ତ ଅଧିକାରୀ
ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍ ନିମନ୍ତେ


# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା 'ତ୍ରିରଙ୍ଗା ରାଲି' ଶୁଭାରମ୍ଭ



ବଲାଙ୍ଗୀର,୯।୮(ନିପ୍ର): ବଲାଙ୍ଗୀର ଜିଲ୍ଲ ପୁଇଁନ୍ତଳା ଓ ଆଗଲପୁର ବ୍ଲକରେ ଏକ ବିଶାଳ 'ତ୍ରିରଙ୍ଗା ରାଲି' ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଆଟଗାଁରୁ ଗ୍ରହ ମହାନ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝି ମଣ୍ଡଳାଙ୍କ ଜନ୍ମ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ରାଲି ଆରମ୍ଭ କରାଯାଇଥିଲା।ଏହା ପୁଇଁନ୍ତଳା ବ୍ଲକର ଆଟଗାଁରୁ ବାହାରି ମାହାଦେବପାଲି ଶିବ ମନ୍ଦିର ଛକ, ଦଶପୁର ହାଟପଦା, ଟେଣ୍ଡିପାଲି, ଛତାପିପଲ, କୁରେଭଣା, ମେହେରମୁଣ୍ଡା, ରଣ୍ଡା, ସାତମାଇଲ, ଅଙ୍କଭିଆପଦର ଓ ଜାମଗାଁ ପରିକ୍ରମା କରିଥିଲା। ପରେ ଏହା ଆଗଲପୁର ବ୍ଲକର ରୋଥ, ଉପରବାହାଲ, ଡୁଙ୍ଗ୍ରା, ସାଲେଭଟା, କୁଟାସିଂହା ଦେଇ ରୁଗୁଡ଼ିପଡ଼ା ଛକରେ ଉଦ୍‌ଯାପିତ ହୋଇଥିଲା। ପରିକ୍ରମା ପଥରେ ସ୍ଥାନୀୟ ଜନସାଧାରଣ, ଯୁବଶକ୍ତି, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନର ପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀ ତ୍ରିରଙ୍ଗା ପତାକା ଧରି ଅଂଶଗ୍ରହଣ କରିଥିଲେ। ପରିକ୍ରମା ସମୟରେ ଜାତୀୟ ଏକତା ଓ ଦେଶପ୍ରେମର ସ୍ଲୋଗାନରେ ଗଗନ ପବନ ମୁଖରିତ ହୋଇଉଠିଥିଲା।ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଡ. ମହାଲିଙ୍ଗ କହିଲେ, ଅଗଷ୍ଟ ୯ ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ 'ହର ଘର ତ୍ରିରଙ୍ଗା'ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବା ପ୍ରତ୍ୟେକ ଘରେ ତ୍ରିରଙ୍ଗାର ଗର୍ବ ଓ ସମ୍ମାନ ପହଞ୍ଚାଇବା ପାଇଁ ସକ୍ରିୟ ସହଯୋଗ ଆବଶ୍ୟକ। ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଯୁବସମାଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବସାଧାରଣ ଏହି ମହାନ ଅଭିଯାନରେ ସାମିଲ ହେବାକୁ ମନ୍ତ୍ରୀ ନିବେଦନ କରିଥିଲେ।

# ରାଜକିଶୋର ଦାଶ ଗଣେଶ ମେଳା କମିଟି ସଭାପତି



ଦେବଗଡ଼,୯।୮(ନିପ୍ର): ୧୯୪୯ ମସିହାରୁ ସୁରୁଖୁରୁରେ ପରିଚାଳିତ ହୋଇ ଆସୁଥିବା ଦେବଗଡ଼ ସାର୍ବଜନୀନ ଗଣେଶ ମେଳା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଉପଲକ୍ଷେ ଦେବଗଡ଼ କଲେଜ ଅଡିଟୋରିୟମରେ ଅନୁଷ୍ଠିତ ବୈଠକରେ ନିକଟ ଅତୀତରେ ପରଲୋକ ଗମନ କରିଥିବା ବିଶିଷ୍ଟ ବ୍ୟବସାୟୀ ଅଲେଖ ଚନ୍ଦ୍ର ସାହୁ ଓ ଗଣେଶ ମେଳା କମିଟିର ସଭ୍ୟ ପ୍ରତାପ କୁମାର ନାଏକଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ କିଭଳି ସୁରୁଖୁରୁରେ ପୂଜା ସମ୍ପର୍ଣ୍ଣ ହେବ ସେ ନେଇ ଆଲୋଚନା ହୋଇଥିଲା। ପ୍ରାୟ ୫୭୫ ଜଣ ସଭ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ଗତ ବର୍ଷର ସଭାପତି ରାଜକିଶୋର ଦାଶଙ୍କୁ ପୁଣି ସଭାପତି, ସମ୍ପାଦକ ପ୍ରଦୀମ୍ନ କୁମାର ଆଚାର୍ଯ୍ୟ ଓ କୋଷାଧକ୍ଷ ଶିବ ଶଙ୍କର ସାହୁଙ୍କୁ ମନୋନିତ କରାଯାଇଥିଲା। ଆଇନ ପରାମର୍ଶଦାତା ମନୋଜ କୁମାର ପାଢ଼ୀ ଓ ବିଭୁତି ଗଙ୍ଗଦେବ ସଭା ପରିଚାଳନା କରିଥିଲେ।


## AFFIDAVIT

By virtue of an affidavit No.77AA 563265, Dt.07.08.2026, sworn before the Executive Magistrate, Jhumpura, I, Fulamani Mahanta, W/o- Jagannath Mahanta, Vill/Po- Ukhunda, Ps-Baria, Dist-Keonjhar, Pin-758032, declare that I have changed the name of my minor daughter from Pujarani Mahanta (old name) to Diptimayee Mahanta (new name). Henceforth, she shall be known as Diptimayee Mahanta for all purposes.

**Fulamani Mahanta**
Deponent


# ଖରାମାଲ-ଭେରୁଆମୁଣ୍ଡା ରାସ୍ତାରେ ଜଳ ସ୍ରୋତ ଘାଇ ଯୋଗୁଁ ସ୍କୁଲ ଯାଇପାରୁ ନାହାନ୍ତି ଛାତ୍ରଛାତ୍ରୀ



ବରଗଡ,୯।୮(ନିପ୍ର): ବର୍ଷା ହେଲେ ଗାଁକୁ ଯିବା ରାସ୍ତା ପାଲଟିଯାଉଛି ବିପଦର ବାଟ। ରାସ୍ତା ଉପରେ ଜଳ ସୁଅ, ଏଣେତେଣେ ଘାଇ। କାଦୁଅ ଭର୍ତ୍ତି ରାସ୍ତାରେ ଯିବା ମୁସ୍କିଲ। ଏଭଳି ଚିତ୍ର ଦେଖିବାକୁ ମିଳିଛି ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତର ଖରାମାଲ-ଭେରୁଆମୁଣ୍ଡା କଚ୍ଚା ରାସ୍ତାରେ। ମାଣ୍ଡୋସିଲ ଅଞ୍ଚଳରେ ଶନିବାର ସକାଳୁ ଲଗାଣ ବର୍ଷା ହେବାରୁ ରାସ୍ତା ଉପରେ ପାଣି ସୁଅ ହେବା ସହିତ ଏକାଧିକ ସ୍ଥାନରେ ଘାଇ ହୋଇଛି। ଫଳରେ ଦୁଇ ଗାଁ ମଧ୍ୟରେ ଯାତାୟାତ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଚଳିତ ମାସରେ ଏହି ରାସ୍ତାରେ ଦୁଇଥର ଘାଇ ହୋଇଥିଲା। ପରେ ମରାମତି କରାଯାଇଥିଲେ ମଧ୍ୟ ପୁଣି ବର୍ଷା ପାଣିର ପ୍ରଖର ସ୍ରୋତରେ ରାସ୍ତା ଧୋଇଯାଇଛି। ତେଣୁ କେବଳ ମାଟି ଓ ମୋରମ ପକାଇ ମରାମତି କରିବା ଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ହେବ ନାହିଁ ବୋଲି ଲୋକେ କହିଛନ୍ତି। ଏହାସହିତ ପିଲାଙ୍କ ସ୍କୁଲ ଯିବା କଷ୍ଟକର ହେଉଛି। ରାସ୍ତା ଦେଇ ଭେରୁଆମୁଣ୍ଡା ଓ ଜାମସେଠ ଅଞ୍ଚଳର ଛାତ୍ରଛାତ୍ରୀ, ଜନସାଧାରଣ ଯାତାୟାତ କରନ୍ତି। ପାଣି ଓ ଘାଇ ଯୋଗୁଁ ପିଲାମାନଙ୍କ ସ୍କୁଲ ଯିବା ବିପଜ୍ଜନକ ହୋଇଛି। ଅନେକ ଅଭିଭାବକ ପିଲାଙ୍କୁ ରାସ୍ତା ପାର କରାଇ ପଠାଇଥିଲେ। ପିଲାଙ୍କ ସୁରକ୍ଷାକୁ ନେଇ ଏବେ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ଏଭଳି ଅବସ୍ଥା ଯୋଗୁଁ ଆମ୍ବୁଲାନ୍ସ ମଧ୍ୟ ଗାଁରେ ପହଞ୍ଚିବା କଷ୍ଟକର ହୋଇପଡ଼ୁଛି। ଗର୍ଭବତୀ, ବୃଦ୍ଧ ଓ ଅସୁସ୍ଥ ଲୋକଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରିଛି। ସୂଚନାଯୋଗ୍ୟ, 'ଦେଶୀ ବିହନ ପରବ'ର ଗାଁ, ଭାବେ ଏହା ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ରଖିଛି। ପରବ ସମୟରେ ବହୁ ସରକାରୀ ଅଧିକାରୀ, ରାଜନେତା ଓ ଅତିଥି ଏଠାକୁ ଆସୁଥିଲେ ମଧ୍ୟ ଯାତାୟାତ ଭଳି ମୌଳିକ ସମସ୍ୟାର ସମାଧାନ ହେଉନି ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ବନ୍ୟା ଛାଡ଼ିଲା...

ରାଜ୍ୟ ସରକାରଙ୍କ ପକ୍ଷରୁ ବନ୍ୟା କ୍ଷୟକ୍ଷତିର ଆକଳନ ଜାରି ରହିଛି। ୨୪ ଜିଲ୍ଲା ବନ୍ୟା ଓ ଲଗାଣ ବର୍ଷାରେ ପ୍ରଭାବିତ ହୋଇଥିବା କୁହାଯାଇଛି। ସଠିକ୍ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ଜିଲ୍ଲାପାଳମାନଙ୍କୁ। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ସମସ୍ତ ବନ୍ୟା ପ୍ରଭାବିତଙ୍କୁ ସହାୟତା ରାଶି ତୁରନ୍ତ ପ୍ରଦାନ କରାଯିବ। ଏହି ପ୍ରକ୍ରିୟା ମଧ୍ୟ ଏକରକମ ଆରମ୍ଭ ହୋଇଯାଇଛି।

### ବାହ୍ୟ ଶକ୍ତିଠାରୁ...

ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି।ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନସିସି ଏବଂ ଏନଏସଏସର ସ୍ୱେଚ୍ଛାସେବୀ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ। ସମସ୍ତେ ବନ୍ଦେ ମାତରମ୍ ଓ ଭାରତ ମାତା କୀ ଜୟ ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା, ସଂସ୍କୃତି ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଥିଲେ ପୁରୀ ସାଂସଦ ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ୍ ସିଂ ତୋମାର ପ୍ରମୁଖ। ଓଡ଼ିଶାର ଗୌରବ ତଥା ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯୁବସମାଜ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଭରିଦେଇଥିଲେ।

### କୌନ ବନେଗା...

ଆଦିବାସୀ ସମ୍ପ୍ରଦାୟ ତଥା ମାଲକାନଗିରିର ପରିଚୟକୁ ଏତେ ବଡ଼ ପ୍ଲାଟଫର୍ମରେ ପହଞ୍ଚାଇ ପାରିଥିବାରୁ ସେ ଗର୍ବିତ ଏବଂ ଆଗାମୀ ଦିନରେ ପୁଣି ଥରେ ହଟ୍ ସିଟ୍ ପାଇଁ ଉଦ୍ୟମ କରିବେ।

# ନିଆରା ଢଙ୍ଗରେ ବିଧାୟକଙ୍କ ଜନ୍ମଦିନ ପାଳିତ




ସମ୍ବଲପୁର, ୯/୮(ନିପ୍ର): ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ୭୭ତମ ଜନ୍ମଦିନକୁ ତାଙ୍କ ସମର୍ଥକ ଓ ଶୁଭେଚ୍ଛୁ ମାନେ ନିଆରା ଓ ଅଭିନବ ଢଙ୍ଗରେ ପାଳନ କରିଛନ୍ତି। ଜନ୍ମଦିନ ଅବସର ରେ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ବଦଳରେ ଧାର୍ମିକ କାର୍ଯ୍ୟ, ରୋଗୀ ସେବା, ଅସହାୟ ଶିଶୁଙ୍କୁ ଖାଦ୍ୟ ବଣ୍ଟନ ଓ ପରିବେଶ ସୁରକ୍ଷା ଭଳି ସାମାଜିକ କାର୍ଯ୍ୟକ୍ରମ କୁ ଗୁରୁତ୍ୱ ଦିଆଯାଇଥିଲା। ମା' ସମଲେଶ୍ୱରୀ ମନ୍ଦିର ରେ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୂଜକ ଅମ୍ବିକା ରାୟ ମା'ଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସର ରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ପୂର୍ବତନ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଶୋକ ସେନାପତି, ପୂର୍ବତନ ଯୁବ ବିଜେଡି ଜିଲ୍ଲା ସଭାପତି ଖରାଂଶୁ ଶେଖର ଦେବ, ପୂର୍ବତନ ଜିଲ୍ଲା ସମ୍ପାଦକ ଶିଶିର ରଞ୍ଜନ ମହାନ୍ତି ଓ ଯୁଯୋମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଧନକଉଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଜନ ଆରୋଗ୍ୟ ସମିତି ପକ୍ଷରୁ ଆଶୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ମାନଙ୍କୁ ଫଳ, ପାଉଁରୁଟି, ବିସ୍କୁଟ ଓ କ୍ଷୀର ବଣ୍ଟନ କରାଯାଇଥିଲା। ଡଃ ଆଇଜାକ ସାନ୍ତ୍ରା ବାଳ ନିକେତନ ରେ ଅନ୍ତେବାସୀ ଶିଶୁ ମାନଙ୍କୁ ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ କରା ଯାଇଥିଲା। ଏଥିରେ ବିଜେଡି ଯୁଯୋମୁରା ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଜିଲ୍ଲା ଉପସଭାପତି ଟେକମଣୀ ପ୍ରଧାନ, ଜିଲ୍ଲା ସମ୍ପାଦକ ଅଶ୍ୱିନୀ ଦେହୁରୀ, ପୂର୍ବତନ ସରପଞ୍ଚ ବିପିନ ବେହେରା, ଯୁବ ନେତା ସୁଶୀଲ ବେହେରା, ବୈରାଗୀ ଦେହୁରୀ, ନନ୍ଦ ରଞ୍ଜିତ, ରାଧାକାନ୍ତ ସାହୁ, ଲଳିତ ରହନା, ଅବନୀ କୁମୁରା ଓ ଜଗଦୀଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୩ଟାରେ ଯୁଯୋମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତର ପଟୁଆବାହାଲ ଶିବ ମନ୍ଦିର ପରିସର ରେ ଚାରାରୋପଣ କରାଯାଇଥିଲା।


TATA

## ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ :୧୧ ତମ ମହଲା, ଟାୱାର ଏ, ପେନିନଶୁଲା ବିଜନେସ ପାର୍କ, ଗଣପତରାଓ କଦମ ମାର୍ଗ, ଲୋୟର ପ୍ୟାରେଲ,ମୁମ୍ବାଇ- ୪୦୦୦୧୩ .
ଶାଖା ଠିକଣା : ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ, ପ୍ଲଟ ନଂ- ୧୯୦, ୨୦୪ ଏବଂ ୨୦୫, ୩ୟ ମହଲା, ରବି ଟକିଜ୍ ସ୍କୋୟାର ନିକଟ, ଗୌରୀ ମନ୍ଦିର ବିପରୀତ, ଲିୱିସ୍ ରୋଡ, ଥାନା-ବଡଗଡ, ଭୁବନେଶ୍ୱର-୭୫୧୦୧୪.

### ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି

(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯(୧) ପାଠ କରାଯାଇ ରୁଲ ୮(୬) ଅନୁଯାୟୀ)

ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬) ଓ ରୁଲ ୯(୧) ପାଠ କରାଯାଇ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ୍, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ୍ ଏବଂ ଏନ୍‌ଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ୧୫ ଦିନର ଇ-ନିଲାମ ବିଜ୍ଞପ୍ତି।
ଏତଦ୍ୱାରା ସର୍ବସାଧାରଣଙ୍କୁ ସାଧାରଣଭାବେ ଏବଂ ବିଶେଷକରି ନିମ୍ନଲିଖିତ ଋଣଗ୍ରହୀତା ଏବଂ/ ସହ-ଋଣଗ୍ରହୀତା, କିମ୍ବା ସେମାନଙ୍କର ଉତ୍ତରାଧିକାରୀ/ପ୍ରତିନିଧିମାନେ (ଋଣଗ୍ରହୀତା) ମାନଙ୍କୁ ସୂଚନା ଦିଆଯାଉଛି ଯେ, ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିଃ (ଟିସିଏଚ୍ଏଫ୍ଏଲ୍)କୁ ବନ୍ଧକ ଦିଆଯାଇଥିବା ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଯାହା ଟିସିଏଚ୍ଏଫ୍ଏଲ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଯାହା ଦଖଲକୁ ନିଆଯାଇଛି ତାହା ୨୭-୦୮-୨୦୨୬ ରେ ''ଯେଉଁଠାରେ ଅଛି'' ଏବଂ ଯାହାଅଛି'' ଏବଂ '' ସେଥିରେ ଯାହାଅଛି'' ଏବଂ ଅପରିବର୍ତ୍ତିତ ଆଧାର''ରେ ନିମ୍ନଲିଖିତ ଋଣଗ୍ରହିତା ଏବଂ ସହ-ଋଣଗ୍ରହିତାଙ୍କ ଠାରୁ ବକେୟା ରାଶି ଆଦାୟ କରିବା ନିମନ୍ତେ ବିକ୍ରୟ କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ଜମା ନିମ୍ନରେ ଉଲେଖ କରାଯାଇଛି । ଏତଦ୍‌ଦ୍ୱାରା ସୂଚନା ଦିଆଯାଉଛି ଯେ ଯଦି ବିକ୍ରୟରେ କୌଣସି ସ୍ଥଗିତ/ ବିଘ୍ନ ନଘଟେ ତେବେ ଉପରୋକ୍ତ ସୁରକ୍ଷିତ ସାମଗ୍ରୀ/ ସମ୍ପତ୍ତି ଉପରୋକ୍ତ ତା. ୨୭-୦୮-୨୦୨୬ ରେ ଅପରାହ୍ନ ୨.୦୦ ଘଣ୍ଟା ସମୟରେ ଇ-ନିଲାମ ପ୍ରଣାଳୀରେ ବିକ୍ରୟ କରାଯିବ । ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ମୁଦ ଦିଆଯାଇ ଲଫାଫା ମଧ୍ୟରେ ଇଏମଡିର ଡିମାଣ୍ଡ ଡ୍ରାଫ୍ଟ ଟିସିଏଚ୍ଏଫଏଲର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୬-୦୮-୨୦୨୬ ଅପରାହ୍ନ ୫:୦୦ ଘଣ୍ଟା ସୁଦ୍ଧା କିମ୍ବା ଏହା ପୂର୍ବରୁ, ଶାଖା ଠିକଣା : ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ, ପ୍ଲଟ ନଂ- ୧୯୦, ୨୦୪ ଏବଂ ୨୦୫, ୩ୟ ମହଲା, ରବି ଟକିଜ୍ ସ୍କୋୟାର ନିକଟ, ଗୌରୀ ମନ୍ଦିର ବିପରୀତ, ଲିୱିସ୍ ରୋଡ, ଥାନା-ବଡଗଡ, ଭୁବନେଶ୍ୱର-୭୫୧୦୧୪ରେ ଦାଖଲ କରିବାକୁ ହେବ ।
ସୁରକ୍ଷିତ ସାମଗ୍ରୀ/ସ୍ଥାବର ସମ୍ପତ୍ତି ''ଯେଉଁଠାରେ ଯେପରି ଅବସ୍ଥାରେ ଅଛି'' ବିକ୍ରୟ କରାଯିବ ଯାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି :

| କ୍ର. ନଂ. | ଲୋନ୍ ଆକାଉଣ୍ଟ ନଂ. | ଋଣଗ୍ରହୀତା (ମାନେ)/ସହ-ଋଣଗ୍ରହୀତା (ମାନେ)/ ଉତ୍ତରାଧିକାରୀ(ମାନେ)/ଆଇନତଃ ପ୍ରତିନିଧି/ ଗ୍ୟାରେଣ୍ଟର(ମାନେ)ଙ୍କ ନାମ | ଡିମାଣ୍ଡ ନୋଟିସ ତାରିଖ | ସଂରକ୍ଷିତ ମୂଲ୍ୟ | ବକେୟା ରାଶି ତାରିଖ ସୁଦ୍ଧା |
|---|---|---|---|---|---|
| 1. | 10183730 & 10234175 | ଶ୍ରୀ ବିଷ୍ଣୁ ଚରଣ ବେହେରା,<br>ଶ୍ରୀମତୀ ସବିତା ବେହେରା<br>ଶ୍ରୀ ସତ୍ୟବ୍ରତ ଗୋଛାୟତ | ଟ. ୧୧,୪୭,୭୮୩/-<br>୨୦-୦୮-୨୦୨୪ | ଟ. ୧୬,୨୦,୦୦୦/-<br>ଅମାନତ ରାଶି ଜମା (ଇଏମ୍‌ଡି):- ଟ.୧,୬୨,୦୦୦/-<br>ଦଖଲର ପ୍ରକାର:-ବାସ୍ତବ | ଟ.୧୭୪୫୧୦୨/-<br>୩୧-୦୭-୨୦୨୬ |
| ସ୍ଥାବର ସମ୍ପତ୍ତିର ବିବରଣୀ: ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ଯାହା ଜମିର ଏକ ଆବାସିକ ପ୍ଲଟ୍, ପ୍ଲଟ୍ ନଂ.୧୨/୭୮, ଖାତା ନଂ. ୭୩/୨୫୭, ଏରିଆ-ଏ ୦.୦୮୦ଡେସିମିଲ, ସ୍ଥିତି-ସ୍ଥିତିବାନ, କିସମ-ଘରବାରି, ସଂପର୍କିତ ଖାତା ନଂ. ୭୩/୩୦, ପ୍ଲଟ ନଂ.-୧୨, ଏରିଆ-ଏ ୦.୦୮୦ଡେସିମିଲ, ମୋଟ ଏରିଆ ଏ ୦.୦୯୦ ଡେସିମିଲ ମଧ୍ୟରୁ, ମୌଜା-କୁଇଓଜଙ୍ଗଲ, ଜିଲ୍ଲା-ଅନୁଗୁଳ, ତହସିଲ-ବାରାପାଲ, ଏସଆରଓ-ଅନୁଗୁଳ, ଥାନା-ଅନୁଗୁଳ, ଓଡ଼ିଶା. ପରିସୀମା: ପୂ-ଦୟା ବେହେରା, ପ-ସରକାର, ଉ-ନିଜେ,ଦ-ରାସ୍ତା। | | | | | |
| 2. | TCHHL0538000100090654 | ଶ୍ରୀ ବିଚିତ୍ରା ନନ୍ଦ ଓଝା,<br>ଶ୍ରୀମତୀ ପ୍ରଭାତୀ ଓଝା | ଟ. ୬, ୦୪,୮୧୮/-<br>୧୩-୦୨-୨୦୨୩ | ଟ.୭,୫୦,୦୦୦/-<br>ଅମାନତ ରାଶି ଜମା (ଇଏମ୍‌ଡି):- ଟ.୭୫,୦୦୦/-<br>ଦଖଲର ପ୍ରକାର:-ବାସ୍ତବ | ଟ.୧୧୮୪୨୧୭/-<br>୩୧-୦୭-୨୦୨୬ |
| ସ୍ଥାବର ସମ୍ପତ୍ତିର ବିବରଣୀ: ସ୍ଥାବର ସଂପତ୍ତିର ସମସ୍ତ ଅଂଶ ଯାହା ଜମି ହେବା ସହିତ ଏହା ଉପରେ ନିର୍ମିତ ଗୃହ, ଜିଲ୍ଲା-ପୁରୀ, ତହସିଲ/ଏସଆରଓ/ଥାନା-ଗୋପ, ଥାନା ନଂ.-୩୭, ମୌଜା-ଇସାନପୁର, ହାଲ୍ ମ୍ୟୁଟେସନ ଖାତା ନଂ.୧୫୮, ପ୍ଲଟ ନଂ.-୧୩୮୯ପି, ଏରିଆ-ଏ୦.୧୫୦ ଡେସିମିଲ, ସ୍ଥିତି-ସ୍ଥିତିବାନ, କିସମ-ଘରବାରି. ପରିସୀମା: ପୂ-ଭିକାରୀ ଓଝା, ପ-ରାମଚନ୍ଦ୍ର ଓଝା ଓ ବୈରାଗୀ ଓଝା, ଉ-ରାସ୍ତା, ଦ-ନିଜେ। | | | | | |
| 3. | 9899246 | ଶ୍ରୀ ଦେବେନ୍ଦ୍ର ମଲ୍ଲିକ<br>ଶ୍ରୀ ଆଦିକନ୍ଦ ମଲ୍ଲିକ | ଟ. ୧୦୪୫୧୮୧/-<br>୨୨-୧୦-୨୦୧୯ | ଟ.୫,୦୦,୦୦୦/-<br>ଅମାନତ ରାଶି ଜମା (ଇଏମ୍‌ଡି): ଟ.୫୦,୦୦୦/-<br>ଦଖଲର ପ୍ରକାର:-ବାସ୍ତବ | ଟ. ୨୭୭୧୧୫୩/-<br>୩୧-୦୭-୨୦୨୬ |
| ସ୍ଥାବର ସମ୍ପତ୍ତିର ବିବରଣୀ: ନିର୍ମାଣ ସହିତ ଜମିର ସମସ୍ତ ଅଂଶ: ପରିମିତ: ଏରିଆ-ଏ ୦.୦୪୦ ଡେସିମିଲ ଛିଟକ ଏବଂ ୧୫ ବର୍ଗ ଫୁଟ ଯାହାର ଅବସ୍ଥିତି: ଜିଲ୍ଲା-ପୁରୀ, ତହସିଲ-ନିମାପଡା, ଏସଆରଓ-ନିମାପଡା, ଥାନା-ନିମାପଡା, ଥାନା ନଂ.-୧୬୧, ମୌଜା-ବିଷ୍ଣୁପୁର, ଖାତା ନଂ. ୧୩୩୨/୬୨୮, ପ୍ଲଟ ନଂ. ୭୭୯, ସଂପର୍କିତ ଖାତା ନଂ. ୮୯୮, ଓଡ଼ିଶା, ଉପରୋକ୍ତ ସଂପତ୍ତିର ପରିସୀମା: ପୂ-ଡାଗ୍ ନଂ. ହରି ମଲ୍ଲିକ, ପ- ବାଇଧର ଓଝା, ଉ-ପୋଖରୀ, ଦ-ସିନ୍ଧୁ ମଲ୍ଲିକ । | | | | | |
| 4. | 9898163 | ଶ୍ରୀ ସୁକାନ୍ତ କୁମାର ନାୟକ<br>ଶ୍ରୀମତୀ ସୁଭାସିନୀ ନାୟକ | ଟ. ୯,୯୦,୮୭୩/-<br>୧୭-୦୬-୨୦୨୩ | ଟ.୯,୯୦,୦୦୦/-<br>ଅମାନତ ରାଶି ଜମା (ଇଏମ୍‌ଡି):ଟ.୯୯,୦୦୦/-<br>ଦଖଲର ପ୍ରକାର:-ବାସ୍ତବ | ଟ.୧୫୨୮୪୬୬/-<br>୩୧-୦୭-୨୦୨୬ |
| ସ୍ଥାବର ସମ୍ପତ୍ତିର ବିବରଣୀ:ସମସ୍ତ ଅଂଶ, ଜିଲ୍ଲା-ପୁରୀ, ତହସିଲ-ଡେଲାଙ୍ଗ, ଏସଆରଓ-ଡେଲାଙ୍ଗ, ଥାନା-ଡେଲାଙ୍ଗ, ଥାନା ନଂ.-୯୪, ମୌଜା-କଲ୍ୟାଣପୁର, ଖାତା ନଂ.-୬୩୧/୭୬, ପ୍ଲଟ ନଂ.୧୫୪୯/୧୮୨୨, ଏରିଆ-ଏ୦.୦୯୦ଡେସିମିଲ, ସଂପର୍କିତ ଖାତା ନଂ. ୧୮୧, ସ୍ଥିତି-ସ୍ଥିତିବାନ, କିସମ-ଘରବାରି, ପୁରୀ, ଓଡ଼ିଶା, ପରିସୀମା: ପୂ-ଅନ୍ୟ ବିକ୍ରେତା, ପ-ପ୍ରମିଳା ପ୍ରଧାନ, ଉ-ନକୁଳ ନାୟକ, ଦ-ପ୍ରମିଳା ପ୍ରଧାନ। | | | | | |
| 5. | 10218766 | ଶ୍ରୀମତୀ ମିନତୀ ନାୟକ<br>ଶ୍ରୀ ସୋନୁ ନାୟକ | ଟ. ୧,୮୦,୪୩୭/-<br>୦୯-୧୦-୨୦୨୫ | ଟ.୪,୬୦,୦୦୦/-<br>ଅମାନତ ରାଶି ଜମା (ଇଏମ୍‌ଡି):ଟ.୪୬,୦୦୦/-<br>ଦଖଲର ପ୍ରକାର:-ବାସ୍ତବ | ଟ.୨୩୯୭୯୬/-<br>୩୧-୦୭-୨୦୨୬ |
| ସ୍ଥାବର ସମ୍ପତ୍ତିର ବିବରଣୀ: ସମ୍ପତ୍ତିରସମସ୍ତ ଅଂଶ, ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଚିଲିକା, ଏସଆରଓ-ବାଣପୁର, ଥାନା-ବାଣପୁର, ଥାନା ନଂ.-୨୦୯, ମୌଜା-ବଡକୁଲା, ଖାତା ନଂ.-୬୩୦/୨୩୬, ପ୍ଲଟ ନଂ.୯୭୨, ଏରିଆ-ଏ୦.୦୨୫ଡେସିମିଲ, ସଂପର୍କିତ ଖାତା ନଂ. ୪୧୩, ସ୍ଥିତି-ସ୍ଥିତିବାନ, କିସମ-ଘରବାରି, ପରିସୀମା: ଉ-ରାସ୍ତା, ଦ-ଗୌରାଙ୍ଗ ନାୟକ, ପ-କେଲୁ ନାୟକ, ପୂ -ମନ୍ଦି ନାୟକ । | | | | | |
| 6. | 10173765 | ଶ୍ରୀ ସୁବାସ ଚନ୍ଦ୍ର ସେନାପତି,<br>ଶ୍ରୀମତୀ ପ୍ରମିଳା ସେନାପତି. | ଟ. ୩, ୩୬,୪୩୭/-<br>୧୩-୦୬-୨୦୨୩ | ଟ.୩,୨୫,୦୦୦/-<br>ଅମାନତ ରାଶି ଜମା (ଇଏମ୍‌ଡି):- ଟ.୩୨,୫୦୦/-<br>ଦଖଲର ପ୍ରକାର:-ବାସ୍ତବ | ଟ.୬୩୨୫୦୮/-<br>୩୧-୦୭-୨୦୨୬ |
| ସ୍ଥାବର ସମ୍ପତ୍ତିର ବିବରଣୀ: ସ୍ଥାବର ସଂପତ୍ତିର ସମସ୍ତ ଅଂଶ ଯାହା ଜମିର ଏକ ପ୍ଲଟ. ଜିଲ୍ଲା-ପୁରୀ, ତହସିଲ-ଗୋପ, ଏସଆରଓ-ଗୋପ, ଥାନା-ଗୋପ, ଥାନା ନଂ.-୧୧୮, ମୌଜା-ଚଢେଇଗାଁ, ଖାତା ନଂ.୧୯୧, ପ୍ଲଟ ନଂ.-୮୫୭(ପି), ଏରିଆ-ଏ୦.୦୩ ୩/୪ଡେସିମିଲ ଏ୦.୩୦୦ଡେସିମିଲ ମଧ୍ୟରୁ, ସ୍ଥିତି-ସ୍ଥିତିବାନ, କିସମ-ଘରବାରି. ପରିସୀମା: ପୂ-ଉଲ୍ଲେଖ ନାହିଁ, ପ-ଉଲ୍ଲେଖ ନାହିଁ, ଉ-ରତ୍ନାକର ପ୍ରଧାନ, ଦ-ହରି ମାଝୀ। | | | | | |

ଦ୍ରଷ୍ଟବ୍ୟ: ବିଡରମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ବିଡ୍ ଦାଖଲ ପୂର୍ବରୁ ସଠିକ୍ ଅନୁଧ୍ୟାନ କରନ୍ତୁ। ଏହି ନିଲାମ କୌଣସି ଆଇନଗତ ସମସ୍ୟା, ବିବାଦ, ଯଦି ଥାଏ ତେବେ ତାର ଫଳଫଳ ଉପରେ ଆଧାରିତ ହେବ। ନିଲାମରେ, ସର୍ବସାଧାରଣଙ୍କୁ ସାଧାରଣ ଭାବେ ଆହ୍ୱାନ କରାଯାଉଛି ଯେ,ସେମାନେ ସେମାନଙ୍କର ବିଡ୍ (ଗୁଡିକ) ବ୍ୟକ୍ତିଗତ ଭାବେ ଦାଖଲ କରିବେ । କୌଣସି ଅଧିକାରୀ କିମ୍ବା ଅନ୍ୟ ବ୍ୟକ୍ତି ଏହି ବିକ୍ରୟ ସମ୍ବନ୍ଧରେ ସମ୍ପୃକ୍ତ ଥିବେ, ସେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ବିକ୍ରୟ କରାଯାଇଥିବା ସ୍ଥାବର ସମ୍ପତ୍ତିକୁ ନିଲାମ, ଅଧିକାର କିମ୍ବା ଅଧିକାର କରିବାକୁ କୌଣସି ଚେଷ୍ଟା କରିପାରିବେ ନାହିଁ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ଏବଂ ନିମ୍ନୋକ୍ତ ଅଧିକ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରାଯିବ ।
ଦ୍ରଷ୍ଟବ୍ୟ: ସମ୍ପତ୍ତିଗୁଡିକର ଇ-ନିଲାମ ପୋର୍ଟାଲ **https://XpertAuction.com** ଜରିଆରେ ୨୭-୦୮-୨୦୨୬ ଅପରାହ୍ନ ୨.୦୦ଘଣ୍ଟାରୁ ଅପରାହ୍ନ ୩.୦୦ ମଧ୍ୟରେ ପ୍ରତ୍ୟେକ ଥର ପାଇଁ ୫ ମିନିଟର ସୀମିତ ସଂପ୍ରସାରଣ ସହିତ ଅନୁଷ୍ଠିତ ହେବ ।
ସର୍ତ୍ତାବଳୀ:
୧: ନିମ୍ନ ତଫସିଲରେ ନିର୍ଦ୍ଦିଷ୍ଟ କରାଯାଇଥିବା ବିବରଣୀଗୁଡିକ ନିମ୍ନସ୍ୱାକ୍ଷରକାରୀଙ୍କର ସର୍ବୋତ୍ତମ ସୂଚନା ଅନୁଯାୟୀ ଦିଆଯାଇଛି, କିନ୍ତୁ ଏହା ଦ୍ୱାରା ଘୋଷଣା କରାଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କୌଣସି ତ୍ରୁଟି, ଭୁଲ ତଥ୍ୟ କିମ୍ବା ଛାଡିଯାଇଥିବା ବିଷୟବସ୍ତୁ ନିମନ୍ତେ ଉତ୍ତରଦାୟୀ ହେବେ ନାହିଁ। ଯଦି ନିଲାମ ରାଶି କିମ୍ବା ନିଲାମଧାରୀ ସମ୍ବନ୍ଧରେ କୌଣସି ବିବାଦ ଉପୁଜେ, ତେବେ ସ୍ଥାବର ସମ୍ପତ୍ତି ପୁନର୍ବାର ନିଲାମ କରାଯିବ, ଯାହା କି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ । ୨. ସ୍ଥାବର ସମ୍ପତ୍ତି ସଂରକ୍ଷିତ ମୂଲ୍ୟଠାରୁ କମରେ ବିକ୍ରୟ କରାଯିବ ନାହିଁ। ୩. ନିଲାମ ରାଶି ବୃଦ୍ଧି ଟ. ୧୦,୦୦୦/- (ଦଶ ହଜାର ଟଙ୍କା କେବଳ) ହେବ। ୪. ସମ୍ପତ୍ତି କ୍ରୟ ନିମନ୍ତେ ସମସ୍ତ ବିଡ୍‌ରେ ଉପରଲିଖିତ ଅମାନତ ରାଶି ଯାହା ଡିମାଣ୍ଡ ଡ୍ରାଫ୍ଟ ଆକାରରେ ''ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ''ଙ୍କ ସପକ୍ଷରେ ଏହାର ଶାଖା ଠିକଣାରେ ଜମା ଦେବାକୁ ହେବ । ନିଲାମ ପରେ ସଫଳ ହୋଇନଥିବା ନିଲାମଧାରୀଙ୍କୁ ଡିମାଣ୍ଡ ଡ୍ରାଫ୍ଟ ଫେରସ୍ତ ଦିଆଯିବ । ଏନଇଏଫଟି /ଆରଟିଜିଏସ/ଆଇଏମପିଏସ ମାଧ୍ୟମରେ ଇଏମଡି ପ୍ରଦାନ କରିବା ନିମନ୍ତେ ଦୟାକରି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ । ୫. ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ସଫଳ ବୋଲି ବିବେଚିତ ହେବେ ଯଦି ସେ ପୁରୁଷ/ମହିଳା ଆଇନଗତ ଭାବେ ନିଲାମ ଡାକିବାକୁ ଯୋଗ୍ୟ ଏବଂ ବିଡ୍ ଆମାଉଣ୍ଟ ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ ହୋଇ ନ ଥିବ । କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମକୁ ନାକଚ କରିଦେବାର ଅଧିକାର ଅଛି, ଯେତେବେଳେ ନିଲାମ ଡକାଯାଇଥିବା ରାଶି ସ୍ପଷ୍ଟ ରୂପେ ଯଥେଷ୍ଟ ନୁହେଁ। ୬. ଲିଖିତ କାରଣ ଦର୍ଶାଇ କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟକୁ ସ୍ଥଗିତ/ବନ୍ଦ କରିବାର ନିର୍ଣ୍ଣୟ ନେଇପାରନ୍ତି। ୭. ସ୍ଥାବର ସମ୍ପତ୍ତିକୁ ଯାଞ୍ଚ କରିବା ନିମନ୍ତେ ପୂର୍ବରୁ ଯୋଗାଯୋଗ କରି ୧୯-୦୮-୨୦୨୬ ପୂର୍ବାହ୍ନ ୧୧ ଘଣ୍ଟାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ କରିପାରିବେ। ୮. ସଫଳ ନିଲାମଧାରୀ ଘୋଷଣା ହେବା ଠିକ ପରେ କ୍ରୟ ରାଶି /ବିଡ୍ ରାଶିର ୨୫% ଅମାନତ ରାଶିକୁ ମିଶାଇ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୪ ଘଣ୍ଟା ମଧ୍ୟରେ ଜମା ଦେବାକୁ ହେବ ଏବଂ ଜମା ଦେବାରେ ବିଫଳ ହେଲେ ସମ୍ପତ୍ତିକୁ ତତକ୍ଷଣାତ୍ ଘରୋଇ ସଂସ୍ଥା ଦ୍ୱାରା ନୂତନ ଭାବେ ନିଲାମ/ବିକ୍ରୟ କରାଯିବ। ୯. ଯଦି ଉପରଲିଖିତ ଅନୁଯାୟୀ ପ୍ରାଥମିକ ଜମା ଦିଆଯାଇଥାଏ, ତେବେ କ୍ରୟର ଅବଶିଷ୍ଟ ଦେୟ ରାଶି ବିକ୍ରୟ ଘୋଷଣା କରାଯିବା ତାରିଖଠାରୁ ୧୫ ଦିନ କିମ୍ବା ଏହା ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଜମା ଦେବାକୁ ହେବ। ଯଦି ୧୫ତମ ଦିବସ ରବିବାର କିମ୍ବା ଅନ୍ୟ ଛୁଟି ଦିନ ହୋଇଥାଏ ତେବେ ୧୫ତମ ଦିବସ ପରେ ପ୍ରଥମ କାର୍ଯ୍ୟାଳୟ ଦିବସରେ ଜମା ଦେବାକୁ ହେବ। ୧୦. ଯଦି ଉପରଲିଖିତ ସମୟସୀମା ମଧ୍ୟରେ ଜମା ଦେବାରେ ବିଫଳ ହୁଅନ୍ତି ତେବେ ଉକ୍ତ ସମ୍ପତ୍ତିକୁ ଘରୋଇ ସଂସ୍ଥାଙ୍କ ମାଧ୍ୟମରେ ନୂତନ ଭାବେ ନିଲାମ/ବିକ୍ରୟ କରାଯିବ । ଜମା ଦିଆଯାଇଥିବା ରାଶି ସହିତ ଇଏମଡିକୁ ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡଙ୍କ ଦ୍ୱାରା ବାଜ୍ୟାପ୍ତ କରାଯିବ ଏବଂ ବିଫଳ ହୋଇଥିବା କ୍ରୟକାରୀ ସମ୍ପତ୍ତି ଉପରେ ସମସ୍ତ ଦାବି ହରାଇବେ। ୧୧. ସମ୍ପତ୍ତିର ଆଇନଗତ ସମସ୍ୟାର ବିବରଣୀ ଯାହା ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡକୁ ଜଣାଅଛି : ଉପରୋକ୍ତ ଟେବୁଲ ଅନୁଯାୟୀ, ଯାହା ସମ୍ପତ୍ତି ନିମନ୍ତେ ପ୍ରଯୁଜ୍ୟ। ଆଗ୍ରହୀ ନିଲାମଧାରୀଙ୍କୁ ଉପଦେଶ ଦିଆଯାଉଛି ଯେ, ସେମାନେ ସ୍ୱତନ୍ତ୍ର ଭାବେ ସମ୍ପତ୍ତି ଉପରେ ଥିବା ଆଇନଗତ ସମସ୍ୟାଗୁଡିକ ତନଖି କରିବା ସହିତ ସମ୍ପତ୍ତିର ସାମ୍ବିଧାନିକ ଦାୟ, ଖଜଣା, ବିଦ୍ୟୁତ ଶୁଳ୍କ ଇତ୍ୟାଦି ବକେୟା ବୁଝିନେବେ । ୧୨. ଅନ୍ୟାନ୍ୟ ବିବରଣୀ କିମ୍ବା ଇ-ନିଲାମ ନିମନ୍ତେ ଆବଶ୍ୟକ ଅନ୍‌ଲାଇନ୍ ଟ୍ରେନିଂ ନିମନ୍ତେ ଆଶାୟୀ ନିଲାମଧାରୀମାନେ ସେବା ପ୍ରଦାନକାରୀ,ନବୋଦୟନ ପ୍ରପ୍‌ଟେକ ପ୍ରାଇଭେଟ୍ ଲିମିଟେଡ୍ (**XpertAuction**), ୨୦୩, ୨ୟ ମହଲା, ଶ୍ୟାମ ପ୍ୟାଲେସ, ସେକ୍ଟର ୪ ଓ ୫ କ୍ରସିଂ, ରେଲୱେ ରୋଡ୍ , ଗୁରୁଗ୍ରାମ , ହରିୟାଣା, ଇ-ମେଲ୍ ଆଇଡି: **eauctions@XpertAuction.com** କିମ୍ବା ମନୀଷ ବଂଶଲ, ଇ-ମେଲ୍ ଆଇଡି-**Manish.Bansal@tatacapital.com**. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମୋ ନଂ. -୮୫୮୮୯୮୩୬୯୬ ରେ ଯୋଗାଯୋଗ କରିପାରିବେ। ଦୟାକରି ଆପଣଙ୍କର ପ୍ରଶ୍ନଗୁଡିକ ହ୍ୱାଟସ୍‌ଆପ୍ ନଂ- ୯୯୯୯୦୭୮୬୬୯ରେ ପଠାନ୍ତୁ। ୧୩. ସର୍ବୋଚ୍ଚ ନିଲାମଧାରୀଙ୍କୁ ଘୋଷିତ ସର୍ବୋଚ୍ଚ ରାଶି ଉପରେ ୧% ଟିଡିଏସ ଦେବାକୁ ପଡିବ । ସର୍ବୋଚ୍ଚ ନିଲାମଧାରୀ ରାଶି ସମ୍ପତ୍ତି ମାଲିକ/ଋଣଗ୍ରହୀତା(ମାନେ)ଙ୍କ **PAN** ରେ ଜମା ଦେବେ ଏବଂ ଏହି ଚାଲାଣର ଏକ ନକଲ ଆମ କମ୍ପାନୀ ନିକଟରେ ଜମା ଦେବେ। ୧୪. ଉପରୋକ୍ତ ବିଷୟରେ ବିଶଦ ବିବରଣୀ ନିମନ୍ତେ ଦୟା କରି ନିମ୍ନୋକ୍ତ ଲିଙ୍କ୍ ଯାହା ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ **https://surl.li/dqxazl** ରେ ପ୍ରଦାନ କରାଯାଇଛି ତାହା ଦେଖନ୍ତୁ । ୧୫. ଦୟାକରି ଲିଙ୍କ୍ **https://www.tatacapital.com/property-disposal.html** ଦେଖନ୍ତୁ ।
ଦୟାକରି ଧ୍ୟାନ ଦିଅନ୍ତୁ - ଏହି ସମ୍ପତ୍ତି ବିକ୍ରୟ/ନିଲାମ ନିମନ୍ତେ ଉପରଲିଖିତ ନିଲାମ ଅଂଶୀଦାରଙ୍କ ବ୍ୟତୀତ ଟିସିଏଚଏଫଏଲ ଅନ୍ୟ କୌଣସି ବ୍ରୋକର/ଏଜେଣ୍ଟ ନିଯୁକ୍ତ କରିନାହାନ୍ତି। ଏହି ବିଷୟରେ ସମସ୍ତ ପ୍ରଶ୍ନ ଏବଂ ଅନୁସନ୍ଧାନ ପାଇଁ ଆଗ୍ରହୀ ପକ୍ଷ କେବଳ ନିମ୍ନସ୍ୱାକ୍ଷରକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିବା ଉଚିତ ।

**ସ୍ଥାନ : ଓଡ଼ିଶା**
**ତାରିଖ : ୧୦-୦୮-୨୦୨୬**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ୍**

# ଆଦିବାସୀଙ୍କ ଭାଷା ଓ ସଂସ୍କୃତିକୁ ମନେ ପକାଇଲା ବିଶ୍ୱ

**କୋରାପୁଟ**,୯।୮(ନି ପ୍ର):ଜାତୀୟ ନିଶାଣୀମୁଣ୍ଡା ପରିସରରେ ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମହାସଂଘର ଜିଲ୍ଲା ସଭାପତି ପାତବାସ ପକୁଲଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲାଏଥିରେ ଡ. ଉଦୟନାଥ ଖରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘର ରଖିଥିବା ଦାବିଗୁଡ଼ିକ କିପରି ସମାଧାନ ହେବ ସେଥିପ୍ରତି ସମସ୍ତେ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ବାରମ୍ବାର ଦାବି ଦୋହରାଇବୁ ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ ।



ମହାସଂଘର ପୂର୍ବତନ ଜିଲ୍ଲା ସଭାପତି ଶିବ ମୁଦୁଲି, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ଜିଲ୍ଲାପରିଷଦ ସଭ୍ୟ ରଘୁ ଜାନୀ,ଜିଲ୍ଲା ସରପଞ୍ଚ ସଂଘ ସଭାପତି ଲବ ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚମ ଅନୁସୂଚିତ ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ଜନସଂଖ୍ୟାର ଅନୁପାତ ଓ ସ୍ଥାନୀୟ ଆବଶ୍ୟକତାକୁ ବିଚାରକୁ ନେଇ ଜିଲ୍ଲାଭିତ୍ତିକ ଭାବରେ ଗ୍ରୁପସି ଓ ଗ୍ରୁପଡି ପଦବୀରେ ନିଯୁକ୍ତିରେ ସ୍ଥାନୀୟ ଆଦିବାସୀ ଯୁବକଯୁବତୀଙ୍କୁ ଯଥୋଚିତ ସୁଯୋଗ ଓ ପ୍ରାଥମିକତା ପ୍ରଦାନ କରିବା,ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ) ଅଧିନିୟମ, ୧୯୯୬ (ପେସା ଆକ୍ଟ)କୁ ଅନୁସୂଚିତ ଅଞ୍ଚଳରେ ଏହାର ମୂଳ ଆତ୍ମା ଓ ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯାଉ ଏବଂ ଗ୍ରାମସଭାର ସାମ୍ବିଧାନିକ ଭୂମିକା ଓ ଅଧିକାର ସୁନିଶ୍ଚିତ କରିବା,ମିଥ୍ୟା ଜାତିଗତ ପ୍ରମାଣପତ୍ର ମାଧ୍ୟମରେ ସରକାରୀ ଚାକିରି କିମ୍ବା ଅନ୍ୟାନ୍ୟ ସରକାରୀ ସୁବିଧା ହାସଲ କରୁଥିବା ମାମଲାଗୁଡ଼ିକର ନିରପେକ୍ଷ ଯାଞ୍ଚ କରାଯାଉ, ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତି ଓ ଏଥିରେ ଜଡ଼ିତ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରମୁଖ ଦାବି ଗୁଡାକ ଉପରେ ସଭାପତି ପାତବାସ ପକୁଲ ଉପସ୍ଥାପନା କରିଥିଲେ।

**ଲକ୍ଷ୍ମୀପୁର**, ୦୯/୦୮(ନି. ପ୍ର.):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରଠାରେ ରବିବାର ଧୂମ୍‌ଧାମରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି।



ଆଦିବାସୀ ପ୍ରଗତିବାଦୀ ସମାଜ, ଲକ୍ଷ୍ମୀପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମାଜର ଏକତା, ପରମ୍ପରା ଓ ସଂସ୍କୃତିର ଭବ୍ୟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ ଲକ୍ଷ୍ମୀପୁର ରେଲୱେ ଷ୍ଟେସନ ଛକରୁ ବ୍ଲକ ଗ୍ରାଉଣ୍ଡ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଆୟୋଜିତ ହୋଇଥିଲା। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ହଜାର ହଜାର ଆଦିବାସୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଢେମ୍ସା ନୃତ୍ୟ, ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଗୀତର ତାଳେ ତାଳେ ପଦଯାତ୍ରା ପରିବେଶକୁ ଉତ୍ସବମୁଖର କରିଥିଲା। ବ୍ଲକ ଗ୍ରାଉଣ୍ଡରେ ଆୟୋଜିତ ସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୂର୍ବତନ ସାଂସଦ ତଥା ଆଦିବାସୀ ପ୍ରଗତିବାଦୀ ସମାଜର ସଭାପତି ଝିନ ହିକକା, ପୂର୍ବତନ ବିଧାୟକ କୈଳାସ କୁଲେସିକାଙ୍କ ସମେତ ବହୁ ଆଦିବାସୀ ନେତା, ସାମାଜିକ କର୍ମୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ସଭାରେ ଆଦିବାସୀ ସମାଜର ଭାଷା, ସଂସ୍କୃତି, ପରମ୍ପରା ଓ ଅଧିକାରର ସୁରକ୍ଷା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଆଦିବାସୀ ସମାଜର ଯୁବପିଢ଼ି ନିଜ ଭାଷା, ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ସହ ଶିକ୍ଷା ଓ ବିକାଶ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଆହ୍ୱାନ ଦିଆଯାଇଥିଲା। ଢେମ୍ସା ନୃତ୍ୟ, ପାରମ୍ପରିକ ଗୀତ ଓ କଳାସଂସ୍କୃତିର ମନୋରମ ପରିବେଷଣରେ ସାରା ଲକ୍ଷ୍ମୀପୁର ଉତ୍ସବମୁଖର ହୋଇଉଠିଥିଲା।।

**ଡୁଙ୍ଗୁରିପାଲି** (ନି ପ୍ର) ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଆଦିବାସୀ କାର୍ଯ୍ୟାଳୟ ଠାରେ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଭୋଇ ଙ୍କ ଅଧ୍ୟକ୍ଷତା ରେ ଆନ୍ତର ଜାତୀୟ ଆଦିବାସୀ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଆଦିବାସୀ ସମାଜ ର ଭଗବାନ ବିର୍ସାମୁଣ୍ଡା ଏବଂ ଭାରତ ର ସମ୍ବିଧାନ ପ୍ରଣେତା ଡ଼



ବିଆର ଆମ୍ବେଦକର ଙ୍କ ଫୋଟୋ ଉପରେ ଆଦିବାସୀ ସମାଜ ର ବରିଷ୍ଠ ତଥା ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଭୀଷ୍ମଦେବ ମଲ୍ଲିକ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ଜଳନ କରିଥିଲେ । ଡୁଙ୍ଗୁରିପାଲି ବ୍ଲକ ର ବରିଷ୍ଠ ସଭ୍ୟ ଶ୍ରୀଯୁକ୍ତ ଯୁବରାଜ ସିଂହ ବରିହା ଙ୍କର ବକ୍ତବ୍ୟ ରେ ପ୍ରକାଶ କରି କହିଥିଲେ କେ ଭାରତ ର ମହାନ ବିପ୍ଳବୀ ଭଗବାନ ବିର୍ସାମୁଣ୍ଡା ଆମ ଦେଶ ପାଇଁ ତଥା ସମାଜ ଜାତି ପାଇଁ ମହାନ କାମ କରିଯାଇଛନ୍ତି ସେଥିପାଇଁ ଆମ ଦେଶ ବହୁଜନ ସମାଜ ତଥା ଆଦିବାସୀ ସମାଜ ପାଇଁ ଏକ ଇତିହାସ ରଚି ଯାଇଛନ୍ତି ଆନ୍ତର ଜାତୀୟ ଆଦିବାସୀ ଦିବସ ପାଳନ ପାଇଁ ଡୁଙ୍ଗୁରିପାଲି ବ୍ଲକ ର ବିଭିନ୍ନ ଗ୍ରାମ ରୁ ଆସି ଯୋଗଦାନ କରିଥିଲେ ଶାନ୍ତିଲତା ଦଳେଇ, ସରୋଜିନୀ ମିର୍ଧା, ଆଇନ ଯିବି ବୀରେନ୍ଦ୍ର କୁମାର ଦଣ୍ଡସେନା, ଲବ ଝାଙ୍କର, ନୀଳମଣି ସିଂ ବରିହା, ଗୋବିନ୍ଦ ବାଗ,ନରସିଂହ ସାହୁ, ଧତୁରା ଦୀପ, ଶ୍ରୀଧର ଭରାସାଗର, ଭଗରଥୀ ବାଗ ପ୍ରମୁଖ ଯୋଗ ଦେଇଥିଲେ ଶେଷରେ ସୁରୁବାବୁ ନନ୍ଦ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ

**ମ. ରାମପୁର**:(ନିପ୍ର) ଅଗଷ୍ଟ ୯ ତାରିଖ ପ୍ରତିବର୍ଷ ବିଶ୍ୱ ଆଦିବାସୀ ଦିବସ ଭାବେ ପାଳିତ ହୁଏ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ମାଣିକେରା ବଜାର ପଡ଼ିଆ ଠାରେ ମଧ୍ୟ ଆଜି ମିଳିତ ପଞ୍ଚାୟତ ପ୍ରତିୟ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମାଣିକେରା, ମୋହନଗିରି, ଚିଁଚୁଡ଼, ଭୁଲେରେଗା, ଦେଡ଼ଗୁଲି ପ୍ରଭୃତି ପଞ୍ଚାୟତର ଶତାଧିକ ଅଧିବାସୀ ଭାଇଭଉଣୀମାନେ ଏକତ୍ରିତ ହୋଇ ଏହି ଦିନଟିକୁ ପାଳନ କରିଥିଲେ।



ପ୍ରାରମ୍ଭରେ ସ୍ଥାନୀୟ ଧରଣୀ ପେନୁ ପୀଠ ରୁ ପୂଜାର୍ଚ୍ଚନା ପରେ ବିଶାଳ ପଟୁଆରେ ମଶାଲ ଶୋଭାଯାତ୍ରା ବାହାରି ସଭା ମଣ୍ଡପ ପ୍ରାର୍ଥ ପହଞ୍ଚିଥିଲା ପରେ ସେଠି ପୁଣି ପୂଜାର୍ଚ୍ଚନା ପୂର୍ବକ ଆଦିବାସୀ ସଂସ୍କୃତି ଆଧାରରେ ମୁଖ୍ୟଅତିଥିଙ୍କ ସ୍ୱହସ୍ତରେ ଆଦିବାସୀ ଝଣ୍ଡାପରେ ପତାକା ଉତ୍ତୋଳନ କରାଯାଇ ପ୍ରଜ୍ୱଳିତ ଥିଲା ଏହାବାଦ ସଭା କାର୍ଯ୍ୟ ପୂର୍ବରୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଗଣ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ମଞ୍ଚାସିନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଦିନଟିକୁ ଆଦିବାସୀ ସମାଜ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ନାଚଗୀତ ଏବଂ ସଭାସମିତି ଜରିଆରେ ମହାସମାରୋହରେ ପାଳନ କରିଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ପାରମ୍ପରିକ ନୃତ୍ୟ ଓ ଗୀତର ତାଳେ ତାଳେ ଆଦିବାସୀ କଳାକାରମାନେ ନିଜର ପାରମ୍ପରିକ ପୋଷାକ ପିନ୍ଧି ନାଚ କରିଥିଲେ। ପରେ ସଚେତନତା ସଭାରେ ଆଦିବାସୀଙ୍କ ଅଧିକାର, ଶିକ୍ଷା ଏବଂ ସଂସ୍କୃତିର ସୁରକ୍ଷା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

**ଦାରିଙ୍ଗବାଡି** ,( ନି ପ୍ର) କନ୍ଧ ମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ର ଆଠ ଗୋଟି ପଞ୍ଚାୟତ ର ଆଦିବାସୀ ମାନଙ୍କୁ ନେଇ ବିଶ୍ୱ ଆଦିବାସୀ ଦିବସ କୁ ଧୁମ୍ ଧାମ ରେ ପାଳନ କରାଯାଇଛି । ଏହିଅବସରରେ ବ୍ରାହ୍ମଣୀଗାଁ ସ୍ଥିତ ଶିବମନ୍ଦିର ଛକ ଠାରୁ ପାରମ୍ପାରିକ ବାଦ୍ୟ, ଅସ୍ତ୍ର ଶସ୍ତ୍ର ଧରି , ନାଚ ଗୀତ ଓ ଆଦିବାସୀଙ୍କ ନ୍ୟାୟ ଦାବିରେ ବିଭିନ୍ନ ନାରାବାଜି ଦେଇ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲେ , ସେଠାରେ ଏକ ସାଧାରଣ ସଭା ରେ ସମସ୍ତେ ଯୋଗ ଦେଇଥିଲେ । ସଭାପତି ସୁନାର ସିଂ ମାଝୀଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭା ରେ ମୁଖ୍ୟ ବକ୍ତା ଭାବେ ଶିକ୍ଷକ ସନ୍ତୋଷ ମଲ୍ଲିକ ଯୋଗ




ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାଟିଙ୍ଗିଆ ସରପଞ୍ଚ ଶୁଭଦ୍ରା ପାତ୍ରା , ଦାରିଙ୍ଗବାଡି ରୁ କୁଶନାଥ ,ସମ୍ପାଦକ ସଲମନ୍ ମାଝୀ ପ୍ରମୁଖ ମଞ୍ଚାସିନ କରିଥିବା ବେଳେ ଅଞ୍ଚଳ ର ଅନେକ ଆଦିବାସୀ ନେତା ମାନେ ଉପସ୍ଥିତ ଥିଲେ । ଆୟୋଜିତ ବୈଠକ ରେ ଆଦିବାସୀ ମାନଙ୍କ ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ସହ ଶିକ୍ଷା ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ବିଷୟ ରେ ଆଲୋଚନା କରାଯାଇ ଅଞ୍ଚଳ ର ସର୍ବାଙ୍ଗିନ ଉନ୍ନତୀ ପାଇଁ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଧେଶ୍ୟ ରେ ଏକ ସ୍ମାରକ ପତ୍ର ସ୍ଥାନିୟ ଆଇ ଆଇ ସି ଙ୍କ ଜରିଆରେ ପ୍ରଦାନ କରାଯାଇଛି ।

**ପାଟଣାଗଡ଼** , (ନିପ୍ର) ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଶାଖା ତରଫରୁ ରବିବାର ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରା ଠାରେ ସଂଘର ସମ୍ପାଦକ ସାରଥୀ ବାଗଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଥିଲା ପ୍ରଥମେ ସଂଘର କର୍ମକର୍ତ୍ତା ମାନେ ଭଗବାନ ବିର୍ସା ମୁଣ୍ଡା ଓ ସମ୍ବିଧାନ ପ୍ରଣେତା ଡ଼ . ବି. ଆର. ଆମ୍ବେଦକରଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ସଭାରେ ବିଶ୍ୱ ଆଦିବାସୀ ଦିବସର ଲକ୍ଷ୍ୟ ଉଦେଶ୍ୟ ତଥା ଆଦିବାସୀ ସଂସ୍କୃତି, ପ୍ରଥା ପରମ୍ପରା, ରୀତି ନୀତି, ପୂଜା ପଦ୍ଧତି, ପ୍ରକୃତି ସୁରକ୍ଷା,ଜଳ, ଜଙ୍ଗଲ, ଜୀବ ଜନ୍ତୁ, ଜମିନ ର ସୁରକ୍ଷା,ଦେବାଦେବୀ ପୀଠର ସୁରକ୍ଷା ସଂରକ୍ଷଣ ସହିତ ଶିକ୍ଷା ଓ ଜୀବନ ଜୀବିକା ବିଷୟରେ



ଆଲୋଚନା କରାଯାଇଥିଲା ଆଦିବାସୀ ମାନଙ୍କର ମୁଖ୍ୟ ଶତ୍ରୁ ମଦକୁ ସମ୍ପୂର୍ଣ ହଟେଇ, ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦିଆଯାଇଥିଲା ସରକାର ଅନ୍‌ଷୋ ଯୋଜନାକୁ ବନ୍ଦ କରିବା ଷଡଯନ୍ତ୍ରକୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା ଏଥିସହ ଆଗାମୀ ନଭେମ୍ବର ୧୫ ରେ ପାଟଣାଗଡ଼ ରେ ଶାଲ ଆଦିବାସୀ ମେଳି କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଏସ.ଟି /ଏସ. ସି ମିଳିତ କର୍ମଚାରୀ ସଂଘର ସଭାପତି ଖୁସିରାମ ମଲ୍ଲିକ, ମେନାରାମ ବିଶି, ଯୋଗେଶ୍ୱର ଭୋଇ, ସହଦେ ଧରୁଆ, ଦାରା ସିଂ ବରିହା, ଗଦି ସୁନା ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ

**ଜି.ଉଦୟଗିରି**,(ନିପ୍ର).ନିଖିଳ ଉତ୍କଳ କୁଇ ସମାଜ,ଜି.ଉଦୟଗିରି କେନ୍ଦ୍ର ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇ ଯାଇଛି ଏହି ଅବସରରେ କୁଇ ସମାଜର ସଦସ୍ୟ, କର୍ମକର୍ତ୍ତା ଓ




ବୁଦ୍ଧିଜୀବୀ ଯୋଗଦେଇ ଆଦିବାସୀ ସମାଜର ଅଧିକାର,ଭାଷା,ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଦିବାସୀ ସମାଜର ମହାନବୀର,ସଂଗ୍ରାମୀ ମାନଙ୍କୁ ସ୍ମରଣ କରାଯାଇ ବନ୍ଧଛକରେ ଚକରା ବିଶୋଇ ଙ୍କ ପ୍ରତିମୂର୍ତ୍ତି ରେ ସମାଜ ର ବରିଷ୍ଠ ସଦସ୍ୟ ବକିଲା ପ୍ରଧାନ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ତତ ପରେ ନିଖିଳ ଉତ୍କଳ କୁଇ ସମାଜ କାର୍ଯ୍ୟାଳୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ନିମ୍ନ ପ୍ରକାରେ ନିଷ୍ପତି ନିଆ ଯାଇଥିଲା ସମାଜର ସାଙ୍ଗଠନିକ କର୍ଯ୍ୟ କୁ ଦୃଢ଼ୀକରଣ କରିବା ପାଇଁ ମତ ବ୍ୟକ୍ତ ହୋଇଥିଲା ତାପରେ ଗ୍ରେସିଙ୍ଗିଆ ପଞ୍ଚାୟତର ଯୁବ ନେତା ଆମନ ପ୍ରଧାନଙ୍କ ତତ୍ତ୍ୱବଧାନରେ କୁଇ ସାଂସ୍କୃତିକ ପରିଷଦ ର ସମସ୍ତ ଆଦିବାସୀ ଏକତ୍ରିତ ହୋଇ ଆଦିବାସୀ ମହା ମାନ୍ୟଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ ଏଥିରେ ବିବେକାନନ୍ଦ ପ୍ରଧାନପ୍ରଦୀପ ପ୍ରଧାନ ସମୂହ ଉପସ୍ଥିତ ଥିଲେ ଆଦିବାସୀ ପରମ୍ପରା, କୁଇ ଭାଷା,ଲୋକନୃତ୍ୟ, ଲୋକଗୀତ ଓ ପାରମ୍ପରିକ ଜୀବନଶୈଳୀକୁ ସୁରକ୍ଷିତ ରଖିବା ସହ ନୂତନ ପିଢ଼ିକୁ ନିଜ ମାଟି ଓ ସଂସ୍କୃତି ସହିତ ଯୋଡ଼ି ରଖିବା ଉପରେ ବକ୍ତାମାନେ ମତ ପ୍ରକାଶ କରିଥିଲେ ଉପସ୍ଥିତ ବକ୍ତା ମାନେ କହିଥିଲେ ଯେ,ଆଦିବାସୀ ସମାଜର ପରିଚୟ କେବଳ ଏହାର ଜନଜାତିଗତ ସ୍ୱରୂପରେ ନୁହେଁ ଏହାର ଭାଷା,ସଂସ୍କୃତି, ପରମ୍ପରା ଓ ପ୍ରକୃତି ସହିତ ଥିବା ଗଭୀର ସମ୍ପର୍କରେ ନିହିତ ତେଣୁ କୁଇ ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଆଦିବାସୀ ଅଞ୍ଚଳରେ ସମସ୍ତ ପ୍ରକାର ମୌଳିକ ସୁବିଧାର ବିକାଶ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ।

**ରାୟଗଡ଼ା:**,(ନି.ପ୍ର):ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମାରେ ଧୁମଧାମରେ ବିଶ୍ୱ ଆଦିବାସୀ ଦିବସ ସମାରୋହ ପାଳିତ ହୋଇଯାଇଛି । ଏହି ବିଶ୍ୱ ଆଦିବାସୀ ଦିବସ ଅବସରରେ ବିଭିନ୍ନ ଗ୍ରାମରୁ ଲୋକେ ଏକତ୍ରିତ ହୋଇ ରାମନାଗୁଡା ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ଆଦିବାସୀ ପାରମ୍ପରିକ ପୋଷାକ, ନାଚଗୀତ ଏବଂ ପାରମ୍ପରିକ ବାଦ୍ୟଯନ୍ତ୍ର ମାଧ୍ୟମରେ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଆଦିବାସୀ ପୁରୁଷ ଓ ମହିଳା, ଯୁବକ ଯୁବତୀ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ଏକତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପାରମ୍ପରିକ ବେଶଭୂଷାରେ ସଜେଇ ହୋଇ ଆଦିବାସୀ ଅଂଶଗ୍ରହଣକାରୀ ମାନେ ତାଳବାଦ୍ୟରେ ନୃତ୍ୟ କରି, ହୃଦୟସ୍ପର୍ଶୀ ଗୀତ ଗାନ କରି ଏବଂ ମଧୁର ବାଜା ବଜାଇ ସମଗ୍ର ସହରକୁ ଆନନ୍ଦ ଉଲ୍ଲାସ ଏବଂ ସାଂସ୍କୃତିକ ସ୍ପନ୍ଦନରେ ଆଚ୍ଛନ୍ନ କରି ଦେଇଥିଲେ । ଶୋଭାଯାତ୍ରା ବେଳେ ଢୋଲ, ବାଜା, ବାଦ୍ୟର ତାଳେ ତାଳେ ମନଛୁଆଁ



ଧ୍ୱନିରେ ମୁଖରିତ ହୋଇ ଉଠିଥିଲା ରାଜରାସ୍ତା ।ଜାତାପୂ ସମାଜ, କୁଇ ସମାଜ, ଶବର ସମାଜ ପକ୍ଷରୁ ମିଳିତ ଭାବେ ଆୟୋଜନ କାର୍ଯ୍ୟକ୍ରମ ରେ ଆଦିବାସୀ ନେତା ନରସିଂହ ମାଣ୍ଡାଙ୍ଗିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଚିନ୍ନା କଣ୍ଡାଗରି,ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଦସ୍ୟ ସୁବାରାଓ ନିସିକା,ଶୁଣ୍ଡିଧାମୁଣି ସମିତି ସଭ୍ୟ କମଳ ଲୋଚନ ମୁଟିକା,ଶବର ସମାଜ ସଭାପତି ବୁଦ୍ଧେଶ୍ୱର ମାଣ୍ଡାଙ୍ଗି,ଶବର ସମାଜ ସମ୍ପାଦକ ଦାସୁରୁ ତୋଇକା,ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ଅଞ୍ଚଳର ଜନଜାତି ପରସ୍ପର ମଧ୍ୟରେ ମିଶିବା, କାହାଣୀ, ଅନୁଭୂତି ଏବଂ ନିଜର ଭାବନାକୁ ବାଣ୍ଟିବା ଦ୍ୱାରା ଏକତା ସ୍ପଷ୍ଟ ବାରି ହୋଇ ପଡ଼ୁଥିଲା । ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଗର୍ବ ଏବଂ ଆତ୍ମବିଶ୍ୱାସର ଭାବନା ସୃଷ୍ଟି କରିବା ପାଇଁ ଏହି ଦିନକୁ ବେଶ ଆଡ଼ମ୍ବର ସହାକାରେ ପାଳନ କରନ୍ତି ଆଦିବାସୀମାନେ ।ଏହି କାର୍ଯ୍ୟକ୍ରମରେ ଆଦିବାସୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଆହ୍ୱାନ ଉପରେ ବକ୍ତବ୍ୟ ଏବଂ ଆଲୋଚନା କରାଯାଇଥିଲା ।

# ଶିକ୍ଷା ହିଁ ପ୍ରଗତିର ଚାବିକାଠି: ଧର୍ମେନ୍ଦ୍ର ପ୍ରଧାନ



ରେଢ଼ାଖୋଲ,୯।୮: ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଢ଼ାଖୋଲ ବିଧାୟକ ପ୍ରସନ୍ନ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଢ଼ାଖୋଲ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ ଭବନର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷା ହିଁ ପ୍ରଗତିର ଅସଲ ଚାବିକାଠି। ଯେଉଁ ଅଞ୍ଚଳ ର ଶିକ୍ଷାର ମୂଳଦୁଆ ମଜବୁତ, ସେହି ଅଞ୍ଚଳର ପ୍ରଗତିକୁ କେହି ରୋକିପାରିବେ ନାହିଁ। ଶ୍ରୀ ପ୍ରଧାନ କହିଥିଲେ, ଶ୍ରାବଣର ଏହି ପବିତ୍ର ମାସରେ ରେଢ଼ାଖୋଲ ରେ ଶିକ୍ଷାର ଏକ ସ୍ଥାୟୀ ଭିତ୍ତିଭୂମିର ଶୁଭାରମ୍ଭ ସମଗ୍ର ଅଞ୍ଚଳ ପାଇଁ ଶୁଭ ସଙ୍କେତ। ସ୍ଥାନୀୟ ଜନ ସାଧାରଣ, ବୁଦ୍ଧିଜୀବୀ ଓ ଅଭିଭାବକ ଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି। ଏହି ବିଦ୍ୟାଳୟ ଦ୍ୱାରା ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଗୁଣାତ୍ମକ ଓ ଆଧୁନିକ ଶିକ୍ଷା ପାଇବା ସହ ଦେଶର ଅନ୍ୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସହ ସମାନ ସୁଯୋଗ ପାଇପାରିବେ।କେନ୍ଦ୍ରୀୟ ବିଦ୍ୟାଳୟ କେବଳ ଏକ ସ୍କୁଲ ନୁହେଁ, ଏହା ଗୁଣାତ୍ମକ ଶିକ୍ଷା, ଅନୁଶାସନ, ଜାତୀୟତା ବୋଧ, ନୈତିକ ମୂଲ୍ୟବୋଧ ଓ ସାମଗ୍ରିକ ବିକାଶର ପ୍ରମୁଖ କେନ୍ଦ୍ରବିନ୍ଦୁ ବୋଲି ସେ କହିଥିଲେ। ଜାତୀୟ ଶିକ୍ଷା ନୀତିର ଦୂରଦୃଷ୍ଟି ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ବହୁମୁଖୀ ଓ ମଲ୍ଟି ଡିସିପ୍ଲିନାରୀ ଶିକ୍ଷା ଦେବା ସହ ସେମାନଙ୍କୁ ଭବିଷ୍ୟତ ରେ ରୋଜଗାରକ୍ଷମ ଓ ଆତ୍ମନିର୍ଭର କରି ଗଢ଼ିତୋଳିବା ଆମର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅଭିନବ ଉପଭୋକ୍ତା ପୁରସ୍କାର ଯୋଜନା ଆରମ୍ଭ




ବାଲେଶ୍ୱର, ୯।୮(ନିପ୍ର): ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଉପଭୋକ୍ତାମାନଙ୍କୁ ଅଧିକ ମୂଲ୍ୟଯୁକ୍ତ ସେବା ପ୍ରଦାନ ଲକ୍ଷ୍ୟରେ ଉପଭୋକ୍ତା ପୁରସ୍କାର ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆଞ୍ଚଳିକ ଓ ଜାତୀୟ ସ୍ତରର ବିଭିନ୍ନ ବ୍ୟବସାୟିକ ଉଦ୍ୟୋଗ ତଥା ବ୍ରାଣ୍ଡମାନଙ୍କ ସହ ଟିପିଏନ୍‌ଓଡିଏଲ୍ ହାତ ମିଳାଇଛି । ଯାହାଦ୍ୱାରା ଉପଭୋକ୍ତାମାନେ ଜୀବନ ଶୈଳୀ, ହୋଟେଲ ଓ ଆତିଥେୟତା, ସ୍ୱାସ୍ଥ୍ୟ କଲ୍ୟାଣ ଏବଂ ରିଟେଲ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତିର ଲାଭ ଉଠାଇପାରିବେ । ପ୍ରମୁଖ ଆଞ୍ଚଳିକ ଭାଗିଦାରୀ ମଧ୍ୟରେ ବାଲେଶ୍ୱରର ହୋଟେଲ ନୋସି ରେସିଡେନ୍ସି ଓ ହୋଟେଲ ନୀଳାଦ୍ରି ଇନ୍, ଯାଜପୁରର ହୋଟେଲ ଡିଓ ପ୍ଲାଜା ଓ ହୋଟେଲ ବ୍ରାହ୍ମଣୀ ଏବଂ ଭଦ୍ରକର ହୋଟେଲ ଅତିଥି ସାମିଲ ଅଛନ୍ତି । ଏହାସହିତ ମନୋରଞ୍ଜନ ଓ ୱେଲନେସ କ୍ଷେତ୍ରରେ ଭୁବନେଶ୍ୱରର ୱାଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ, ବାଲେଶ୍ୱରର ପଦ୍ମାବତୀ ୱାଟର ପାର୍କ ଆଣ୍ଡ ରିସୋର୍ଟ, ଭଦ୍ରକର ଭିଭିଡ ୟୁନିସେକ୍ସ ସେଲୁନ୍ ଆଣ୍ଡ ସ୍ପା ଏବଂ ଆବସୋଲ୍ୟୁଟ ଫିଟନେସ ଏହି ଯୋଜନାରେ ଯୋଡି ହୋଇଛନ୍ତି। ଏତଦ୍‌ଭିନ୍ନ ଜୋଜୋଡେ ପରି ଇ-ସେବା ପ୍ଲାଟଫର୍ମ ସାମିଲ ହୋଇଛି। ଫଳରେ ଉପଭୋକ୍ତାମାନେ ପୋଷାକ, କନ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ, ଭ୍ରମଣ, ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରସିଦ୍ଧ ଜାତୀୟ ବ୍ରାଣ୍ଡଗୁଡ଼ିକର ରିହାତି ପାଇପାରିବେ। ଏହି ପୁରସ୍କାର ଯୋଜନା ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ସିଏଫ୍‌ଓ ସଞ୍ଜୀବ ଗୁପ୍ତାଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଅଂଶୀଦାର ସଂସ୍ଥାର ପ୍ରତିନିଧିମାନେ ଟିପିଏନ୍‌ଓଡିଏଲ୍ ସହ ସହଭାଗିତା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ଶ୍ରୀ ତ୍ୟାଗୀ କହିଛନ୍ତି, ଉପଭୋକ୍ତା ପୁରସ୍କାର ଯୋଜନା କମ୍ପାନୀର ନୂତନତା ଓ ଉପଭୋକ୍ତା ସନ୍ତୁଷ୍ଟି ପ୍ରତି ଥିବା ନିଷ୍ଠାକୁ ପ୍ରତିଫଳିତ କରୁଛି।

# ସର୍ପାଘାତରେ ଜଣେ ମୃତ

ବନ୍ଧୁଗାଁ ,୯/୮(ନିପ୍ର) ସାପ କାମୁଡାରେ ଜଣେ ମୃତ ମୃତ ବ୍ୟକ୍ତି ଜଣେ ହେଲା ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ଆଲମଣ୍ଡା ପଞ୍ଚାୟତର କଣ୍ଡା ବାଲଶା ଗ୍ରାମର କାଶୀ ହୁଇକା ୩୫ ବର୍ଷ ନାମକ ବ୍ୟକ୍ତି ଗାଁ ନିକଟ ନଦିକୁ ସାଙ୍ଗ ମାନଙ୍କ ସହିତ ମାଛ ଧରିବା ପାଇଁ ଯାଇଥିଲେ ମାଛ ଧରିଥିବା ସମୟରେ କାଶୀ ନଦୀ କୂଳ ଏକ ସ୍ଥାନରେ ବସିଥିବା ସମୟରେ ସାପ କାମୁଡି ଥିଲା, ସାପ କାମୁଡି ଥିବା ଯୋଗୁଁ କାଶୀ ଚିତ୍କାର କରିଥିଲେ ଚିତ୍କାର ଶୁଣି କାଷୀଙ୍କ ସାଥିରେ ଥିବା କିଛି ଲୋକ ଚିତ୍କାର ଶୁଣି କାଷୀଙ୍କ ପାଖକୁ ଦୌଡି ଯାଇଥିଲେ ଓ କାଷୀକି ଉକ୍ତ ସ୍ଥାନରୁ ଆଲମଣ୍ଡା ଗ୍ରାମକୁ ଏକ ଯୋଡି ବୁଟି ଔଷଧ ଦେଉଥିବା ଲୋକ ପାଖକୁ ନେଇକି ଯାଇଥିଲେ ଔଷଧ ଖାଇବା ପରେ କିଛି ଆସ୍ୱତୀ ପରେ ଘରେ ନେଇକି ଯାଇଥିଲେ ଇଓ କିଛି ଘଣ୍ଟା ତଥା ରାତ୍ରି ୧୨ ଘଣ୍ଟା ପରେ କାଷୀଙ୍କ ଅବସ୍ଥା ଜଟିଳ ଭାବରେ ଦେଖା ଦେଇଥିବାରୁ ଆନ୍ଧ୍ରର ପାରବତୀ ପୁରମ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ ।କିନ୍ତୁ ସମୟ ଅଧିକ ବିଳମ୍ବ ହବାରୁ କାଷୀଙ୍କ ମୃତ ହୋଇଥିଲା

# ମା' ବୈଷ୍ଣୋଦେବୀଙ୍କୁ ଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ




ବରଗଡ଼, ୯।୮(ନିପ୍ର): ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଅନ୍ୟତମ ପ୍ରମୁଖ ପୀଠ ଭାବେ ପରିଚିତ ବରଗଡ଼ ବ୍ଲକ ପଥର୍ଲା ପଞ୍ଚାୟତ ତୁରୁଙ୍ଗାସ୍ଥିତ ମା' ବୈଷ୍ଣୋଦେବୀ ପୀଠରେ ଛତିଶଗଡ଼ ରାଜ୍ୟପାଳ ରମେନ ଡେକା ସପରିବାର ପହଞ୍ଚିଥିଲେ। ମା'ଙ୍କ ଦର୍ଶନ କରି ଆଶୀର୍ବାଦ ନେବା ସହ ପୀଠର ଆଧ୍ୟାତ୍ମିକ ମହତ୍ତ୍ୱ ଓ ଇତିହାସ ସମ୍ପର୍କରେ ସେ ଅବଗତ ହୋଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତକୁ ନେଇ ପୀଠ ପରିସରରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ସହ ରାୟପୁର ଉତ୍ତର ବିଧାୟକ ପୁରନ୍ଦର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ମନ୍ଦିର ଟ୍ରଷ୍ଟି ସଦନ ତିୱାରୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପିଡି ଲଲାଟ ଲୁହା ଓ ବିଡିଓ ବେରସିଅସ ଡୁଙ୍ଗଡୁଙ୍ଗ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ।ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ରାଜ୍ୟପାଳ ଓ ଛତିଶଗଡ଼ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ବରଗଡ଼ ବିଧାୟକଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ଓଡ଼ିଶାର ପାରମ୍ପରିକ ସଂସ୍କୃତିର ପ୍ରତୀକ ସ୍ୱରୂପ ସମ୍ବଲପୁରୀ କୁର୍ତ୍ତା ଉପହାର ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ପୀଠର ଆଗାମୀ ବିକାଶ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମା' ବୈଷୋଦେବୀ ପୀଠର ବିକାଶ ସହ ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାର ସମ୍ଭାବନା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ।ପୀଠର ସୁନ୍ଦର ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ରାଜ୍ୟପାଳ ଡେକା ପ୍ରଶଂସା କରିଥିଲେ।

# ଶ୍ରାବଣ ଦ୍ୱିତୀୟ ରବିବାରରେ ଭକ୍ତମାନଙ୍କ ପାଇଁ ଭଣ୍ଡାରା ଆୟୋଜିତ



ରାଉରକେଲା ୯/୮(ନିପ୍ର) ଶ୍ରାବଣ ମାସର ଦ୍ୱିତୀୟ ସୋମବାର ପୂର୍ବରୁ ଆଜି ଭକ୍ତମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଭଣ୍ଡାରାର ଆୟୋଜନ କରାଯାଇଛି। ଘୋଘର ଧାମର ବାବା ଭୋଲେନାଥଙ୍କ ମନ୍ଦିରରେ ଭୋଜିର ଆୟୋଜନ କରାଯାଇଥିଲା। ରବିବାର ଅପରାହ୍ନରେ ରାଉରକେଲା ସହରରେ ରହୁଥିବା ଦେବେନ୍ଦ୍ର ଗୁପ୍ତା ପରିବାର ଘୋଘର ଧାମରେ ଏକ ବିଶାଳ ଭଣ୍ଡାରା ଆୟୋଜନ କରିଥିଲେ। ଏଥିପାଇଁ ପୁରୋହିତମାନେ ଭୋଲେ ବାବାଙ୍କ ପୂଜା କରିଥିଲେ। ଏହା ପରେ, ଅପରାହ୍ନ ୧ଟାରୁ ଭକ୍ତମାନଙ୍କ ପାଇଁ ଭଣ୍ଡାରାର ଆୟୋଜନ କରାଯାଇଥିଲା। ପ୍ରଥମେ, ପୁରୋହିତମାନଙ୍କୁ ପ୍ରସାଦ ସେବନ କରାଯାଇଥିଲା। ପରେ ଶହ ଶହ ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ତାଙ୍କ ପୁଅ ବିକାଶ ଗୁପ୍ତା, ବିବେକ ଆକାଶ ତାଙ୍କ ସମ୍ପୂର୍ଣ୍ଣ ପରିବାର ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଜି ଶ୍ରାବଣ ମାସର ଦ୍ୱିତୀୟ ରବିବାରରେ ଘୋଘରଧାମ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଡ୍ରେନ ସମସ୍ୟାର ସ୍ଥାୟୀ ସମାଧାନ ଦାବି

ବିଜେପୁର:, ୯।୮ (ନିପ୍ର) ଡ୍ରେନ ବ୍ୟବସ୍ଥା ନଥିବାରୁ ଅଳ୍ପ ବର୍ଷା ହେଲେ ଘରେ ଘରେ ପଶୁଛି ପାଣି।ବର୍ଷା ହିନଆସିଲେ ଭୁଏପଡ଼ାବାସୀଙ୍କ



ଦୁର୍ଦ୍ଦଶା କହିଲେ ନ ସରେ ।ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଭୁଏପଡାବାସି ଜଣାଇଥିଲେ ମଧ ସ୍ଥାୟୀ ସମାଧାନ ହୋଇନଥିବାରୁ ଆଜି ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ବିଜେପୁର ଏନଏସିର ଭୁଏପଡ଼ାରେ ଡ୍ରେନ ନଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ପଡ଼ାରେ ପାଣି ଜମିବା ସହ ଅନେକ ଲୋକଙ୍କ ଘରେଘରେ ପାଣି ପଶିଯାଉଛି। ଘର ଭିତରେ ପାଣି ଜମି ରହିବାରୁ ଦୈନନ୍ଦିନ ଜୀବନ ମଧ ପ୍ରଭାବିତ ହେଉଛି।ସମସ୍ୟା ସମ୍ପର୍କରେ ପଡ଼ାବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଆଜି ସ୍ଥିତି ଅନୁଧାନ କରିବାକୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜ୍ଞ ବିଭୁଦତ୍ତ ସାହୁ, ଅଜୟ ପାତ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଭୁଏପଡ଼ାରେ ପହଞ୍ଚିଥିଲେ। ଅଧିକାରୀମାନେ ସ୍ଥିତି ଦେଖୁଥିବା ସମୟରେ ପଡ଼ାବାସୀ ଏକାଠି ହୋଇ ନିଜ ସମସ୍ୟା ଜଣାଇଥିଲେ। ବିଜେପୁର ଏନଏସିର ଇଓଙ୍କ ସମେତ ଉପସ୍ଥିତ ଅଧିକାରୀମାନଙ୍କୁ ଘେରି ତୁରନ୍ତ ଡ୍ରେନ ନିର୍ମାଣ କରି ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ପଡ଼ାବାସୀ ଦାବି କରିଥିଲେ। ପଡ଼ାବାସୀଙ୍କ ଅଭିଯୋଗ, ପ୍ରତିବର୍ଷ ବର୍ଷା ଋତୁରେ ସମାନ ସମସ୍ୟା ଉପୁଜୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ହୋଇନାହିଁ। ତେଣୁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଭୁଏପଡା ବାସି ଦାବି କରିଛନ୍ତି।

# ଥାନାରେ ମୋବାଇଲ୍ ଫେରସ୍ତ ମେଳା

ପାଟଣାଗଡ଼ ,୯।୮ (ନିପ୍ର) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ପରିସରରେ ମୋବାଇଲ ଫେରସ୍ତ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚୋରି ଓ ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରି ମାଲିକ




ମାନଙ୍କୁ ଫେରସ୍ତ କରିଛି। ଏସ୍‌ପି ଅଭିଳାଶ ଜିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ଗତ ଜୁନ୍ ମାସରୁ ମୋବାଇଲ୍ ଗୁଡ଼ିକର ଆଇଏମ୍‌ଇଆଇ ନମ୍ବର ଟ୍ରାକ୍ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୦ ଗୋଟି ମୋବାଇଲ୍ ଜବତ କରିଥିଲା । ଉଦ୍ଧାର ହୋଇଥିବା ମୋବାଇଲ୍ ଗୁଡ଼ିକୁ ମାଲିକ ମିନଙ୍କୁ ଫେରାଇବା ପାଇଁ ଥାନା ପରିସରରେ ମୋବାଇଲ୍ ଫେରସ୍ତ ମେଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆବଶ୍ୟକ ପ୍ରମାଣପତ୍ର ଓ ପରିଚୟପତ୍ର ଯାଞ୍ଚ ପରେ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ ମାଲିକ ମାନଙ୍କୁ ମୋବାଇଲ୍ ହସ୍ତାନ୍ତର କରିଥିଲେ । ଦୀର୍ଘଦିନ ପରେ ମୋବାଇଲ୍ ଫେରିପାଇବାପରେ ମାଲିକମାନଙ୍କ ମୁହଁରେ ଉତ୍ସାହ ଦେଖାଯାଇଥିଲା । ଏହି ଅବସରରେ ଏସ୍‌ଆଇ ଲିଙ୍ଗରାଜ କିଷାନ, କନେଷ୍ଟବଲ ଦୟାନିଧି ମେହେର, ସଞ୍ଜୁ ପଧାନ, ସୁକାନ୍ତି ମାଡକାମୀ, ରଞ୍ଜିତ ପୂଝାରୀ ଏବଂ ଟେକ୍ନିକାଲ ଟିମ୍‌ର ବାବୁଲାଲ ମଲ୍ଲିକ, ଲଲାଟେନ୍ଦୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଖରୀର ଦୂଷିତ ପାଣି ଭରସା

ବରଗଡ , ୯।୮(ନିପ୍ର)ଖରା ଯାଇ ବର୍ଷା ହେଲା ତଥାପି ଟୁହୁଙ୍ଗୀଦାଦର ଗ୍ରାମରେ ପାନୀୟ ଜଳ ଯୋଗାଣ ହୋଇ ପାରିଲା ନାହିଁ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱଚ୍ଛ ପାନୀୟ ଜଳ ଯୋଗେଇ ଦେବାପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ସରକାରଙ୍କୁ ବଦନାମ କରିବାପାଇଁ ପ୍ରଶାସନିକ ବାବୁ ମାନେ ଲୋକଙ୍କୁ ହଇରାଣ କରୁଛନ୍ତି ବାଧ୍ୟ ହୋଇ ଲୋକେ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି ଦୂଷିତ ପାଣି ବ୍ୟବହାର ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେବାର ଆଶଙ୍କ ରହିଛି ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବରଗଡ ଜିଲ୍ଲା ଝାରବନ୍ଧ ବ୍ଲକ ଅମଠି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟୁହୁଙ୍ଗୀଦାଦର ଗ୍ରାମରେ ପାନୀୟ ଜଳ ଯୋଗାଣ ହେଉନଥିବା ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି ସରକାର ଗ୍ରାମାଞ୍ଚଳକୁ ପାନୀୟ ଜଳଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର କୌଣସି ସୁଫଳ ଟୁହୁଙ୍ଗୀଦାଦର ଗ୍ରାମବାସୀ ପାଇପାରୁ ନଥିବା ଅତ୍ୟନ୍ତ କ୍ଷେଭ ଓ ପରୀତାପର ବିଷୟ ବୋଲି ଜଣାଯାଇଛି ପାନୀୟ ଜଳ ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ଶୁଣାଣି,ପରିମଳ ବିଭାଗର ଯନ୍ତ୍ରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକରୀଙ୍କୁ ଜଣାଇଲେ ମଧ୍ୟ ଶୁଣୁନାହାନ୍ତି ଝାରବନ୍ଧ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବର୍ତ୍ତମାନ ବର୍ଷା ଦିନ ହେଉଥିବାରୁ ପାନୀୟ ଜଳ ପାଇଁ ଟୁହୁଙ୍ଗୀଦାଦର ଗ୍ରାମ ବାସୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆଗାମୀ ଦିନରେ ମୁଖ୍ୟ ରାସ୍ତାରେ ଅବରୋଧ କରିବାପାଇଁ ମହିଳାମାନେ ଚେତାବନୀ ଦେଇଛନ୍ତି ।

# ବସନ୍ତ କୁମାରଙ୍କୁ ଐତିହାସିକ ରୌପ୍ୟ ପଦକ

ଓରେଗନ୍ (ଆମେରିକା),୯।୮(ଏଜେନ୍ସି): ଏଠାରେ ଅନୁଷ୍ଠିତ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ହାଇଜମ୍ପରେ ଭାରତର ବସନ୍ତ କୁମାର ମେଘୱାଲଙ୍କୁ ଐତିହାସିକ ରୌପ୍ୟ ପଦକ ମିଳିଛି। ବସନ୍ତ ପ୍ରଥମ ଭାରତୀୟ ଭାବେ ଏହି ପ୍ରତିଯୋଗିତାର ହାଇଜମ୍ପରେ ପ୍ରଥମ ପଦକ ଜିତିବାରେ ଗୌରବ ଅର୍ଜନ କରିଛନ୍ତି।୧୯ ବର୍ଷୀୟ ବସନ୍ତ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ୍ ୨.୨୧ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ଅଲେଜେରିଆର ୟୁନେସ ଆୟାଚି ସ୍ୱର୍ଣ୍ଣ ଓ ଗ୍ରେଟ୍ ବ୍ରିଟେନର ଓଟିସ୍ ପୁଲେ କାଂସ୍ୟ ଜିତିଥିଲେ। ସେହିପରି ଲଙ୍ଗଜମ୍ପରେ ଶାହନୱାଜ ଖାନ୍ କାଂସ୍ୟ ପଦକ ଯୋଡ଼ି ଦେଶ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣିଛନ୍ତି। ଫଳରେ ଚଳିତ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩ (୨ ରେପ୍ୟ, ୧ କାଂସ୍ୟ)ରେ ପହଞ୍ଚିଛି।ପୂର୍ବରୁ ଜାଭଲିନ ଥ୍ରୋରେ ଆଶିଷ ଯାଦବ ରୌପ୍ୟ ପଦକ ଜିତିଥିଲେ।

# ଜାତୀୟ ଉପକନିଷ୍ଠ ସନ୍ତରଣ : ଓଡିଶାକୁ ଦୁଇ ସ୍ୱର୍ଣ୍ଣ



ଜୟପୁର,୯।୮(ଏଜେନ୍ସି):ରାଜସ୍ଥାନର ଜୟପୁରସ୍ଥିତ ଏସଏମ୍ଏସ୍ ଷ୍ଟାଡିୟମ ସନ୍ତରାଣାଗାରାରେ ଚାଲିଥିବା ୪୨ତମ ଜାତୀୟ ଉପକନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାକୁ ଦୁଇ ଦିନରେ ଦୁଇ ସ୍ୱର୍ଣ୍ଣ ପଦକ ମିଳିଛି। ଉଦୀୟମାନ ପ୍ରତିଭା ସେରଭ ପୁଟେଲ୍ ୧୦୦ ମିଟର୍ ପରେ ୨୦୦ ମିଟର୍ ବ୍ରେଷ୍ଟ ଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତ। ବାଳକ ଗ୍ରୁପ୍–୨ରେ ସେରଭ ୧୦୦ ମିଟର ଦୂରତ୍ୱକୁ ୧:୦୮.୬୦ ସେକେଣ୍ଡ ଓ ୨୦୦ ମିଟର ଇଭେଣ୍ଟ ଜିତିବା ପାଇଁ ୨:୩୦.୦୪ ସେକେଣ୍ଡ୍ ସମୟ ନେଇଥିଲେ।

**ଅଭ୍ୟାସ ମ୍ୟାଚ: ଶ୍ରୀଲଙ୍କା ଏକାଦଶକୁ ପରାସ୍ତ କଲା ଭାରତ**

# ୧୫ରୁ ପ୍ରଥମ ଟେଷ୍ଟ: ଶୁବମନ ଗିଲ୍ ଫିଟ୍



କଲମ୍ବୋ,୯।୮(ଏଜେନ୍ସି): ଏଠାରେ ଅନୁଷ୍ଠିତ ତିନି ଦିନିଆ ଅଭ୍ୟାସ ମ୍ୟାଚରେ ଘରୋଇ ଶ୍ରୀଲଙ୍କା ଏକାଦଶକୁ ୬ ୱିକେଟରେ ପରାସ୍ତ କଲା ଭାରତ। ଶ୍ରୀଲଙ୍କା ଏକାଦଶ ପ୍ରଥମ ଇନିଂସରେ ଓପନର ନିଶାନ ମଧୁସ୍କାଙ୍କ ୬୩, ରବିନ୍ଦୁ ରସନ୍ଥା ୭୧ ଓ ଅଧିନାୟକ ସୋନାଲ ଦିନୁଶାଙ୍କ ୫୨ ରନ ବଳରେ ୩୬୩/୮ ରନ କରି ପାଳି ସମାପ୍ତି ଘୋଷଣା କରିଥିବା ବେଳେ ଏହାର ଜବାବରେ ଭାରତ ପ୍ରଥମ ପାଳିରେ ୬ ୱିକେଟ ବିନିମୟରେ ୩୫୭ ରନ କରି ପାଳି ସମାପ୍ତି ଘୋଷଣା କରିଥିଲା। ଶ୍ରୀଲଙ୍କା ଏକାଦଶ ଦ୍ୱିତୀୟ ଇନିଂସରେ ଓପନର ନିଶାନ ମଧୁସ୍କାଙ୍କ ୬୩ ରନ ସହାୟତାରେ ୬ ୱିକେଟ ହରାଇ ୨ ରନରେ ପାଳି ସମାପ୍ତି ଘୋଷଣା କରିବା ପରେ ଭାରତ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ୬୧, ଶୁବମନ ଗିଲ ୪୪,ଓ ମହମ୍ମଦସ ସିରାଜଙ୍କ ୧୫ ବଲରୁ ଅପରାଜିତ ୩୨ ରନ ସହାୟତାରେ ୪ ୱିକେଟ ହରାଇ ୨୧୪ ରନ କରିବା ସହିତ ୬ ୱିକେଟରେ ବିଜୟୀ ହୋଇଥିଲା। ସିରାଜ ୪୫ତମ ଓଭରରେ ଶ୍ରୀଲଙ୍କା ବୋଲର କେଶରା ନୁୱାନ୍ଥାଙ୍କୁ ନିସ୍ତୁକ ପ୍ରହାର କରି ୩ ଛକା ଓ ୧ ଚୌକା ବଳରେ ୨୩ ରନ ସଂଗହ କରିଥିଲେ। ଆସନ୍ତା ୧୫ ତାରିଖରୁ ଭାରତ–ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ।

# ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାରେ ୱେଷ୍ଟଇଣ୍ଡିଜ ବିଫଳ





ନୂଆଦିଲ୍ଲୀ,୯।୮(ଏଜେନ୍ସି): ଦୁଇଥର ଦିନିକିଆ କ୍ରିକେଟ ବିଶ୍ୱକପ ବିଜେତା ୱେଷ୍ଟଇଣ୍ଡିଜ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ସଂପ୍ରତି ଚାଲିଥିବା ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଏକ ଦିବସୀୟ କ୍ରିକେଟ ସିରିଜର ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ୯୨ ରନରେ ବିଜୟୀ ହେବା ପରେ ଆଇସିସି ଦ୍ୱାରା ଧାର୍ଯ୍ୟ ସେପ୍ଟେମ୍ବର ୩୦ ,୨୦୨୬ କଟ୍ ଅଫ୍ ଟାଇମ ଦ୍ୱାରା ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରି ପାରିଲେ ନାହିଁ। ତେଣୁ ଉଭୟ ଦେଶ ଆଗାମୀ ସମୟରେ ପୁଣି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଖେଳିବାକୁ ପଡିବ। ସୂଚନା ଯୋଗ୍ୟ ଯେ ୧୯୭୫ ପ୍ରଥମ ଓ ୧୯୭୯ ଦ୍ୱିତୀୟ ଦିନିକିଆ ବିଶ୍ୱକପରେ ଟାଇଟଲ ବିଜୟୀ ୱେଷ୍ଟଇଣ୍ଡିଜ ୨୦୧୯ ଓ ୨୦୨୩ ବିଶ୍ୱକପରେ ଏହି ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ତେବେ ୨୦୧୯ ବିଶ୍ୱକପ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ୱେଷ୍ଟଇଣ୍ଡିଜ ସଫଳ ହୋଇଥିବା ବେଳେ ୨୦୨୩ ବିଶ୍ୱକପ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ବିଫଳ ହୋଇଥିଲା। ତେଣୁ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ଖେଳିବାକୁ ହେଲେ ପୁଣି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ପଡିବ।

# ଅସ୍ମିତାଙ୍କୁ କୋରିଆ ମାଷ୍ଟର୍ସ ଟାଇଟଲ



ସିଓଲ,୯।୮(ଏଜେନ୍ସି): ଏଠାରେ ଅନୁଷ୍ଠିତ କୋରିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମହିଳା ଏକକ ଫାଇନାଲରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଅସ୍ମିତା ଚାଲିହା ୧୪–୨୧, ୨୧–୧୪, ୨୧–୧୪ରେ ଚୀନର ହାଁ କ୍ୱିଆନ୍ ଜି'ଙ୍କୁ ପରାସ୍ତ କରି ନିଜର ପ୍ରଥମ ବିଡବ୍ଲ୍ୟୁଏଫ୍ ଟୁର୍ ମୁକୁଟ କରାୟତ୍ତ କରିଛନ୍ତି। ଚଳିତ ଋତୁରେ ମାକାଉ ଓପନ୍ ସେମିଫାଇନାଲ୍ ଖେଳିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଗୁଆହାଟୀସ୍ଥିତ ଜାତୀୟ ଉତ୍କର୍ଷ କେନ୍ଦ୍ରରେ ପାର୍କ ଟାଏ–ସାଙ୍ଗଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ଅସ୍ମିତା, କୋରିଆ ମାଷ୍ଟର୍ସ କ୍ୱାର୍ଟରଫାଇନାଲେରେ ଶୀର୍ଷ ମାନ୍ୟତାପ୍ରାପ୍ତ ଜାପାନର ହିନା ଆକେଚିଙ୍କୁ ଏବଂ ସେମିଫାଇନାଲରେ ସାଥୀ ଭାରତୀୟ ରକ୍ଷିତା ରାମରାଜଙ୍କୁ ହରାଇ ଟ୍ରଫି ଲଢେଇରେ ଅବତୀର୍ଣ୍ଣ ହୋଇଥିଲେ। ସୂଚନା ଯୋଗ୍ୟ ଯେ ଗତ ସପ୍ତାହରେ ଭାରତର ତନ୍ୱୀ ଶର୍ମା ତାଇପେଇ ଓପନ୍ରେ ଟ୍ରଫି ହାତେଇଥିଲେ। ବିଡବ୍ଲ୍ୟୁ ଟୁର୍ ମୁକୁଟ ଜିତିବାରେ ଅସ୍ମିତା ପଞ୍ଚମ ଭାରତୀୟ । ତାଙ୍କ ପୂର୍ବରୁ ତନ୍ୱୀ ଶର୍ମା, ସାଇନା ନେହ୍ୱାଲ, ପିଭି ସିନ୍ଧୁ ଓ ଦେବୀକା ସିହାଗ ଏହି କ୍ଲବ୍ରେ ସାମିଲ ଥିଲେ।

# 'କ୍ରୀଡ଼ା ଓ କ୍ରୀଡ଼ାବିତ'ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୯।୮(ନି.ପ୍ର): ଓଡ଼ିଶା କ୍ରୀଡ଼ା ଜଗତର ଏକ ସ୍ମରଣୀୟ ଅଧ୍ୟାୟକୁ ପୁସ୍ତକ ମାଧ୍ୟମରେ ସାଇତି ରଖିବାର ବଡ ପ୍ରୟାସ। ପରଲୋକଗତ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ଲିଖିତ 'କ୍ରୀଡ଼ା ଓ କ୍ରୀଡ଼ାବିତ' ପୁସ୍ତକ ଶନିବାର ଭୁବନେଶ୍ୱରରର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଭବ୍ୟ ଉତ୍ସବରେ ଲୋକାର୍ପିତ ହୋଇଛି। ଟେନିସ ଅଡିଟୋରିୟମରେ ଆୟୋଜିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଭଳି ଏକ କ୍ରୀଡ଼ା ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ହେବା ତାଙ୍କ ପାଇଁ ପ୍ରଥମ ଅନୁଭୂତି ବୋଲି କହିବା ସହ 'କ୍ରୀଡ଼ା ଓ କ୍ରୀଡ଼ାବିତ'ରେ ଥିବା ତଥ୍ୟ କ୍ରୀଡ଼ାପ୍ରେମୀଙ୍କ ପାଇଁ ଉପାଦେୟ ହେବ ବୋଲି ସେ କହିଥିଲେ।ଏଥିସହିତ ପୁସ୍ତକଟିର ବ୍ୟାପକ ପ୍ରଚାର ଓ ବିତରଣ ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ଭବ ସହଯୋଗ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅଶୋକ ମହାନ୍ତି ସ୍ମୃତି କମିଟି ଓ ଭୁବନେଶ୍ୱର କ୍ରୀଡ଼ା ସଂସଦର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଅଶୋକ ମହାନ୍ତିଙ୍କ ଓଡ଼ିଶା କ୍ରୀଡ଼ା ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା। ବକ୍ତାମାନେ ତାଙ୍କ ସହ ବିତାଇଥିବା ସମୟ ଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କ ଭୂମିକାର ମନେ ପକାଇଥିଲେ।

# ଓପନ୍ ଚେସ: ସାତ୍ୱିକଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୯।୮(ନି.ପ୍ର):ମାଙ୍ଗାଲୋରଠାରେ ଅନୁଷ୍ଠିତ ୧୧ବର୍ଷରୁ କମ୍ ଓପନ୍ ଚେସରେ ଓଡ଼ିଶାର ସାତ୍ୱିକ ସ୍ୱାଇଁ ରୌପ୍ୟ ପଦକ ଜିତିବାରେ ସକ୍ଷମ ହୋଇ ନିଜ ସଫଳତାର ଫର୍ଦ୍ଦରେ ଆଉ ଏକ ପୃଷ୍ଠା ଯୋଡ଼ିଛନ୍ତି। ୧୧ ରାଉଣ୍ଡରୁ ୯ ବିଜୟ, ଗୋଟିଏ ଡ୍ର ସହିତ ୯.୫ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥି ସହିତ ୬୦ରୁ ଅଧିକ ଏଲୋ ରେଟିଂ ପାଇଛନ୍ତି ବିଶ୍ୱସ୍ତରୀୟ ପ୍ରତିଯୋଗିତାରୁ ୩ ପଦକ ଜିତି ସାରିଥିବା ସାତ୍ୱିକ।ଏଥି ସହିତ ବିଶ୍ୱ ଯୁବ ଚେସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତାପ୍ରାପ୍ତ ଏକ ନମ୍ବର ଖେଳାଳି ମହାରାଷ୍ଟ୍ରର ଫିଡେ ମାଷ୍ଟର ଆଦଭିକ ଅଗ୍ରୱାଲଙ୍କୁ ୧୦ମ ରାଉଣ୍ଡରେ ପରାସ୍ତ କରିଥିଲେ।ତାମିଲନାଡୁର ଜୟ ରମଣଙ୍କ ଠାରୁ ସାତ୍ୱିକଙ୍କ ଷଷ୍ଠ ରାଉଣ୍ଡ ହାରି ଚାମ୍ପିଅନ୍ ହେବାରୁ ବଞ୍ଚିତ ହୋଇଥିଲେ।।।

## ବାଣିଜ୍ୟ ଏବଂ ରାଜ୍ୟ ଖବର

# ଓକେସିଏଲ୍ ପକ୍ଷରୁ ନେତୃତ୍ୱସ୍ତରୀୟ ଏଆଇ କ୍ଷମତା ବିକାଶ କର୍ମଶାଳା



ଭୁବନେଶ୍ୱର,୯।୮(ନି.ପ୍ର): ଓଡ଼ିଶାର ଶିଳ୍ପ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାରକୁ ଅଧିକ ବ୍ୟାପକ କରିବା ଏବଂ ଶିଳ୍ପ ନେତୃତ୍ୱଙ୍କୁ ଏଆଇ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନଲେଜ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ନେତୃତ୍ୱସ୍ତରୀୟ ଏଆଇ କ୍ଷମତା ବିକାଶ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଅଗ୍ରଣୀ ଶିଳ୍ପ ସଙ୍ଗଠନର ପ୍ରତିନିଧିମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ, ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସହକାରୀ ନିର୍ଦ୍ଦେଶକ କେ. ଶ୍ରୀହରି ପାତ୍ର, ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ର ମୁଖ୍ୟ କମଳାକାନ୍ତ ସାହୁଙ୍କ ସମେତ ଇଣ୍ଡିଆନ୍ ଚେମ୍ବର୍ ଅଫ୍ କମର୍ସ, ଫେଡେରେସନ୍ ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ, ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା ଏବଂ ରାଜ୍ୟର ଅନ୍ୟାନ୍ୟ ଅଗ୍ରଣୀ ଶିଳ୍ପ ସଙ୍ଗଠନର ବରିଷ୍ଠ ପ୍ରତିନିଧିମାନେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ଉଦ୍‌ଘାଟନ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ କରିଥିଲେ। ସେ କହିଥିଲେ ଯେ, ଆଜିର ଦିନରେ ଏଆଇ କେବଳ ଏକ ପ୍ରଯୁକ୍ତି ନୁହେଁ, ବରଂ ନବସୃଜନ, ଉତ୍ପାଦନଶୀଳତା, ସଠିକ୍ ନିଷ୍ପତ୍ତି ଗ୍ରହଣ ଏବଂ ବ୍ୟବସାୟିକ ପ୍ରତିଯୋଗିତା ବୃଦ୍ଧିର ଏକ ପ୍ରମୁଖ ଶକ୍ତିରେ ପରିଣତ ହୋଇଛି। ଦ୍ରୁତ ପରିବର୍ତ୍ତନଶୀଳ ଡିଜିଟାଲ୍ ଅର୍ଥନୀତିରେ ଆଗକୁ ବଢ଼ିବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ଏଆଇକୁ ଅଙ୍ଗୀକାର କରି ନିଜ କର୍ମଚାରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ।

କର୍ମଶାଳାରେ ଏଆଇ ଟୁଲ୍ସ୍‌ର ବ୍ୟବହାର, ବ୍ୟବସାୟ ପରିଚାଳନା, ନେତୃତ୍ୱ, କାର୍ଯ୍ୟଦକ୍ଷତା ବୃଦ୍ଧି, ନିଷ୍ପତ୍ତି ଗ୍ରହଣ ଓ ସଂସ୍ଥାଗତ ପରିବର୍ତ୍ତନ ଉପରେ ହାତେକଲମେ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ନୈତିକତା, ସୁଶାସନ ଏବଂ ସ୍ଥାୟୀ ବିକାଶ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଅଂଶଗ୍ରହଣକାରୀମାନେ କର୍ମଶାଳାର ପ୍ରାୟୋଗିକ ଧାରାକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଏଆଇର ବ୍ୟବହାର, ଡିଜିଟାଲ୍ ପରିବର୍ତ୍ତନ ଓ ଓଡ଼ିଶାର ଶିଳ୍ପ କ୍ଷେତ୍ରକୁ ଆହୁରି ସଶକ୍ତ କରିବା ପାଇଁ ସହଯୋଗାତ୍ମକ ସୁଯୋଗ ଉପରେ ସକ୍ରିୟ ମତବିନିମୟ କରିଥିଲେ। ଏହି କର୍ମଶାଳା ଶିଳ୍ପ ସଙ୍ଗଠନ ଓ ଓକେସିଏଲ୍ ମଧ୍ୟରେ ଭବିଷ୍ୟତ ସହଯୋଗର ଏକ ସଶକ୍ତ ମଞ୍ଚ ସୃଷ୍ଟି କରିଥିଲା।

ଏହି ଅବସରରେ ଡ. ମନୋରଞ୍ଜନ ପୁଥାଳ ଉପସ୍ଥିତ ସମସ୍ତ ଶିଳ୍ପ ସଙ୍ଗଠନର ପ୍ରତିନିଧିମାନଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଓ ମୂଲ୍ୟବାନ ମତାମତ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ। ସେ ଓକେସିଏଲର ସମସ୍ତ ଟିମ୍ ସଦସ୍ୟଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ମଧ୍ୟ ପ୍ରଶଂସା କରି କହିଥିଲେ ଯେ, ଏଭଳି ସହଯୋଗାତ୍ମକ ପଦକ୍ଷେପ ଓଡ଼ିଶାରେ ଶିଳ୍ପ କ୍ଷେତ୍ର ଓ ଜ୍ଞାନଭିତ୍ତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବା ସହ ଏଆଇର ବ୍ୟାପକ ବ୍ୟବହାରକୁ ତ୍ୱରାନ୍ୱିତ କରିବ।

# ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ଏଆଇ ଗଭର୍ଣ୍ଣାନ୍ସ ଆଣ୍ଡ ହ୍ୟୁମାନ୍ ରାଇଟ୍ସ ଉଦଘାଟିତ



ଭୁବନେଶ୍ୱର,୯।୮(ନି.ପ୍ର): ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ଏଆଇ ଗଭର୍ଣ୍ଣ ଆଣ୍ଡ ହ୍ୟୁମାନ ରାଇଟ୍ସ ଏବଂ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଗଭର୍ଣ୍ଣାନ୍ସ ଆଣ୍ଡ ହ୍ୟୁମାନ୍ ରାଇଟ୍ସ ଭୁବନେଶ୍ୱରରେ ଉଦଘାଟନ ହୋଇଛି। ଯାହା ଦାୟିତ୍ୱପୂର୍ଣ୍ଣ ଏଆଇ ଗଭର୍ଣ୍ଣାନ୍ସ ଏବଂ ମାନବାଧିକାର ଉପରେ ଗବେଷଣା, ଆଲୋଚନା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ପ୍ରତିଷ୍ଠାନଗତ ପଦକ୍ଷେପ। ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) କୁଳପତି ପ୍ରଫେସର ଡକ୍ଟର ବିଭୂତି ଭୂଷଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଆଇଆଇଏମଟି ଚେୟାରମ୍ୟାନ ଡ.ଶ୍ରୀକାନ୍ତ ପଟ୍ଟନାୟକଙ୍କ ପୌରହିତ୍ୟରେ ଶିକ୍ଷାବିତ୍, ଗବେଷକ, ଅଧ୍ୟାପକ ଏବଂ ବୃତ୍ତିଗତମାନେ ମଧ୍ୟ ଉଦୀୟମାନ ଏଆଇ ଚ୍ୟାଲେଞ୍ଜ ଏବଂ ସୁଯୋଗ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇଆଇଏମଟି ନିର୍ଦ୍ଦେଶକ ଡ.ଜୟଦେବ କର ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରଯୁକ୍ତିବିଦ୍ୟାର ଉଦୀୟମାନ କ୍ଷେତ୍ରରେ ନବସୃଜନ, ଗବେଷଣା ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଉଦଘାଟନ ଅବସରରେ ପ୍ରଫେସର ଡକ୍ଟର ରଥ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ନୈତିକ ମୂଲ୍ୟବୋଧ ସହିତ ପ୍ରଯୁକ୍ତିବିଦ୍ୟା ଉନ୍ନତିକୁ ସମନ୍ୱିତ ରଖି ଏଆଇ କ୍ଷମତାକୁ ମଜବୁତ କରିବା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ଯୁବଶକ୍ତି ଟ୍ରଷ୍ଟର 'କ୍ରାନ୍ତି ହିଁ କର୍ତ୍ତବ୍ୟ' କାର୍ଯ୍ୟକ୍ରମ



ଭୁବନେଶ୍ୱର, ୯।୮(ନି.ପ୍ର): ଐତିହାସିକ ଭାରତ ଛାଡ ଆନ୍ଦୋଳନର ସ୍ମୃତି ଓ ଚେତନାକୁ ନୂତନ ଯୁବ ପିଢିଙ୍କ ମଧ୍ୟରେ ପହଞ୍ଚାଇବା ସହ ଯୁବ ଶକ୍ତିକୁ ଦେଶ ଓ ସମାଜ ପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ 'କ୍ରାନ୍ତି ହିଁ କର୍ତ୍ତବ୍ୟ' ଶୀର୍ଷକ ଏକ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯକ୍ରମରେ ଯୁବ ଶକ୍ତିକୁ ସମାଜ ପରିବର୍ତ୍ତନର ଅଗ୍ରଦୂତ ହେବାକୁ ଆହ୍ୱାନ ଦିଆଯାଇଥିଲା । ୧୯୪୨ର ଭାରତ ଛାଡ ଆନ୍ଦୋଳନର ତ୍ୟାଗ, ସାହାସ, ଏକତା ଓ ଦେଶପ୍ରେମରୁ ପ୍ରେରଣା ନେଇ ଆଜିର ଯୁବପିଢି ଏକ ନୂତନ ଓଡିଶା ଓ ସଶକ୍ତ ଭାରତ ଗଠନରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅତିଥିମାନେ ଅବିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଧିନତା ସଂଗ୍ରାମର ଆଦର୍ଶକୁ ବର୍ତ୍ତମାନ ସମୟର ଯୁବପିଢି ସହ ଯୋଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାତ୍ମା ଗାନ୍ଧୀଙ୍କ କର ବା ମର ଆହ୍ୱାନ ପରେ ଛାତ୍ର, ଯୁବକ, ମହିଳା ଓ ସାଧାରଣ ଲୋକ ଯେପରି ଆନ୍ଦୋଳନକୁ ଆଗକୁ ନେଇଥିଲେ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥି ସହ ଓଡିଶାର ଲକ୍ଷ୍ମଣ ନାୟକ, ପାର୍ବତୀ ଗିରି, ଅନ୍ନପୂର୍ଣ୍ଣା ମହାରଣା ଓ ରମାଦେବୀ ଚୌଧୁରୀଙ୍କ ଭଳି ସଂଗ୍ରାମୀଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଇଷା ଭାଷ୍ୟମ ନାଟ୍ୟ ଏକାଡେମି ଦ୍ୱାରା ଆକର୍ଷଣୀୟ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବଶକ୍ତି ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ଆର୍ଟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଷ୍ଟ୍ର ଗଠନ, ସାମାଜିକ ପରିବର୍ତ୍ତନ, ଏକତା, ଶାନ୍ତି, ନବସୃଜନ ଓ ପ୍ରଗତି ଭଳି ବିଷୟକୁ ନେଇ ପ୍ରତିଯୋଗୀମାନେ ଚିତ୍ର ମାଧ୍ୟମରେ ନିଜର ଚିନ୍ତାଧାରା ପ୍ରକାଶ କରିଥିଲେ। କଳା ମାଧ୍ୟମରେ ବିଭିନ୍ନ ବୟସର ଲୋକଙ୍କୁ ଯୋଡ଼ିବା ଓ ଯୁବପିଢ଼ି ମଧ୍ୟରେ ସ୍ୱାଧୀନତାର ଚେତନା ବଢ଼ାଇବା ଏହାର ଉଦ୍ଦେଶ୍ୟ ଥିଲା।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତାଙ୍କ ୧୪୫ତମ ଜନ୍ମ ଦିବସ ପାଳିତ



ଭୁବନେଶ୍ୱର,୯।୮(ନି.ପ୍ର): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଏହାର ପ୍ରତିଷ୍ଠାତା ସାର୍ ସୋରାବ୍‌ଜୀ ପୋଚ୍‌ଖାନାୱାଲାଙ୍କ ୧୪୫ତମ ଜନ୍ମଦିବସ ଅବସରରେ ଭୁବନେଶ୍ୱର ୟୁନିଟ୍–୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ଯୁବ ପିଢ଼ିଙ୍କ ମଧ୍ୟରେ ପରିବେଶଗତ ସଚେତନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ବ୍ୟାଙ୍କ ଅଧିକାରୀ, ଶିକ୍ଷକ ଏବଂ ସ୍କୁଲର ଛାତ୍ରଛାତ୍ରୀମାନେ ଚାରା ରୋପଣ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ଏହି ଅବସରରେ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂ, ସାର୍ ସୋରାବ୍‌ଜୀ ପୋଚ୍‌ଖାନାୱାଲାଙ୍କ ଦୃଷ୍ଟିକୋଣ ଏବଂ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଯାହାଙ୍କ ରାଷ୍ଟ୍ର ନିର୍ମାଣ ଏବଂ ଆର୍ଥିକ ସଶକ୍ତିକରଣ ପ୍ରତି ପ୍ରତିବଦ୍ଧତା ପିଢ଼ିକୁ ପ୍ରେରଣା ଦେଇ ଆସୁଛି। ଏହି ପଦକ୍ଷେପ ପରିବେଶଗତ ସ୍ଥିରତା, ସାମାଜିକ ଦାୟିତ୍ୱ ଏବଂ ସଂପ୍ରଦାୟ ବିକାଶ ପ୍ରତି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଛାତ୍ରଛାତ୍ରୀମାନଙ୍କୁ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବାକୁ ଏବଂ ଏକ ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ଯୋଗଦାନ ଦେବାକୁ ମଧ୍ୟ ଉତ୍ସାହିତ କରାଯାଇଥିଲା।


**iFGL** — ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
CIN: L51909OR2007PLC027954

**ପଞ୍ଜୀକୃତ କାର୍ଯ୍ୟାଳୟ:**
ସେକ୍ଟର–'ବି', କାଲୁଙ୍ଗା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍
ପୋ: କାଲୁଙ୍ଗା ୭୭୦୦୩୧, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା
Tel: +91 661 2660195
E-mail: ifgl.works@ifgl.in

**ମୁଖ୍ୟ ଏବଂ କର୍ପୋରେଟ କାର୍ଯ୍ୟାଳୟ:**
ଏମ୍‌ସିଲିଓଡ୍ ହାଉସ୍, ୩, ନେତାଜୀ ସୁଭାଷ ରୋଡ୍,
କୋଲକାତା–୭୦୦୦୦୧,ଫୋନ୍ :+୯୧ ୩୩୪୦୧୦୬୧୦୦
E-mail : ifgl.ho@ifgl.in;
investorcomplaints@ifgl.in

ୱେବ୍‌ସାଇଟ୍ : www.ifglgroup.com

**ଜୁନ୍ ୩୦, ୨୦୨୬ ସୁଦ୍ଧା ଶେଷ ତ୍ରୈମାସ ପାଇଁ ଯାଞ୍ଚ ହୋଇ ନ ଥିବା ସ୍ୱତନ୍ତ୍ର ଏବଂ ସମନ୍ୱିତ ଆର୍ଥିକ ଫଳାଫଳର ବିବରଣୀ**

ସେବି (ଲିଷ୍ଟିଂ ଓବ୍ଲିଗେସନ୍ସ ଓ ଡିସ୍‌କ୍ଲୋଜର ରିକ୍ୱାୟାରମେଣ୍ଟସ୍) ରେଗୁଲେସନ୍ସ, ୨୦୧୫ ର ରେଗୁଲେସନ ୪୭ ଅନୁଯାୟୀ

ଜୁନ୍ ୩୦, ୨୦୨୬ ସୁଦ୍ଧା ଶେଷ ତ୍ରୈମାସ ପାଇଁ କମ୍ପାନୀର ଯାଞ୍ଚ ହୋଇ ନ ଥିବା ସ୍ୱତନ୍ତ୍ର ଏବଂ ସମନ୍ୱିତ ଆର୍ଥିକ ଫଳାଫଳ ଅଡିଟ୍ କମିଟି ଦ୍ୱାରା ସମୀକ୍ଷା କରାଯାଇଥିଲା ଏବଂ ଶନିବାର, ୦୮ ଅଗଷ୍ଟ, ୨୦୨୬ ରେ ଅନୁଷ୍ଠିତ ସେମାନଙ୍କର ସମ୍ପୃକ୍ତ ବୈଠକରେ ନିର୍ଦ୍ଦେଶକମଣ୍ଡଳୀ ବୋର୍ଡ ଦ୍ୱାରା ଅନୁମୋଦନ ଲାଭ କରିଛି। କମ୍ପାନୀର ବୈଧାନିକ ସମୀକ୍ଷକମାନେ ଉକ୍ତ ଫଳାଫଳର ସୀମିତ ସମୀକ୍ଷା କରିଛନ୍ତି।

ଉପରୋକ୍ତ ଆର୍ଥିକ ଫଳାଫଳ ସହିତ ବୈଧାନିକ ସମୀକ୍ଷକଙ୍କ ସୀମିତ ସମୀକ୍ଷା ରିପୋର୍ଟଗୁଡ଼ିକ ବିଏସ୍‌ଇର ୱେବସାଇଟ୍ (www.bseindia.com), ଏନ୍‌ଏସ୍‌ଇ (www.nseindia.com) ଏବଂ କମ୍ପାନୀର ୱେବସାଇଟ୍ (https://ifglgroup.com/wp-content/uploads/2026/08/Disclosure.pdf))ରେ ଉପଲବ୍ଧ। ନିମ୍ନରେ ଦିଆଯାଇଥିବା କ୍ୟୁଆର୍ କୋଡ୍ ସ୍କାନ କରି ମଧ୍ୟ ଏହା ଉପଲବ୍ଧ କରିପାରିବେ:

ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ଏବଂ ପକ୍ଷରୁ
ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
ଏସ୍ କେ ବଜୋରିଆ
ଅଧ୍ୟକ୍ଷ
DIN : 00084004

କୋଲକାତା।
ଅଗଷ୍ଟ ୦୮, ୨୦୨୬

ବୈଷୟିକ ଜ୍ଞାନକୌଶଳ ସହିତ ଉନ୍ନତି ଆଣିବା।

# ଭୟଙ୍କର ବିନାଶ ରଚିବ ବାତ୍ୟା ଡଲଫିନ

**ଟୋକିଓ,୯।୮(ଏଜେନ୍ସି):** ଜାପାନରେ ଗତ କିଛି ମାସ ଧରି ଲଗାତାର ଭୟଙ୍କର ଭୂକମ୍ପର ଝଟକା ଆତଙ୍କ ସୃଷ୍ଟି କରିଛି। ସମୁଦ୍ରରେ ଉଠୁଥିବା ଉଚ୍ଚ ଲହରୀ ଏବଂ ସୁନାମି ଆସିବାର ଆଶଙ୍କା ୨୦୧୧ର ଭୟାବହ ସ୍ମୃତିକୁ ପୁଣି ତାଜା କରିଦେଇଛି। ଏବେ ଜାପାନରେ ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟ ବଡ଼ ଧରଣର ତାଣ୍ଡବ ରଚିବାକୁ ଆଗେଇ ଆସିଛି। ପ୍ରଶାନ୍ତ ମହାସାଗରରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଓ ବିନାଶକାରୀ ଚକ୍ରବର୍ତ୍ତୀ ଝଡ଼ ପ୍ରବେଶ କରିଛି, ଯାହାର ନାମ 'ଡଲଫିନ' ରଖାଯାଇଛି। ଏହି ଘୂର୍ଣ୍ଣିଝଡ ପ୍ରଥମେ ଜାପାନ ଏବଂ ପରେ ଚାଇନାରେ ଲ୍ୟାଣ୍ଡଫଲ କରିବ ବୋଲି କୁହାଯାଉଛି। ଏହା ଉଭୟ ଦେଶର ସମୁଦ୍ରତଟୀୟ ଅଞ୍ଚଳରେ ଭୟଙ୍କର ବିନାଶ ଘଟାଇପାରେ।



ଜାପାନ ପାଣିପାଗ ବିଭାଗ (ଜେଏମ୍‌ଏ) ଘୂର୍ଣ୍ଣିଝଡର ଗତି ଓ ଆକାରକୁ ଦୃଷ୍ଟିରେ ରଖି ହାଇ ଆଲର୍ଟ ଜାରି କରିବା ସହ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ଓକିନାୱା ଏବଂ କାଗୋଶିମା ଅଞ୍ଚଳର ପ୍ରାୟ ୨.୬ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୫୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଥିବା ବେଳେ ଲୋକଙ୍କୁ ଘର ଭିତରେ ରହିବାକୁ କୁହାଯାଇଛି। ଘୂର୍ଣ୍ଣିଝଡ 'ଡଲଫିନ'ର ଲ୍ୟାଣ୍ଡଫଲ ଯୋଗୁ ସମୁଦ୍ରତଟୀୟ ଅଞ୍ଚଳରେ ଘଣ୍ଟାପ୍ରତି ୧୪୪ କିଲୋମିଟର ବେଗରେ ପବନ ବହୁଛି ଏବଂ ୨୦୦ କିଲୋମିଟର ବେଗରେ ପବନର ଝଟକା ଅନୁଭୂତ ହେଉଛି। ଟାଇଫୁନର ପ୍ରଭାବରେ ୧୪,୦୦୦ରୁ ଅଧିକ ଘରରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି ଏବଂ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ଜାପାନ ପାଣିପାଗ ବିଭାଗ (ଜେଏମ୍‌ଏ) ଅନୁସାରେ, ଟାଇଫୁନ 'ଡଲଫିନ' ଜାପାନର ଓକିନାୱା ଅଞ୍ଚଳର କୁମେ ଦ୍ୱୀପ ଉପରେ ରହିଛି। ଏହି ଦ୍ୱୀପ ରାଜଧାନୀଠାରୁ ପ୍ରାୟ ୧୬୦ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ। ଦ୍ୱୀପ ଅତିକ୍ରମ କରିବା ପରେ ଟାଇଫୁନ 'ଡଲଫିନ' ପୂର୍ବ ଚାଇନା ସାଗରରେ ପହଞ୍ଚିବ ଏବଂ ସେଠାରୁ ଚୀନର ପୂର୍ବ ଉପକୂଳ ଦିଗକୁ ଗତି କରିବ।

ଚାଇନାରେ ଟାଇଫୁନର ପବନର ବେଗ ଘଣ୍ଟାପ୍ରତି ୫୦ରୁ ୧୬୨ କିଲୋମିଟର ପର୍ଯ୍ୟନ୍ତ ରହିପାରେ। ସେହିପରି ଘଣ୍ଟାପ୍ରତି ୨୧୬ କିଲୋମିଟର ବେଗରେ ପବନର ଝଟକା ମଧ୍ୟ ଅନୁଭୂତ ହୋଇପାରେ। ସମୁଦ୍ରରେ ୧୨ରୁ ୧୬.୫ ମିଟର ପର୍ଯ୍ୟନ୍ତ ଉଚ୍ଚ ଓ ବିପଜ୍ଜନକ ଲହରୀ ଉଠିପାରେ। ଆସନ୍ତା କିଛି ଘଣ୍ଟା ମଧ୍ୟରେ ଝଡ଼ ଆହୁରି ଶକ୍ତିଶାଳୀ ହୋଇପାରେ, ଯାହା ଫଳରେ ଭାରୀରୁ ଅତିଭାରୀ ବର୍ଷା ହେବାର ଆଶଙ୍କା ରହିଛି।

## ଭାରତ ସହ ପ୍ରତ୍ୟକ୍ଷ ରେଳ ପରିବହନ ସେବା ସ୍ଥାପନ ପାଇଁ ରୁଷ ଆଗ୍ରହୀ



**ମସ୍କୋ,୯।୮(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଅସୁରକ୍ଷିତ ଜଳ ଯାତ୍ରା କାରଣରୁ ହର୍ମୁଜ ଏବଂ ବସଫରସ ପ୍ରଣାଳୀ ଦେଇ ପରିବହନ ବ୍ୟବସ୍ଥା ବ୍ୟାପକ ଭାବେ ପ୍ରଭାବିତ ହେଉଛି। ଭାରତ ସହ ନିରାପଦ ବାଣିଜ୍ୟ କାରବାରକୁ ରୁଷିଆ ପ୍ରାଧାନ୍ୟ ଦେବା ସହିତ ଏଥିପାଇଁ ବିକଳ୍ପ ମାର୍ଗ କାର୍ଯ୍ୟକାରୀ କରିବାକୁ ଯୋଜନା ରଖିଛି।

ରୁଷ ଉପପ୍ରଧାନମନ୍ତ୍ରୀ ମାରାତ ଖୁସନୁଲିନ ସମ୍ବାଦ ସରବରାହ ସଂସ୍ଥା ଟାସକୁ ସାକ୍ଷାତକାର ଦେଇ କହିଛନ୍ତି, ବସଫୋରସ୍ ଏବଂ ହରମୁଜ ପ୍ରଣାଳୀ ସହ ଜଡ଼ିତ ପରିବହନ ବିପଦକୁ ଏଡ଼ାଇବା ପାଇଁ ରୁଷିଆ ଭାରତ ମହାସାଗର ପର୍ଯ୍ୟନ୍ତ ସିଧାସଳଖ ରେଳ ସଂଯୋଗ ନିର୍ମାଣର ସମ୍ଭାବ୍ୟତା ଯାଞ୍ଚ କରିବାକୁ ଯୋଜନା କରୁଛି। ସମ୍ଭାବ୍ୟ କରିଡରଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରି ସେ ଦର୍ଶାଇଛନ୍ତି, ବସଫୋରସ୍ ଓ ହରମୁଜ ପ୍ରଣାଳୀ ସହ ଜଡ଼ିତ ବିପଦ ଯୋଗୁଁ ବୈକଳ୍ପିକ ମାର୍ଗର ଗୁରୁତ୍ୱ ଅନୁଭବ କରାଯାଉଛି। ତୁର୍କମେନିସ୍ତାନ, ଇରାନ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଦେଇ ଭାରତକୁ ସଂଯୋଗ କରୁଥିବା ଯେକୌଣସି ବିକଳ୍ପ ଗ୍ରହଣୀୟ। ଭାରତ ସହିତ ସଂଯୋଗ କରୁଥିବା ଯେକୌଣସି ମାର୍ଗକୁ ବ୍ୟବହାରଯୋଗ୍ୟ ବୋଲି ବିବେଚନା କରାଯିବ। ଯଦି ଏହି ପ୍ରସ୍ତାବିତ ନେଟୱର୍କ କାର୍ଯ୍ୟକାରୀ ହୁଏ, ତେବେ ରୁଷିଆ ଏବଂ ଭାରତ ମଧ୍ୟରେ ପ୍ରତ୍ୟକ୍ଷ ରେଳ ମାଲ ପରିବହନ ସେବା ସ୍ଥାପନ ହୋଇପାରିବ। ଖୁସନୁଲିନ ଆହୁରି କହିଛନ୍ତି, ଭାରତ ମହାସାଗର ପର୍ଯ୍ୟନ୍ତ ଏକ ରେଳ ସଂଯୋଗର ମଧ୍ୟ ସନ୍ଧାନ କରାଯିବା ଉଚିତ।

ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷ ପରିପ୍ରେକ୍ଷୀରେ ହରମୁଜ ପ୍ରଣାଳୀରେ ବିପଦ ସୃଷ୍ଟି ହୋଇଛି। ବସଫୋରସ୍ ପ୍ରଣାଳୀ ମଧ୍ୟ ଅପ୍ରଶସ୍ତ ଓ ଜଟିଳ ହୋଇଥିବାରୁ ଏହା ମଧ୍ୟ ଦେଇ ଜାହାଜ ଅତିକ୍ରମ କରିବା ନିରାପଦ ହେଉନି । ଏହି ପରିପ୍ରେକ୍ଷୀରେ ବୈକଳ୍ପିକ ବାଣିଜ୍ୟ ମାର୍ଗର ଏହି ପ୍ରସ୍ତାବ ସାମ୍ନାକୁ ଆସିଛି। ହର୍ମୁଜ ଦେଇ ବିଶ୍ୱର ପ୍ରାୟ ୨୫ ପ୍ରତିଶତ ତୈଳ ବାଣିଜ୍ୟ ଏବଂ ପ୍ରାୟ ୨୦ ପ୍ରତିଶତ ବିଶ୍ୱବ୍ୟାପୀ ତରଳ ପ୍ରାକୃତିକ ଗ୍ୟାସ ପରିବହନ ହୋଇଥାଏ। ଅନ୍ତର୍ଜାତୀୟ ଲଜିଷ୍ଟିକ୍ସ କରିଡର ବ୍ୟତୀତ, ଖୁସନୁଲିନ ଘରୋଇ ଅର୍ଥନୈତିକ ବ୍ୟବସ୍ଥା ଉପରେ ଆଲୋକପାତ କରି କହିଛନ୍ତି, ରୁଷିଆର ନିର୍ମାଣ କ୍ଷେତ୍ର ପାଇଁ ନିରନ୍ତର ଓ ଦୀର୍ଘକାଳୀନ ଆର୍ଥିକ ସହାୟତା ଆବଶ୍ୟକ। ଘରୋଇ ନିର୍ମାଣ ଶିଳ୍ପ ବର୍ତ୍ତମାନ ବାର୍ଷିକ ଅତିରିକ୍ତ ଏକ ଟ୍ରିଲିୟନ ରୁବେଲ ଗ୍ରହଣ କରିବାର କ୍ଷମତା ରଖିଛି। ଯଦି ଆଗାମୀ ପାଞ୍ଚ ବର୍ଷ ପାଇଁ ଏହି ପରିମାଣ ସୁରକ୍ଷିତ ରହେ, ତେବେ କ୍ଷମତା ସମ୍ପ୍ରସାରଣ ଏବଂ ଆହୁରି ଅଧିକ ନିର୍ମାଣ ସମ୍ଭବ ହୋଇପାରିବ।

## ଉପମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ଼ ଧକ୍କାରେ ଯୁବକ ମୃତ

**ଜାମ୍ମୁ-କାଶ୍ମୀର,୯।୮(ଏଜେନ୍ସି):** ଜାମ୍ମୁ-କାଶ୍ମୀରର ଉପ ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀଙ୍କ କାରକେଡ଼ରେ ସାମିଲ ଥିବା ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଜାମ୍ମୁ-କାଶ୍ମୀରର ଗାଙ୍ଗ୍ୟାଲରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ସମୟରେ କାରକେଡ଼ରେ ଉପମୁଖ୍ୟମନ୍ତ୍ରୀ ନଥିଲେ। କାରକେଡ୍ ତାଙ୍କୁ ଛାଡ଼ି ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା । ଶନିବାର ରାତି ପ୍ରାୟ ୮ଟା ୫୫ ମିନିଟ୍ ସମୟରେ ଏହି ଘଟଣା ଘଟିଥିବା ଅଧିକାରୀମାନେ କହିଛନ୍ତି। ମୃତ ଯୁବକଙ୍କ ପରିଚୟ ବିହାରର ସମସ୍ତିପୁର ଅଞ୍ଚଳର ଭରତ କାପର ବୋଲି ଜଣାପଡ଼ିଛି । ସେ ଗାଙ୍ଗ୍ୟାଲ ଅଞ୍ଚଳର ଏକ ଦୋକାନରେ କାମ କରୁଥିଲେ। ରାସ୍ତା ପାର ହେଉଥିବା ସମୟରେ କାରକେଡରେ ସାମିଲ ଥିବା ଏକ ଦ୍ରୁତଗାମୀ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଗାଡ଼ିର ଡ୍ରାଇଭର ତୁରନ୍ତ ଆହତ ଯୁବକଙ୍କୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ । ତେବେ ଡାକ୍ତରମାନେ ଭରତଙ୍କୁ ମୃତ ଘୋଷଣା କରିଥିଲେ ।

ଘଟଣା ବିଷୟରେ ସୂଚନା ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲାର ଯାଞ୍ଚ କରିଥିଲା । ଦୁର୍ଘଟଣା ସମୟରେ ଡେପୁଟି ସିଏମ୍ ସୁରିନ୍ଦର ଚୌଧୁରୀ କାରକେଡ୍ରେ ଉପସ୍ଥିତ ନଥିଲେ। ତାଙ୍କୁ ଘରେ ଛାଡ଼ି କାରକେଡ୍ଟି ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ଅଧିକାରୀମାନେ କହିଛନ୍ତି । ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଘଟଣାସ୍ଥଳର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି ।

## ଦୁଇ ଜେଇଏମ୍ ଆତଙ୍କବାଦୀ ଗିରଫ

**ଟୋଙ୍କ,୯।୮(ଏଜେନ୍ସି):** ସ୍ୱାଧୀନତା ଦିବସ ପୂର୍ବରୁ ଏକ ବଡ଼ ସୁରକ୍ଷା ଅଭିଯାନ ଅନ୍ତର୍ଗତ ରାଜସ୍ଥାନର ଅପରାଧ ତଦନ୍ତ ବିଭାଗ (ସିଆଇଡି)ର ସ୍ୱତନ୍ତ୍ର ଶାଖା ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦ (ଜେଇଏମ୍) ସହିତ ସମ୍ପର୍କ ଥିବା ଅଭିଯୋଗରେ ଟୋଙ୍କ ଜିଲ୍ଲାରୁ ଦୁଇଜଣଙ୍କୁ ଗିରଫ କରିଛି। ବସିତ ଓ ବୁରହାନ ନାମକ ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନ ଧରି ପୃଥକ୍ ପୃଥକ୍ ଅପରେସନରେ ଅଟକ ରଖାଯାଇଥିଲା। ଗିରଫଦାରୀ ପରେ ଅଧିକ ତଦନ୍ତ ଓ ପଚରାଉଚରା ପାଇଁ ଉଭୟଙ୍କୁ ରାଜସ୍ଥାନ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍)କୁ ହସ୍ତାନ୍ତର କରାଯାଇଛି।

ଅଧିକାରୀଙ୍କ ଅନୁଯାୟୀ, ବସିତଙ୍କୁ ଟୋଙ୍କ କୋଟୱାଲି ପୁଲିସ ଷ୍ଟେସନ ଅଧୀନରେ ଥିବା ଧନନାତାଲାଇ ଅଞ୍ଚଳରୁ ଉଠାଇ ନିଆଯାଇଥିଲା। ପରିବାର ସଦସ୍ୟମାନେ କହିଛନ୍ତି ଯେ, ସାଦା ପୋଷାକ ପିନ୍ଧିଥିବା ସିଆଇଡି ଅଧିକାରୀଙ୍କ ଏକ ଦଳ ସେମାନଙ୍କ ଘରେ ପହଞ୍ଚି ବସିତ୍‌ଙ୍କୁ ଅଟକ ରଖିଥିଲେ। ସେହି ଅଞ୍ଚଳରେ ଏକ ଢାବା ଚଳାଉଥିବା ବସିତ୍‌ଙ୍କ ବାପା ସେତେବେଳେ ବାହାରେ ଥିଲେ। ବସିତ୍‌ଙ୍କୁ ଅଟକ ରଖିବା ପରେ ତାଙ୍କ ଘରେ ତଲାସି ନିଆଯାଇଥିଲା। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଅଧିକାରୀ ଏଟିଏମ୍ କାର୍ଡ଼, ପାସ୍‌ବୁକ୍ ଓ ଇଲେକ୍ଟ୍ରିକ୍ ସ୍କୁଟରର ପାର୍ଟ ଜବତ କରିଥିଲେ। ତଦନ୍ତ ସହିତ ଏହିସବୁ ଜବତ ସାମଗ୍ରୀର ଲିଙ୍କ୍ ସମ୍ପର୍କରେ କିଛି କୁହାଯାଇନାହିଁ। ଦ୍ୱିତୀୟ ଅଭିଯୁକ୍ତ ବୁରହାନ୍‌କୁ ଶନିବାର ଟୋଙ୍କ ଅଞ୍ଚଳରୁ ଗିରଫ କରାଯାଇଥିଲା। ସୁରକ୍ଷା ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ, ଉଭୟ ବ୍ୟକ୍ତିଙ୍କର ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ସହିତ ସମ୍ପର୍କ ଥିଲା। ତେବେ ଅଧିକାରୀମାନେ ଅଭିଯୋଗ ସମ୍ପର୍କରେ ଅଧିକ ବିବରଣୀ ପ୍ରକାଶ କରିନାହାନ୍ତି।

### ଝାରଖଣ୍ଡ ଛାତ୍ର ଆନ୍ଦୋଳନ

## ଜେପିଏସ୍‌ସିର ୩ ସଦସ୍ୟଙ୍କ ଇସ୍ତଫା

**ରାଞ୍ଚି,୯।୮(ଏଜେନ୍ସି):** ଝାରଖଣ୍ଡରେ ଜେପିଏସ୍‌ସି-ଜେଏସ୍‌ଏସ୍‌ସି ପରୀକ୍ଷାକୁ ନେଇ ଛାତ୍ର ଆନ୍ଦୋଳନ ଜାରି ଥିବା ବେଳେ ଝାଡ଼ଖଣ୍ଡ ପବ୍ଲିକ୍ ସର୍ଭିସ୍ କମିଶନ୍ (ଜେପିଏସ୍‌ସି)କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଜେପିଏସ୍‌ସିର ୩ ଜଣ ସଦସ୍ୟ ଇସ୍ତଫା ଦେଇଥିବା ବେଳେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ ସେମାନଙ୍କ ଇସ୍ତଫା ଗ୍ରହଣ କରିଛନ୍ତି।




ଇସ୍ତଫା ଦେଇଥିବା ଜେପିଏସ୍‌ସି ସଦସ୍ୟମାନେ ହେଲେ ଡା. ଅଜିତା ଭଟ୍ଟାଚାର୍ଯ୍ୟ, ଡା. ଅନିମା ହାଁସଦା ଏବଂ ଜମାଲ ଅହମଦ । ଏହି ସମୟରେ ଜେପିଏସ୍‌ସି-ଜେଏସ୍‌ଏସ୍‌ସି ପରୀକ୍ଷାକୁ ନେଇ ଛାତ୍ର ଓ ସରକାରଙ୍କ ମଧ୍ୟରେ ଆଲୋଚନା ଚାଲିଥିଲେ ମଧ୍ୟ ସମସ୍ତ ଦାବି ଉପରେ ଏପର୍ଯ୍ୟନ୍ତ ପୂର୍ଣ୍ଣ ସହମତି ହୋଇନାହିଁ। ଜେପିଏସ୍‌ସିର ସମ୍ପ୍ରତି ହୋଇଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ କଥିତ ଅନିୟମିତତା ଓ ହେରଫେର ଅଭିଯୋଗକୁ ନେଇ କମିଶନ୍ ପୂର୍ବରୁ ବିବାଦରେ ରହିଛି । ଛାତ୍ରମାନେ ପରୀକ୍ଷା ପ୍ରକ୍ରିୟାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ଦାବି କରି ଆନ୍ଦୋଳନ କରୁଛନ୍ତି। ଏଭଳି ସମୟରେ ଏକାସାଙ୍ଗରେ ୩ ଜଣ ଜେପିଏସ୍‌ସି ସଦସ୍ୟଙ୍କ ଇସ୍ତଫାକୁ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ବୋଲି ମନେ କରାଯାଉଛି।

ଅଧିକାରୀଙ୍କ ସୂଚନା ଅନୁସାରେ, ସୋମବାର ଡା. ଅଜିତା ଭଟ୍ଟାଚାର୍ଯ୍ୟ, ମଙ୍ଗଳବାର ଡା. ଅନିମା ହାଁସଦା ଏବଂ ବୁଧବାର ଜମାଲ ଅହମଦଙ୍କୁ ପଚରାଉଚରା କରାଯିବ । ଆବଶ୍ୟକ ପଡ଼ିଲେ ତିନିଜଣଙ୍କୁ ପୁଣିଥରେ ପଚରାଉଚରା ପାଇଁ ଡକାଯାଇପାରେ। ଏହା ପୂର୍ବରୁ ସିଆଇଡି ଜେପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ସଚିବ ଏଲ୍. ଖିୟାଙ୍ଗତେଙ୍କୁ ଚାରି ପର୍ଯ୍ୟାୟରେ ପଚରାଉଚରା କରିସାରିଛି। ୧୪ତମ ଜେପିଏସ୍‌ସି ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାରେ କଥିତ ଅନିୟମିତତା ନେଇ ସିଆଇଡିର କାର୍ଯ୍ୟାନୁଷ୍ଠାନ ମଧ୍ୟ ଜାରି ରହିଛି । ଶନିବାର ପାଞ୍ଚ ଦିନିଆ ରିମାଣ୍ଡର ଦ୍ୱିତୀୟ ଦିନରେ ମୁଖ୍ୟ ସଚିବ କାର୍ଯ୍ୟାଳୟରେ କାର୍ଯ୍ୟରତ କମ୍ପ୍ୟୁଟର ଅପରେଟର ଧର୍ମେନ୍ଦ୍ର କୁମାର ଏବଂ ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସି ଟିଡିପିଏଲ୍‌ର ଆକାଉଣ୍ଟାଣ୍ଟ ରକ୍ଷକ ସିଂଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ଜେପିଏସ୍‌ସି-ଜେଏସ୍‌ଏସ୍‌ସି ବିବାଦକୁ ନେଇ ଛାତ୍ରଙ୍କ ଆନ୍ଦୋଳନ ମଧ୍ୟରେ ଏକାସାଙ୍ଗରେ ୩ ଜଣ ଜିପିଏସ୍‌ସି ସଦସ୍ୟଙ୍କ ଇସ୍ତଫା ଏବଂ ସିଆଇଡି ତଦନ୍ତ ଏବେ ମାମଲାକୁ ନୂଆ ମୋଡ଼ ଦେଇଛି।

## ବାରାମତୀରେ ପୁଣି ବିମାନ ଦୁର୍ଘଟଣା



**ପୁଣେ,୯।୮(ଏଜେନ୍ସି):** ମହାରାଷ୍ଟ୍ର ପୁଣେ ବାରାମତୀରୁ ପୁଣି ଏକ ବିମାନ ଦୁର୍ଘଟଣା । ବାରାମତୀ ଏୟାରପୋର୍ଟ କ୍ୟାମ୍ପସରେ ଏକ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଅବତରଣ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ବିମାନଟି କମ୍ ଉଚ୍ଚତାରୁ ଖସିପଡ଼ିଥିବା ଜଣାପଡ଼ିଛି । ବିମାନରେ ଥିବା ଟ୍ରେନି ପାଇଲଟ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି । ତେବେ ଏହି ଘଟଣାରେ କୌଣସି ମୃତାହତ ହୋଇନାହିଁ । ଘଟଣା ପରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ସଂପୂର୍ଣ୍ଣ ମାମଲାର ଯାଞ୍ଚ କରୁଛି। ରବିବାର ବାରାମତୀରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରେନିଂ ବିମାନ ସମ୍ପର୍କରେ ଜଣାପଡ଼ିଛି ଯେ, ଦିନ ପ୍ରାୟ ୧୨ଟା ୩୫ ମିନିଟ୍ରେ ଏହି ଘଟଣା ଘଟିଥିଲା। ଏୟାରପୋର୍ଟ ପରିସରରେ ଅବତରଣ କରିବାକୁ ଚେଷ୍ଟା କରୁଥିବାବେଳେ ଟ୍ରେନିଂ ବିମାନଟି ହଠାତ୍ ତଳକୁ ଖସିପଡ଼ିଥିଲା ।

ଏହାପୂର୍ବରୁ ମଇରେ ବାରାମତୀ ଏୟାରପୋର୍ଟ ନିକଟରେ ଏକ ଟ୍ରେନିଂ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା । ବିମାନରେ ବୈଷୟିକ ତ୍ରୁଟି ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ମଧ୍ୟ ଟ୍ରେନି ପାଇଲଟ ସୁରକ୍ଷିତ ଉଦ୍ଧାର ହୋଇଥିଲେ ।

ସୂଚନାଯୋଗ୍ୟ, ବାରାମତୀରେ ହିଁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ବିମାନ ଦୁର୍ଘଟଣା ଘଟିଥିଲା । ସେହି ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ବିମାନରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ମହାକାଳଙ୍କୁ ଦର୍ଶନ କରି ଫେରୁଥିବା ବେଳେ ଦୁର୍ଘଟଣା, ଚାଲିଗଲା ୬ ଜୀବନ

**ଉଜ୍ଜୈନ,୯।୮(ଏଜେନ୍ସି):** ମଧ୍ୟପ୍ରଦେଶ ଧାର ଜିଲ୍ଲା ବଦନାବର-ଉଜ୍ଜୈନ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏହି ଦୁର୍ଘଟଣାରେ ୬ ଜଣ ଯୁବକଙ୍କ ଜୀବନ ଚାଲିଯାଇଛି । ଦୁର୍ଘଟଣା ଗ୍ରାମ ପଞ୍ଚକବାସା ନିକଟରେ ଅପରାହ୍ଣ ୧ଟାରେ ହୋଇଥିବା ଜଣାପଡିଛି । ଏକ ଦ୍ରୁତଗାମୀ ଡମ୍ପର ସହିତ ମାରୁତି ଇକୋ ଭ୍ୟାନ୍ ଭୟଙ୍କର ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଭ୍ୟାନ୍ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଗାଡ଼ିରେ ଥିବା ୬ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଜଣେ ଗୁରୁତରଙ୍କୁ ସିଭିଲ ହସପିଟାଲରେ ଭର୍ତ୍ତି କରାଯାଇଛି ।

ଖବର ମୁତାବକ, ଦୁର୍ଘଟଣା ଭୁଲ୍ ଲେନରେ ଥିବା ଯୋଗୁଁ ହୋଇଛି । କାରରେ ଥିବା ସମସ୍ତ ଯୁବକ ଗୁଜରାଟ ଭଦୋଦରାର ବାସିନ୍ଦା । ଏମାନେ ଉଜ୍ଜୈନ ମହାକାଳ ଦର୍ଶନ କରିବା ପରେ ଗୁଜରାଟ ଫେରୁଥିଲେ । ଏହି ସମୟରେ ରଙ୍ଗ ସାଇଡରୁ ଆସୁଥିବା ଗାଡ଼ି ଧକ୍କା ଦେଇଥିଲା । ଦୁର୍ଘଟଣାରେ ଭ୍ୟାନରେ ଥିବା ୬ ଜଣ ଯୁବକଙ୍କ ଜୀବନ ଚାଲିଯାଇଛି । ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି ।

ଘଟଣା ବିଷୟରେ ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି । ପୋଲିସ ଦୁର୍ଘଟଣା ବିଷୟରେ ଯାଞ୍ଚ ଆରମ୍ଭ କରିଛି । ଦୁର୍ଘଟଣା ପରେ ରାସ୍ତାରେ ଯାତାୟତ ପାଇଁ ଅସୁବିଧା ଦେଖାଦେଇଥିଲା । ପୋଲିସ ଦୁର୍ଘଟଣା ସ୍ଥଳରୁ ଗାଡ଼ିକୁ ହଟାଇବା ପରେ ଯାତାୟତ ସୁଗମ ହୋଇଥିଲା । ତେବେ ଘଟଣାରେ ଗୁରୁତର ଥିବା ଯୁବକଙ୍କ ଚିକିତ୍ସା ଚାଲିଛି । ପୋଲିସ ମାମଲାର ଯାଞ୍ଚ କରୁଛି।

## ଲମ୍ବା କେଶ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ରେଣୁ ଧରିୟାଲ

**ଉତ୍ତରାଖଣ୍ଡ,୯।୮(ଏଜେନ୍ସି):** ଲମ୍ବା କେଶ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଉତ୍ତରାଖଣ୍ଡର ରେଣୁ ଧରିୟାଲ୍। ରେଣୁ ଧରିୟାଲ୍ ବିଶ୍ୱର ସବୁଠାରୁ ଲମ୍ବା କେଶର ଅଧିକାରିଣୀ ଭାବେ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସୃଷ୍ଟି କରିଛନ୍ତି। ରେଣୁଙ୍କ କେଶର ଲମ୍ବ ୮ ଫୁଟ୍ ୧୦ ଇଞ୍ଚ। ସେ ୟୁକ୍ରେନର ଆଲିୟା ନାସିରୋଭାଙ୍କ ୮ ଫୁଟ ସାଢ଼େ ୫ ଇଞ୍ଚର ପୂର୍ବ ରେକର୍ଡକୁ ଭାଙ୍ଗି ଏହି ବିଶ୍ୱ ବିଜେତା ମୁକୁଟ ନିଜ ନାମରେ କରିଛନ୍ତି।



ରେଣୁ ବିଗତ ୨୦୧୫ ମସିହାରୁ ନିଜ କେଶକୁ ଥରେ ହେଲେ ବି କାଟିନାହାନ୍ତି। ସେ କୌଣସି ପ୍ରକାରର କେମିକାଲ୍ ଯୁକ୍ତ ସାମ୍ପୁ ବା ସେଲୁନ୍ ପ୍ରୋଡକ୍ଟ ବ୍ୟବହାର କରନ୍ତି ନାହିଁ। କେବଳ ଘରେ ପ୍ରସ୍ତୁତ ପ୍ରାକୃତିକ ତେଲ ଓ ସାମ୍ପୁ ସାହାଯ୍ୟରେ ସେ କେଶର ଯତ୍ନ ନିଅନ୍ତି। ଚୁଟି ଧୋଇବା, ଶୁଖାଇବା ଏବଂ କୁଣ୍ଡାଇବା ପାଇଁ ତାଙ୍କୁ ଦୈନିକ ଅନେକ ଘଣ୍ଟା ସମୟ ଦେବାକୁ ପଡ଼ିଥାଏ।

ଚାଲିବା ସମୟରେ ଯେପରି ଚୁଟି ମାଟିରେ ନଲାଗିବ, ସେଥିପାଇଁ ସେ ଏହାକୁ ସ୍ପେଶାଲ୍ ଷ୍ଟାଇଲରେ ବେଣୀ କରି ରଖନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଲମ୍ବା କେଶକୁ ସୌନ୍ଦର୍ଯ୍ୟର ପ୍ରତୀକ ମାନାଯାଏ। ୟୁଟ୍ୟୁବର୍ ଭାବେ କାମ କରୁଥିବା ରେଣୁ ନିଜ ସଂସ୍କୃତିକୁ ବଜାୟ ରଖି ଆଜି ଏହି ଗୌରବ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଏବେ ସାରା ଦେଶରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ପ୍ରଧାନମନ୍ତ୍ରୀଙ୍କୁ ବିରୋଧୀ ଏମ୍‌ପିଙ୍କ ଅଣ୍ଡାମାଡ଼

**ପ୍ରିଷ୍ଟିନା,୯।୮(ଏଜେନ୍ସି):** କୋସୋଭୋର ସଂସଦରେ ଶନିବାର ଜୋରଦାର ହଙ୍ଗାମା ଦେଖିବାକୁ ମିଳିଛି। ସଂସଦୀୟ କାର୍ଯ୍ୟବାହୀ ଚାଲିଥିବା ସମୟରେ ଜଣେ ବିରୋଧୀ ଏମପି କାର୍ଯ୍ୟବାହୀ ପ୍ରଧାନମନ୍ତ୍ରୀ ଆଲବିନ କୁର୍ତିଙ୍କ ଉପରକୁ ଅଣ୍ଡା ଫିଙ୍ଗିଥିଲେ। ଏହା ପରେ ସଂସଦର କାର୍ଯ୍ୟବାହୀକୁ ତୁରନ୍ତ ସ୍ଥଗିତ କରିବାକୁ ପଡ଼ିଥିଲା।ଏହି ଘଟଣା ସେତେବେଳେ ଘଟିଛି, ଯେତେବେଳେ କୁର୍ତିଙ୍କ ଦଳ ୭ ଜୁନ୍ ନିର୍ବାଚନ ପରେ ସରକାର ଗଠନ ପାଇଁ ବିରୋଧୀ ଦଳଗୁଡ଼ିକ ସହ ଆଲୋଚନା କରୁଛି । ୧୨୦ ସଦସ୍ୟ ବିଶିଷ୍ଟ ସଂସଦରେ ୫୩ଟି ଆସନ ଜିତି ସବୁଠାରୁ ବଡ଼ ଦଳ ହୋଇଥିଲେ ମଧ୍ୟ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ପାଖରେ ନାହିଁ। ବିରୋଧୀ ଦଳ 'ଆଲାୟନ୍ସ ଫର୍ ଦି ଫ୍ୟୁଚର୍ ଅଫ୍ କୋସୋଭୋ' (ଏଏକେ)ର ସାଂସଦ ଟାଇମ୍ କାଦ୍ରିଜାଜ୍ ପ୍ରଥମ ଧାଡ଼ିରେ ବସିଥିବା କୁର୍ତିଙ୍କ ନିକଟକୁ ଯାଇ ତାଙ୍କ ଉପରକୁ ଏକାଧିକ ଅଣ୍ଡା ଫିଙ୍ଗିଥିଲେ। ଏହି ସମୟରେ ସେ କୁର୍ତିଙ୍କୁ ଲକ୍ଷ୍ୟ କରି ଅପଶବ୍ଦ କହିବା ସହ 'ଲଜ୍ଜା ଲାଗିବା ଦରକାର' ବୋଲି ଚିତ୍କାର କରିଥିଲେ। ଘଟଣା ପରେ ସଂସଦର କାର୍ଯ୍ୟବାହୀ ସ୍ଥଗିତ କରାଯାଇଥିଲା। ସୁରକ୍ଷାକର୍ମୀମାନେ କୁର୍ତିଙ୍କୁ ଘେରି ରଖିବା ପରେ ଚେୟାରପର୍ସନ ଲାଇଭ୍ ଟେଲିଭିଜନ ପ୍ରସାରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



# ଟ୍ରମ୍ପଙ୍କ ପ୍ରସ୍ତାବକୁ ନେତାନ୍ୟାହୁଙ୍କ ପ୍ରତ୍ୟାଖ୍ୟାନ

**ତେଲ ଅଭିଭ୍, ୯।୮(ଏଜେନ୍ସି):** ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ସମ୍ଭାବନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।



ଇସ୍ରାଏଲୀ ଗଣମାଧ୍ୟମ ଅନୁସାରେ ନେତାନ୍ୟାହୁ ରବିବାର କହିଛନ୍ତି ଯେ, ଯେପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଅଛନ୍ତି, ସେପର୍ଯ୍ୟନ୍ତ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ କୌଣସି ପାଲେଷ୍ଟାଇନ ରାଷ୍ଟ୍ର ରହିବ ନାହିଁ। ନେତାନ୍ୟାହୁ ୧୫- ସୂତ୍ରୀୟ ଗାଜା ଶାନ୍ତି ଯୋଜନାକୁ ପ୍ରତ୍ୟାଖ୍ୟାନ କରିବା ପରେ ଗାଜାରେ ଯୁଦ୍ଧ ସମାପ୍ତ କରିବା ଦିଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଫଳତା ଦାବିକୁ ଏକ ବଡ଼ ଝଟକା ଲାଗିଛି।

ନେତାନ୍ୟାହୁ ଟ୍ରମ୍ପଙ୍କ ଗାଜା 'ଶାନ୍ତି ବୋର୍ଡ' ଦ୍ୱାରା ଉନ୍ମୋଚିତ ୧୫-ସୂତ୍ରୀ ରୋଡମ୍ୟାପ୍‌କୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ କରିଥିଲେ ଯେ, ହମାସକୁ ସମ୍ପୂର୍ଣ୍ଣ ନିରସ୍ତ୍ର ନ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଗାଜାରୁ ତାର ସେନା ପ୍ରତ୍ୟାହାର କରିବ ନାହିଁ। ଟ୍ରମ୍ପ ଗାଜା ଶାନ୍ତି ଯୋଜନାକୁ ଏକ 'ପ୍ରମୁଖ ମାଇଲଖୁଣ୍ଟ' ଭାବରେ ପ୍ରଶଂସା କରିବା ଓ ଏହା ହମାସ ଓ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀଗୁଡ଼ିକର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପାଇଁ ପଥ ପ୍ରଶସ୍ତ କରିବ ବୋଲି କହିବାର ସପ୍ତାହରୁ ଅଧିକ ସମୟ ପରେ ନେତାନ୍ୟାହୁଙ୍କ ଏହି ମନ୍ତବ୍ୟ ଆସିଛି।

ଜଣେ ଇସ୍ରାଏଲୀ ଅଧିକାରୀ ଗତ ସପ୍ତାହରେ ମଧ୍ୟ କହିଥିଲେ ଯେ, ହମାସର ପ୍ରକୃତରେ ନିରସ୍ତ୍ରୀକରଣ ନ ହେଲେ ଇସ୍ରାଏଲୀ ସେନା ତାର ବର୍ତ୍ତମାନର ସ୍ଥିତିରୁ କୌଣସି ପ୍ରକାର ସୈନ୍ୟ ପ୍ରତ୍ୟାହାର କରିବ ନାହିଁ। ନେତାନ୍ୟାହୁ ଏହି କଥାକୁ ପୁଣି ଥରେ ଦୋହରାଇ କହିଛନ୍ତି ଯେ, ହମାସ୍ ସମ୍ପୂର୍ଣ୍ଣ ଭାବେ ନିରସ୍ତ୍ର ନହେବା ପର୍ଯ୍ୟନ୍ତ ଇସ୍ରାଏଲ ତା'ର ସୈନ୍ୟ ପ୍ରତ୍ୟାହାର କରିବ ନାହିଁ। ଇସ୍ରାଏଲ ଏହି ଯୋଜନାରେ ଖୁସି ଥିବା ଓ ଏଥିରେ ସହାୟତା କରିଥିବା ନେତାନ୍ୟାହୁଙ୍କ ୱାସିଂଟନ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ।

ସେତେବେଳେ ଟ୍ରମ୍ପ ସ୍ୱୀକାର କରିଥିଲେ ଯେ, ଶାନ୍ତି ଯୋଜନା କାର୍ଯ୍ୟକାରୀ କରିବା କଷ୍ଟକର ହୋଇପାରେ। ତେବେ ଇସ୍ରାଏଲୀ ରାଜନୈତିକ ସୂତ୍ରରୁ ଜଣାପଡ଼ିଛି ଯେ, ନେତାନ୍ୟାହୁଙ୍କ ଟ୍ରମ୍ପଙ୍କ ସହ ସାକ୍ଷାତ ସମୟରେ ଗାଜା ପ୍ରସଙ୍ଗ ଆଲୋଚନାରେ ଉଠି ନଥିଲା। ଅପରପକ୍ଷେ ହମାସ କହିଛି ଯେ, ହମାସ ଅସ୍ତ୍ରଶସ୍ତ୍ର ତ୍ୟାଗ କରିବା ପୂର୍ବରୁ ଇସ୍ରାଏଲ ପ୍ରଥମେ ତା'ର ଆକ୍ରମଣ ବନ୍ଦ କରିବା ଉଚିତ ଓ ପୂର୍ବ ଅସ୍ତ୍ରବିରତି ଚୁକ୍ତିନାମା ଅନୁଯାୟୀ ପ୍ରତିଶ୍ରୁତି ପାଳନ କରିବା ଉଚିତ।

ପ୍ରତିଦିନର ପୂଜା ବିଶେଷାଙ୍କ 'ଭବ୍ୟପ୍ରୀତା'
ପ୍ରକାଶ ପାଇବାକୁ ଯାଉଛି। ସେଥିପାଇଁ ଲେଖକ,
ଲେଖିକାମାନଙ୍କୁ ଅନୁରୋଧ
ଗଳ୍ପ, ଅଣୁଗଳ୍ପ, ଅନୁବାଦ ଗଳ୍ପ, ଫିଚର, କବିତା
ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା
sahitya.pratidin.daily@gmail.com
କୁ ପଠାଇବାକୁ ଅନୁରୋଧ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida